# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଜାନୁୟାରୀ ୧୮/୨୦୧୯ (୨୦ ପୃଷ୍ଠା) Bhubaneswar, Friday, January 18/ 2019 ★★★★★★

୪୫ଶ ଭାଗ ୫୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-




**ୱ୍ରାରିଙ୍କାଙ୍କୁ ହରାଇଲେ ରାଓନିକ**

ମେଲବୋର୍ନରେ ଚାଲିଥିବା ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପୁରୁଷ ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡରେ ସୁଇଜରଲାଣ୍ଡର ଷ୍ଟାନ ୱ୍ରାରିଙ୍କାଙ୍କୁ ହରାଇଛନ୍ତି କାନାଡ଼ାର ମିଲୋସ ରାଓନିକ୍ ୧୯

୦୫ **ଏବେ ବିବାହ ଯୋଜନା ନାହିଁ: ସିଦ୍ଧାର୍ଥ ମାଲହୋତ୍ରା**

ନିକଟ ଭବିଷ୍ୟତରେ ବିବାହ କରିବାର ଯୋଜନା ନାହିଁ ବୋଲି ବଲିଉଡ୍ ଅଭିନେତା ସିଦ୍ଧାର୍ଥ ମାଲହୋତ୍ରା ପ୍ରକାଶ କରିଛନ୍ତି।



## ଓଡ଼ିଆ ଆଇପିଏସ୍ ଅଫିସର ଏନ୍‌ଡିଆର୍‌ଏଫ୍ ଡିଜି



ସତ୍ୟ ନାରାୟଣ ପ୍ରଧାନ

ଭୁବନେଶ୍ୱର,୧୭।୧ (ବ୍ୟୁରୋ)

ଓଡିଆ ଆଇପିଏସ ଅଫିସର ସତ୍ୟ ନାରାୟଣ ପ୍ରଧାନଙ୍କୁ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍)ର ନୂତନ ଡିଜି ଭାବେ ନିଯୁକ୍ତ କରାଯାଇଛି। ୧୯୮୮ ବ୍ୟାଚ୍ ଝାଡ଼ଖଣ୍ଡ କ୍ୟାଡରର ଆଇପିଏସ ଅଫିସର ପ୍ରଧାନ ଗତ ଅଗଷ୍ଟ ୧୫ରୁ ଭାରତ ସରକାରଙ୍କ ଅଧୀନରେ ଅତିରିକ୍ତ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ଲେଖାନୁଦାନରେ ସୀମିତ ରୁହ

# ଧାନ ବିକ୍ରି ପରେ ମଣ୍ଡି ଖୋଲେ

**ରାକେଶ କୁମାର ରାଉତ**

ଫୁଲବାଣୀ ଅଫିସ, ୧୭।୧

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକର ଏକ ସେବାଶ୍ରମରେ ନିକଟରେ ଏକ ନାବାଳିକା କନ୍ୟା ସନ୍ତାନ ଜନ୍ମ ଦେବା ଏବଂ ଉକ୍ତ ଶିଶୁର ମୃତ୍ୟୁ ଘଟିବା କେବଳ ଏଠାକାର ପ୍ରଶାସନର ଦୁରବସ୍ଥାକୁ ଦର୍ଶାଉ ନାହିଁ, ବରଂ ଏଠାରେ ଜନସାଧାରଣଙ୍କ ମନରେ ବିଶ୍ୱାସ ହେଲାଣି ଯେ ଏହି ଜିଲା ପ୍ରତି ରାଜ୍ୟ ସରକାରଙ୍କ ତିଳେ ମାତ୍ର ଦୃଷ୍ଟି ନାହିଁ। ଏହି ଅବହେଳା କୃଷି କ୍ଷେତ୍ରରେ ମଧ୍ୟ ଦେଖିବାକୁ ମିଳୁଛି। ଏହି ଜିଲା ଏକ ପାହାଡ଼ିଆ ଅଞ୍ଚଳ। ଏଠାରେ ଧାନ ଚାଷ କମ୍ ହୁଏ। ହଳଦୀ, ମକା, ସୋରିଷ, ମାଣ୍ଡିଆ, ପନିପରିବା ଆଦି ଚାଷ ଅଧିକ ଭାବେ କରାଯାଇଥାଏ। ମାତ୍ର ଏଠାକାର ଚାଷୀ ବିଭିନ୍ନ ସମୟରେ ଶୋଷଣର ଶିକାର ହୋଇ ଆସୁଛି। ଜିଲା ପ୍ରଶାସନର ଆନ୍ତରିକତାର ଅଭାବ ଏହାର ପ୍ରମୁଖ କାରଣ ବୋଲି ଅଭିଯୋଗ ହେଉଛି। ଏଠାରେ କୃଷିଜାତ ସାମଗ୍ରୀର କାରବାର ପାଇଁ ବଜାର ନାହିଁ। ଜିଲାର ଫୁଲବାଣୀ ଓ ବାଲିଗୁଡ଼ା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା(ଆଇଟିଡିଏ) ଅଧୀନରେ ୫ଟି ଶୀତଳ ଭଣ୍ଡାର ରହିଥିବାବେଳେ ବର୍ତ୍ତମାନ ସ୍ଥିତିରେ କୌଣସି ଗୋଟିଏ ହେଲେ କାର୍ଯ୍ୟକ୍ଷମ ହେଉନାହିଁ। ଫଳରେ ଚାଷୀମାନେ ସେମାନଙ୍କ ଉତ୍ପାଦିତ ବଳକା ଶସ୍ୟକୁ ଠିକ୍ ଭାବେ ଗଚ୍ଛିତ କରିପାରୁନାହାନ୍ତି। ଏଥିପାଇଁ ବିଭିନ୍ନ ସମୟରେ ଚାଷୀ ଅଭାବୀ ବିକ୍ରିର ଶିକାର ହେଉଥିବାବେଳେ ମଧ୍ୟସ୍ଥ ମାଲାମାଲ୍ ହେଉଛନ୍ତି। କେବଳ କାଗଜପତ୍ରରେ ଚାଷୀଙ୍କ ଉନ୍ନତି କରାଯାଉଥିବା କୁହାଯାଉଥିବାରୁ ଚାଷୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି।

ଜିଲାରେ ମୋଟ ୧ଲକ୍ଷ ୨୭ହଜାର ୭୯୦ହେକ୍ଟର ଚାଷ ଜମି ରହିଛି। ସେଥିରୁ ୫୦ହଜାର ହେକ୍ଟର ଜମିରେ ଧାନଚାଷ ହୋଇଥାଏ। ଜିଲାରେ ମାତ୍ର ୨୮ହଜାର ୪୩୪ ହେକ୍ଟର ଜମିକୁ ଜଳସେଚନ ବ୍ୟବସ୍ଥା ଥିବାବେଳେ ୯୯ହଜାର ୩୫୬ ହକ୍ଟର ଜମି ଅଣ ଜଳସେଚିତ। ଜିଲା ପ୍ରଶାସନ କୃଷି ଓ କୃଷକଙ୍କ ପାଇଁ ସବୁ ସୁବିଧା ଯୋଗାଇ ଦିଆଯାଉଛି ବୋଲି କହୁଥିବାବେଳେ ବାସ୍ତବ ଚିତ୍ର କିନ୍ତୁ ଭିନ୍ନ। ଏଠାରେ ଚାଷୀ କିପରି ବଞ୍ଚୁଛି ତାହାକୁ କେହି ବିଶ୍ଳେଷଣ କରୁ ନାହାନ୍ତି। ପ୍ରତିବର୍ଷ ଚାଷୀ ପ୍ରାକୃତିକ ବିପର୍ଯ୍ୟୟର ଶିକାର ହେଉଛି। ସହାୟତା ଠିକ୍ ସମୟରେ ମିଳୁନାହିଁ।

**କନ୍ଧମାଳ ଜିଲା**




ଜିଲାର ଗତ ୫ ବର୍ଷର ରେକର୍ଡକୁ ଅନୁଧ୍ୟାନ କଲେ ପ୍ରାୟ ୧,୩୭,୮୧୪.୪୫କୁଇଣ୍ଟାଲ ଧାନ ଧାର୍ଯ୍ୟ ଲକ୍ଷ୍ୟଠାରୁ କମ୍ କ୍ରୟ କରାଯାଇଛି। ମାତ୍ର ଯୋଗାଣ ବିଭାଗ କହୁଛି କୌଣସି ଚାଷୀ ଅଭାବୀ ବିକ୍ରିର ଶିକାର ହୋଇନାହିଁ। ପ୍ରତିବର୍ଷ ଜିଲା ପ୍ରଶାସନ ପକ୍ଷରୁ କେତେ ପରିମାଣର ଧାନ କିଣାହେବ ତାହାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥାଏ। ହେଲେ ଏଠାରେ ମଣ୍ଡି ଏପରି ସମୟରେ ଖୋଲାଯାଏ ଯେତେବେଳକୁ ଚାଷୀ ପାଖରେ ଆଉ ଧାନ ନ ଥାଏ। ମଣ୍ଡି ଖୋଲାକୁ ଅପେକ୍ଷା କରି ଚାଷୀ ମଧ୍ୟସ୍ଥଙ୍କ ମାଧ୍ୟମରେ କମ୍ ଦରରେ ବିକ୍ରି କରିବାକୁ ବାଧ୍ୟ ହୋଇଥାନ୍ତି। ୨୦୧୩-୧୪ ଆର୍ଥିକ ବର୍ଷରେ ୧,୭୭,୪୭୦.୫୯କୁଇଣ୍ଟାଲ ଲକ୍ଷ୍ୟ ଧାର୍ଯ୍ୟ ☞ପୃଷ୍ଠା-୧୪

# କଂଗ୍ରେସରୁ ନିଲମ୍ବିତ ହେଲେ ଯୋଗେଶ

- ନିଷ୍ପତ୍ତିକୁ ସ୍ୱାଗତକଲେ, କହିଲେ ଛାଡ଼ିବେ ବିଧାୟକ ପଦ
- ଝିଅକୁ ଟିକେଟ ଦେବାକୁ ହେମାନନ୍ଦ ଏପରି କରିଥାଇପାରନ୍ତି
- ତାଙ୍କ ଅଭିଯୋଗର କିଛି ମୂଲ୍ୟ ନାହିଁ:ହେମାନନ୍ଦ
- କାରଣ ଦର୍ଶାଅ ନୋଟିସର ଉତ୍ତର ନ ଦେବାରୁ ନିଲମ୍ବିତ ହେଲେ: ଅନନ୍ତ

ଭୁବନେଶ୍ୱର, ୧୭।୧(ବ୍ୟୁରୋ)



ଯୋଗେଶ ସିଂହ

ସୁନ୍ଦରଗଡ଼ର କଂଗ୍ରେସ ବିଧାୟକ ଯୋଗେଶ ସିଂହଙ୍କୁ ଗୁରୁବାର ଦଳରୁ ନିଲମ୍ବନ କରାଯାଇଛି। ଦଳ ବିରୋଧୀ ମନ୍ତବ୍ୟ ପାଇଁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବୋଲି ଶୃଙ୍ଖଳା କମିଟି ଆବାହକ ଅନନ୍ତ ପ୍ରସାଦ ସେଠୀ କହିଛନ୍ତି। ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ଅନୁମୋଦନକ୍ରମେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବୋଲି ଅନନ୍ତ କହିଛନ୍ତି। ଅପରପକ୍ଷରେ ଦଳର ଏଭଳି ନିଷ୍ପତ୍ତିକୁ ଯୋଗେଶ ସ୍ୱାଗତକରିବା ସାଙ୍ଗକୁ ବିଧାୟକ ପଦ ଛାଡ଼ିବା ନେଇ ମତ ରଖିଛନ୍ତି। ଝାରସୁଗୁଡ଼ା ବିଧାୟକ ନବ ଦାସ ବୁଧବାର କଂଗ୍ରେସରୁ ଇସ୍ତଫା ଦେବାପରେ ☞ପୃଷ୍ଠା-୪

# ସିବିଆଇରୁ ଅସ୍ଥାନା ବିଦା

ନୂଆଦିଲ୍ଲୀ,୧୭।୧(ପି.ଟି.)

ବର୍ମାଙ୍କ ପରେ ଅସ୍ଥାନାଙ୍କ ପାଳି। କେନ୍ଦ୍ର ସରକାର ଗୁରୁବାର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ସ୍ୱତନ୍ତ୍ର ନିର୍ଦ୍ଦେଶକ ରାକେଶ ଅସ୍ଥାନାଙ୍କୁ ପଦରୁ ହଟାଇଦେଇଛନ୍ତି। ଅସ୍ଥାନାଙ୍କ ସହ ତଦନ୍ତକାରୀ ସଂସ୍ଥାର ଆଉ ୩ ଅଧିକାରୀଙ୍କୁ ତତ୍କାଳ ପଦଚ୍ୟୁତ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଉଚ୍ଚକ୍ଷମତାସମ୍ପନ୍ନ ଚୟନ କମିଟି ଆଲୋକ ବର୍ମାଙ୍କୁ ସିବିଆଇ ନିର୍ଦ୍ଦେଶକ ପଦରୁ ହଟାଇବାର ସପ୍ତାହେ ପରେ ଅସ୍ଥାନାଙ୍କୁ ମଧ୍ୟ ସମଦଶା ଭୋଗିବାକୁ ପଡ଼ିଛି।



ରାକେଶ ଅସ୍ଥାନା

୨୦୧୮ ଶେଷ ୪ ମାସରେ ସିବିଆଇର ନମ୍ବର ୧ ଓ ୨ କୁହାଯାଉଥିବା ବର୍ମା-ଅସ୍ଥାନାଙ୍କ ମଧ୍ୟରେ ଅହମିକାର ଲଢ଼େଇ ଉଗ୍ରରୂପ ନେଇଥିଲା। ଉଭୟେ ପରସ୍ପର ବିରୋଧରେ ଦୁର୍ନୀତି ଅଭିଯୋଗ ଆଣିଥିଲେ। ଅକ୍ଟୋବର ୨୩ ମଧ୍ୟରାତ୍ରିରେ ଏକ ଅପ୍ରତ୍ୟାଶିତ ଘଟଣାକ୍ରମରେ କେନ୍ଦ୍ର ସରକାର ଉଭୟଙ୍କୁ ବାଧ୍ୟତାମୂଳକ ଛୁଟିରେ ପଠାଇଦେଇଥିଲେ। ମାମଲା ସୁପ୍ରିମକୋର୍ଟକୁ ଯିବା ☞ପୃଷ୍ଠା-୮

**ଆଉ ୩ ଅଧିକାରୀଙ୍କୁ ବି ହଟାଗଲା**

# ସବୁ ସରକାରୀ ମେଡିକାଲ କଲେଜରେ ମିଳିବ ମାଗଣା ଚିକିତ୍ସା

ଭୁବନେଶ୍ୱର,୧୭।୧(ବ୍ୟୁରୋ)

**ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା**

**■ ଅତିରିକ୍ତ ଖର୍ଚ୍ଚ ହେବ ୧୦୦ କୋଟି**

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସକେୱାଇ)ରେ ସମସ୍ତ ସରକାରୀ ମେଡିକାଲ କଲେଜରେ ମାଗଣା ଚିକିତ୍ସା ଯୋଗାଇ ଦିଆଯିବ। ଉଚ୍ଚ ଆୟକାରୀ ଓ ନିମ୍ନ ଆୟକାରୀ ଆଦି ସମସ୍ତ ବର୍ଗର ଲୋକମାନେ ଏହି ସୁବିଧା ପାଇପାରିବେ। ଗୁରୁବାର ସଚିବାଳୟଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଘୋଷଣା କରିଛନ୍ତି। ଏହି ସୁବିଧା ଆସନ୍ତା ଫେବୃୟାରୀ ୧ରୁ ରାଜ୍ୟର ସମସ୍ତ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲରେ ଉପଲବ୍ଧ ହେବ। ଏଥିସହିତ ବ୍ଲଡବ୍ୟାଙ୍କ ସୁବିଧା ମଧ୍ୟ ମାଗଣାରେ ଯୋଗାଇ ଦିଆଯିବ। ପୂର୍ବରୁ ଏହି ଯୋଜନାରେ ଗ୍ରାମାଞ୍ଚଳରେ ଥିବା ସବ୍‌ସେଣ୍ଟର ଏବଂ ଜିଲାସ୍ତରରେ ଥିବା ମେଡିକାଲ ଯାଏ ଏହା ଉପଲବ୍ଧ ହେଉଥିଲା। ଫେବୃୟାରୀରୁ ମେଡିକାଲ କଲେଜରେ ମାଗଣା ଚିକିତ୍ସା ମିଳି ପାରିବ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ୨୦୧୮ ଅଗଷ୍ଟ ୧୫ରେ ଆରମ୍ଭ କରାଯାଇଥିଲା। ଏହି ଯୋଜନା ଆରମ୍ଭ ହେବାର ୫ ମାସ ପରେ ୨.୨୫ କୋଟି ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଇଛି। ଏହି ଯୋଜନାରେ ଲାଭ ପାଇବା ପାଇଁ କୌଣସି ଆୟ କିମ୍ବା ବାସସ୍ଥାନ କିମ୍ବା କୌଣସି ପ୍ରମାଣପତ୍ରର ଆବଶ୍ୟକତା ନାହିଁ। ଏହି ଯୋଜନାରେ ରୋଗୀମାନଙ୍କୁ ମାଗଣାରେ ବେଡ ଯୋଗାଇ ଦିଆଯିବା ସହ ସର୍ଜରୀ, ଓଟି ସୁବିଧା, ଆଇସିୟୁ ଆଦି ସୁବିଧା ଯୋଗାଇ ଦିଆଯିବ। ଏଥିପାଇଁ ରାଜ୍ୟ ସରକାର ବଜେଟରେ ୧୦୦ କୋଟି ଟଙ୍କା ଅତିରିକ୍ତ ବ୍ୟୟବରାଦ କରିଛନ୍ତି। ଏହି ଯୋଜନାରେ ପ୍ରାୟ ୭୦ ଲକ୍ଷ ପରିବାର ବାର୍ଷିକ ୫ ଲକ୍ଷ ଟଙ୍କାର ମାଗଣା ଚିକିତ୍ସା ସୁବିଧା ପାଇ ପାରିବେ। ମହିଳାମାନଙ୍କୁ ୭ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯିବ। ରାଜ୍ୟବାସୀଙ୍କୁ ଚିକିତ୍ସା ସୁବିଧା ଯୋଗାଇ ଦେବାରେ ଏହି ଘୋଷଣା ଅନ୍ୟ ଏକ ମାଇଲ ଖୁଣ୍ଟ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

**ଆଜିର ମନ୍ତବ୍ୟ**

"କୃଷିଋଣ ଛାଡ଼ କରିବା ଚାଷୀଙ୍କ ସମସ୍ୟା ସମାଧାନର କେବଳ ଏକ ଅସ୍ଥାୟୀ ପଦକ୍ଷେପ।

-ଏମ୍. ଭେଙ୍କାୟା ନାଇଡୁ, ଉପରାଷ୍ଟ୍ରପତି


SUDHAKAR
PIPES AND FITTINGS
POINEER IN PIPING SOLUTIONS
WANTED DEALERS
CONTACT US
94370 38192
94370 17191
sales@sudhakarpipes.com


NECC NATIONAL EGG CO-ORDINATION COMMITTEE 17.01.2019 Venco66 CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 73 | 123 | 133 |
| CTC | 73 | 123 | 133 |
| DKL | 74 | 124 | 134 |
| BDK | 76 | 127 | 137 |
| BLS | 78 | 129 | 139 |
| ANG | 75 | 126 | 136 |

*Conditions Apply

Eggs Retail Price- 55/-Dozen

Issued in the Interest of Consumers

**■ ମାନସିକ ବିକୃତ ଯୁବକଙ୍କ ଉନ୍ମତ୍ତକାଣ୍ଡ**

# ଆକ୍ରମଣରେ ଦୁଇ ମୃତ, ଦୁଇ ଗୁରୁତର

ଓଡ଼ଗାଁ, ୧୭।୧(ସ୍ୱ.ପ୍ର.)

ନୟାଗଡ଼ ଜିଲା ଓଡ଼ଗାଁ ଅଞ୍ଚଳରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ମାନସିକ ବିକାରଗ୍ରସ୍ତ ଯୁବକଙ୍କ ଆକ୍ରମଣରେ ଜଣେ ମହିଳାଙ୍କ ସମେତ ୨ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨ଜଣ ଗୁରୁତର ହୋଇଛନ୍ତି। ବୁଧବାର ବିଳମ୍ବିତ ରାତି ୩ଟାରୁ ଗୁରୁବାର ଭୋର ପ୍ରାୟ ୬ଟା ପର୍ଯ୍ୟନ୍ତ ସମ୍ପୃକ୍ତ ଯୁବକଙ୍କ କାଠଫାଳିଆ ଓ ପଥରମାଡ଼ରେ ସହରରେ ଏକ ପ୍ରକାର ଆତଙ୍କ ଖେଳିଯାଇଥିଲା। ଯୁବକଙ୍କୁ କାବୁ କରିବାକୁ ଯାଇ ଥାନା ଆଇଆଇସି ଜ୍ୟୋତିପ୍ରକାଶ ପଣ୍ଡା ପଥର ମାଡ଼ରେ ଆହତ ହୋଇଛନ୍ତି। ବହୁ ଚେଷ୍ଟା ପରେ ପୋଲିସ ସ୍ଥାନୀୟ ଲୋକଙ୍କ ସହାୟତାରେ ଆକ୍ରମଣକାରୀ ଯୁବକଙ୍କୁ କାବୁ କରିଥିଲା। ସମ୍ପୃକ୍ତ ଯୁବକ ଜଣକ ହେଲେ ଓଡ଼ଗାଁ ଥାନା ସାକେରୀ ପଞ୍ଚାୟତ କୁଶଡିପି ଗ୍ରାମର ନିରଞ୍ଜନ ମଲ୍ଲିକ ଓରଫ ନଣ୍ଡା (୩୭)। ମୃତକଦ୍ୱୟ ହେଲେ ଗୋଡିପଲ୍ଲୀ ଗ୍ରାମର ବଦନୀ ପ୍ରଧାନ(୭୦) ଓ କୃଷକ ବଜାରର ରାତ୍ରି ଜଗୁଆଳି ତ୍ରିଲୋଚନ ସେଠୀ (୫୦)। ଘଟଣାର ପ୍ରତିବାଦ ସହ କ୍ଷତିପୂରଣ ଦାବିରେ ସ୍ଥାନୀୟଲୋକେ ଦୀର୍ଘ ୯ଘଣ୍ଟା ଧରି ରାସ୍ତାରୋକୋ କରିଥିଲେ। ସହାୟତା ରାଶି ମିଳିବା ନେଇ ପ୍ରତିଶ୍ରୁତି ମିଳିବା ପରେ ରାସ୍ତାରୋକା ହଟିଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୃତକଙ୍କ ପରିବାରକୁ ୨ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ଏବଂ ଆହତଙ୍କୁ ସରକାରୀ ଖର୍ଚ୍ଚରେ ଚିକିତ୍ସା ନିମନ୍ତେ ଘୋଷଣା କରିଛନ୍ତି।



ଅଭିଯୁକ୍ତ ନିରଞ୍ଜନ ମଲ୍ଲିକ।

ପ୍ରକାଶ ଯେ, ନିରଞ୍ଜନ ପ୍ରାୟ ବର୍ଷେ ହେଲା ମାନସିକ ବିକାରଗ୍ରସ୍ତ ହେବାପରେ ଘରେ ନ ରହି ନିକଟସ୍ଥ ବିଭିନ୍ନ ଗ୍ରାମରେ ବୁଲାବୁଲି କରନ୍ତି। ଏପରି କି ମଝିରେ ମଝିରେ ରାସ୍ତାରେ ଯାଉଥିବା ଲୋକଙ୍କୁ ମାରପିଟ ମଧ୍ୟ କରନ୍ତି। ଏନେଇ ବିଭିନ୍ନ ସମୟରେ ଅଭିଯୋଗ ହେଉଥିଲେ ମଧ୍ୟ ଥାନାରେ କୌଣସି ମାମଲା ରୁଜୁ ହୁଏ ନାହିଁ। ବୁଧବାର ରାତି ପ୍ରାୟ ୩ଟାରେ ନିରଞ୍ଜନ ପ୍ରଥମେ ସ୍ଥାନୀୟ ସିନେମା ହଲ୍ ଛକରେ ଜଣେ ରାତ୍ର ଜଗୁଆଳିଙ୍କୁ ଆକ୍ରମଣ ଉଦ୍ୟମ କରିଥିଲେ। ☞ପୃଷ୍ଠା-୮

- ଓଡ଼ଗାଁ ଥାନା ଅଧିକାରୀ ଆହତ
- ବହୁ ଚେଷ୍ଟା ପରେ ଆକ୍ରମଣକାରୀ ଯୁବକ ହେଲେ କାବୁ
- ଉତ୍ତ୍ୟକ୍ତ ଲୋକଙ୍କ ୯ଘଣ୍ଟା ଧରି ରାଜପଥ ଅବରୋଧ
- ମୃତକଙ୍କ ପରିବାରକୁ ସହାୟତା ରାଶି ଘୋଷଣା କଲେ ମୁଖ୍ୟମନ୍ତ୍ରୀ







ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୮ ଜାନୁୟାରୀ, ୨୦୧୯



“କେନ୍ଦ୍ର ସରକାର କେବଳ ସାଧାରଣ ନିର୍ବାଚନ ଜିତିବା ପାଇଁ ଆର୍ଥିକ ଅସ୍ୱଚ୍ଛଳ ଉଚ୍ଚ ବର୍ଗର ଲୋକଙ୍କୁ ୧୦% ସଂରକ୍ଷଣ ଦେବା ପାଇଁ ଘୋଷଣା କରିଛନ୍ତି । ଏଥିପାଇଁ ଉପଯୁକ୍ତ ଚିନ୍ତା କି ଯୋଜନା କରାଯାଇ ନାହିଁ ।
- ସୀତାରାମ ୟେଚୁରୀ, ସିପିଆଇଏମ୍, ସାଧାରଣ ସମ୍ପାଦକ



## ସଂକ୍ଷେପରେ

### ‘ଭୟରେ ଶାହଙ୍କୁ ସ୍ୱାଇନ୍ ଫ୍ଲୁ’

ବେଙ୍ଗାଲୁରୁ,୧୭।୧(ପି.ଟି.)-କର୍ନାଟକ କଂଗ୍ରେସର କେତେଜଣ ବିଧାୟକ ଫେରି ଆସିଲେଣି। ଏଥିପାଇଁ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହଙ୍କୁ ଭୟରେ ସ୍ୱାଇନ୍ ଫ୍ଲୁ ହୋଇଯାଇଛି ବୋଲି ବରିଷ୍ଠ କଂଗ୍ରେସ ନେତା ବି.କେ. ହରିପ୍ରସାଦ ଗୁରୁବାର ଉପହାସ କରିଛନ୍ତି। ତାଙ୍କର ଏହି ମନ୍ତବ୍ୟକୁ ନେଇ ବିବାଦ ସୃଷ୍ଟି ହୋଇଛି। କଂଗ୍ରେସର ଏକ ସଭାରେ ଏମ୍‌ପି ହରିପ୍ରସାଦ କହିଛନ୍ତି,


ବି.କେ. ହରିପ୍ରସାଦ

କର୍ନାଟକର ରାଜନୈତିକ ଘଟଣାକ୍ରମକୁ ନେଇ ଶାହଙ୍କୁ ସ୍ୱାଇନ୍ ଫ୍ଲୁ ହୋଇଗଲା। ସେ କଂଗ୍ରେସ-ଜେଡିଏସ୍ ମେଣ୍ଟ ସରକାରର ପତନ ଘଟାଇବାକୁ ଚେଷ୍ଟାକଲେ ତାଙ୍କୁ ବାନ୍ତି ଓ ତରଳଝାଡ଼ା ହୋଇଯିବ। ଅନ୍ୟପକ୍ଷରେ ଏହା କଂଗ୍ରେସର ସଂସ୍କୃତି। ଏଭଳି ‘ଅରୁଚିକର’ ମନ୍ତବ୍ୟ ପାଇଁ ଦଳ କ୍ଷମାମାଗୁ ବୋଲି ଭାଜପା ମୁଖପାତ୍ର ସମ୍ବିତ୍ ପାତ୍ର ଦାବି କରିଛନ୍ତି। ପ୍ରକାଶ ଯେ, ସ୍ୱାଇନ୍ ଫ୍ଲୁରେ ଆକ୍ରାନ୍ତ ହୋଇଥିବା ଜାଣିବା ପରେ ୫୪ ବର୍ଷୀୟ ଶାହ ବୁଧବାର ନୂଆଦିଲ୍ଲୀସ୍ଥିତ ଏମ୍ସରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ଜଣାପଡ଼ିଛି।

### ମେଘାଳୟ କୋଇଲା ଖଣିରୁ ଜଣଙ୍କ ମୃତଦେହ ଠାବ



ନୂଆଦିଲ୍ଲୀ/ଶିଲଂ,୧୭।୧(ପି.ଟି.)-ପୂର୍ବ ମେଘାଳୟର ଜୟନ୍ତିଆ ପାହାଡ଼ିଆ ଅଞ୍ଚଳରେ ପାଣିଘେରରେ ଥିବା ୩୭୦ ଫୁଟ୍ ଗଭୀର କୋଇଲା ଖଣିରେ ୧୫ ଶ୍ରମିକ ୩୩ ଦିନ ହେବ ଫସି ରହିଥିବାବେଳେ ଜଣଙ୍କ ମୃତଦେହ ଠାବ କରାଯାଇଛି। ନୌସେନାର ସ୍ୱତନ୍ତ୍ର ବୁଡ଼ାଳି ଦଳ ‘ଅଣ୍ଡରୱାଟର ଆର୍‌ଓଭି (ରିମୋର୍ଟ ପରିଚାଳିତ ଗାଡ଼ି) ଜରିଆରେ ଖଣିର ୧୬୦ ଫୁଟ ତଳୁ ଏହି ମୃତଦେହର ସନ୍ଧାନ ପାଇଛନ୍ତି। ଏହି ଗଳିତ ମୃତଦେହକୁ ଖଣି ମଧ୍ୟରୁ ବାହାରକୁ ଆଣିବା ପାଇଁ ପ୍ରୟାସ ଜାରି ରହିଛି।

### ନିକୋବରରେ ଭୂକମ୍ପ

ପୋର୍ଟବ୍ଲେୟାର,୧୭।୧(ପି.ଟି.)-ନିକୋବର ଦ୍ୱୀପରେ ୬ ରିକ୍ଟର ସ୍କେଲ୍ ତୀବ୍ରତା ବିଶିଷ୍ଟ ଭୂକମ୍ପର ଝଟ୍‌କା ଅନୁଭୂତ ହୋଇଛି। ଏଥିରେ ଧନଜୀବନ ହାନି ହୋଇ ନ ଥିବା ଜଣାଯାଇଛି। ଗୁରୁବାର ସକାଳ ୮ଘଟିକା ୪୩ ମିନିଟ୍‌ରେ ଭୂକମ୍ପ ହୋଇଥିଲା। ନିକୋବର ଦ୍ୱୀପାଞ୍ଚଳ ହିଁ ଏହାର କେନ୍ଦ୍ରସ୍ଥଳ ରହିଥିଲା ବୋଲି ଜଣାପଡ଼ିଛି।

[ଇତିହାସର ଆଇନାରେ]

### ଜାନୁୟାରୀ ୧୮ର ପ୍ରମୁଖ ଘଟଣା

୧୯୭୬ ଜାନୁୟାରୀ ୧୮ରେ ଲେବାନିଜ୍ ଖ୍ରୀଷ୍ଟିଆନ୍ ମିଲିସିଆ ଆକ୍ରମଣରେ ବିରୁଟ ଅନ୍ତର୍ଗତ କାରାଣ୍ଟିନାରେ ଅନ୍ୟୁନ ୧,୦୦୦ ଲୋକଙ୍କ ମୃତ୍ୟୁ ଘଟିଥିଲା। ଲେବାନନ୍‌ରେ ଖ୍ରୀଷ୍ଟିଆନ୍ ପରମ୍ପରାର ଏକ ସୁଦୀର୍ଘ ଇତିହାସ ରହିଛି। ମାଉଣ୍ଟ ଲେବାନନ୍‌ରେ ଖ୍ରୀଷ୍ଟଧର୍ମର ପ୍ରସାର ଖୁବ୍ ମନ୍ଥର ଥିଲା।

୧୯୯୦ ଜାନୁୟାରୀ ୧୮ରେ ୱାଶିଂଟନ୍ ଡିସି ମେୟର ମାରିୟନ ବାରି ନିଶା ଔଷଧ ରଖିଥିବା ଅଭିଯୋଗରେ ଏଫ୍‌ବିଆଇ ଦ୍ୱାରା ଗିରଫ ହୋଇଥିଲେ। ଏହି ଆମେରିକୀୟ ରାଜନୀତିଜ୍ଞ ୧୯୭୯ରୁ ୧୯୯୧ ମଧ୍ୟରେ ଡିଷ୍ଟ୍ରିକ୍ଟ ଅଫ୍ କଲମ୍ବିଆର ଦ୍ୱିତୀୟ ମେୟର ଭାବେ ନିର୍ବାଚିତ ହୋଇଥିଲେ।

## ବ୍ରେକ୍‌ଜିଟ୍ ପରାଜୟ ପରେ ଆସ୍ଥା ଜିଣିଲେ ଥେରେସା

# ଚୌକି ବଞ୍ଚିଗଲା, ହେଲେ...

**ଭବିଷ୍ୟତ ପାଇଁ କସରତ**
- ୨୧ରେ ପାର୍ଲାମେଣ୍ଟରେ ନୂଆ ବ୍ରେକ୍‌ଜିଟ୍ ଯୋଜନା ଉପସ୍ଥାପନ କରିବେ ଥେରେସା
- ୨୯ରେ ଯୋଜନା ଉପରେ ବିସ୍ତୃତ ବିତର୍କ ଓ ଗୁରୁତ୍ୱପୂର୍ଣ୍ଣ ଭୋଟ
- ଏମ୍‌ପିମାନଙ୍କ ସହ ଆଲୋଚନା ଜାରି

ଲଣ୍ଡନ,୧୭।୧

ବ୍ରିଟେନକୁ ୟୁରୋପୀୟ ସଂଘ(ଇୟୁ)ରୁ ଓହରିଯିବାକୁ ଅଢ଼େଇ ମାସରୁ କମ୍ ସମୟ ବାକି ଅଛି। ଏଭଳି ସମୟରେ ପ୍ରଧାନମନ୍ତ୍ରୀ ଥେରେସା ମେ ଐତିହାସିକ ବ୍ରେକ୍‌ଜିଟ୍ ଚୁକ୍ତିରେ ମଙ୍ଗଳବାର ପରାଜିତ ହେବା ପରେ ତାଙ୍କୁ ଖୁବ୍‌ଶୀଘ୍ର ଏକ ‘ପ୍ଲାନ୍ ବି’ ନେଇ ପାର୍ଲାମେଣ୍ଟକୁ ଫେରିବାକୁ ପଡ଼ିବ। ଥେରେସା ଆସ୍ଥାଭୋଟରେ ବିଜୟୀ ହୋଇ ପ୍ରଧାନମନ୍ତ୍ରୀ ଚୌକି ବଞ୍ଚାଇବାରେ ସକ୍ଷମ ହୋଇଛନ୍ତି। ହେଲେ ଦେଶର ଭବିଷ୍ୟତକୁ ନେଇ ସୃଷ୍ଟି ହୋଇଥିବା ଅନିଶ୍ଚିତତାର ମୁକାବିଲା ପାଇଁ ତାଙ୍କ ହାତରେ ସୀମିତ ବିକଳ୍ପ ରହିଛି।

୬୨ ବର୍ଷୀୟା ଥେରେସା ମେଙ୍କ ବ୍ରେକ୍‌ଜିଟ୍ ଡିଲ୍ ମଙ୍ଗଳବାର ବ୍ରିଟିଶ ପାର୍ଲାମେଣ୍ଟରେ ଫେଲ୍ ମାରିଥିଲା। ଆଇନ ପ୍ରଣେତାମାନେ ତାଙ୍କ ଡିଲ୍‌କୁ ୨୩୦ ଭୋଟରେ ପ୍ରତ୍ୟାଖ୍ୟାନ କରିଦେଇଥିଲେ। ଏହା ହେଉଛି ନିମ୍ନ ସଦନ ହାଉସ୍ ଅଫ୍ କମନ୍ସରେ ଅଦ୍ୟାବଧି କୌଣସି ବ୍ରିଟିଶ ପ୍ରଧାନମନ୍ତ୍ରୀଙ୍କ ସବୁଠୁ ବଡ଼ ପରାଜୟ। ଏହାର ଦିନକ ପରେ ବୁଧବାର ତାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ ହୋଇଥିଲା। ଥେରେସାଙ୍କ ସପକ୍ଷରେ ୩୨୬ ଖଣ୍ଡ ଭୋଟ ପଡ଼ିଥିବାବେଳେ ୩୦୬ ଏମ୍‌ପି ତାଙ୍କୁ ବିରୋଧ କରିଥିଲେ। ଏଥିରେ ସେ ୧୯ ସଂଖ୍ୟାଗରିଷ୍ଠତା ସହ ବିଜୟୀ ହୋଇଛନ୍ତି। ୨୬ ବର୍ଷ ମଧ୍ୟରେ ଏହା ଥିଲା ବ୍ରିଟିଶ ସରକାରଙ୍କ ବିରୋଧରେ ପ୍ରଥମ ଅନାସ୍ଥା ପ୍ରସ୍ତାବ। ୧୦ ଡାଉନିଂ ଷ୍ଟ୍ରିଟ୍ ବାହାରେ ଥେରେସା କହିଛନ୍ତି, ତାଙ୍କ ସରକାର ପାର୍ଲାମେଣ୍ଟର ଆସ୍ଥା ଜିଣିଛି। ଏହି ବିଜୟ ଇୟୁଠାରୁ ବିଚ୍ଛେଦର ନିର୍ଣ୍ଣାୟକ ଚୁକ୍ତି ପାଇଁ ବାଟ ଖୋଜିବା ଲାଗି ସବୁ ପ୍ରକାର ସୁଯୋଗ ଦେବ। ଏଥିପାଇଁ ବ୍ୟକ୍ତିଗତ ସ୍ୱାର୍ଥକୁ ଏଡାଇଦେଇ ତାଙ୍କ ସହ କାର୍ଯ୍ୟ କରିବାକୁ ବିରୋଧୀ


ଥେରେସା ମେ

ନେତାମାନଙ୍କୁ ଥେରେସା ଆହ୍ୱାନ ଦେଇଛନ୍ତି। ଦେଶବାସୀ ବ୍ରେକ୍‌ଜିଟ୍ ସପକ୍ଷରେ ଅଛନ୍ତି ଏବଂ ସେମାନଙ୍କ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକର ସମାଧାନ ମଧ୍ୟ ଚାହାନ୍ତି ବୋଲି ଏହି କଞ୍ଜରଭେଟିଭ୍ ନେତା କହିଛନ୍ତି। ଅନ୍ୟପକ୍ଷରେ ଥେରେସା ନିଶ୍ଚିତ ଭାବେ ବ୍ରେକ୍‌ଜିଟ୍‌କୁ ନେଇ ଅତୀତର ଲକ୍ଷ୍ମଣରେଖା ଅତିକ୍ରମ କରି ଭବିଷ୍ୟତ ପାଇଁ ଉଦ୍ଦିଷ୍ଟ ପ୍ରସ୍ତାବଗୁଡ଼ିକୁ ନେଇ ସମ୍ବେଦନଶୀଳ ହୁଅନ୍ତୁ ବୋଲି ଗୁରୁବାର ବିରୋଧୀ ଲେବର ପାର୍ଟି ନେତା ଜେରେମି କୋର୍ବାଇନ୍ ଦାବି କରିଛନ୍ତି। ଆଉ ୭୩ ଦିନ ପରେ ଇୟୁରୁ ବ୍ରିଟେନ ଅଲଗା ହେବା ପାଇଁ ସ୍ଥିର ହୋଇଥିବାବେଳେ ଏବେ କ’ଣ କରାଯିବ ତାହା ସ୍ଥିର ହୋଇପାରି ନାହିଁ। ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ପାଇଁ ଥେରେସା ଏମ୍‌ପିମାନଙ୍କୁ ଭେଟି ପରାମର୍ଶ ନେଉଛନ୍ତି। କିନ୍ତୁ ବ୍ରେକ୍‌ଜିଟ୍ ହେବ ନାହିଁ ବୋଲି ସ୍ପଷ୍ଟ ନ କରିବା ଯାଏ ଆଲୋଚନାରେ ସାମିଲ ହେବେ ନାହିଁ ବୋଲି କୋର୍ବାଇନ୍ କହିଛନ୍ତି। ପ୍ରଧାନମନ୍ତ୍ରୀ ଥେରେସା ଆସନ୍ତା ୨୧ରେ ପାର୍ଲାମେଣ୍ଟରେ ନୂଆ ବ୍ରେକ୍‌ଜିଟ୍ ଯୋଜନା ଉପସ୍ଥାପନ କରିବେ। ଏହି ସମୟରେ ଏମ୍‌ପିମାନେ ବ୍ରେକ୍‌ଜିଟ୍ ଡିଲ୍‌ରେ କେତେକ ସଂଶୋଧନ ଆଣି ବିକଳ୍ପ ଯୋଜନାର ପ୍ରସ୍ତାବ ଦେଇପାରନ୍ତି। ଉକ୍ତ ଯୋଜନା ଉପରେ ୨୯ ତାରିଖରେ ବିସ୍ତୃତ ବିତର୍କ ଓ ଗୁରୁତ୍ୱପୂର୍ଣ୍ଣ ଭୋଟ କରାଯିବ। ତଥାପି ସମାଧାନର ପନ୍ଥା ନ ବାହାରିଲେ ଥେରେସାଙ୍କ ପାଖରେ ଯେଉଁ ବିକଳ୍ପଗୁଡ଼ିକ ରହିବ ତାହା ହେଲା ପୁନଃ ଆଲୋଚନା, ସାଧାରଣ ନିର୍ବାଚନ, ଗଣଭୋଟ, ପୁଣି ଅନାସ୍ଥାର ସମ୍ମୁଖୀନ ହେବା ନଚେତ୍ ଶେଷରେ ଚୁକ୍ତି ରଦ୍ଦ କରିବା।

### ବ୍ରେକ୍‌ଜିଟ୍: ବିଚ୍ଛେଦକୁ ନେଇ ବିତର୍କ

ୟୁରୋପୀୟ ସଂଘ (ଇୟୁ) ହେଉଛି ୨୮ ସଦସ୍ୟତା ବିଶିଷ୍ଟ ଏକ ଅନ୍ତର୍ଜାତୀୟ ସଙ୍ଗଠନ। ବ୍ରିଟେନ ଏଥିରେ ୧୯୭୩ ମାର୍ଚ୍ଚ ୨୯ରେ ସାମିଲ ହୋଇଥିଲା। ଇୟୁରୁ ବ୍ରିଟେନ ବାହାରିଯିବା କିମ୍ବା ଏହାସହ ରହିବା ଉଚିତ ସେନେଇ ୨୦୧୬ ଜୁନ୍ ୨୩ରେ ଦେଶରେ ଗଣଭୋଟ କରାଯାଇଥିଲା। ଇୟୁ ଛାଡ଼ିବା ସପକ୍ଷରେ ପ୍ରାୟ ୫୨% (୧୭.୪ ନିୟୁତ) ମତଦାତା ଭୋଟ ଦେଇଥିବାବେଳେ




ବିପକ୍ଷରେ ୪୮% (୧୬.୧ ନିୟୁତ) ମତଦାନ କରିଥିଲେ। ଗଣଭୋଟ ଅନୁସାରେ ୨୦୧୯ ମାର୍ଚ୍ଚ ୨୯ ରାତି ୧୧ଟାରେ ଇୟୁ-ବ୍ରିଟେନ ମଧ୍ୟରେ ବିଚ୍ଛେଦ ହେବାକୁ ସ୍ଥିର କରାଯାଇଛି। ଏହି ଗଣଭୋଟ କେବଳ ଆରମ୍ଭ ମାତ୍ର ଥିଲା। ସେବେଠୁ ଇୟୁ ସଦସ୍ୟ ରାଷ୍ଟ୍ରଗୁଡ଼ିକ ଓ ବ୍ରିଟେନ ମଧ୍ୟରେ ବିଭିନ୍ନ ପ୍ରସଙ୍ଗ ନେଇ ଆଲୋଚନା ଜାରି ରହିଛି। ବିଶେଷକରି ‘ବିଚ୍ଛେଦ’ ଚୁକ୍ତିର ବିଭିନ୍ନ ଦିଗ ଓ ପ୍ରକ୍ରିୟା ଉପରେ ବିଚାର ଚାଲିଛି। ଏହି ଡିଲ୍ ପରେ ବ୍ରିଟେନ କ୍ଷତିଗ୍ରସ୍ତ ହେବା ଆଶଙ୍କା କରି ଏହାକୁ ଅନେକ ବିରୋଧ କରୁଛନ୍ତି। ପୁଣିଥରେ ଗଣଭୋଟ କରାଯାଉ ବୋଲି ଦାବି କରୁଛନ୍ତି।


ରେହଷ୍ଟାଗ୍ ବିଲ୍ଡିଂରେ ଗୁରୁବାର ଆୟୋଜିତ ପାର୍ଲାମେଣ୍ଟର ଏକ ସ୍ୱତନ୍ତ୍ର ଅଧିବେଶନରେ ଜର୍ମାନ ଏମ୍‌ପି।

## ସୋସିଆଲ ମିଡିଆରେ ଲୋକ ସଭା ନିର୍ବାଚନ ତାରିଖ ଭାଇରାଲ୍

# ନିର୍ବାଚନ ଆୟୋଗଙ୍କ ତଦନ୍ତ ନିର୍ଦ୍ଦେଶ

ନୂଆଦିଲ୍ଲୀ,୧୭।୧

ଲୋକସଭା ନିର୍ବାଚନ ସମୟସୂଚୀ ସମ୍ପର୍କିତ ‘ମିଥ୍ୟା ଖବର’ ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇଥିବା ନେଇ ପୋଲିସକୁ ତଦନ୍ତ ପାଇଁ କହିବାକୁ ନିର୍ବାଚନ ଆୟୋଗ ଦିଲ୍ଲୀ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅପପ୍ରଚାରରେ ସାମିଲ୍ ବ୍ୟକ୍ତିବିଶେଷ ଓ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ କହିଛନ୍ତି। ତଦନୁଯାୟୀ, ସିଇଓ କାର୍ଯ୍ୟାଳୟ ପକ୍ଷରୁ ଦିଲ୍ଲୀ ପୋଲିସକୁ ଏ ସଂକ୍ରାନ୍ତରେ ତଦନ୍ତ କରିବାକୁ ଚିଠି ପଠାଯାଇଛି। ଫେସ୍‌ବୁକ୍ ଏବଂ ହ୍ୱାଟ୍‌ସଆପ୍‌ରେ ଗତ ଏକ ସପ୍ତାହ ହେବ ଏହି ମିଥ୍ୟା ଖବର ପ୍ରସାରିତ ହୋଇ ଆସୁଥିବାବେଳେ ସାଧାରଣ ଜନତା ଏହାଦ୍ୱାରା ଭ୍ରମିତ ହେଉଛନ୍ତି। ଏଣୁ ଏହାର ସରଜମିନ୍ ଖୋଳତାଡ ଜରୁରୀ ବୋଲି ଉକ୍ତ ଚିଠିରେ ଦର୍ଶାଯାଇଛି।

### ଦୂରନ୍ତୋ ଏକ୍ସପ୍ରେସରେ ଯାତ୍ରୀଙ୍କୁ ଲୁଟ୍

ନୂଆଦିଲ୍ଲୀ,୧୭।୧(ପି.ଟି.)

ଜମ୍ମୁ-ଦିଲ୍ଲୀ ଦୂରନ୍ତୋ ଏକ୍ସପ୍ରେସରେ ଗୁରୁବାର ସଶସ୍ତ୍ର ଡକାୟତି ହୋଇଛି। ଅପରାହ୍ନ ପାଖାପାଖି ସାଢ଼େ ୩ଟା ସମୟରେ ୧୨୨୬୬ ନମ୍ବର ବିଶିଷ୍ଟ ଏହି ଏକ୍ସପ୍ରେସ ଟ୍ରେନ ଦିଲ୍ଲୀ ନିକଟ ସରାଇ ରୋହିଲା ଷ୍ଟେଶନଠାରେ ସିଗ୍‌ନାଲ୍ ଅପେକ୍ଷାରେ ଛିଡ଼ା ରହିଥିବାବେଳେ ୭ରୁ ୧୦ ଦୁର୍ବୃତ୍ତ ଏହି ଘଟଣା ଘଟାଇଛନ୍ତି। ଦୁର୍ବୃତ୍ତମାନେ ବି-୩ ଏବଂ ବି-୭ କୋଚ୍ ମଧ୍ୟକୁ ପଶିଥିଲେ। ଛୁରୀ ଦେଖାଇ ଯାତ୍ରୀମାନଙ୍କୁ ଭୟଭୀତ କରି ସେମାନଙ୍କୁ ଲୁଟି ଫେରାର୍ ହୋଇଯାଇଥିବା ରେଲୱେ କର୍ତ୍ତୃପକ୍ଷଙ୍କ ପକ୍ଷରୁ କୁହାଯାଇଛି। ଏ ନେଇ ରେଳ ସୁରକ୍ଷା ବଳ (ଆର୍‌ପିଏଫ୍) ପକ୍ଷରୁ ତନାଘନା ଆରମ୍ଭ ହୋଇଛି।




ପ୍ରୟାଗ ସଙ୍ଗମରେ ଚାଲିଥିବା କୁମ୍ଭମେଳା ଅବସରରେ ଗୁରୁବାର ଗଙ୍ଗା ପୂଜନ କରୁଛନ୍ତି ରାଷ୍ଟ୍ରପତି ରାମନାଥ କୋବିନ୍ଦ ଓ ତାଙ୍କ ସହଧର୍ମିଣୀ ତଥା ପ୍ରଥମ ମହିଳା ସବିତା କୋବିନ୍ଦ।

### ରାମ ରହିମଙ୍କୁ ଆଜୀବନ ଜେଲ୍

ପଞ୍ଚକୁଲା,୧୭।୧

ଖବରଦାତା ରାମ ଚନ୍ଦର ଛତ୍ରପତିଙ୍କୁ ହତ୍ୟା ମାମଲାରେ ଡେରା ସଚ୍ଚା ସୌଦା ମୁଖ୍ୟ ଗୁରମିତ୍ ରାମ ରହିମଙ୍କ ସମେତ



ତାଙ୍କ ୩ ସହଯୋଗୀ କ୍ରିଷ୍ଣଲାଲ୍, କୁଲଦୀପ ସିଂ ଏବଂ ନିର୍ମଳ ସିଂଙ୍କୁ ସ୍ୱତନ୍ତ୍ର ସିବିଆଇ କୋର୍ଟ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ପୂର୍ବରୁ ବଳାତ୍କାର ମାମଲାରେ ରାମ ରହିମଙ୍କୁ ୨୦ ବର୍ଷ ଜେଲଦଣ୍ଡାଦେଶ ହୋଇଥିଲାବେଳେ ଖବରଦାତାଙ୍କୁ ହତ୍ୟା ମାମଲାରେ ସିବିଆଇ ତାଙ୍କୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରିବାକୁ କୋର୍ଟଙ୍କୁ ଅନୁରୋଧ କରିଥିଲେ। ତେବେ ତାଙ୍କୁ ଆଜୀବନ ଜେଲ ଦଣ୍ଡ ଶୁଣାଣି ହୋଇଥିବା ନେଇ ଛତ୍ରପତିଙ୍କ ପରିବାର ସନ୍ତୋଷବ୍ୟକ୍ତ କରିଛନ୍ତି। ୨୦୦୨ରେ ରାମ ରହିମ ମହିଳାଙ୍କୁ ଯୌନ ଶୋଷଣ କରୁଥିବା ପର୍ଦ୍ଦାଫାସ କରିଥିଲେ ରାମ ଚନ୍ଦର ଛତ୍ରପତି।

### ବାଣିଜ୍ୟ ମେଳା ଉଦ୍‌ଘାଟିତ

ଅହମ୍ମଦାବାଦ୍,୧୭।୧(ପି.ଟି.)

**ଭାଇବ୍ରେଣ୍ଟ ଗୁଜରାଟ-୨୦୧୯**

ବିଶ୍ୱସ୍ତରୀୟ ନବମ ସଂସ୍କରଣ ଜୀବନ୍ତ ଗୁଜରାଟ ବାଣିଜ୍ୟିକ ଶିଖର ସମ୍ମିଳନୀ-୨୦୧୯ର ଅଂଶବିଶେଷ ଭାବେ ଗାନ୍ଧୀନଗରଠାରେ ବାଣିଜ୍ୟ ମେଳାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ଉଦ୍‌ଘାଟନ କରିଛନ୍ତି। ଅହମ୍ମଦାବାଦରେ ୨ଲକ୍ଷ ବର୍ଗ ମିଟରର ପ୍ରଦର୍ଶନୀ ପଡ଼ିଆରେ ସମ୍ମିଳନୀର ବିରାଟ ଆୟୋଜନ କରାଯାଇଛି। ଏଥିରେ ପାଖାପାଖି ୨୫ ଉଦ୍ୟୋଗିକ ଏବଂ ବାଣିଜ୍ୟିକ ସଂସ୍ଥାର ଉତ୍ପାଦିତ ସାମଗ୍ରୀ ସ୍ଥାନ ପାଇଛି। ଏହା ଚଳିତମାସ ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଶେଷ ୨ ଦିନ ସାଧାରଣ ଜନତାଙ୍କ ପାଇଁ ଏହା ଖୋଲାଯିବ। ଉଭୟ ଘରୋଇ ଓ ଅନ୍ତର୍ଜାତୀୟ କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗର ଉତ୍ପାଦ ପ୍ରଦର୍ଶନ ଲାଗି ଏହି ମେଗା ବାଣିଜ୍ୟ ମେଳାରେ ୧୬ଟି ପାଭିଲିୟନ ନିର୍ମାଣ କରାଯାଇଛି। ଆଫ୍ରିକୀୟ ଦେଶଗୁଡ଼ିକର ସାମଗ୍ରୀ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି।

### ଟ୍ରମ୍ପ ପ୍ରଶାସନର ମୁଖ୍ୟ ପଦବୀରେ ୩ ଭାରତୀୟ ବଂଶୋଦ୍ଭବ


ରୀତା ବର୍ନାୱାଲ | ବିମଲ ପଟେଲ | ଆଦିତ୍ୟ ବମ୍‌ଜାଇ

ୱାଶିଂଟନ,୧୭।୧(ପି.ଟି.)

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୩ ଭାରତୀୟ ବଂଶୋଦ୍ଭବଙ୍କୁ ନିଜ ପ୍ରଶାସନର ପ୍ରଭାବଶାଳୀ ପଦରେ ଅବସ୍ଥାପିତ କରିଛନ୍ତି। ସେମାନେ ହେଲେ ରୀତା ବର୍ନାୱାଲ, ବିମଲ ପଟେଲ ଓ ଆଦିତ୍ୟ ବମ୍‌ଜାଇ। ରୀତାଙ୍କୁ ଶକ୍ତି ବିଭାଗର ସହକାରୀ ସଚିବ(ଆଣବିକ ଶକ୍ତି) ଭାବେ ନିଯୁକ୍ତି ଦିଆଯାଇଥିବାବେଳେ ଆଦିତ୍ୟଙ୍କୁ ପ୍ରିଭେସି ଆଣ୍ଡ ସିଭିଲ୍ ଲିବର୍ଟିଜ୍ ଓଭରସାଇଟ୍ ସଦସ୍ୟ ଚୟନ କରାଯାଇଛି। ସେହିପରି ବିମଲଙ୍କୁ ଟ୍ରେଜେରୀର ସହକାରୀ ସଚିବ ନିଯୁକ୍ତ କରାଯାଇଛି। ଏହି ୩ ଜଣଙ୍କ ଚୟନକୁ ବୁଧବାର ସିନେଟ ପାଖକୁ ପଠାଇଦିଆଯାଇଛି।

### ରାଜନୀତିରେ ମାୟାବତୀଙ୍କ ପୁତୁରା

ନୂଆଦିଲ୍ଲୀ,୧୭।୧ (ପି.ଟି.)

ବିଏସ୍‌ପି ସୁପ୍ରିମୋ ମାୟାବତୀ ତାଙ୍କ ପୁତୁରା ଆକାଶଙ୍କୁ ଦଳରେ ସାମିଲ୍ କରିବେ ବୋଲି ଗୁରୁବାର ଘୋଷଣା କରିଛନ୍ତି। ସେ ତାଙ୍କୁ ବିଏସ୍‌ପିର ରାଜନୈତିକ ଅଭିଯାନର ଏକ ସକ୍ରିୟ କର୍ମୀ କରିବାକୁ ଚାହୁଁଥିବା କହିଛନ୍ତି। ଏସ୍‌ପି ସହ ମେଣ୍ଟ ପରେ ବିଏସ୍‌ପିର ଲୋକପ୍ରିୟତା ବୃଦ୍ଧି ପାଇଥିବାରୁ ବିରୋଧୀ ଭୟଭୀତ ହୋଇପଡ଼ିଛନ୍ତି। ସେମାନେ



ସିଧାସଳଖ ଚ୍ୟାଲେଞ୍ଜ୍ ନ ଦେଇ ମୋ ବିରୋଧରେ ବିଭ୍ରାନ୍ତିକର ମତ ରଖୁଛନ୍ତି।

## ଲୋକପାଳ ନିଯୁକ୍ତି: ସର୍ଚ୍ଚ କମିଟିକୁ ସୁପ୍ରିମକୋର୍ଟଙ୍କ ପରାମର୍ଶ

# ଫେବୃୟାରୀ ଶେଷ ସୁଦ୍ଧା ନାମ ସୁପାରିସ କର

ନୂଆଦିଲ୍ଲୀ,୧୭।୧(ପି.ଟି.)

ଦେଶର ପ୍ରଥମ ଲୋକପାଳ ନିଯୁକ୍ତି ପାଇଁ ଫେବୃୟାରୀ ଶେଷ ସୁଦ୍ଧା କେତେକ ନାମ ସୁପାରିସ କରିବାକୁ ସୁପ୍ରିମକୋର୍ଟ ଗୁରୁବାର ସର୍ଚ୍ଚ କମିଟିକୁ ପରାମର୍ଶ ଦେଇଛନ୍ତି।

ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ରଞ୍ଜନା ପ୍ରକାଶ ଦେଶାଇଙ୍କ ଅଧ୍ୟକ୍ଷତାରେ ଲୋକପାଳ ନିଯୁକ୍ତି ପାଇଁ ସର୍ଚ୍ଚ କମିଟି ଗଠନ କରାଯାଇଛି। କେନ୍ଦ୍ର ସରକାର ଲୋକପାଳ ନିଯୁକ୍ତି ସକାଶେ ସର୍ଚ୍ଚ କମିଟିର ସଦସ୍ୟମାନଙ୍କ ନାମ ଏହାର ୱେବ୍‌ସାଇଟ୍‌ରେ ସାର୍ବଜନୀନ କରିନାହାନ୍ତି ବୋଲି ଆବେଦନକାରୀ ଏନ୍‌ଜିଓ ‘କମନ୍ କଜ୍’ ପକ୍ଷରୁ ବରିଷ୍ଠ



ଓକିଲ ପ୍ରଶାନ୍ତ ଭୂଷଣ ଯୁକ୍ତି ବାଢ଼ିଥିଲେ। ଆଟର୍ନି ଜେନେରାଲ କେ.କେ. ବେଣୁଗୋପାଳ କେନ୍ଦ୍ର ପକ୍ଷରୁ ପ୍ରତିନିଧିତ୍ୱ କରି ସର୍ବୋଚ୍ଚ ଅଦାଲତରେ କହିଥିଲେ, ଭିତ୍ତିଭୂମି ଓ ମାନବ ସମ୍ବଳର ଅଭାବ ଯୋଗୁ ସର୍ଚ୍ଚ କମିଟି ବିଶେଷ ଅନୁଧ୍ୟାନ କରିପାରି ନାହାନ୍ତି। ଜଷ୍ଟିସ୍ ଏଲ୍.ଏନ୍. ରାଓ ଏବଂ ଏସ୍.କେ. କୌଲଙ୍କୁ ନେଇ ଗଠିତ ଖଣ୍ଡପୀଠ ଆସନ୍ତା ମାର୍ଚ୍ଚ ୭ରେ ଏହାର ପରବର୍ତ୍ତୀ ଶୁଣାଣି କରିବାକୁ ଧାର୍ଯ୍ୟ କରିଛନ୍ତି। ସର୍ଚ୍ଚ କମିଟି ଚୟନ କମିଟିକୁ ନାମଗୁଡ଼ିକୁ ନେଇ ପ୍ରସ୍ତାବ ଦେବ। ଚୟନ କମିଟିରେ ପ୍ରଧାନମନ୍ତ୍ରୀ, ଲୋକ ସଭାରେ ସବୁଠୁ ବଡ଼ ବିରୋଧୀ ଦଳର ନେତା, ଲୋକ ସଭା ବାଚସ୍ପତି ଓ ଜଣେ ବିଚାରପତି ରହିଛନ୍ତି।

# ମହାରାଷ୍ଟ୍ରରେ ଡ୍ୟାନ୍ସ ବାର୍‌କୁ ସବୁଜ ସଙ୍କେତ

ନୂଆଦିଲ୍ଲୀ,୧୭।୧(ପି.ଟି.)

ମହାରାଷ୍ଟ୍ରରେ ପୁଣି ଡ୍ୟାନ୍ସ ବାର୍ ଖୋଲିବା ପାଇଁ ଗୁରୁବାର ସବୁଜ ସଙ୍କେତ ମିଳିଛି। ସର୍ବୋଚ୍ଚ ଅଦାଲତ କେତେକ ସର୍ତ୍ତ ସହ ଏଥିଲାଗି ସସର୍ତ୍ତ ଅନୁମତି ପ୍ରଦାନ କରିଛନ୍ତି। ଡ୍ୟାନ୍ସ ବାର୍ ଉପରେ ‘କେତେକ ନିୟନ୍ତ୍ରଣ’ ରଖାଯାଇପାରିବ, କିନ୍ତୁ ଏହା ଉପରେ ‘ସମ୍ପୂର୍ଣ୍ଣ କଟକଣା’ ଜାରି କରାଯାଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି। ୨୦୧୬ରେ ଡ୍ୟାନ୍ସ ବାର୍ ପରିଚାଳନା ଓ ଏଥିଲାଗି ଲାଇସେନ୍ସ ପ୍ରଦାନ ଉପରେ ମହାରାଷ୍ଟ୍ର ସରକାର କେତେକ କଟକଣା ଜାରି କରିଥିଲେ। ରାଜ୍ୟ ସରକାରଙ୍କ ଉକ୍ତ ନିୟମକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି।

ଜଷ୍ଟିସ୍ ଏ.କେ. ସିକ୍ରିଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଡ୍ୟାନ୍ସ ବାର୍ ପରିଚାଳନା ପାଇଁ ଲାଇସେନ୍ସ ପ୍ରଦାନର ପଥ ଉନ୍ମୁକ୍ତ କରିଛନ୍ତି। କିନ୍ତୁ ସେଗୁଡ଼ିକ ଧାର୍ମିକ ଅନୁଷ୍ଠାନ ଓ ଶିକ୍ଷାନୁଷ୍ଠାନଠାରୁ ୧ କି.ମି. ଦୂରରେ ହିଁ ଖୋଲାଯାଇ ପାରିବ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି। ଏହାସହ ବାର୍‌ରେ ପ୍ରଦର୍ଶନକାରୀ (ଡ୍ୟାନ୍ସର)ମାନଙ୍କୁ ଟିପ୍ସ ଦିଆଯାଇପାରିବ, କିନ୍ତୁ ସେମାନଙ୍କ ଉପରକୁ ଟଙ୍କା ଫିଙ୍ଗାଯାଇ ପାରିବ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି। ଏଥିସହ ମହାରାଷ୍ଟ୍ରର ହୋଟେଲଗୁଡ଼ିକରେ ଅଶ୍ଳୀଳ ନୃତ୍ୟ ନିବାରଣ ଆଇନ, ରେଷ୍ଟୁରାଣ୍ଟ ଓ ବାର୍ ରୁମ୍ସ ଏବଂ (ସେଠାରେ କାର୍ଯ୍ୟରତ) ମହିଳାଙ୍କ ମର୍ଯ୍ୟାଦା ସୁରକ୍ଷା ଆଇନ, ୨୦୧୬କୁ ଶୀର୍ଷ ଅଦାଲତ ଖାରଜ କରିଦେଇଛନ୍ତି। ଡ୍ୟାନ୍ସ ବାର୍‌ରେ ସିସିଟିଭି କ୍ୟାମେରା ଲଗାଇବା ବ୍ୟକ୍ତିଗତ ଗୋପନୀୟତା (ପ୍ରିଭେସି)କୁ ଉଲ୍ଲଂଘନ କରୁଥିବା ଦର୍ଶାଇଛନ୍ତି। ଏଥିସହ ସିସିଟିଭି କ୍ୟାମେରା ସଂଲଗ୍ନ କରିବା ବାଧ୍ୟତାମୂଳକ ନୁହେଁ ବୋଲି ଅଦାଲତ କହିଛନ୍ତି। ତେବେ ଡ୍ୟାନ୍ସ ବାର୍‌ଗୁଡ଼ିକ କେବଳ ସନ୍ଧ୍ୟା ୬ଟାରୁ ରାତି ୧୧ଟା ୩୦ ମଧ୍ୟରେ ପରିଚାଳନା କରାଯାଇପାରିବ ବୋଲି ରାଜ୍ୟ ସରକାରଙ୍କ ନିୟମକୁ ଅଦାଲତ ବଳବତ୍ତର ରଖିଛନ୍ତି।






# ଚାଷୀଙ୍କୁ ୨୫ ସୁଦ୍ଧା ମିଳିବ ସହାୟତା ରାଶି

ଭୁବନେଶ୍ୱର,୧୭।୧(ବ୍ୟୁରୋ)

କାଳିଆ(କୃଷକ ଆସିଷ୍ଟାନ୍ସ ଫର ଲାଇଭଲିହୁଡ୍ ଆଣ୍ଡ ଇନ୍‌କମ ଅଗ୍‌ମେଣ୍ଟେଶନ) ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ତାଲିକାଭୁକ୍ତ ହୋଇଥିବା ଚାଷୀମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଜାନୁୟାରୀ ୨୫ରେ ସହାୟତା ରାଶି ପଠାଯିବ। ଜିଲାଓ୍ୱାରି ସମୀକ୍ଷା କରି ୨୨ ତାରିଖ ସୁଦ୍ଧା ମିଳିଥିବା ସବୁଜ ଓ ନାଲି ଫର୍ମଗୁଡିକର ଡାଟା ଏଣ୍ଟ୍ରି ଶେଷ କରିବାକୁ ଜିଲାପାଳମାନଙ୍କୁ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ନିର୍ଦ୍ଦେଶ ଦେଇଛନ୍ତି। ଆବଶ୍ୟକ ଯାଞ୍ଚ ପରେ ଚଳିତ ମାସ ୨୨ରେ ପ୍ରଥମ ପର୍ଯ୍ୟାୟ ତାଲିକା ପ୍ରକାଶ କରାଯିବ।

ଏ ପର୍ଯ୍ୟନ୍ତ ୬୬ ଲକ୍ଷ ଲୋକ ସବୁଜ ଫର୍ମରେ ଆବେଦନ କରିଛନ୍ତି। ଇତିମଧ୍ୟରେ ପଞ୍ଚାୟତଗୁଡିକରେ ୨୨.୫୦ ଲକ୍ଷ ଚାଷୀଙ୍କର ଚିଠା ତାଲିକା ପ୍ରକାଶ କରାଯାଇ ସାରିଛି। ତେବେ ଏହି ଯୋଜନାରୁ ସରକାରୀ ଚାକିରିଆ କିମ୍ବା ଚାକିରିରୁ ଅବସର ନେଇ ପେନ୍‌ସନ ପାଉଥିବା ଅବସରପ୍ରାପ୍ତ କର୍ମଚାରୀ, ସରକାରୀ ଉଦ୍ୟୋଗରେ କାର୍ଯ୍ୟରତ କର୍ମଚାରୀ, ଧନୀ କୃଷକ, ଏକାଧିକ ଦରଖାସ୍ତ ଆବେଦନକାରୀଙ୍କୁ ବାଦ୍ ଦେବାକୁ ଜିଲା ନିରୀକ୍ଷକ ଓ ଅନୁସନ୍ଧାନକାରୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଗୁରୁବାର ସଚିବାଳୟଠାରେ ମୁଖ୍ୟ ଶାସନ ସଚିବ ପାଢ଼ୀ କାଳିଆ ଯୋଜନାର ସମୀକ୍ଷା କରିଛନ୍ତି। ବୈଠକରୁ ଜଣାପଡିଛି ଯେ ଯୋଜନାରେ ସାମିଲ ହେବାକୁ ୬୬ ଲକ୍ଷ ଲୋକ ଦରଖାସ୍ତ କରିଛନ୍ତି। ସେଥିରୁ ୩୫ ହଜାର ନିଜର ନାମ ବାଦ୍ ଦେବାକୁ ମଧ୍ୟ ଆବେଦନ କରିଛନ୍ତି।

ଏହି ଯୋଜନାରେ ଚାଷୀମାନେ ଯେପରି ହୀନସ୍ତା ନ ହେବେ ସେ ନେଇ ସମସ୍ତ ପଞ୍ଚାୟତ ଓ ବ୍ଲକଗୁଡିକରେ ଡାଟା ଏଣ୍ଟ୍ରି ପାଇଁ ପର୍ଯ୍ୟାପ୍ତ କମ୍ପ୍ୟୁଟର ବ୍ୟବସ୍ଥା କରାଯିବା ସହ ଡାଟାଏଣ୍ଟ୍ରି ଅପରେଟରମାନଙ୍କୁ ମୁତୟନ କରାଯାଇଛି। ଯୁଦ୍ଧକାଳୀନ ଭିତ୍ତିରେ ୩ଟି ଶିଫ୍ଟରେ ଡାଟା ଏଣ୍ଟ୍ରି କରିବାକୁ ଜିଲାପାଳମାନଙ୍କୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଦୈନିକ ପ୍ରାୟ ୧୦.୫୦ ଲକ୍ଷ ଆବେଦନର ତଥ୍ୟ ରଖିପାରୁଥିବା କ୍ଷମତା ବିଶିଷ୍ଟ କମ୍ପ୍ୟୁଟର ସର୍ଭର ବ୍ୟବସ୍ଥା କରାଯାଇଛି। ପ୍ରତି ଜିଲାକୁ ମଧ୍ୟ ପର୍ଯ୍ୟବେକ୍ଷକ ପଠାଯାଇ ଯୋଜନାର ଅଗ୍ରଗତିକୁ ତ୍ୱରାନ୍ୱିତ କରାଯାଉଛି। ଆବଶ୍ୟକ ହେଲେ ରାତ୍ରି ଶିଫ୍ଟ ପାଇଁ ଅଧିକ ଘରୋଇ ଡାଟା ଏଣ୍ଟ୍ରି ଅପରେଟର ନିୟୋଜିତ କରିବାକୁ ଜିଲାପାଳମାନେ ରାଜ୍ୟ ସରକାରଙ୍କ ଅନୁମତି ମାଗିଥିଲେ। ବୈଠକରେ ଏହି ପ୍ରସ୍ତାବକୁ ଅନୁମତି ଦିଆଯାଇଛି।

ଦ୍ୱିତୀୟ ପର୍ଯ୍ୟାୟ ସହାୟତା ପାଇଁ ଜାନୁୟାରୀ ୨୫ରୁ ଫେବୃୟାରୀ ୫ ମଧ୍ୟରେ ପଞ୍ଚାୟତସ୍ତରରେ ଚିଠା ତାଲିକା ପ୍ରକାଶିତ ହେବ। ଏହାଛଡା ନିର୍ଦ୍ଧାରୀତ ଫର୍ମରେ ମଧ୍ୟ ଆବେଦନ ଓ ଅଭିଯୋଗ ଗ୍ରହଣ କରାଯିବ ବୋଲି କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ସଚିବ ସୌରଭ ଗର୍ଗ କହିଛନ୍ତି। ଏହି ଯୋଜନାରେ ସମସ୍ତ ଯୋଗ୍ୟ କ୍ଷୁଦ୍ର, ନାମମାତ୍ର ଓ ଭୂମିହୀନ କୃଷକମାନଙ୍କୁ ସହାୟତା ଦିଆଯିବ।

### କାଳିଆ ଯୋଜନା

- ୨୨ ସୁଦ୍ଧା ଡାଟା ଏଣ୍ଟ୍ରି ସାରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ
- ସରକାରୀ ଚାକିରିଆ, ପେନ୍‌ସନଭୋଗୀ, ଧନୀ ଚାଷୀଙ୍କୁ କାଳିଆ ଯୋଜନା ମନା
- ଫେବୃୟାରୀ ୫ ମଧ୍ୟରେ ପ୍ରକାଶ ପାଇବ ଦ୍ୱିତୀୟ ପର୍ଯ୍ୟାୟ ଚିଠା ତାଲିକା
- କାଳିଆ ଯୋଜନା ପାଇଁ ୬୬ ଲକ୍ଷ ଆବେଦନକାରୀ

## ଓଟିଇଟି ପ୍ରଶ୍ନପତ୍ର ଲିକ୍ ଘଟଣା

# ଫେରସ୍ତ ଆସିଲା ସମସ୍ତ ପ୍ରଶ୍ନପତ୍ର

### ବୋର୍ଡ ପକ୍ଷରୁ ଆଭ୍ୟନ୍ତରୀଣ ତଦନ୍ତ ନିଷ୍ପତ୍ତି

କଟକ ଅଫିସ, ୧୭।୧

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ରାଜ୍ୟ ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି) ପ୍ରଶ୍ନପତ୍ର ବୁଧବାର ଲିକ୍ ହୋଇଥିଲା। ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଜଣାପଡିବା ପରେ ପରୀକ୍ଷାକୁ ବାତିଲ ଘୋଷଣା କରାଯିବା ସହିତ ଏହାର ତଦନ୍ତ ପାଇଁ କ୍ରାଇମବ୍ରାଞ୍ଚକୁ ସୁପାରିସ କରାଯାଇଥିଲା। ଗୁରୁବାର ପରୀକ୍ଷା କେନ୍ଦ୍ରଗୁଡ଼ିକୁ ଯାଇଥିବା ସମସ୍ତ ପ୍ରଶ୍ନପତ୍ରକୁ ମାଧ୍ୟମିକ ଶିକ୍ଷା ପରିଷଦ କାର୍ଯ୍ୟାଳୟକୁ ଫେରାଇ ଅଣାଯାଉଛି। ସନ୍ଧ୍ୟା ସୁଦ୍ଧା ୫ରୁ ଊର୍ଦ୍ଧ୍ୱ କେନ୍ଦ୍ରରୁ ପ୍ରଶ୍ନପତ୍ର ଫେରସ୍ତ ଆସିଥିବା ବୋର୍ଡ ସଭାପତି ଡ. ଜାହାନାରା ବେଗମ ସୂଚନା ଦେଇଛନ୍ତି। ଗୁରୁବାର ରାତିତମାମ ପ୍ରଶ୍ନପତ୍ର ଫେରସ୍ତ ଆସିବ। ଏହାବାଦ୍ ବୋର୍ଡ ପକ୍ଷରୁ ମଧ୍ୟ ଏହାର ଆଭ୍ୟନ୍ତରୀଣ ତଦନ୍ତ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ଏଥିନିମନ୍ତେ ଏକ ଟିମ୍ ଗଠନ କରାଯିବ ବୋଲି ଡ. ବେଗମ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ପ୍ରଶ୍ନପତ୍ର ଲିକ୍ ହେବା ପରେ ସୁରକ୍ଷା ଦୃଷ୍ଟିକୋଣରୁ ବୋର୍ଡ କାର୍ଯ୍ୟାଳୟ ପରିସରରେ ଗୁରୁବାର ସକାଳୁ ଏକ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଛି। ଗତବର୍ଷ ମାଟ୍ରିକ ପ୍ରଶ୍ନପତ୍ର ଲିକ୍ ପରେ ବୋର୍ଡ କାର୍ଯ୍ୟାଳୟରେ ଅପ୍ରୀତିକର ପରିସ୍ଥିତି ଉପୁଜିଥିଲା।

KIITEE-2019 15th - 24th April 2019

Kalinga Institute of Industrial Technology (KIIT)
Deemed to be University
(Established U/S 3 of UGC Act, 1956)
Bhubaneswar, Odisha, India



Only Self-financing University in Eastern India to be Ranked by
THE Times Higher Education World University Rankings 2019 | QS World University Rankings BRICS

No Application / Examination Fee Computer Based Online Test
APPLY ONLINE
through KIIT websites www.kiitee.kiit.ac.in | www.kiit.ac.in

'A' Category by Ministry of HRD, Govt. of India | Accredited by NAAC in 'A' Grade | 'Tier 1' Accreditation (Washington Accord) by NBA for Engineering | Accreditation from IET, UK for B.Tech Programme | Granted 'Full Autonomy' by UGC

PROGRAMMES AVAILABLE

- B.Tech (4 Years) in following branches of Engineering :

Civil, Mechanical, Electrical, Electronics and Telecommunication, Computer Science, Information Technology, Electronics and Electrical, Electronics & Instrumentation, Mechanical (Automobile), Aerospace, Mechatronics, Production, Electronics & Computer Science, Electronics & Control System, Communication, Medical Electronics, Computer Science & Communication, Chemical Technology, Computer Science & Systems

Bachelors Programmes
- B. Arch (5 Years)
- B.Tech (Lateral Entry) (3 Years)
- B.Sc. Nursing (4 Years)
- Bachelor of Design (Fashion / Textile) (4 Years)
- BA.LLB, BBA.LLB & B.Sc.LLB (5 Years)
- Bachelor of Film & Television Production (3 Years)
- BBA (3 Years)
- BCA (3 Years)
- B.Tech & M.Tech - Biotechnology (Dual Degree) (5 Years)
- BBA (Computer Application) (3Years)
- B.Sc. Computer Science (3 years)
- BA Economics (Hons) (3 Years)
- BA English (Hons) (3 Years)
- BA Sociology (Hons) (3 Years)
- B.Com. (Hons) (3 Years)

Masters Programmes
- M.Sc Biotechnology (2 Years)
- M.Sc Applied Microbiology (2 Years)
- Master of Public Health (2 Years)
- Master of Hospital Administration (2 Years)
- Master of Mass Communication (Integrated) (5 Years)
- M.Sc. Nursing (2 Years)
- MCA (3 Years)
- MCA (Lateral Entry) (2 Years)
- M.Sc. Computer Science (2 Years)
- M.Tech. (2 Years)
- MA (Yoga Therapy) (2 Years)
- MA in Economics (2 Years)
- MA in English (2 Years)
- MA in Sociology (2 Years)
- M.Com. (2Years)
- Integrated M.Sc. & Ph.D (5 Years)
- LLM (1 Year)
- Master of Mass Communication (2 Years)
- Ph.D

CONTINUOUS LEARNING
Apply Online through
KIIT websites : www.kiitee.kiit.ac.in / www.kiit.ac.in
from 16th November 2018 to 31st March 2019.
For detail information please go through University websites.
Registrar & Director, Admissions

Admission Cell, Koel Campus, KIIT (Deemed to be University), Po- KIIT, Bhubaneswar-751024, Odisha, India
Ph: 0674 - 2742103, 2741747, 2741389, Fax : 0674 - 2741465, Toll Free No. : 18003457132,
Email :admission@kiit.ac.in. Websites : www.kiitee.kiit.ac.in & www.kiit.ac.in

KIIT (Deemed to be University) has only one permanent campus in Bhubaneswar, Odisha.
It has no other campus / off campus anywhere else in the country and globe.

ଓଡ଼ିଶା ଶାସନ

ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ, ଭୁବନେଶ୍ୱର

ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ
ପରିବହନ ଭବନ, ଏ.ଜି. ଛକ, ଭୁବନେଶ୍ୱରଠାରେ
୧୮ ଜାନୁୟାରୀ ୨୦୧୯ ପୂର୍ବାହ୍ନ ଘ.୧୧.୩୦ମି. ସମୟରେ
ନିମ୍ନଲିଖିତ ମାର୍ଗରେ ଶୀତତାପ ନିୟନ୍ତ୍ରିତ (ରାଜଧାନୀ)
ଡିଲକ୍ସ ବସ୍ ସେବା ଲୋକାର୍ପିତ କରିବେ।

ଭୁବନେଶ୍ୱର – ଫୁଲବାଣୀ, ଭୁବନେଶ୍ୱର – ରାଉରକେଲା,
ଭୁବନେଶ୍ୱର – ଭବାନୀପାଟଣା, ଭୁବନେଶ୍ୱର – ଭଞ୍ଜନଗର,
ଭୁବନେଶ୍ୱର – ରାଜଗାଙ୍ଗପୁର (ଭାୟା: ସୁନ୍ଦରଗଡ଼),
ଭୁବନେଶ୍ୱର – ରାଜଖରିଆର (ଭାୟା: ବଲାଙ୍ଗୀର),
ଭୁବନେଶ୍ୱର – ଗୋରୁମହିଷାଣି (ଭାୟା: କରଞ୍ଜିଆ),
ଭୁବନେଶ୍ୱର – ବୁର୍ଲା (ଭାୟା: ସମ୍ବଲପୁର)






@CMO_Odisha
CMO.Odisha



#ମିଟୂ ଆନ୍ଦୋଳନ ମହାନ୍। ଏଥିପାଇଁ ଯଥାର୍ଥ ତଦନ୍ତ ପ୍ରକ୍ରିୟାର ଆବଶ୍ୟକତା ରହିଛି ।
- ଇମରାନ୍ ହାଶ୍ମି, ବଲିଉଡ୍ ଅଭିନେତା

# ଫିଲ୍ମ ସଂଗ୍ରହାଳୟ ଲୋକାର୍ପଣ କରିବେ ପ୍ରଧାନମନ୍ତ୍ରୀ

**ମୁମ୍ବାଇ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ନ୍ୟାଶନାଲ ମ୍ୟୁଜିୟମ ଅଫ୍ ଇଣ୍ଡିଆନ ସିନେମା (ଏନ୍ଏମ୍ଆଇସି) ଉଦ୍‌ଘାଟନ କରିବେ। ଦେଶର ଫିଲ୍ମ ରାଜଧାନୀରେ ପ୍ରତିଷ୍ଠିତ ଊନବିଂଶ ଶତାବ୍ଦୀର ଐତିହାସିକ ବଙ୍ଗଳା ଏବଂ ଆଧୁନିକ ଭବନ ଉଦ୍‌ଘାଟିତ ହେବ। ଉଦ୍‌ଘାଟନୀ ଉତ୍ସବରେ ଅମିତାଭ ବଚ୍ଚନ, ଅକ୍ଷୟ କୁମାର, ସଲମାନ୍ ଖାନ୍, ଏ.ଆର. ରହମନ୍, ଡାଭିଡ ଧାୱନ, ରୋହିତ ଶେଟ୍ଟୀ, ୱାହିଦା ରହମନ୍, ଜିତେନ୍ଦ୍ର କପୁର, ଆଶା ପରେଖ, ରବିନା ଟଣ୍ଡନ, ପଙ୍କଜ କପୁର, ରାକେଶ ମେହରା ଏବଂ ଅନ୍ୟମାନେ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଦେଶବିଦେଶରେ ସିନେମା କିଭଳି କଳା ପ୍ରକାଶର ଏକ ମାଧ୍ୟମ ତାହା ଛାତ୍ରୀଛାତ୍ର, ପ୍ରଶଂସକ ଓ ସମାଲୋଚକ ଶିଖିବା ଏବଂ ବୁଝିବାର ସୁଯୋଗ ପାଇବେ। ଉକ୍ତ ମ୍ୟୁଜିୟମ୍‌ରେ ଭିଣ୍ଟେଜ କ୍ୟାମେରା, ପ୍ରୋଜେକ୍ଟର, ଏଡିଟିଂ ଓ ରେକର୍ଡିଂ ଉପକରଣ, କଷ୍ଟ୍ୟୁମ୍‌ସ, ଫଟୋଗ୍ରାଫ୍ ଏବଂ ଅନ୍ୟାନ୍ୟ ଉପକରଣ ଦେଖିବାର ସୁଯୋଗ ପାଇବେ। ଏଥିସହିତ ଫିଲ୍ମ ସେଟ୍‌ସ, ଫିଲ୍ମ ଟେପ୍‌ସ, ସାଉଣ୍ଡ ଟ୍ରାକ, ଟ୍ରେଲର, ଫିଲ୍ମ ସମ୍ପର୍କିତ ସାହିତ୍ୟ ଏବଂ ଭାରତୀୟ ଚଳଚ୍ଚିତ୍ର ଇତିହାସକୁ ପ୍ରଦର୍ଶିତ କରୁଥିବା ବହୁ ସ୍ମାରକୀ କାଳର କ୍ରମ ଅନୁସାରେ ସଜାଇ ରଖାଯାଇଛି। ନ୍ୟାଶନାଲ କାଉନସିଲ ଅଫ୍ ସାଇନ୍ସ ମ୍ୟୁଜିୟମ ଦ୍ୱାରା ଏହାର ଡିଜାଇନ୍ ପ୍ରସ୍ତୁତ କରାଯାଇଛି। ଏପରି ଏକ ମ୍ୟୁଜିୟମ୍ ନିର୍ମାଣ ପାଇଁ ୧୯୯୭ରେ ପରିକଳ୍ପନା କରାଯାଇଥିଲା। ୧୨,୦୦୦ ବର୍ଗମିଟର ପରିମିତ ଅଞ୍ଚଳରେ ଐତିହାସିକ ବଙ୍ଗଳା ଗୁଲଶନ ମହଲ ଏବଂ ଏହା ପାଖକୁ ଲାଗି ପାଞ୍ଚ ମହଲା ବିଶିଷ୍ଟ ଏକ ଆଧୁନିକ ଭବନ ନିର୍ମାଣ କରାଯାଇଛି।



୧୯୧୩ ରେ ଭାରତରେ ପ୍ରଥମ ସମ୍ପୂର୍ଣ୍ଣ ଫିଚର ଫିଲ୍ମ 'ରାଜା ହରିଶ୍ଚନ୍ଦ୍ର' ନିର୍ମାଣ କରିଥିଲେ କିମ୍ବଦନ୍ତୀ ପୁରୁଷ ଧୁଣ୍ଡିରାଜ ଗୋବିନ୍ଦ ଫାଲ୍‌କେ। ସେ ଦାଦାସାହେବ ଫାଲ୍‌କେ ନାମରେ ମଧ୍ୟ ପରିଚିତ।

# ହଜାରେ କୋଟିଙ୍କ ପାଇଁ ଖାଦ୍ୟ ସମସ୍ୟା

**ନୂଆଦିଲ୍ଲୀ:** ୨୦୫୦ ସୁଦ୍ଧା ବିଶ୍ୱର ୧୦୦୦କୋଟି ଲୋକଙ୍କ ପାଇଁ ଖାଦ୍ୟ ସମସ୍ୟା ସୃଷ୍ଟି ହେବ। ମାନବ ଜଗତ ପାଇଁ ଏହା ଏକ ମୁଖ୍ୟ ସମସ୍ୟା ହୋଇଥିବାବେଳେ ଏହାର ସମାଧାନ ପାଇଁ ବୈଜ୍ଞାନିକମାନେ ଏକ ସମାଧାନର ବାଟ ପାଇଥିବା ଦାବି କରନ୍ତି। ସେମାନଙ୍କ କହିବାନୁଯାୟୀ, ଖାଦ୍ୟ ଉତ୍ପାଦନ ପାଇଁ ପୃଥିବୀର ପରିସର ସୀମିତ। ସୀମିତ ପରିସର ମଧ୍ୟରେ ମିଶ୍ରିତ ଚାଷ ସହିତ ଆଧୁନିକ କୃଷି ଯନ୍ତ୍ରପାତି ବ୍ୟବହାର କରିବାକୁ ହେବ। ଏଥିସହିତ ଖାଦ୍ୟ ନଷ୍ଟକୁ ହ୍ରାସ କରିବାକୁ ହେବ। ପୃଥିବୀରେ ୩ଶହ କୋଟି ଲୋକ ଅପପୁଷ୍ଟିର ଶିକାର ହୋଇଥିବା ବେଳେ ଧନିକ ଦେଶଗୁଡ଼ିକରୁ ଖାଦ୍ୟ ସେହି ସବୁ ଅଞ୍ଚଳକୁ ତୁରନ୍ତ ଯୋଗାଣ ହେବା ଆବଶ୍ୟକ। ଜଳବାୟୁ ପରିବର୍ତ୍ତନ, ଜୈବ ବିବିଧତାର ଅବକ୍ଷୟ, ପ୍ରଦୂଷଣ ମାତ୍ରା ବୃଦ୍ଧି ଏବଂ ଜଳ ଓ ଭୂମିର ଅସଦୁପଯୋଗ ଖାଦ୍ୟ ଉତ୍ପାଦନରେ ବାଧା ସୃଷ୍ଟି କରୁଥିବା ବୈଜ୍ଞାନିକମାନେ ଆଶଙ୍କା କରିଛନ୍ତି।



ଇଏଟି-ଲାନସେଟ୍ କମିଶନ୍‌ରେ ଏଭଳି ଏକ ନିଷ୍କର୍ଷ ପ୍ରକାଶ ପାଇଛି। ଏଥିରେ କୁହାଯାଇଛି, ୨୦୫୦ ସୁଦ୍ଧା ବିଶ୍ୱରେ କ୍ରମବର୍ଦ୍ଧିଷ୍ଣୁ ଲୋକସଂଖ୍ୟା ୧୦୦୦କୋଟି ଛୁଇଁବାକୁ ଥିବାବେଳେ ସମସ୍ତଙ୍କୁ ସ୍ୱାସ୍ଥ୍ୟକର ଖାଦ୍ୟ ଯୋଗାଇବା ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି।

## କେମିତି ରହିବ ଆଜିର ପାଗ

**ରାଜ୍ୟ-ଆସନ୍ତା** ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘମୁକ୍ତ ରହିବ। ଶୁକ୍ରବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୮ ଡିଗ୍ରୀ ଏବଂ ସର୍ବନିମ୍ନ ୧୨ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଗୁରୁବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୮.୦ | ୦୯.୯ |
| ଚାନ୍ଦବାଲି | ୨୬.୪ | ୧୧.୮ |
| କଟକ | ୨୬.୮ | ୧୧.୪ |
| ପାରାଦ୍ୱୀପ | ୨୬.୦ | ୧୩.୪ |
| ଭୁବନେଶ୍ୱର | ୨୯.୨ | ୧୧.୫ |
| ଗୋପାଳପୁର | ୨୮.୨ | ୧୫.୩ |
| ପୁରୀ | ୨୬.୦ | ୧୪.୬ |
| ଅନୁଗୋଳ | ୨୭.୧ | ୦୮.୦ |
| ବାରିପଦା | ୨୬.୦ | ୧୦.୪ |
| ଝାରସୁଗୁଡ଼ା | ୨୭.୫ | ୦୮.୬ |
| କେନ୍ଦୁଝର | ୨୭.୦ | ୦୯.୪ |
| ସମ୍ବଲପୁର | ୨୮.୦ | ୦୯.୧ |
| ସୁନ୍ଦରଗଡ଼ | ୨୬.୦ | ୦୮.୫ |
| ହୀରାକୁଦ | ୨୭.୨ | ୦୯.୬ |
| ତାଳଚେର | ୩୧.୫ | ୧୦.୩ |
| ଭବାନୀପାଟଣା | ୨୯.୦ | ୦୯.୩ |
| ବଲାଙ୍ଗୀର | --- | ୧୦.୬ |
| କୋରାପୁଟ | ୨୬.୦ | ୧୦.୬ |
| ଫୁଲବାଣୀ | --- | ୦୬.୮ |
| ଟିଟିଲାଗଡ଼ | --- | ୦୯.୦ |
| ମାଲକାନଗିରି | ୩୧.୮ | ୧୪.୪ |
| ସୋନପୁର | ୨୭.୮ | ୦୮.୪ |
| ଦାରିଙ୍ଗିବାଡ଼ି | ୨୫.୫ | ୦୮.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍




ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## ଚାଇନାରେ କର୍ମଚାରୀଙ୍କୁ ଦଣ୍ଡ

**ବେଜିଂ:** ଚାଇନାରେ ପ୍ରସାଧନ ସାମଗ୍ରୀ ପ୍ରସ୍ତୁତକାରୀ ଏକ କମ୍ପାନୀରେ କାର୍ଯ୍ୟରତ କର୍ମଚାରୀମାନେ କର୍ତ୍ତୃପକ୍ଷଙ୍କ ଧାର୍ଯ୍ୟଲକ୍ଷ୍ୟ ପୂରଣ ନ କରିବାରୁ ସେମାନଙ୍କୁ ଦଣ୍ଡବିଧାନ କରାଯାଇଛି। ଦଣ୍ଡ ସ୍ୱରୂପ କର୍ମଚାରୀମାନଙ୍କୁ ରାସ୍ତାରେ ଆଣ୍ଠେଇ ଆଣ୍ଠେଇ କିଛିବାଟ ଚଲାଯାଇଥିଲା।



ଜାନୁୟାରୀ ୧୪ରେ ପୂର୍ବ ଶାନ୍‌ଡଙ୍ଗ ପ୍ରଦେଶର ଜାଓଝୁଆଙ୍ଗ ପ୍ରଦେଶରେ କର୍ମଚାରୀଙ୍କୁ ଏଭଳି ଦଣ୍ଡ ଦିଆଯାଉଥିବାର ଭିଡିଓ ଭାଇରାଲ ହୋଇଛି। ଅନେକ ମହିଳା କର୍ମଚାରୀ ରାସ୍ତାରେ ଆଣ୍ଠେଇକରି ଯାଉଥିବା ବେଳେ ସେମାନଙ୍କ ଆଗେ ଆଗେ ଜଣେ ବ୍ୟକ୍ତି ପତାକା ଧରି ଚାଲୁଥିବା ଦେଖାଯାଉଛି। ତେବେ ଘଟଣାସ୍ଥଳରେ ପୋଲିସ ପହଞ୍ଚି କର୍ମଚାରୀଙ୍କୁ ଦଣ୍ଡରୁ ନିବୃତ୍ତ କରିବା ସହିତ ସଂସ୍ଥା କର୍ତ୍ତୃପକ୍ଷଙ୍କୁ ସମାଲୋଚନା କରିଥିଲେ। ଏଥିପାଇଁ ଉକ୍ତ କମ୍ପାନୀକୁ ସାମୟିକ ବନ୍ଦ କରିଦିଆଯାଇଥିବା ରିପୋର୍ଟରେ କୁହାଯାଇଛି।

## ଏବେ ବିବାହ ଯୋଜନା ନାହିଁ

**ମୁମ୍ବାଇ:** ନିକଟ ଭବିଷ୍ୟତରେ ବିବାହ କରିବାର ଯୋଜନା ନାହିଁ ବୋଲି ବଲିଉଡ୍ ଅଭିନେତା ସିଦ୍ଧାର୍ଥ ମାଲହୋତ୍ରା (୩୪) ପ୍ରକାଶ କରିଛନ୍ତି। ଗତବର୍ଷ ସୋନମ କପୁର, ପ୍ରିୟଙ୍କା ଚୋପ୍ରା, ରଣବୀର ସିଂ ଏବଂ ଦୀପିକା ପାଦୁକୋନଙ୍କ ଭଳି ବଲିଉଡ ଷ୍ଟାର ବିବାହ କରିସାରିଛନ୍ତି। କିନ୍ତୁ ବିବାହ ବୟସରେ ପାଦ ଦେଇସାରିଥିବା ସିଦ୍ଧାର୍ଥଙ୍କୁ ବିବାହ କଥା ପଚାରିଲେ ସେ କହନ୍ତି, ବର୍ତ୍ତମାନ ସେଭଳି ଯୋଜନା ନାହିଁ। ବିବାହ ଋତୁ ଏକ କ୍ରିକେଟ ଋତୁ ନୁହେଁ ଯେ ଏହା ବର୍ଷ ତମାମ ଜାରି ରହିବ। ବିବାହ ପାଇଁ ଆହୁରି ଢେର ସମୟ ଅଛି। ସମୟ ଉପଗତ ହେଲେ ମୁଁ ସେଥିପାଇଁ ପ୍ରସ୍ତୁତ ହୋଇ ରହିବି। ବାଲାଟ ବ୍ଲେଣ୍ଡର୍ସ ପ୍ରାଇଡ ଫେଶନ୍ ଟୁର ର୍‌ୟାମ୍ପରେ ଅଭିନେତ୍ରୀ ଦିଆନା ପେଣ୍ଟି ସହିତ ଚାଲୁଥିବା ବେଳେ ଖବରଦାତାଙ୍କ ପ୍ରଶ୍ନର ଉତ୍ତର ଦେଇ ସିଦ୍ଧାର୍ଥ ଏହା କହିଛନ୍ତି। 'ବାର ବାର ଦେଖୋ'ର ଅଭିନେତା ସିଦ୍ଧାର୍ଥ ଗତ ସପ୍ତାହରେ କରନ ଜୋହର, ରୋହିତ ଶେଟ୍ଟି, ଭିକି କୌଶଳ, ଆୟୁଷ୍ମାନ ଖୁରାନା, ବରୁଣ ଧାୱନ, ରାଜକୁମାର ରାଓ, ରଣବୀର ସିଂ, ରଣବୀର କପୁର, ଆଲିଆ ଭଟ୍ଟ, ଭୂମି ପେଡନ୍‌କର ଏବଂ ଏକତା କପୁରଙ୍କ ସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟି ଫିଲ୍ମ ଶିଳ୍ପର ଭବିଷ୍ୟତ ସମ୍ପର୍କରେ ଆଲୋଚନା କରିଥିଲେ।



ସିଦ୍ଧାର୍ଥ ମାଲହୋତ୍ରା






ଯେଉଁ ମଣିଷ ବିବେକ ଦ୍ୱାରା ପରିଚାଳିତ ନ ହୋଇ ଆଉ କିଛି ଦ୍ୱାରା ପରିଚାଳିତ ହୁଏ- ସେ ଅନ୍ୟାନ୍ୟ ପ୍ରାଣୀମାନଙ୍କ ଅପେକ୍ଷା ଏକ ନିକୃଷ୍ଟ ଜନ୍ତୁରେ ପରିଣତ ହୁଏ।

-ଶ୍ରୀମା

# ଲେଖାନୁଦାନରେ ସୀମିତ ରୁହ

ସାଧାରଣ ନିର୍ବାଚନ ଆଉ ଅଳ୍ପ କେଇମାସ ବାକି ରହିଲା। ନିର୍ବାଚନ ଆୟୋଗ ପକ୍ଷରୁ ଏ ନେଇ ଯଥାସମୟରେ ବିଜ୍ଞପ୍ତି ଜାରି ହେବ। ତେବେ ଏହି ନିର୍ବାଚନ ପୂର୍ବରୁ ସରକାର ଲେଖାନୁଦାନ ନା ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିବେ, ତାହା ଜଣାପଡ଼ି ନାହିଁ। ବଜେଟ୍ ପାଇଁ ଆଉ ମାତ୍ର ପ୍ରାୟ ଦୁଇ ସପ୍ତାହ ବାକି ଥିବାବେଳେ ହଠାତ୍ କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ଅସୁସ୍ଥ ହୋଇପଡ଼ିବାରୁ ଏ ନେଇ ଅନିଶ୍ଚିତତା ଦେଖାଦେଇଛି। ଆମେ ଆଶା କରୁଛୁ ଓ ପ୍ରାର୍ଥନା କରୁଛୁ ଯେ, ଜେଟ୍‌ଲୀ ଖୁବ୍‌ଶୀଘ୍ର ସୁସ୍ଥ ହୋଇଉଠନ୍ତୁ ଓ ଫେବୃୟାରୀ ପୂର୍ବରୁ କାର୍ଯ୍ୟରେ ଯୋଗ ଦିଅନ୍ତୁ। କେନ୍ଦ୍ର ବଜେଟ୍ ପୂର୍ବରୁ ସାଧାରଣତଃ ଯେଉଁ ଉତ୍ସାହ ଦେଖିବାକୁ ମିଳେ, ତାହା ଏବେ ଦେଖିବାକୁ ମିଳୁନି। ବିଭିନ୍ନ ଶିଳ୍ପ, ବାଣିଜ୍ୟିକ ସଂସ୍ଥା ଓ ଷ୍ଟେକ୍ ହୋଲ୍‌ଡରମାନଙ୍କ ସହ ନିତ୍ୟନୈମିତ୍ତିକ ପ୍ରାକ୍-ବଜେଟ୍ ଆଲୋଚନା ମଧ୍ୟ ଦୃଶ୍ୟମାନ ହେଉନାହିଁ। ତେଣୁ ସରକାର କି ଯୋଜନା କରୁଛନ୍ତି, ତାହା କାହାରିକୁ ଜଣାନାହିଁ।

ପରମ୍ପରା ଅନୁସାରେ, ସରକାର ପୂର୍ଣ୍ଣାଙ୍ଗ ବଜେଟ୍ ବଦଳରେ ଲେଖାନୁଦାନ ଭିତରେ ସୀମିତ ରହିବା କଥା। ନୂଆ ସରକାର ଗଠନ ହେବା ପର୍ଯ୍ୟନ୍ତ ସେହି ଅନୁସାରେ ଖର୍ଚ୍ଚବାର୍ଚ୍ଚ କରିବା ପାଇଁ ପାର୍ଲାମେଣ୍ଟର ଅନୁମୋଦନ ନେବା କଥା। ବାସ୍ତବରେ ଏ ସରକାର ପାଇଁ ଏହା ଉପଯୁକ୍ତ ପଦକ୍ଷେପ ହେବ। ସାଧାରଣତଃ ଏକ ନିର୍ବାଚନ ବର୍ଷରେ ସରକାର ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିବା ଉଚିତ ନୁହେଁ, ଯଦିଚ ଆଇନତଃ ଓ ବାସ୍ତବ ଅର୍ଥରେ ସରକାର ବିଭିନ୍ନ ଯୋଜନା, ନୀତି, ଟିକସ ହାର ଇତ୍ୟାଦି ସହ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିବାରେ କିଛି ଭୁଲ୍ ନାହିଁ। କିନ୍ତୁ ନିର୍ବାଚନ ପରେ ଯେଉଁ ନୂଆ ସରକାର ଆସିବେ, ସେମାନେ ଯଦି ଚାହିଁବେ ଏ ବଜେଟ୍‌ର ପ୍ରସ୍ତାବଗୁଡ଼ିକୁ ଅଗ୍ରାହ୍ୟ କରି ନିଜର ନୂଆ ବଜେଟ୍ ଉପସ୍ଥାପନ କରିପାରିବେ। ସେଥିପାଇଁ କୌଣସି ହୋହଲ୍ଲାର ଆବଶ୍ୟକତା ନାହିଁ।

ଏହା ହେଉଛି ଏ ସରକାରର ଶେଷ ବଜେଟ୍। ନିର୍ବାଚନ ଆଉ ଅଳ୍ପଦିନ ବାକି ଥିବାବେଳେ ଅନେକ ରାଜ୍ୟରେ ଏନ୍‌ଡିଏ ସରକାରକୁ ନାନା ବିପରୀତ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡୁଛି। ତେଣୁ ଏହା ଏକ ଲୋକାଭିମୁଖୀ ବଜେଟ୍ ହେବାର ସମ୍ଭାବନା ରହିଛି। ନିକଟରେ ଭାରତୀୟ ଜନତା ପାର୍ଟି (ଭାଜପା) ପାଞ୍ଚଟି ରାଜ୍ୟରେ ବିଧାନସଭା ନିର୍ବାଚନରେ ହାରିବା ସହ ତିନୋଟି ରାଜ୍ୟରେ କ୍ଷମତାଚ୍ୟୁତ ହୋଇଛି। ପାର୍ଲାମେଣ୍ଟରେ ନାଗରିକତ୍ୱ ସଂଶୋଧନ ବିଲ୍ ଗୃହୀତ ହେବାକୁ ନେଇ ଉତ୍ତରପୂର୍ବାଞ୍ଚଳ ରାଜ୍ୟରେ ବହୁ ଲୋକଙ୍କ ଭିତରେ ସରକାର-ବିରୋଧୀ ମନୋଭାବ ସୃଷ୍ଟି ହୋଇଛି। ସାରା ଦେଶରେ କୃଷକମାନେ ନାନା ସମସ୍ୟା ଭୋଗୁଛନ୍ତି। ଅଳ୍ପ କେତେକ ରାଜ୍ୟ ସରକାର କୃଷିଋଣ ଛାଡ଼ ଘୋଷଣା କରିଥିବାବେଳେ ଅନ୍ୟ ରାଜ୍ୟଗୁଡ଼ିକରେ ମଧ୍ୟ କୃଷିଋଣ ଛାଡ଼ ଦାବି ଜୋର ଧରିବାର ଜଣାପଡୁଛି। ଏ ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କ ଅନିଶ୍ଚିତ ଆଭିମୁଖ୍ୟ ପରିସ୍ଥିତିକୁ ସଙ୍ଗିନ କରିଛି। କେତେକ ଭାଜପା-ଶାସିତ ରାଜ୍ୟ କୃଷିଋଣ ଛାଡ଼ ଘୋଷଣା କରିଥିବା ବେଳେ ପ୍ରଧାନମନ୍ତ୍ରୀ ଏହାକୁ ନାପସନ୍ଦ କରିଛନ୍ତି। ଓଡ଼ିଶାରେ ରାଜ୍ୟ ସରକାର କାଳିଆ ଯୋଜନା ମାଧ୍ୟମରେ କୃଷକମାନଙ୍କୁ ସମ୍ପୂର୍ଣ୍ଣ ନ ହେଲେ ବି ଅନେକାଂଶରେ ସନ୍ତୁଷ୍ଟ କରିବାରେ ସଫଳ ହୋଇଛନ୍ତି। ଗ୍ରାମାଞ୍ଚଳରେ ଏ କାର୍ଯ୍ୟକ୍ରମ ପ୍ରତି ଅଭୂତପୂର୍ବ ଆଗ୍ରହ ଦେଖିବାକୁ ମିଳିଛି। ଯୋଜନାରେ ସାମିଲ ହେବା ଲାଗି ଯୋଗ୍ୟତା ଥାଉ ବା ନ ଥାଉ ବହୁ ଅଧିକ ଲୋକ କାଳିଆ ଫର୍ମ ପାଇବାକୁ ଚାହୁଁଥିବା ବେଳେ କର୍ତ୍ତୃପକ୍ଷ ତାହା ଯୋଗାଇପାରୁ ନାହାନ୍ତି। ତେବେ ଏ କାଳିଆ ଯୋଜନା ସରକାରୀ ଦଳକୁ ଆଗାମୀ ନିର୍ବାଚନରେ ସାହାଯ୍ୟ କରିବ କି ନା ତାହା ସମୟ କହିବ।

## ଆଜିର ଅର୍ଥନୀତି

ଏପରି ଆହ୍ୱାନପୂର୍ଣ୍ଣ ସମୟରେ କେନ୍ଦ୍ର ସରକାର କେବେହେଲେ ସୁଯୋଗକୁ ହାତଛଡ଼ା କରିବାକୁ ଚାହିଁବେ ନାହିଁ। ତେଣୁ ସରକାର ଏଥର ଏକ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିବାର ସମ୍ଭାବନା ଅଛି, ଯାହା ଲୋକାଭିମୁଖୀ ହୋଇଥିବ। ସରକାର ନିଶ୍ଚୟ ବେତନଭୋଗୀ ସହରୀ ମଧ୍ୟବିତ୍ତବର୍ଗଙ୍କୁ ସନ୍ତୁଷ୍ଟ କରିବାକୁ ଚାହିଁବେ, ଯେଉଁମାନେ କେନ୍ଦ୍ର ବା ରାଜ୍ୟ ସରକାରଙ୍କର ବିଭିନ୍ନ ଜନକଲ୍ୟାଣ ଯୋଜନାରୁ ସର୍ବଦା ବଞ୍ଚିତ ରହିଥାନ୍ତି। ଅର୍ଥମନ୍ତ୍ରୀ ଏଥର ବ୍ୟକ୍ତିଗତ ଆୟକର ଛାଡ଼ସୀମା ବୃଦ୍ଧି କରିବାର ସମ୍ଭାବନା ରହିଛି। ସରକାରଙ୍କ ସ୍ୱତନ୍ତ୍ର କାର୍ଯ୍ୟଶୈଳୀକୁ ଦେଖିଲେ ମନେ ହୁଏ, ଅର୍ଥମନ୍ତ୍ରୀ ଉତ୍ପାଦ ଶୁଳ୍କ ହ୍ରାସ ଭଳି କିଛି ବଡ଼ ଘୋଷଣା କରିପାରନ୍ତି। କାରଣ ତାହାହେଲେ ବିରୋଧୀମାନେ ଏହାକୁ ଆଉ ବିରୋଧ କରିପାରିବେ ନାହିଁ ଏବଂ ନୂଆ ସରକାର ଆସିଲେ ଏହାକୁ ଆଉ ସହଜରେ ବଦଳାଇପାରିବେ ନାହିଁ। ଏହା ଭୋଟରମାନଙ୍କୁ ଏକ ପ୍ରକାର ଆହ୍ୱାନ- ଯଦି ତୁମେ ଆମକୁ ଭୋଟ ଦେଇ ନିର୍ବାଚିତ କରିବ, ତା'ହେଲେ ଏ ପ୍ରତିଶ୍ରୁତ ଜିନିଷଗୁଡ଼ିକ ପାଇବ। ସାଧାରଣବର୍ଗର ଗରିବମାନଙ୍କ ଲାଗି ଶିକ୍ଷା ଓ ଚାକିରି କ୍ଷେତ୍ରରେ ସରକାର ଯେଉଁ ୧୦ ପ୍ରତିଶତ ସଂରକ୍ଷଣ ସଂସଦରେ ଗୃହୀତ କରାଇନେଲେ, ସେଥିରେ ସେହି ଏକା କୌଶଳ ଅବଲମ୍ବନ କରାଯାଇଥିଲା।

ତେବେ ସରକାର ଏପରି କରିବା ଉଚିତ ନୁହେଁ। କାରଣ ଏ ସରକାରଙ୍କ କାର୍ଯ୍ୟକାଳ ସରିଆସୁଛି ଏବଂ ଏମାନେ ଆସନ୍ତା ପାଞ୍ଚବର୍ଷ ପାଇଁ ଜନାଦେଶ ପାଇନାହାନ୍ତି। ଆମେ ଆଶା କରୁଛୁ ଅର୍ଥମନ୍ତ୍ରୀ ଲେଖାନୁଦାନରେ ସୀମିତ ରହିବେ ଏବଂ ପୂର୍ଣ୍ଣାଙ୍ଗ ବଜେଟ୍ ନୂଆ ସରକାର ଉପରେ ଛାଡ଼ିଦେବେ। ଏହାଦ୍ୱାରା ଏ ସରକାରଙ୍କର ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ସ୍ଥିତି ଭଲ ରହିବ।

## ଚିରନ୍ତନୀ

ସାଧୁକୁ କରିଲ ହନ୍ତା ପଣ୍ଡିତକୁ କରିଲ ପାଷାଣ୍ଡ
ସୂକ୍ଷ୍ମତମ କେନ୍ଦ୍ର ତୁମେ ବିଶ୍ୱର ବିରାଟ ମାନଦଣ୍ଡ!
(ସୁନା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଜଳବାୟୁ ପରିବର୍ତ୍ତନ ଚୁକ୍ତି: ପ୍ୟାରିସରୁ ପୋଲାଣ୍ଡ



ଡ. ରମେଶ ଚନ୍ଦ୍ର ପରିଡ଼ା

ବିଶ୍ୱ ସମ୍ମୁଖରେ ଏବେ ସବୁଠାରୁ ଜଟିଳ ସମସ୍ୟା ରୂପେ ମୁଣ୍ଡ ଟେକିଥିବା ଜାଗତିକ ଉଷ୍ମତା ବୃଦ୍ଧି ଏବଂ ସେଥିସହିତ ସମ୍ପୃକ୍ତ ଜଳବାୟୁ ପରିବର୍ତ୍ତନକୁ ପ୍ରତିହତ କରା ନ ଗଲେ ତାହା ଯେ ଅଚିରେ ଏକ ପ୍ରଚଣ୍ଡ ଧ୍ୱଂସକାରୀ ଶକ୍ତିରୂପେ ଉଭା ହେବ ଏ କଥା ସ୍ୱୀକୃତ ହୋଇସାରିଲାଣି। ତେଣୁ ଏହାର ପଥ ନିର୍ଦ୍ଧାରଣ ଲାଗି ଜାତୀୟ ତଥା ଆନ୍ତର୍ଜାତିକ ସ୍ତରରେ ଚାଲିଛି ବ୍ୟାପକ ଆଲୋଚନା ପର୍ଯ୍ୟାଲୋଚନା ଏବଂ ସମ୍ପାଦିତ ହେବାରେ ଲାଗିଛି ନାନାଦି ଚୁକ୍ତି। ଏଗୁଡିକ ମଧ୍ୟରୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା 'ୟୁଏନ୍ ଫ୍ରେମ୍‌ୱାର୍କ କନ୍‌ଭେନଶନ ଅନ୍ କ୍ଲାଇମେଟ୍ ଚେଞ୍ଜ' (ୟୁଏନ୍‌ଏଫ୍‌ସିସିସି) ଦ୍ୱାରା ୨୦୧୫ ମସିହାରେ ପ୍ୟାରିସଠାରେ ଆହୂତ ସମ୍ମିଳନୀ। ଏଠାରେ ସମ୍ପାଦିତ ଚୁକ୍ତିରେ ଥିଲା କେତେକ ମାର୍ଗଦର୍ଶିକା, ଯାହାକି ୧୯୫ଟି ଦେଶ ଦ୍ୱାରା ସ୍ୱୀକୃତି ଲାଭ କରିଥିଲା। ତାହାକୁ ଅନୁସରଣ କରି ଜାଗତିକ ତାପମାତ୍ରାକୁ ଚଳିତ ଶତାବ୍ଦୀର ଶେଷ ସୁଦ୍ଧା ପ୍ରାକ୍-ଶିଳ୍ପ ବିପ୍ଲବ ସ୍ତରଠାରୁ ଅତିବେଶିରେ ୨ ଡିଗ୍ରୀ ସେଲସିୟସଠାରୁ ଅଧିକ ହେବାକୁ ନ ଦେବା ଥିଲା ଏହାର ଆଭିମୁଖ୍ୟ। ପ୍ୟାରିସ ସମ୍ମିଳନୀ ରୂପେ ଅଭିହିତ ଏହି ୟୁଏନ୍‌ଏଫ୍‌ସିସିସି। ପୁନଶ୍ଚ ଏହା ଅନୁଷ୍ଠିତ ହେବ ୨୦୨୦ ମସିହାରେ। ଇତିମଧ୍ୟରେ ଏହି ଚୁକ୍ତିଟିର କାର୍ଯ୍ୟକାରିତା କେତେଦୂର ଅଗ୍ରସର ହୋଇଛି ତାହାର ମୂଲ୍ୟାୟନ ଲାଗି ସମୟକୁ ସମୟ ଜାତିସଂଘ ପ୍ରାୟୋଜିତ ସମ୍ମିଳନୀମାନ ବିଭିନ୍ନ ସ୍ଥାନରେ ଆହୂତ ହେଉଛି, ଯାହାକୁ କୁହାଯାଉଛି ୟୁଏନ୍ କ୍ଲାଇମେଟ କନ୍‌ଫରେନ୍ସ ଅଫ୍ ପାର୍ଟିଜ ବା କୋପ୍। ଡିସେମ୍ବର ୨୦୧୮ରେ ତାହା (କୋପ୍-୨୪) ଅନୁଷ୍ଠିତ ହୋଇଯାଇଛି ପୋଲାଣ୍ଡର ରାଜଧାନୀ କାଟୋୱିସ୍‌ଠାରେ।

ବର୍ତ୍ତମାନ ଜଳବାୟୁ ପରିବର୍ତ୍ତନ ରୋକିବା ପାଇଁ ଅନୁସୃତ ପଦକ୍ଷେପଗୁଡ଼ିକ କ୍ୟୋଟୋ ପ୍ରୋଟୋକଲ ଅନୁସାରେ ପରିଚାଳିତ। ଏଥିରେ ମୁଖ୍ୟତଃ ଐତିହାସିକ ପ୍ରଦୂଷଣକାରୀ ବୋଲାଉଥିବା ଧନୀ ରାଷ୍ଟ୍ରଗୁଡ଼ିକୁ ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ କରିବାକୁ କୁହାଯାଇଛି। ତେବେ ପ୍ୟାରିସ ଚୁକ୍ତି ଅପେକ୍ଷାକୃତ ବ୍ୟାପକ। ଏଥିରେ ବିଶ୍ୱର ସବୁ ଦେଶ ନିଜ ନିଜର ଅର୍ଥନୈତିକ ଅବସ୍ଥା ବିଚାରକୁ ନେଇ ଯଥାସମ୍ଭବ ଏହା କରିବା ଲାଗି ଏବଂ ଏଥିପାଇଁ ସେମାନଙ୍କୁ ଧନୀରାଷ୍ଟ୍ରଗୁଡ଼ିକ ଆର୍ଥିକ ତଥା ବୈଷୟିକ ସାହାଯ୍ୟ ଯୋଗାଇଦେବା ଲାଗି ପରାମର୍ଶ ଦିଆଯାଇଛି। ଏହା କାର୍ଯ୍ୟକାରୀ ହେବ ୨୦୨୦ ମସିହାଠାରୁ। ଏ ଦିଗରେ କି କି ପଦକ୍ଷେପ ନେବା ଜରୁରୀ ତାହାକୁ ନେଇ କାଟୋୱିସ୍‌ଠାରେ ପ୍ରକାଶିତ ଏବଂ ଗୃହୀତ ହୋଇଛି ଏକ ନିୟମ ପୁସ୍ତିକା। ତହିଁରେ ସନ୍ନିବିଷ୍ଟ ମୁଖ୍ୟ ବୈଶିଷ୍ଟ୍ୟଗୁଡ଼ିକ ହେଲା-(୧) ଦେଶଗୁଡ଼ିକ ନିଜ ନିଜ ଦେଶରେ ଜଳବାୟୁ ପରିବର୍ତ୍ତନ ଦିଗରେ ନେଉଥିବା ପଦକ୍ଷେପ ସମ୍ପର୍କରେ ସମୟକୁ ସମୟ ସୂଚନା ପ୍ରଦାନ କରିବେ, (୨) ବିକଶିତ ଦେଶସମୂହ ୨୦୨୦ ମସିହାଠାରୁ ବିକାଶଶୀଳ ଦେଶଗୁଡ଼ିକୁ ଜଳବାୟୁ ପରିବର୍ତ୍ତନ ରୋକିବା ଦିଗରେ ପଦକ୍ଷେପ ନେବା ପାଇଁ ବାର୍ଷିକ ୧୦୦ ବିଲିୟନ ଡଲାର ଯୋଗାଇବା ଲାଗି ଧାର୍ଯ୍ୟ ହୋଇଥିବା ବର୍ତ୍ତମାନର ଲକ୍ଷ୍ୟକୁ ୨୦୨୫ ମସିହାଠାରୁ ପରିମାର୍ଜନ କରି ନୂତନ ଲକ୍ଷ୍ୟ ନିର୍ଦ୍ଧାରଣ କରିବେ, (୩) ଜାଗତିକ ସ୍ତରରେ ୨୦୨୩ ମସିହାରେ ଜଳବାୟୁ ପରିବର୍ତ୍ତନ ନିରୋଧ ଲାଗି ନିଆଯାଉଥିବା ପଦକ୍ଷେପର କାର୍ଯ୍ୟକାରିତା ଗଣନା କରିବାର ପନ୍ଥା ନିରୂପଣ କରିବା ଏବଂ (୪) ଏଥିପାଇଁ ଆବଶ୍ୟକ ଜ୍ଞାନକୌଶଳର ବିକାଶ ଓ ହସ୍ତାନ୍ତର କିପରି କାର୍ଯ୍ୟକାରୀ ହେବ ତାହା ସ୍ଥିର କରିବା।

ତେବେ ଏହି ଫଳାଫଳକୁ ନେଇ ସନ୍ତୁଷ୍ଟ ନୁହନ୍ତି ଅନେକ ଜଳବାୟୁ ବିଶେଷଜ୍ଞ- ବିଶେଷକରି ଇଣ୍ଟର ଗଭର୍ନମେଣ୍ଟାଲ ପ୍ୟାନେଲ ଅନ୍ କ୍ଲାଇମେଟ ଚେଞ୍ଜ ବା ଆଇପିସିସିର ବୈଜ୍ଞାନିକମାନେ। ସେମାନେ ଏଥିପାଇଁ ଦୃଷ୍ଟି ଆକର୍ଷଣ କରନ୍ତି ନିକଟରେ ପ୍ରକାଶିତ ରିପୋର୍ଟ ପ୍ରତି। ଏହି ଅନୁଯାୟୀ ଚଳିତ ଶତାବ୍ଦୀ ଶେଷ ସୁଦ୍ଧା ପ୍ରାକ୍-ଶିଳ୍ପ ବିପ୍ଲବ କାଳ ତୁଳନାରେ ଜାଗତିକ ତାପମାତ୍ରା ୨ ଡିଗ୍ରୀ ସେଲସିୟସ ମଧ୍ୟରେ ସୀମିତ ରଖିବା ଜଳବାୟୁ ପରିବର୍ତ୍ତନକୁ ରୋକିବା ଲାଗି ଯଥେଷ୍ଟ ନୁହେଁ। ବରଂ ଏହାକୁ ୧.୫ ଡିଗ୍ରୀ ସେଲସିୟସଠାରୁ ଅଧିକ ବଢ଼ିବାକୁ ନ ଦେବା କିଛି ମାତ୍ରାରେ ନିରାପଦ ହେବ। ଏଥିପାଇଁ ୨୦୩୦ ମସିହା ସୁଦ୍ଧା ୨୦୧୦ ମସିହା ତୁଳନାରେ ୪୫% ନିର୍ଗମନ ହ୍ରାସ କରାଯିବା ଆବଶ୍ୟକ। କାରଣ ବର୍ତ୍ତମାନ ସୁଦ୍ଧା ବାୟୁରେ ଅଙ୍ଗାରକାମ୍ଳର ନିରାପଦ ମାତ୍ରା କୁହାଯାଉଥିବା ନିୟୁତ ପ୍ରତି ଭାଗ ୪୦୦ ଅତିକ୍ରମ କରିସାରିଲାଣି। ଏଣୁ ଏହା ହୋଇ ନ ପାରିଲେ ପରିଣାମ ଭୟାବହ ହେବ। କଠୋରତମ ଜଳବାୟୁର ପୁନଃପୌନିକତା ଓ ତୀବ୍ରତା ବଢ଼ିବା ଏବଂ ସମୁଦ୍ରର ଜଳସ୍ତର ବୃଦ୍ଧି ଦ୍ୱୀପ-ଦେଶଗୁଡିକ ସମେତ ସମୁଦ୍ର ଉପକୂଳବର୍ତ୍ତୀ ନିମ୍ନଭୂମି ପାଇଁ ଘୋର ବିପଦ ସୃଷ୍ଟି କରିବ। କୃଷି ଉତ୍ପାଦନ ଓ ଜନସ୍ୱାସ୍ଥ୍ୟ ମଧ୍ୟ ଏହାଦ୍ୱାରା ଗଭୀର ଭାବେ ପ୍ରଭାବିତ ହେବ। ପୁନଶ୍ଚ ଏ ପରିଣାମ ସମ୍ଭବତଃ ଅଣଲେଉଟା ହୋଇଯିବ। ଏଣୁ ବିଶ୍ୱର ସବୁ ବଡ଼ ବଡ଼ ଅର୍ଥନୀତି ଏହାକୁ ଆହ୍ୱାନ ରୂପେ ଗ୍ରହଣ କରି ସେହି ଲକ୍ଷ୍ୟ ନେଇ ସେମାନଙ୍କ ସବୁଜଗୃହ ବାଷ୍ପ ନିର୍ଗମନ ହ୍ରାସ କରିବା ଉଚିତ। କିନ୍ତୁ ଉପରୋକ୍ତ ନିୟମ ପୁସ୍ତିକାରେ ଏଥି ସମ୍ପର୍କରେ କୌଣସି ନିର୍ଦ୍ଦିଷ୍ଟ ସୂଚନା ନାହିଁ।

ଜଳବାୟୁ କ୍ଷେତ୍ରକୁ ଭାରତର ଅବଦାନ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ହେବା ଉଚିତ। ପରିମାଣ ଦୃଷ୍ଟିରୁ ବିଶ୍ୱର ୫ଟି ସର୍ବାଧିକ ନିର୍ଗମନକାରୀ ଦେଶଗୁଡ଼ିକ ମଧ୍ୟରୁ ଏହା ଅନ୍ୟତମ। ତେବେ ଏହାର ମୁଣ୍ଡପିଛା ଅଙ୍ଗାରକାମ୍ଳ ନିର୍ଗମନ ବାର୍ଷିକ ମାତ୍ର ୧.୬ ଟନ୍, ଯାହାକି ବିଶ୍ୱର ହାରାହାରି ନିର୍ଗମନ ୪.୨ ଟନ୍ ତୁଳନାରେ ଯଥେଷ୍ଟ କମ୍। ଆମେରିକା ଓ ଚାଇନା ଭଳି ଦେଶ ଏଥିରେ ଆମଠାରୁ ବେଶ୍ ଆଗରେ ଅଛନ୍ତି। ତଥାପି ତାହାକୁ ନିୟନ୍ତ୍ରଣ କରିବା ଲାଗି ଏଠାରେ ଆରମ୍ଭ ହୋଇଛି ଅନେକ ପଦକ୍ଷେପ । ଉଦାହରଣସ୍ୱରୂପ ୨୦୨୨ ମସିହା ବେଳକୁ ସୌରଶକ୍ତି ଓ ବାୟୁଶକ୍ତି ଭଳି ପୁନର୍ବିନିଯୋଗକ୍ଷମ ନିର୍ମଳ ଶକ୍ତିର ଉତ୍ସକୁ ୧୭୫ ଜିଗାୱାଟ୍‌କୁ ବୃଦ୍ଧିକରିବା, କୋଇଲା ଉପରେ ନିର୍ଭରଶୀଳତା ହ୍ରାସ କରିବା, ବିଦ୍ୟୁତ୍‌ଚାଳିତ ଯାନକୁ ବିକଳ୍ପରୂପେ ଗ୍ରହଣ କରିବା ଏବଂ ବିବିଧ ସବୁଜ ଶିଳ୍ପ ପଦ୍ଧତିମାନ ଉପଯୋଗ କରିବା ଏହାର ଅନ୍ତର୍ଭୁକ୍ତ। ଏହା ବ୍ୟତୀତ ଅଧିକ ନିର୍ଗମନକାରୀ ସଂସ୍ଥାଗୁଡ଼ିକ ଉପରେ କର ବସାଇ ସେହି ଅର୍ଥକୁ ନିର୍ମଳ ଶକ୍ତି ଉତ୍ପାଦନ କ୍ଷେତ୍ରରେ ଉପଯୋଗ ମଧ୍ୟ ଏହାର ଲକ୍ଷ୍ୟ ରହିଛି। ଅନ୍ୟପକ୍ଷରେ ମୁଣ୍ଡପିଛା ସର୍ବାଧିକ ନିର୍ଗମନ ଘଟାଉଥିବା ଆମେରିକା ପ୍ୟାରିସ ଚୁକ୍ତିରୁ ନିଜକୁ ଦୂରେଇ ନେଲାବେଳେ କାନାଡ଼ା ଭଳି କେତେକ ଧନୀ ରାଷ୍ଟ୍ର ବିକାଶଶୀଳ ଦେଶଗୁଡ଼ିକୁ ଆର୍ଥିକ ଓ ବୈଷୟିକ ସହାୟତା କରିବା ଲାଗି ଦେଇଥିବା ପ୍ରତିଶ୍ରୁତିରୁ ପଛଘୁଞ୍ଚା ଦେବାକୁ ଲାଗିଲେଣି। କାଟୋୱିସ୍ ନିୟମ ପୁସ୍ତିକାରେ ଏସବୁ ବିଚାରକୁ ନିଆଯାଇନାହିଁ।

ଏ ଦୃଷ୍ଟିରୁ ଏହାକୁ ଦୁର୍ବଳ ଏବଂ ପାଣିପାଗ ପରିବର୍ତ୍ତନ ରୋକିବା ଦିଗରେ ଆବଶ୍ୟକ ଦିଗ୍‌ଦର୍ଶନ ଦେବା ପାଇଁ ଅସମର୍ଥ ବୋଲି ମତ ଦିଅନ୍ତି ନୂଆଦିଲ୍ଲୀସ୍ଥିତ ସେଣ୍ଟର ଫର ସାଇନ୍ସ ଆଣ୍ଡ ଏନ୍‌ଭାଇରନମେଣ୍ଟର ପରିବେଶବିତ୍‌ମାନେ। ସେମାନେ ଆଇପିସିସିର ସର୍ବଶେଷ ରିପୋର୍ଟ ବିଚାରକୁ ନେଇ ଜାଗତିକ ଉଷ୍ମତା ୧.୫ ଡିଗ୍ରୀ ସେଲସିୟସ ମଧ୍ୟରେ ସୀମିତ ରଖିବାକୁ ଏଥିରେ ନିର୍ଦ୍ଦେଶ ଦେବା ଉଚିତ ଥିଲା ବୋଲି କହନ୍ତି। ଏଣୁ ଏହା ଦୁର୍ବଳ ହୋଇ ସାରିଥିବା ପ୍ୟାରିସ ଚୁକ୍ତିକୁ ଆହୁରି ଦୁର୍ବଳ କରିଦେଇଛି ବୋଲି ସେମାନଙ୍କ ମତ।

ଅନ୍ୟପକ୍ଷରେ ଏହି ସମ୍ମିଳନୀର ଫଳାଫଳ ସକାରାତ୍ମକ ଏବଂ ପ୍ୟାରିସ ରାଜିନାମା କାର୍ଯ୍ୟକାରୀ କରିବା ଦିଗରେ ସବୁ ଦେଶର ଉଦ୍‌ବେଗକୁ ବିଚାରକୁ ନେଇପାରିଛି ବୋଲି ଭାରତ ସରକାରୀ ଭାବେ ମତ ଦେଇଛି। ତେଣୁ ଏହାର ପୂର୍ବତନ ଜଳବାୟୁ ରାଜିନାମା ମଧ୍ୟସ୍ଥ ଆର୍.ଆର୍. ରଶ୍ମି ଏହା ଉଚ୍ଚତର ଆଶା ପୂରଣ କରିବାକୁ ଯଥେଷ୍ଟ ହୋଇ ନ ଥିଲେ ହେଁ ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି। ପୁନଶ୍ଚ କୋପ୍-୨୪ ଅଧ୍ୟକ୍ଷ ତଥା ପୋଲାଣ୍ଡର ପରିବେଶ ମନ୍ତ୍ରଣାଳୟର ସମ୍ପାଦକ କହିଛନ୍ତି ଯେ, କାଟୋୱିସ୍ ପ୍ରସ୍ତାବଗୁଡ଼ିକ ପାଇଁ ଦୀର୍ଘ ୩ ବର୍ଷ ଧରି ୨୦୦ ଦେଶ ମଧ୍ୟରେ ବିଚାରବିମର୍ଶ ଚାଲିଥିଲା। ତହିଁରେ ସମସ୍ତଙ୍କର ନିର୍ଦ୍ଦିଷ୍ଟ ମତାମତ ଏବଂ ଆବଶ୍ୟକତା ପ୍ରତି ଧ୍ୟାନ ଦିଆଯାଇଛି, ଯାହାକି ଏକ ଅତି ଜଟିଳ ବ୍ୟାପାର। ସେଥିପାଇଁ ଏଠାରେ ପ୍ରକାଶ ପାଇପାରିଥିଲା ସର୍ବସମ୍ମତି। ଅତଏବ ତାହା ନିଶ୍ଚିତରୂପେ ଜଳବାୟୁ ପରିବର୍ତ୍ତନ ରୋକିବା ଦିଗରେ ଏକ ସକାରାତ୍ମକ ପଦକ୍ଷେପ। ତାଙ୍କ ସହିତ ପ୍ରାୟତଃ ଏକମତ ହୋଇଛନ୍ତି ପ୍ୟାରିସ ଚୁକ୍ତିର ଅନ୍ୟତମ ମୁଖ୍ୟ ସ୍ଥପତି ଲାଉରେନ୍‌ସ ଟୁବିଆନା। ସେ କହିଛନ୍ତି ଯେ କାଟୋୱିସ୍‌ଠାରେ ଦୀର୍ଘ ୨ ସପ୍ତାହ ଧରି ରାଜିନାମାକାରୀମାନେ ଯଥାସମ୍ଭବ ଅଧିକରୁ ଅଧିକ ବିବାଦୀୟ ପ୍ରଶ୍ନଗୁଡ଼ିକର ସମାଧାନ କରିପାରିଛନ୍ତି। ତଥାପି ରହିଯାଇଛି ଭବିଷ୍ୟତରେ ନିର୍ଗମନ ହ୍ରାସ କରିବା ହେତୁ ଉତ୍ପନ୍ନ ଅର୍ଥନୈତିକ ସମସ୍ୟା ସମାଧାନ ପାଇଁ ଏକ କ୍ରିୟାବିଧିର ନିରୂପଣ, ଯାହାକି ବିଭିନ୍ନ ଦେଶ ନିୟୋଜିତ କରିପାରିବେ। ତେବେ ଏଭଳି ପ୍ରଶ୍ନଗୁଡ଼ିକୁ ୨୦୧୯ରେ ଅନୁଷ୍ଠିତ ହେବାକୁ ଥିବା କୋପ୍-୨୫ ପାଇଁ ସ୍ଥଗିତ ରଖାଯାଇଛି ବୋଲି ସେ କହନ୍ତି। ଅତଏବ ତାଙ୍କ ଦୃଷ୍ଟିରେ କାଟୋୱିସର କୋପ୍-୨୪ ବହୁମାତ୍ରାରେ ସଫଳ ହୋଇପାରିଛି।

ଉଷା ନିବାସ, ୧୨୪/୨୪୪ ଖଣ୍ଡଗିରି ବିହାର,
ଭୁବନେଶ୍ୱର, ମୋ-୯୯୩୭୯୮୫୭୬୭

# ଆଧୁନିକ ବେଣ୍ଟ



ଦ୍ୱିତୀ ଚନ୍ଦ୍ର ସାହୁ

ଘର ସାମ୍ନା ଗେଟ୍ ଦେଇ ବଜାରକୁ ବାହାରିଲା ବେଳେ ନିକଟରେ ଥିବା କଲେଜକୁ ଯାଉଥିଲେ ପଞ୍ଚାଏ କଲେଜ ପଢୁଆ ପିଲା। ସମସ୍ତଙ୍କ ହାତରେ ମୋବାଇଲ। ମୋବାଇଲକୁ ଖେଳାଇ ଖେଳାଇ ଜଣେ କହିଲା ଆଜି ବେଣ୍ଟ (ଶିକାର) କରିବା। ପଛରୁ ଶୁଣି ଟିକେ ଚକିତ ହେଲି। ତା' ପରେ ସେମାନଙ୍କ ବାର୍ତ୍ତାଳାପରୁ ଯାହା ଜାଣିଲି ସେମାନେ କଲେଜର ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଦଳଗତ ଭାବେ ଠିଆ ହେବେ। କଲେଜ ଭିତରକୁ ପ୍ରବେଶ କରୁଥିବା ଝିଅମାନଙ୍କୁ ଚାହିଁବେ। ସେମାନଙ୍କୁ ପରଖିବେ। ସେଥିରୁ ସୁନ୍ଦରୀ ଲଳନାଙ୍କୁ ବାଛିବେ। ପରେ ବ୍ୟକ୍ତିଗତ ଭାବେ ତାକୁ କରାୟତ୍ତ କରିବା ଲାଗି ଉଦ୍ୟମ କରିବେ। ଅର୍ଥାତ୍ ମୋଟାମୋଟି ଭାବେ କଲେଜକୁ ଆସୁଥିବା ଝିଅମାନଙ୍କୁ ପ୍ରେମ ଜାଲରେ ଫସାଇବାର ଏକ ପ୍ରାକ୍ ପ୍ରସ୍ତୁତି। ଏମିତିରେ ଝିଅମାନେ ଫସିଲେ ଭଲ। ନ ହେଲେ ଆଉ ଏକ ଶିକାର ଖୋଜିବେ ଏଇ ବାଲୁଙ୍ଗାମାନେ। କିଛି କୁଳାଙ୍ଗାର କଲେଜ ଆସନ୍ତି କେବଳ ଏସବୁ ବାଜେ କଥା ଲାଗି। ଭଲ ପଢୁଥିବା ପିଲାଙ୍କୁ ବି ନିଜର ସଙ୍ଗ ଦୋଷରେ ପ୍ରଭାବିତ କରି ଖରାପ କରିପାରନ୍ତି ସହଜରେ। ଝିଅମାନଙ୍କୁ ତ ବେଣ୍ଟ କରିବା ସେମାନଙ୍କ ପ୍ରମୁଖ ଉଦ୍ଦେଶ୍ୟ। ଆଜିକାଲି ହାତରେ ଆଣ୍ଡ୍ରଏଡ ମୋବାଇଲ। ଯାବତୀୟ ଆପ୍ ତା'ରି ଭିତରେ। ଝିଅଙ୍କ ମୋବାଇଲ ନମ୍ବର ନେଇ ପୁଅମାନେ ଚାଟିଂଠାରୁ ଆରମ୍ଭକରି ଯାହା ସବୁ ବକ୍‌ବାସ କରନ୍ତି ସେ ସମ୍ପର୍କରେ କହିବା ଅନାବଶ୍ୟକ। ମୋବାଇଲର ବ୍ୟବହାର ଆଜିକା ଯୁବପିଢ଼ିଙ୍କୁ ଯେତିକି ସମୃଦ୍ଧ କରିଛି ସେତିକି ରସାତଳକୁ ନେଉଛି। ବହୁ ମାୟା ଖେଳରେ ଛନ୍ଦିହୋଇ ଆତ୍ମହତ୍ୟା କରୁଥିବାବେଳେ ଭିଡିଓ ଗେମ୍ ଗୋଟିଏ ପ୍ରକାର ନିଶା ହୋଇପଡ଼ିଛି। ସବୁଠାରୁ ବିପଜ୍ଜନକ ହୋଇପଡ଼ିଛି ସୋସିଆଲ ମିଡ଼ିଆ। କଲେଜ ପଢୁଆ ଝିଅ କାହିଁକି ହାଇସ୍କୁଲ ପଢୁଥିବା କିଶୋର କିଶୋରୀମାନେ ବି ଏଥିରେ ପୂରା ପାଗଳ। ଗ୍ରୁପ୍ ଚାଟିଂଠାରୁ ଆରମ୍ଭକରି ବହୁ ସୋସିଆଲ ମିଡିଆ ଆପ୍‌ରେ ସମୟ ବରବାଦ କରୁଛନ୍ତି। ମୋବାଇଲ ସରଳ ଭାବେ ଏବେ ବେଣ୍ଟ କରିପାରୁଛି ସମସ୍ତଙ୍କୁ। ବିଶେଷକରି ମୋବାଇଲ ବେଣ୍ଟରେ ଧରାଶାୟୀ ଆଜିର ଯୁବପିଢ଼ି।

ଏକଦା ରାଜା ଯାଉଥିଲେ ବେଣ୍ଟକୁ। ନିଜର ସଉକ ମେଣ୍ଟାଇବା ଲାଗି ପଟୁଆର ନେଇ ଜଙ୍ଗଲକୁ ଯାଉଥିଲେ। ନିଜର ବନ୍ଧୁକ ଓ ଧନୁତୀର ସାହାଯ୍ୟରେ ଜଙ୍ଗଲୀ ଜୀବଙ୍କୁ କରୁଥିଲେ ବେଣ୍ଟ। ତା'ରି ମାଂସରେ ଭୋଜି କରି ମଉଜ କରୁଥିଲେ। ଏମିତିରେ କୌଣସି ସୁନ୍ଦରୀକୁ ଦେଖିଲେ ଆସକ୍ତିରେ ରାଜା ବଶବର୍ତ୍ତୀ ହୋଇ ତାକୁ ବି ବେଣ୍ଟ କରିବାକୁ ପଛଉ ନ ଥିଲେ। ଆବଶ୍ୟକ ପଡ଼ିଲେ ଅନ୍ତଃପୁରକୁ ନେଇ ଆସୁଥିଲେ ଜୋର୍ କରି। ପରବର୍ତ୍ତୀ ସମୟରେ ଜମିଦାରମାନଙ୍କ କ୍ଷେତ୍ରରେ ବେଣ୍ଟର ପ୍ରଭାବ ଦେଖିବାକୁ ମିଳିଲା। ଏମାନେ ନିଜର ଲାଇସେନ୍ସ ବନ୍ଧୁକ ଧରି ଯାଉଥିଲେ ବଣକୁ। ଆଦିବାସୀ ଅଞ୍ଚଳରେ ବେଣ୍ଟ ଅଭିଯାନ ଗୋଟିଏ ମାମୁଲି ପ୍ରସଙ୍ଗ। କେତେବେଳେ ପାରମ୍ପରିକ ଫାଶ ଲଗାଇ ତ କେତେବେଳେ ତୀର ମୁନରେ ଚାଲେ ବେଣ୍ଟ। ଏମିତିକି ଚୈତ୍ର ମାସରେ ଅନେକ ଆଦିବାସୀ ପରମ୍ପରାରେ ବେଣ୍ଟ ପରବ ରହିଛି। ଏହାକୁ ପୁରୁଷାର୍ଥର ପ୍ରତୀକ ଭାବେ ବିବେଚନା କରାଯାଏ।

ଚଇତି ପରବ ଶେଷ ପୂର୍ବରୁ ଗାଁର ଧାଙ୍ଗିଡୀମାନେ ପୂଜାର୍ଚ୍ଚନା କରି ଗାଁର ଧାଙ୍ଗଡାମାନଙ୍କୁ ଜଙ୍ଗଲକୁ ପଠାନ୍ତି। ଆରମ୍ଭ ହୁଏ ସାନବେଣ୍ଟ ଓ ବଡ଼ବେଣ୍ଟ ଅଭିଯାନ। ଜଙ୍ଗଲୀ ଜୀବଜନ୍ତୁକୁ ବେଣ୍ଟ ନ କରିବା ଯାଏ ଗାଁକୁ ଫେରନ୍ତିନି ଧାଙ୍ଗଡାମାନେ। ବେଣ୍ଟ ହେଲା ପରେ ତାକୁ ଏକ ଠେଙ୍ଗାରେ ବୋହି ପଟୁଆର କରି ଆଣନ୍ତି ଗାଁକୁ। ଗାଁ ମୁଣ୍ଡରେ ଧାଙ୍ଗିଡୀଙ୍କ ଦ୍ୱାରା ପ୍ରସ୍ତୁତ ଛାମୁଣ୍ଡାରେ ରଖିବାକୁ ହୁଏ ବେଣ୍ଟ ଜୀବକୁ। ତା' ଭାରରେ ଛାମୁଣ୍ଡା ଭାଙ୍ଗିଗଲେ ଧାଙ୍ଗଡାମାନେ ବିଜୟୀ ହୁଅନ୍ତି। ଆଉ ଛାମୁଣ୍ଡା ନ ଭାଙ୍ଗିଲେ ଜାଣିବାକୁ ହୁଏ ଧାଙ୍ଗିଡୀମାନେ ଜିତିଗଲେ। ସେତେବେଳେ ପୁରୁଷାର୍ଥକୁ ନେଇ ଧାଙ୍ଗିଡୀମାନଙ୍କ ଟାହିଟାପରା ଶୁଣିବାକୁ ହୁଏ ଧାଙ୍ଗଡାମାନଙ୍କୁ। ଅତଏବ ବଡ଼ବେଣ୍ଟକୁ ପସନ୍ଦ କରନ୍ତି ଧାଙ୍ଗଡାମାନେ। ଏବେ ବି ଚାଲେ ପାରମ୍ପରିକ ବେଣ୍ଟ ପରବ। କିନ୍ତୁ ଜଙ୍ଗଲୀ ଜୀବ ଅଭାବରୁ ବହୁ କଷ୍ଟରେ କେବେକେବେ ମିଳେ ଠେକୁଆ କି ବାରିଆ ଅଥବା ଶମ୍ବର।

ଜଙ୍ଗଲରେ ବି ଚାଲେ ଆଉ ଏକ ପ୍ରକାର ମଣିଷ ବେଣ୍ଟ। କେତେବେଳେ ମାଓବାଦୀ ତ ପୁଣି କେତେବେଳେ ସୁରକ୍ଷାକର୍ମୀ ବେଣ୍ଟରେ ହୋଇଯାନ୍ତି ଶହୀଦ। ସୁପାରିକିଲର ଦ୍ୱାରା ବି ଚାଲେ ଅତ୍ୟାଧୁନିକ ବେଣ୍ଟ କାରବାର। ରାଜନୀତିରେ ବେଣ୍ଟର ଲୀଳାଖେଳା ପ୍ରବଳ। ନେତାଙ୍କ ବେଣ୍ଟ ହୁଅନ୍ତି ଜନତା। ପୁଣି ନିର୍ବାଚନ ବେଣ୍ଟରେ ଧରାଶାୟୀ ହୋଇଯାନ୍ତି ନେତା। ନିର୍ବାଚନୀ ଇସ୍ତାହାର ଓ ବ୍ୟାବସାୟିକ ବିଜ୍ଞାପନର ପରୋକ୍ଷ ବେଣ୍ଟରେ ପ୍ରଲୁବ୍ଧ ଏଠି ଜନତା।

ପ୍ରତିଯୋଗିତାପୂର୍ଣ୍ଣ ଦୁନିଆରେ ସବୁଠି ବେଣ୍ଟର ପ୍ରାବଲ୍ୟ। କୋଉ ଛଟକରେ କିଏ କାହାକୁ ବେଣ୍ଟ କରିବ ସେଥିଲାଗି ମଉକା ଉଣ୍ଡି ବସିଥାନ୍ତି ସଭିଏଁ। କର୍ପୋରେଟ ଜଗତଠାରୁ ଆରମ୍ଭ କରି ବ୍ୟବସାୟ, ବୃତ୍ତି, ପ୍ରବୃତ୍ତି ସର୍ବୋପରି ସମାଜ ଓ ପରିବାର ଭିତରେ ବି ଚାଲେ ବେଣ୍ଟ। ବେଣ୍ଟ ସବୁବେଳେ ହିଂସା ଜଗାଏ, କେବେ ଶାନ୍ତି ଦେଇ ନ ପାରେ! ନିଜ ଭିତରର ଅସୁମାରି ସ୍ୱାର୍ଥ, ଈର୍ଷା, ଦ୍ୱେଷ, ପରଶ୍ରୀକାତରତା, ଲୋଭ, କାମନା ଭଳି ରିପୁଗୁଡ଼ିକୁ ବାଛି ବାଛି ବେଣ୍ଟ କରନ୍ତୁ ଓ ନିଜକୁ ସଜାଡି ନିଅନ୍ତୁ। କାରଣ ଅନ୍ୟକୁ ବେଣ୍ଟ କଲାବେଳେ ନିଜେ ବେଣ୍ଟ ହୋଇଯିବାର ସମ୍ଭାବନା ଏଠି ଅଧିକ!

ମୋ - ୯୫୫୬୨୮୭୭୭୫

## ଏଇ ଭାରତରେ

ଯୌତୁକ ନିରୋଧୀ ଆଇନ ୧୯୬୧ର ଧାରା ୩ ଅନୁସାରେ ଯୌତୁକ ନେବା କିମ୍ବା ଦେବା ଉଭୟ ଅପରାଧ। ସମ୍ପ୍ରତି ସମାଜରେ ଯୌତୁକ ଦାବିରେ ବହୁ ଅପରାଧ ଘଟୁଛି। ଏନେଇ ବହୁ ମାମଲା ମଧ୍ୟ ଅଦାଲତରେ ବିଚାରାଧୀନ ରହିଛି। ବିଶେଷକରି ଯୌତୁକ ଦାବି ବିରୋଧରେ ମହିଳାମାନେ ସ୍ୱାମୀ ଓ ଶାଶୁଘର ଲୋକଙ୍କ ବିରୋଧରେ ମାମଲା ରୁଜୁ କରୁଥିବା ଦେଖିବାକୁ ମିଳେ। ଏବେ କିନ୍ତୁ ଛତିଶଗଡ଼ର ଭିଲାଇରେ ରହୁଥିବା ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀ ଓ ଶ୍ୱଶୁରଙ୍କ ନାମରେ ଯୌତୁକ ଦେବା ଅଭିଯୋଗରେ ଏକ ମାମଲା ଅଦାଲତରେ ଦାଏର କରିଛନ୍ତି। ଆଉ ଅଦାଲତ ଏହାକୁ ଗ୍ରହଣ କରି ଉକ୍ତ ମହିଳା ଏବଂ ତାଙ୍କ ବାପାଙ୍କୁ କୋର୍ଟରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଭିଲାଇରେ ବାସକରୁଥିବା ନିମିଷ ଏସ୍. ଅଗ୍ରୱାଲ୍ ଏବଂ ତାଙ୍କ ପରିବାର ଲୋକେ ଅଧିକ ଯୌତୁକ ଦାବି କରି ନିର୍ଯାତନା ଦେଉଛନ୍ତି ବୋଲି ନିମିଷଙ୍କ ସ୍ତ୍ରୀ ରୁହି ଅଗ୍ରୱାଲ ଅଦାଲତରେ ଏକ ମାମଲା ରୁଜୁ କରିଥିଲେ। ମାମଲାର ଶୁଣାଣି ସମୟରେ ଅଦାଲତ ଉଭୟ ରୁହି ଏବଂ ତାଙ୍କ ପିତାଙ୍କ ବୟାନ ରେକର୍ଡ କରିଥିଲେ। ଯେଉଁଥିରେ କି ଉଭୟେ ବିବାହ ସମୟରେ ନିମିଷଙ୍କ ପରିବାରର ଦାବି ମୁତାବକ ଅଢ଼େଇ କୋଟି ଏବଂ ୫୦ଲକ୍ଷ କରି ୨ଟି ପର୍ଯ୍ୟାୟରେ ଯୌତୁକ ଦେଇଥିବା ସ୍ୱୀକାର କରିଥିଲେ। ଏ ସମ୍ପର୍କିତ କାଗଜାତ ମଧ୍ୟ ଅଦାଲତରେ ଦାଖଲ କରିଥିଲେ, ଯାହାକୁ ଭିତ୍ତିକରି ନିମିଷ ଏବେ ଦୁର୍ଗସ୍ଥିତ ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ କୋର୍ଟରେ ଯୌତୁକ ଦେବା ଅଭିଯୋଗରେ ସ୍ତ୍ରୀ ରୁହି ଏବଂ ତାଙ୍କ ବାପାଙ୍କ ନାମରେ ମାମଲା ରୁଜୁ କରିଛନ୍ତି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ବେଶ୍ ଚର୍ଚ୍ଚାର ବିଷୟ ପାଲଟିଛି।

## ୨୫ ବର୍ଷ ତଳର ଧରିତ୍ରୀ

୧୮ ଜାନୁୟାରୀ ୧୯୯୪

- କାମ୍ବୋଡିଆର ଖେମରରୁଜ୍ ଗେରିଲା ସୈନ୍ୟଙ୍କ କାର୍ଯ୍ୟକଳାପ ନିୟନ୍ତ୍ରଣ କରିବା ନେଇ ସରକାରଙ୍କ ଶାନ୍ତି ପ୍ରସ୍ତାବକୁ ଖେମରରୁଜ୍ ମୁଖ୍ୟ ଖିଭ ସମ୍ପାନ ପ୍ରତ୍ୟାଖ୍ୟାନ କରିଛନ୍ତି।
- ଖ୍ୟାତନାମା ଚିତ୍ର ନିର୍ମାତା ବୁଦ୍ଧଦେବ ଦାସଗୁପ୍ତାଙ୍କ ଚାରାଚର (ପକ୍ଷୀମାନଙ୍କ ବାସ ସ୍ଥାନ) ବର୍ଲିନ ଫିଲ୍ମୋତ୍ସବର ପ୍ରତିଯୋଗିତା ବିଭାଗ ନିମନ୍ତେ ମନୋନୀତ।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | | | | | | 6 | | 8 | | 0 | | E | | 5 |
| | 6 | | | E | 1 | | B | A | | | | | | |
| | | | | 9 | | 1 | | | | B | A | 2 | C | |
| | | | | | | | | | | C | 9 | | 1 | 4 |
| C | E | | 8 | | | | | | | | 1 | 7 | A | |
| A | | D | | | | E | | 4 | 3 | | | 5 | 9 | |
| | 0 | | | | | 9 | | | A | 7 | E | | 4 | C |
| | 4 | | B | | 3 | | | C | | | | | | 2 |
| 1 | C | | | 4 | | 7 | | | | | | | | |
| 3 | 5 | | | | | | | | 9 | 1 | | | E | |
| | | C | | B | | | | | | 2 | 8 | 3 | | |
| | 3 | | | 6 | D | | 5 | | | | | | | |
| | | | | 5 | C | | 2 | | | | | 1 | B | 6 |
| 5 | D | | | | | | | | | | 7 | | 2 | 0 |
| | | B | 3 | 1 | 9 | 0 | 6 | | | | | | 5 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | 3 | 8 | 7 | 9 | E | D | 4 | 1 | 6 | 2 | B | 0 | C | 5 |
| B | 4 | D | A | 3 | 8 | E | C | 2 | 1 | 0 | 5 | 9 | 7 | 6 |
| 9 | C | 0 | 2 | 1 | D | 6 | 5 | B | 7 | A | 8 | 4 | 3 | E |
| 2 | 7 | 6 | 4 | B | 5 | 0 | 3 | A | 9 | C | E | 1 | D | 8 |
| E | 5 | 1 | 0 | C | 6 | 9 | 7 | 8 | D | 4 | 3 | A | B | 2 |
| 6 | D | B | 5 | E | A | 8 | 1 | 7 | 3 | 9 | C | 2 | 4 | 0 |
| 8 | 2 | 7 | C | D | 1 | 3 | 9 | 4 | A | E | 0 | 6 | 5 | B |
| C | A | 9 | B | 6 | 3 | 5 | D | 0 | 4 | 8 | 2 | 7 | E | 1 |
| 1 | 0 | 3 | 8 | 4 | 2 | B | A | E | 5 | 6 | 7 | D | 9 | C |
| 5 | E | 4 | 9 | 7 | 0 | 2 | 6 | C | B | D | 1 | 3 | 8 | A |
| 4 | 1 | 2 | E | A | 7 | C | 8 | 3 | 0 | B | 9 | 5 | 6 | D |
| D | B | 5 | 3 | 8 | C | 4 | 0 | 6 | 2 | 7 | A | E | 1 | 9 |
| 0 | 8 | E | 6 | 5 | 9 | 7 | 2 | D | C | 1 | 4 | B | A | 3 |
| 3 | 6 | C | 1 | 2 | 4 | A | B | 9 | E | 5 | D | 8 | 0 | 7 |
| 7 | 9 | A | D | 0 | B | 1 | E | 5 | 8 | 3 | 6 | C | 2 | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବିଧ୍ୱଂସକାରୀ ବମ୍‌ର ମାତାପିତା

ମହାଶୟ,

ଧରିତ୍ରୀରେ ପ୍ରକାଶିତ ରିପୋର୍ଟ ଅନୁସାରେ ଚାଇନା ୫/୬ ମିଟର ଦୀର୍ଘ ବିଧ୍ୱଂସକାରୀ ଅଣଆଣବିକ ଯୁଦ୍ଧାସ୍ତ୍ର 'ମଦର ଅଫ୍ ଅଲ୍ ବମ୍‌ସ' ପ୍ରସ୍ତୁତ କରି ଆମେରିକାର ଏମ୍‌ଓଏବିକୁ ଟକ୍କର ଦେବା ପାଇଁ ଘୋଷଣା କରିଛି। ଆଣବିକ ନିରୋଧୀ ଚୁକ୍ତିରେ ପୃଥିବୀର ବହୁ ଦେଶ ସ୍ୱାକ୍ଷର କରିଥିଲେ ହେଁ ଏହି ଅଣଆଣବିକ ବମ୍ ଆଣବିକ ବମ୍‌ଠାରୁ ଆହୁରି ଶକ୍ତିଶାଳୀ ବୋଲି ପରୀକ୍ଷାରୁ ଜଣାପଡ଼ିବା ପରେ ପୃଥିବୀରେ ହଇଚଇ ସୃଷ୍ଟି ହୋଇଛି। ନିଜ ନିଜର ଆଧିପତ୍ୟ ବିସ୍ତାର ପାଇଁ ଏପରି ପ୍ରତିଯୋଗିତା ମାନବର ସ୍ଥିତି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟାନ୍ୟ ଦେଶ କେବଳ ଭକୁଆ ହୋଇ ଚାହିଁରହିଛନ୍ତି ଓ ଆଗାମୀ ଭବିଷ୍ୟତରେ ଅଘଟଣ ଆଶଙ୍କାରେ ଭୟଭୀତ ହୋଇପଡୁଛନ୍ତି। ଆମେରିକାର ମୁକାବିଲା ପାଇଁ ଚାଇନା, ଉତ୍ତର କୋରିଆ ଓ ରୁଷିଆ ନିଜର ଅସ୍ତ୍ରଭଣ୍ଡାରକୁ ନୂତନ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ କରୁଛନ୍ତି। ଏମ୍‌ଓବମ୍‌ସ ତନ୍ମଧ୍ୟରୁ ଅନ୍ୟତମ। ସେହିପରି ରୁଷିଆ ମଧ୍ୟ ଏଫ୍‌ଓବି 'ଫାଦର ଅଫ୍ ଅଲ ବମ୍‌ସ' ତିଆରି କରିଛି। ତେବେ ଚାଇନା ଓ ରୁଷିଆକୁ ଏପରି ସର୍ବ ବିଧ୍ୱଂସକାରୀ ବୋମାର ମାତାପିତା ବୋଲି ଅଭିହିତ କରିବା ଅସମୀଚୀନ ନୁହେଁ।

- ହରମୋହନ ମହାନ୍ତି, ଦଉତୋଟା, ପୁରୀ

### ଅକ୍ଷମଣୀୟ ତ୍ରୁଟି

ଚଳିତବର୍ଷର ସରକାରୀ ଡାଏରୀରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଅମର କୃତି 'ମାନବ ଜୀବନ ନୁହଁଇ କେବଳ...'କୁ କବିବର ରାଧାନାଥ ରାୟଙ୍କ ଲେଖା ବୋଲି ପ୍ରକାଶ ପାଇବା ଅକ୍ଷମଣୀୟ ତ୍ରୁଟି। ଏ ସଂକ୍ରାନ୍ତରେ ସାଧାରଣ ପ୍ରଶାସନ ବିଭାଗର ସ୍ପଷ୍ଟୀକରଣ ଗ୍ରହଣଯୋଗ୍ୟ ନୁହେଁ। ସାଧାରଣ ପ୍ରଶାସନ ବିଭାଗ ଏହାକୁ ଅନିଚ୍ଛାକୃତ ତ୍ରୁଟି ବୋଲି କହି ଦାୟିତ୍ୱ ଖସାଇପାରିବେ ନାହିଁ। ଏହା ସାଧାରଣ ପ୍ରଶାସନ ବିଭାଗର ସଂପୃକ୍ତ ଅଧିକାରୀଙ୍କ ଅଜ୍ଞତା ଓ ଦାୟିତ୍ୱହୀନତାର ଫଳ। ବିଭିନ୍ନ ସରକାରୀ ପଦପଦବୀରେ ଆବଶ୍ୟକତା ଅନୁସାରେ ଯୋଗ୍ୟତା ଓ ଅଭିଜ୍ଞତା ନ ଥିବା ଲୋକଙ୍କୁ ଅବସ୍ଥାପିତ କରିବାର ଏହା ଏକ ପରିଣାମ। ଦାୟୀ ଅଧିକାରୀମାନେ ଏହି ତ୍ରୁଟି ପାଇଁ ନିଃସର୍ତ୍ତ କ୍ଷମା ପ୍ରାର୍ଥନା ସହ ଦଣ୍ଡ ବିଧାନର ସମ୍ମୁଖୀନ ହେବା ଆବଶ୍ୟକ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ମୟୂରଭଞ୍ଜ ଜିଲା କପ୍ତିପଦା ରେଞ୍ଜ ଅଧୀନ ଜାମଚୁଆ ପାହାଡ ଉପରେ ଏକ ଅଣ୍ଡିରା ହାତୀର ମୃତଦେହ ପୋତାଯାଇଥିବା ଖବର ପାଇ ଗୁରୁବାର ବିଭାଗୀୟ ଅଧିକାରୀ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ସେଠାରୁ ହାତୀର ମୃତଦେହ ବାହାର କରାଯାଇ ବ୍ୟବଚ୍ଛେଦ ପରେ ପୁଣି ପୋତି ଦିଆଯାଇଛି। ଏହି ସମ୍ପୂର୍ଣ୍ଣ ଘଟଣାରେ ଜଣେ ବନ ଅଧିକାରୀ ସମ୍ପୃକ୍ତ ଥିବା ସୂଚନା ମିଳିଛି। ତଦନ୍ତ ପାଇଁ ଏସିଏଫ୍‌ଓ ଶରତ ମିଶ୍ରଙ୍କୁ ଦାୟିତ୍ୱ ଦିଆଯାଇଛି । ରିପୋର୍ଟ ମିଳିବା ପରେ ଯାହା କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବାରିପଦା ଡିଏଫଓ ସୟମ ମଲ୍ଲିକ କହିଛନ୍ତି।

## ସଂକ୍ଷେପରେ

ପିପିଲି ଗଣବଳାତ୍କାର, ହତ୍ୟା ମାମଲା

### ତଳକୋର୍ଟଙ୍କ ରାୟ୍ ବିରୋଧରେ କ୍ରାଇମବ୍ରାଞ୍ଚ ହାଇକୋର୍ଟଙ୍କ ଦ୍ୱାରସ୍ଥ

**କଟକ ଅଫିସ, ୧୭।୧:** ବହୁଚର୍ଚ୍ଚିତ ପିପିଲି ଗଣବଳାତ୍କାର ଓ ହତ୍ୟା ମାମଲା ଏବେ ହାଇକୋର୍ଟରେ ପହଞ୍ଚିଛି। ଭୁବନେଶ୍ୱର ପ୍ରଥମ ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ ରାୟ ବିରୋଧରେ କ୍ରାଇମବ୍ରାଞ୍ଚ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ତଳ କୋର୍ଟଙ୍କ ରାୟକୁ ରଦ୍ଦ କରିବା ସହିତ ନିର୍ଦ୍ଦୋଷରେ କୋର୍ଟରୁ ମୁକୁଳିଥିବା ଦୁଇ ଅଭିଯୁକ୍ତଙ୍କ ବିରୋଧରେ ଦଣ୍ଡବିଧାନ ପାଇଁ କ୍ରାଇମବ୍ରାଞ୍ଚ ଆବେଦନ କରିଛି। ଗତ ଡିସେମ୍ବର ୨୪ରେ ଭୁବନେଶ୍ୱର ପ୍ରଥମ ଅତିରିକ୍ତ ଜିଲା ଦୌରାଜଜ୍ ଉକ୍ତ ଘଟଣାର ଦୁଇ ମୁଖ୍ୟ ଅଭିଯୁକ୍ତ ପ୍ରଶାନ୍ତ ପ୍ରଧାନ ଓ ଭାଇ ସୁକାନ୍ତ ପ୍ରଧାନଙ୍କୁ ଆବଶ୍ୟକ ସାକ୍ଷ୍ୟପ୍ରମାଣ ଅଭାବରୁ ନିର୍ଦ୍ଦୋଷ ଘୋଷଣା କରିଥିଲେ। କୋର୍ଟଙ୍କ ଏହି ରାୟ୍ ପରେ କ୍ରାଇମବ୍ରାଞ୍ଚର ତଦନ୍ତ ପ୍ରକ୍ରିୟାକୁ ନେଇ ରାଜ୍ୟବ୍ୟାପୀ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। କ୍ରାଇମବ୍ରାଞ୍ଚ ଠିକ୍ ଢଙ୍ଗରେ ତଦନ୍ତ କରି ନ ଥିବାରୁ ଦୋଷୀ ଖସି ଯାଇଥିବା ବିରୋଧୀଦଳଗୁଡ଼ିକ ପକ୍ଷରୁ ଅଭିଯୋଗ ହୋଇଥିଲା। ସୂଚନାଥାଉକି, ୨୦୧୧ ନଭେମ୍ବର ୨୮ରେ ପିପିଲି ଥାନା ଅନ୍ତର୍ଗତ ଅର୍ଜୁନଗୋଦା ଗାଁ ନିକଟ ଏକ ବିଲ ଭିତରୁ ଜଣେ ୧୯ ବର୍ଷୀୟା ଅନୁସୂଚିତ ଜାତି ବର୍ଗର ଯୁବତୀଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ୨୦୧୨ ଜୁନ ୨୧ରେ ତାଙ୍କର ଏସ୍‌ସିବି ମେଡିକାଲରେ ମୃତ୍ୟୁ ଘଟିଥିଲା। ଘଟଣାର ବିଚାର ବିଭାଗୀୟ ତଦନ୍ତ କରାଯିବା ସହିତ କ୍ରାଇମବ୍ରାଞ୍ଚ ତଦନ୍ତ ମଧ କରାଯାଇଥିଲା।

# ରାହୁଲଙ୍କ ସଭାକୁ କାଉଣ୍ଟର କରିବ ବିଜେଡି ଚାଷୀ ସମାବେଶ



ରାହୁଲ ଗାନ୍ଧୀ

**ଭୁବନେଶ୍ୱର, ୧୭।୧(ବ୍ୟୁରୋ)**

୨୦୧୯ ସାଧାରଣ ନିର୍ବାଚନ ପାଇଁ ମାତ୍ର ୧୦୦ଦିନ ରହିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟର ତିନି ପ୍ରମୁଖ ଦଳ ନିଜ ନିଜର ରାଜନୈତିକ କାର୍ଯ୍ୟକ୍ରମ ଆରମ୍ଭ କରିଦେଇଛନ୍ତି। ପଞ୍ଚାୟତ ନିର୍ବାଚନ ପରଠାରୁ ଭାଜପା ରାଜ୍ୟରେ ଦୁଇ ନମ୍ବର ଦଳର ସ୍ଥାନ ପାଇଥିବା ବେଳେ ଲଗାତାର ଭାବେ ଶାସକ ବିଜେଡିକୁ ଟାର୍ଗେଟ କରିଚାଲିଛି। ଏପରି ସ୍ଥିତିରେ କଂଗ୍ରେସ ନିଜକୁ ପଛରେ ନ ରଖି ଆଗକୁ ଯାଇ ଲୋକମାନଙ୍କ ଆସ୍ଥାଭାଜନ ହେବାକୁ ଚେଷ୍ଟା କରୁଛି। ଆସନ୍ତା ୨୫ରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଓଡ଼ିଶା ଗସ୍ତରେ ଆସିବାକୁ ଥିବାରୁ ଦଳର ରାଜ୍ୟ ନେତୃବୃନ୍ଦ ବେଶ୍ ଉତ୍ସାହିତ ଅଛନ୍ତି। ହେଲେ ଭାଜପା ସାଧାରଣ ସଭାରେ କର୍ମୀଙ୍କୁ ଉତ୍ସାହିତ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତୁ ବା କଂଗ୍ରେସ ପାଇଁ ରାହୁଲ କୌଣସିମତେ ପଛରେ ପଡିବାକୁ ଚାହୁଁନି ବିଜେଡି। ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ ସମୟରେ ଯେପରି ବିଜେଡି ସମାନ୍ତରାଳ କାର୍ଯ୍ୟକ୍ରମ ଜାରି ରଖିଥିଲା ସେହିପରି ରାହୁଲଙ୍କ ଗସ୍ତ ପାଇଁ ସମାନ ଆଭିମୁଖ୍ୟ ରଖିଛି। ଭୁବନେଶ୍ୱରଠାରେ ରାହୁଲ କଂଗ୍ରେସ ନେତା ଓ କର୍ମୀଙ୍କୁ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ଥିବାବେଳେ ପୁରୀଠାରେ ବିଶାଳ ଚାଷୀ ସମାବେଶ କରିବାକୁ ବିଜେଡି ଯୋଜନା କରିଛି। ଏହି ସମାବେଶରେ ଲକ୍ଷେ ଲୋକଙ୍କୁ ଏକାଠି କରିବା ଲାଗି ଦଳର ସଭାପତି ଦଳୀୟ ନେତାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିକ୍ରମରେ ପୁରୀ ଜିଲାରେ ଯାଉଥିବା ବିଭିନ୍ନ ନିର୍ବାଚନମଣ୍ଡଳୀ ବିଧାୟକମାନଙ୍କୁ ୪୦ହଜାର କର୍ମୀଙ୍କୁ ଏକାଠି କରିବାର ଲକ୍ଷ୍ୟ ଦିଆଯାଇଛି। ସେହିପରି ଅବିଭକ୍ତ କୋରାପୁଟ ଜିଲାକୁ ୩୦ହଜାର କର୍ମୀଙ୍କୁ ଏକାଠି କରିବାକୁ ଲକ୍ଷ୍ୟ ଦିଆଯାଇଛି। ସେହିପରି ରାଜ୍ୟର ଅନ୍ୟ ଜିଲାଗୁଡିକୁ ମିଶାଇ ୩୦ହଜାର କର୍ମୀ ଆଣିବା ପାଇଁ ନିର୍ଦ୍ଦେଶ ଥିବା ପୁରୀ ଜିଲାର ଜଣେ ବିଧାୟକ ସୂଚନା ଦେଇଛନ୍ତି। କାଳିଆ ହିତାଧିକାରୀଙ୍କ ଆକାଉଣ୍ଟକୁ ଟଙ୍କା ବାଣ୍ଟିବେ ବୋଲି ଜଣାପଡିଛି। ଶାସକ ଦଳର ଏଭଳି କାର୍ଯ୍ୟକ୍ରମ ଦ୍ୱାରା ରାହୁଲ ଗାନ୍ଧୀଙ୍କ ସଭା ବିଫଳ କରିବା ମୁଖ୍ୟ ଉଦ୍ଦେଶ୍ୟ ବୋଲି ଚର୍ଚ୍ଚା ହେଉଛି। ଶାସକ ଦଳର ଜଣେ ବିଧାୟକଙ୍କ କହିବାନୁଯାୟୀ, ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ସମୟରେ ଦଳ ପକ୍ଷରୁ ସମାନ୍ତରାଳ ସଭା ହୋଇଛି। ତେଣୁ କଂଗ୍ରେସ କାର୍ଯ୍ୟକ୍ରମ ସମୟରେ ଏଭଳି ସମାବେଶ ଜରୁରୀ ଥିଲା। ଯଦି ସେଦିନ କାଳିଆ ଯୋଜନାର ହିତାଧିକାରୀଙ୍କୁ ଟଙ୍କା ଦିଆଯିବା ଖବର ଯିବ ତେବେ ରାହୁଲଙ୍କ ସଭାକୁ ଆପେ ଲୋକେ ନ ଯାଇ ଏଠାକୁ ଆସିବେ ବୋଲି ସେ କହିଛନ୍ତି।

■ ବାଣୀବିହାର କ୍ୟାମ୍ପସରେ ଚୋରି ବଢୁଛି

# କୁଳପତିଙ୍କ ଅଫିସ ଆଗରେ ଛାତ୍ରଙ୍କ ବିକ୍ଷୋଭ



ବିଭିନ୍ନ ସମସ୍ୟା ନେଇ ଉତ୍କଳ ବିଶ୍ୱବିଦ୍ୟାଳୟର ଛାତ୍ରମାନେ ଗୁରୁବାର କୁଳପତିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଟାୟାର ଜାଳି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**ଭୁବନେଶ୍ୱର, ୧୭।୧(ବ୍ୟୁରୋ)**

ଉତ୍କଳ ବିଶ୍ୱବିଦ୍ୟାଳୟ (ବାଣୀବିହାର) କ୍ୟାମ୍ପସରେ ଦିନକୁ ଦିନ ଚୋରି ବଢୁଛି। ଛାତ୍ରମାନେ ବାଇକ କ୍ୟାମ୍ପସ ଭିତରେ ପାର୍କିଂ କରି କ୍ଲାସକୁ ଯାଇ ଫେରିବା ପରେ ବାଇକ ଚୋରି ହୋଇଯାଉଛି। କେବଳ ବାଇକ ଚୋରି ନୁହେଁ, ହଷ୍ଟେଲ ଭିତରୁ ଛାତ୍ରଙ୍କ ମୋବାଇଲ୍ ଓ ଲାପ୍‌ଟପ ମଧ୍ୟ ଚୋରି ହେଉଛି। ଏହିଭଳି ଅନେକ ସମସ୍ୟା ନେଇ ପିଜି ପ୍ରଥମ ବର୍ଷର ଛାତ୍ରମାନେ ଗୁରୁବାର ପୂର୍ବାହ୍ନ ପ୍ରାୟ ୧୧ଟାରେ କୁଳପତିଙ୍କ କାର୍ଯ୍ୟାଳୟ ଆଗରେ ଟାୟାର ଜାଳି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିକ୍ଷୋଭକାରୀ ଛାତ୍ରମାନେ କୌଣସି କର୍ମଚାରୀଙ୍କୁ କାର୍ଯ୍ୟାଳୟ ଭିତରକୁ ଛାଡ଼ି ନ ଥିଲେ। ଫଳରେ କିଛି ସମୟ ପାଇଁ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଖବରପାଇ ଶହୀଦନଗର ପୋଲିସ ପହଞ୍ଚି ଛାତ୍ରମାନଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ପରିସ୍ଥିତି ଶାନ୍ତ ପଡି ନ ଥିଲା। ଛାତ୍ରନେତା ଅଶୋକ କୁମାର ମଲିକଙ୍କ ନେତୃତ୍ୱରେ ଅନ୍ୟ ଛାତ୍ରମାନେ କୁଳପତିଙ୍କୁ ଏକ ଦାବିପତ୍ର ଦେଇଥିଲେ। କୁଳପତି ସୌମେନ୍ଦ୍ର ମୋହନ ପଟ୍ଟନାୟକ ଛାତ୍ରମାନଙ୍କ ସମସ୍ୟା ବିଷୟରେ ଅବଗତ ହେବା ପରେ ଖୁବ୍‌ଶୀଘ୍ର ଏହା ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଗୁରୁବାର ଅପରାହ୍ନରେ କୁଳପତିଙ୍କ ନେତୃତ୍ୱରେ ବିଶ୍ୱବିଦ୍ୟାଳୟର ଅନ୍ୟ ଅଧିକାରୀଙ୍କୁ ନେଇ ଏକ ବୈଠକ ବସିଥିଲା। ଛାତ୍ରମାନେ ଉଠାଇଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ହଷ୍ଟେଲ ରୁମ୍‌ରେ ସିସିଟିଭି ଲଗାଯିବ, ଏହାସହ କ୍ୟାମ୍ପସ ଭିତରେ ଥିବା ମେଡିକାଲରେ ଔଷଧ ଉପଲବ୍ଧ ହେବା ସହ ସୁରକ୍ଷାକୁ କଡାକଡି କରାଯିବ ବୋଲି କୁଳପତି କହିଛନ୍ତି।

ଛାତ୍ରନେତା ଅଶୋକ କୁମାର ମଲିକ କହିଛନ୍ତି, ପ୍ରତିଦିନ ଛାତ୍ରାବାସରୁ ପିଲାଙ୍କର ମୋବାଇଲ୍, ଲାପଟପ ଓ ବାଇକ ଚୋରି ହେଉଛି। ଏ ନେଇ ଥାନା କିମ୍ବା କୁଳପତିଙ୍କୁ ଜଣାଇଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। ସେହିପରି କ୍ୟାମ୍ପସରେ ଛାତ୍ରୀଛାତ୍ରଙ୍କ ଚିକିତ୍ସା ପାଇଁ ହସ୍ପିଟାଲ ଥିଲେ ମଧ୍ୟ ଡାକ୍ତର ନିୟମିତ ଆସୁନାହାନ୍ତି କି ଔଷଧ ମିଳୁନାହିଁ। ଅଣଛାତ୍ରମାନେ କ୍ୟାମ୍ପସ ଭିତରକୁ ପଶି ଛାତ୍ରଙ୍କୁ ଆକ୍ରମଣ କରୁଛନ୍ତି। ଏହି ସମସ୍ୟା ସମାଧାନ ନ ହେଲେ ପୁଣି ଛାତ୍ରମାନେ ଆନ୍ଦୋଳନ କରିବେ।

# ଓଡ଼ିଆ ଅଭିନେତ୍ରୀରୁ ମାତା ମାହେଶ୍ୱରୀ

**ଜୟପୁର, ୧୭।୧(ଡି.ଏନ୍.ଏ./ନି.ପ୍ର.)**

ଓଡ଼ିଆ ଚଳଚ୍ଚିତ୍ର ଓ ଆଲବମ୍ ଜଗତରେ ନିଜ ରୂପ ଓ ଅଭିନୟ ଦ୍ୱାରା ଏକଦା ଦର୍ଶକଙ୍କ ହୃଦୟ ଜିଣିଥିବା ଅଭିନେତ୍ରୀ ଶ୍ୱେତା ମଲ୍ଲିକ ଏବେ ସେଲିବ୍ରିଟିରୁ ଆତ୍ମଘୋଷିତ 'ମାତା ମାହେଶ୍ୱରୀ' ପାଲଟି ଯାଇଛନ୍ତି। ପରଦାରୁ ବହୁଦିନ ହେଲା ଉଭାନ୍ ଥିବା ଏହି ଅଭିନେତ୍ରୀ ଜଣକ ଏବେ ଆକସ୍ମିକ ଭାବେ ସନ୍ନ୍ୟାସିନୀ ରୂପରେ କୋରାପୁଟ ଜିଲା ଜୟପୁରରେ ଆବିର୍ଭାବ ହେବା ପରେ ତାଙ୍କୁ ନେଇ ଜୟପୁର ସହର ସମେତ ରାଜ୍ୟବ୍ୟାପୀ ଚର୍ଚ୍ଚା ଜୋର୍ ଧରିଛି। ତାଙ୍କ ବ୍ୟତୀତ ସମ୍ରାଟ କ୍ୟାସେଟ୍ କମ୍ପାନୀର ମାଲିକ ବିଶ୍ୱମ୍ଭର ସାବତ ମଧ୍ୟ ଆଧ୍ୟାତ୍ମିକ ପରିବର୍ତ୍ତନ କ୍ରମରେ ନିଜକୁ ବାବା ଅନନ୍ତ କେଶରୀ ସମ୍ରାଟ ବିଶ୍ୱମ୍ଭର ମହାରାଜ ରୂପେ ପରିଚୟ ଦେଉଛନ୍ତି। ଉଭୟ ନିଜକୁ ଦିବ୍ୟମହିଳା ଓ ପୁରୁଷ ଭାବେ ଆତ୍ମଘୋଷଣା କରିବା ସହ ଈଶ୍ୱରଙ୍କ ସହ ସେମାନେ ପ୍ରତ୍ୟକ୍ଷ ସମ୍ପର୍କରେ ଥିବା କହୁଛନ୍ତି।

କୋରାପୁଟ ଜିଲା ଜୟପୁରର ସୌରାଗୁଡ଼ାରେ ସିରିଡି ସାଇବାବା ମନ୍ଦିର ନିକଟରେ ଗତ ୧୧ ତାରିଖରୁ ବିଶ୍ୱଶାନ୍ତି ପାଇଁ କଳକୀ ମହାଯଜ୍ଞ ଚାଲିଛି। ପୁରୀରୁ ୫ରୁ ୬ ଜଣ ବ୍ରାହ୍ମଣ ବୈଦିକ ରୀତିନୀତିରେ ମନ୍ତ୍ର ଉଚ୍ଚାରଣ ସହ ହୋମଯଜ୍ଞ କରୁଛନ୍ତି । ଯଜ୍ଞସ୍ଥଳରେ ଥିବା କୁଟିରରେ ସପ୍ତଫେଣୀ ସର୍ପ ଫଣା ତଳେ ବାବା ଅନନ୍ତ କେଶରୀ ବିରାଜମାନ ଥିବାବେଳେ ପଦ୍ମଫୁଲ ଉପରେ ଆସୀନ ହୋଇଛନ୍ତି ମାତା ମାହେଶ୍ୱରୀ। ସେମାନଙ୍କ ଦର୍ଶନ ପାଇଁ ଦୈନିକ ବହୁ ଲୋକ ଆସୁଛନ୍ତି। ଭକ୍ତମାନେ ମାତା ଓ ବାବାଙ୍କ ଗୋଡ଼ ଧୋଇ ପୂଜା କରୁଛନ୍ତି। ଏ ସମ୍ପର୍କରେ ମାତା ଓ ବାବା କହିଛନ୍ତି, ୧୫ ବର୍ଷ ହେଲାଣି ସେମାନେ ସାଂସାରିକ ମୋହ ଛାଡ଼ି ଆଧ୍ୟାତ୍ମିକ ଚିନ୍ତା ଚେତନାରେ ଅନୁପ୍ରାଣିତ ହେବା ସହ ବିଶ୍ୱଶାନ୍ତି ପାଇଁ ହୋମଯଜ୍ଞ କରୁଛନ୍ତି। ଜୟପୁରରେ ୨୭ତମ ବିଶ୍ୱଶାନ୍ତି ଯଜ୍ଞ କରିବା ପାଇଁ ସେମାନଙ୍କୁ ଦିବ୍ୟବାଣୀ ହୋଇଥିଲା। ପୂର୍ବ ଯଜ୍ଞ ନେପାଳରେ ହୋଇଥିବା ବେଳେ ଆଗାମୀ ଯଜ୍ଞ ଶ୍ରୀଲଙ୍କାରେ ଆୟୋଜନ କରାଯିବ ବୋଲି ସେମାନେ କହିଥିଲେ। କିନ୍ତୁ କେତେକ ବ୍ୟକ୍ତି ସୋସିଆଲ ମିଡିଆରେ ତାଙ୍କୁ ନେଇ ଅପପ୍ରଚାର କରୁଥିବା ମାତାଜୀ ଓ ବାବା ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ସାଇବାବା ମନ୍ଦିରର ପୂଜକ ସାଗର ମିଶ୍ର କହିଛନ୍ତି, ହୋମଯଜ୍ଞ ନିଷ୍ଠାର ସହ କରାଯାଉଛି । ଏନେଇ କୌଣସି ଆପତ୍ତି ନାହିଁ; କିନ୍ତୁ ଉଭୟ ନିଜକୁ ଲକ୍ଷ୍ମୀନାରାୟଣଙ୍କ ଅବତାର ବୋଲି କହିବା ସନାତନ ଧର୍ମ ପ୍ରତି ଅପମାନ ବୋଲି ସେ ଅଭିଯୋଗ ଉଠାଇଛନ୍ତି।

ରୁପେଲି ପରଦାରେ ପ୍ରତିଷ୍ଠା ପାଇବା ପରେ ହଠାତ୍ ସେହି ମୋହ ଛାଡ଼ି ଆଧ୍ୟାତ୍ମିକତାର ମୋହରେ ପଡ଼ିବା ପ୍ରଥମ ନୁହେଁ। ପୂର୍ବରୁ ଓଡ଼ିଆ ଚଳଚ୍ଚିତ୍ର ଜଗତରେ ନାୟକ ଭାବେ ଦର୍ଶକଙ୍କ ହୃଦୟରେ ଏକଦା ଛାଇ ହୋଇ ରହିଥିବା ବିଗତ ଦିନର ଅଭିନେତା ଶ୍ରୀରାମ ପଣ୍ଡା ହଠାତ୍ ସ୍ୱାମୀ ନିତ୍ୟ ଚୈତନ୍ୟ ପାଲଟିଯିବା ସମସ୍ତଙ୍କୁ ବିସ୍ମିତ କରିଦେଇଥିଲା।



ମାତା ମାହେଶ୍ୱରୀ



ବାବା ଅନନ୍ତ କେଶରୀ

■ ଜୟପୁରରେ ଚାଲିଛି କଲ୍‌କୀ ମହାଯଜ୍ଞ
■ ପଦ୍ମ ଆସନରେ ବସିଛନ୍ତି ଆତ୍ମଘୋଷିତ ମାତା
■ କ୍ୟାସେଟ୍ କମ୍ପାନୀ ମାଲିକ ହେଲେ ବାବା ଅନନ୍ତ କେଶରୀ

**ସିୱେଜ୍ କମ୍ପାନୀ ମ୍ୟାନେଜର ହତ୍ୟା ମାମଲା**

# ୪ ଅଭିଯୁକ୍ତଙ୍କ ଜାମିନ ଆବେଦନ ଖାରଜ

**କଟକ ଅଫିସ, ୧୭।୧**

ସିୱେଜ୍ ଶିପିଂ କମ୍ପାନୀ ପରିଚାଳକ ମହେନ୍ଦ୍ର ସ୍ୱାଇଁ ହତ୍ୟା ମାମଲାରେ ୪ ଜଣ ଅଭିଯୁକ୍ତଙ୍କ ଜାମିନ ଆବେଦନ ହାଇକୋର୍ଟରେ ଖାରଜ ହୋଇଛି। ଏହି ଅଭିଯୁକ୍ତମାନେ ହେଲେ ଶିବ ପ୍ରସାଦ ଦାସ, ରାକେଶ ଚୋବେ, କାଦିର ଖାନ ଏବଂ ମହମ୍ମଦ ବବୁଲ। ଏମାନେ ଶିଳ୍ପପତି ମହିମାନନ୍ଦ ମିଶ୍ରଙ୍କ ସହଯୋଗୀ। ମହେନ୍ଦ୍ର ସ୍ୱାଇଁ ହତ୍ୟା ମାମଲାରେ ପୋଲିସ ମହିମାନନ୍ଦଙ୍କୁ ଗିରଫ କରିବା ପରେ ଏହି ୪ ଜଣଙ୍କ ନାମ ସାମ୍ନାକୁ ଆସିଥିଲା ଏବଂ ପରେ ସେମାନଙ୍କୁ ପୋଲିସ ଗିରଫ କରିଥିଲା। ନିମ୍ନ ଅଦାଲତରେ ଜାମିନ ଖାରଜ ହେବା ପରେ ଏମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ ମାମଲାର ଗୁରୁତ୍ୱ ଦୃଷ୍ଟିରୁ ଏମାନଙ୍କ ଜାମିନ ଆବେଦନକୁ ବିଚାରପତି ଜଷ୍ଟିସ ସଙ୍ଗମ କୁମାର ସାହୁ ଖାରଜ କରିଛନ୍ତି। ସରକାରଙ୍କ ପକ୍ଷରୁ ଆଡଭୋକେଟ ଦିଲୀପ କୁମାର ମିଶ୍ର ମାମଲା ପରିଚାଳନା କରୁଥିଲେ।

ଓଡ଼ିଶା ସରକାର
''ଓଡ଼ିଶା ଶକ୍ତିକ୍ଷେତ୍ରକୁ ସମୃଦ୍ଧ କରିବା ସହ ରାଜ୍ୟରେ ବିଦ୍ୟୁତ୍ ସେବାର ସୁପରିଚାଳନା ପାଇଁ କୁଶଳୀ ଏବଂ ଉତ୍କୃଷ୍ଟ ମାନବ ସମ୍ବଳ ନିୟୋଜିତ କରିବା ଆମର ଲକ୍ଷ୍ୟ ।''
ମୁଖ୍ୟମନ୍ତ୍ରୀ, ଓଡ଼ିଶା
ପ୍ରଶିକ୍ଷିତ ମାନବ ସମ୍ବଳ - ଉନ୍ନତମାନର୍ ସେବା
ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
OPTCL Lifeline of Odisha
ଆୟୋଜନ କରୁଛନ୍ତି
ନବନିଯୁକ୍ତ ଇଞ୍ଜିନିୟରଙ୍କ ପ୍ରଶିକ୍ଷଣ
ମୁଖ୍ୟ ଅତିଥି
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା
ସମ୍ମାନୀତ ଅତିଥି
ଶ୍ରୀଯୁକ୍ତ ସୁଶାନ୍ତ ସିଂ
ମାନ୍ୟବର ମନ୍ତ୍ରୀ, ଶକ୍ତି ଏବଂ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା
ତାରିଖ : ୧୮.୦୧.୨୦୧୯, ସମୟ : ପୂର୍ବାହ୍ନ ୧୧.୦୦ ଘ.
ସ୍ଥାନ : ଜୟଦେବ ଭବନ, ଭୁବନେଶ୍ୱର
Teamwork • Transparency • Technology
- ସ୍ଥାନୀୟ ଯୁବକ ଯୁବତୀମାନଙ୍କ ପାଇଁ ବ୍ୟାପକ ନିଯୁକ୍ତି ସୁଯୋଗର ସୃଷ୍ଟି
- ବିଗତ ୧୦ ବର୍ଷ ମଧ୍ୟରେ ୧୭୬୨ ଜଣ କର୍ମଚାରୀଙ୍କ ନିଯୁକ୍ତି
- ଅନଲାଇନ୍ କମ୍ପ୍ୟୁଟର ଆଧାରିତ ପରୀକ୍ଷା (CBT) - ପ୍ରଥମ ରାଜ୍ୟସରକାରୀ ଉଦ୍ୟୋଗ
- ସ୍ୱଚ୍ଛ ଏବଂ ତ୍ୱରାନ୍ୱିତ ନିଯୁକ୍ତି ପ୍ରକ୍ରିୟା ପାଇଁ ସମ୍ମାନୀତ
ଆମ ଘରେ ଏଲଇଡି ଆମ ପ୍ରଗତିର ଝଲକ
QUALITY POWER QUALITY LIFE
optcl.odisha optcl_odisha energyodisha

CLASSIFIED DISPLAY

ବାସ୍ ଦୁଃଖ ଏବେ ଆଉ ନୁହେଁ
ଦୁଃଖକୁ ଖୁସିରେ ପରିଣତ କରୁଥିବା ୭ ଦୈବୀଶକ୍ତି ଓ କଳା ବିଦ୍ୟାରେ ନିପୁଣ
୩ ଘଣ୍ଟାରେ ୧୦୦% ଗ୍ୟାରେଣ୍ଟି ସହ ସମାଧାନ
ଯଦି ଆପଣ କୌଣସି ସମସ୍ୟା କାରଣରୁ ଚିନ୍ତିତ ତେବେ ଏବେ ହିଁ ଫୋନ୍ କରି ଘରେ ବସି ସମାଧାନ କରନ୍ତୁ
ପ୍ରେମବିବାହ, ବିବାହରେ ବାଧା, ଗୃହକ୍ଲେଶ, ସଉତୁଣୀ ଓ ଶତ୍ରୁ ମୁକ୍ତି, ବ୍ୟବସାୟରେ ବନ୍ଧନକୁ ଖୋଲାନ୍ତୁ, ପୋତା ଧନ, ଜୁଆ-ସଟ୍ଟା, ଭୂତ-ପ୍ରେତ, ଯାଦୁ-ଟୋନା, ସ୍ୱାମୀ-ସ୍ତ୍ରୀ ଝଗଡ଼ା, ମନ ଚାହୁଁଥିବା ପ୍ରେମ, ରୋଗରେ ଔଷଧ କାମ ନ କରିବା, ପୁରୁଣା ଯନ୍ତ୍ରଣା, ବିଦେଶ ଯାତ୍ରା, ପିଲାମାନଙ୍କ ସମସ୍ୟା, କୋର୍ଟ କେସ୍, ଫିଲ୍ମ, ମଡେଲିଂ କ୍ୟାରିୟର୍‌ରେ ସଫଳତା।
ବଶୀକରଣ ତନ୍ତ୍ର-ମନ୍ତ୍ର ସଉତୁଣୀ ଓ ଶତ୍ରୁ ମୁଠକରଣୀ
ଆପଣଙ୍କ ଝିଅକୁ ଆପଣଙ୍କ ଜ୍ୱାଇଁ କିମ୍ବା କେହି ବାହାର ଲୋକ, ଶ୍ୱଶୁର ଘର ଲୋକେ ହଇରାଣ କରୁଛନ୍ତି କି?
ସ୍ପେ. ବଶୀକରଣ, ମୁଠକରଣୀ ଓ କଳାଯାଦୁ
ବାବା ଆଲାଉଦ୍ଦିନ ବଙ୍ଗାଲି
ରେଳ ଷ୍ଟେଶନ ନିକଟ
9654724520
9990987786

FOR ALL YOUR QUERIES : 9238008828
LASER & COSMETIC SURGERY CLINIC
ASHWINI HOSPITAL
SEC.-1, CDA, CUTTACK,
BEFORE AFTER
RHINOPLASTY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋତାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଏକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆପଣଙ୍କ ଝିଅକୁ ଆପଣଙ୍କ ଜ୍ୱାଇଁ କିମ୍ବା ବାହାରର କେହି ଲୋକ, ଶାଶୁଘର ଲୋକେ ହଇରାଣ କରୁଛନ୍ତି କି?
9810599425 9971793786

ଯଦି ସମାଧାନ ଅଛି, ତେବେ ଚିନ୍ତା କାହିଁକି ?
ଜୟ ସାଇ ରାମ
ସମସ୍ୟା ଆପଣଙ୍କ ହେବ, ସମାଧାନ ଆମେ କରିବୁ....
ତାନ୍ତ୍ରିକ ଜ୍ୟୋତିଷ ବାଦଶାହ ବାବା ଜାହିର ଖାନ୍ କେବଳ ଗୋଟିଏ ଥର
ଓଁ ସାଇଁ ନମଃ
କଳା ଓ ଖରାପ ଆତ୍ମାର ବେତାଜ ବାଦ୍‌ଶାହ
ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଘରେବସି ଗୋଟିଏ କଲ୍‌ରେ ହିଁ ସମାଧାନ
ବଶୀକରଣ, ପ୍ରେମବିବାହ, ସଉତୁଣୀ ଓ ଶତ୍ରୁଠାରୁ ମୁକ୍ତି , ପୋତା ଧନ, ବ୍ୟବସାୟରେ ବାଧା, ଶୁଭ ଯାତ୍ରା, ଗୃହକ୍ଲେଶ, କଳା ଯାଦୁ, କରି କରାଉଥିବା, ପିଲା ନହେବା, ବନ୍ଧ୍ୟା ଦୋଷ
ଫିସ୍ ନୁହ ପୁରଷ୍କାର ନେବି । ସମସ୍ୟା ନୁହଁ ସମାଧାନ ଦେବି
ସାକ୍ଷାତ କରନ୍ତୁ କିମ୍ବା ଫୋନ୍ କରନ୍ତୁ
ବଶୀକରଣ ସ୍ପେ. ମୁଠାକରଣୀ
ବାବା ଜାହିର ଖାନ୍
ବରମୁଣ୍ଡା ବସ୍‌ଷ୍ଟାଣ୍ଡ, ଭୁବନେଶ୍ୱର
ନୋଟ୍ - ପ୍ରେମରେ ଧୋକା ଖାଇଥିବା ପୁଅ ଓ ଝିଅ ନିହାତି ଫୋନ୍ କରନ୍ତୁ
7557475200 7065574718



ନିଜ ଦେଢ଼ବର୍ଷର ଶିଶୁକନ୍ୟାକୁ ହତ୍ୟା କରିବା ଅଭିଯୋଗରେ ବିହାରର ଜଣେ ମହିଳାଙ୍କୁ ଅଦାଲତ ଆଜୀବନ କାରାଦଣ୍ଡାଦେଶ ଦେଇଛନ୍ତି। ୫ବର୍ଷ ତଳେ ମହିଳା ଜଣକ ନିଜ ଶିଶୁକନ୍ୟାକୁ ହତ୍ୟା କରିଥିଲେ। ଅତିରିକ୍ତ ଜିଲା ସେସନ୍ସ ଜଜ୍ ବିଜୟ ଆନନ୍ଦ ତିୱାରି ସବିନା ଖାତୁନ୍ ନାମକ ଏହି ମହିଳାଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହିତ ୧୫,୦୦୦ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ଗୋଟିଏ ପଡ଼ିଆରେ ୨ 'ପିଠା' କାର୍ଯ୍ୟକ୍ରମ



ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ ଦ୍ୱାରା ଆୟୋଜିତ ପିଠା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।



ସରପଞ୍ଚଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଭଦ୍ରକ ଅଫିସ, ୧୭।୧ – ଭଦ୍ରକ ଜିଲା ସଦର ବ୍ଲକ ଅନ୍ତର୍ଗତ ବେନ୍ତାଳ ପଞ୍ଚାୟତ କେଶପୁରସ୍ଥିତ କାଶଲପୁର ପଡ଼ିଆରେ ଗୁରୁବାର ୨ଟି 'ପିଠା' କାର୍ଯ୍ୟକ୍ରମ ପୃଥକ୍ ଭାବେ ଅନୁଷ୍ଠିତ ହୋଇଥିଲା। ଗୋଟିଏ ମଞ୍ଚରେ ସରପଞ୍ଚ, କେତେକ କର୍ମୀ ଓ ବ୍ଲକ କୃଷି ଅଧିକାରୀ ମଞ୍ଚାସୀନ ହୋଇଥିବା ବେଳେ ଅନ୍ୟ ଏକ ମଞ୍ଚରେ ବିଡିଓ, ସମିତିସଭ୍ୟ ଓ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଦୁଇ ପେଣ୍ଡାଲ ମୁହାଁମୁହିଁ ଅବସ୍ଥାରେ ମାତ୍ର ୨୦ ମିଟର ଦୂରତାରେ ହୋଇଥିବାରୁ ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି ମଝିରେ ଭଦ୍ରକ ଗ୍ରାମାଞ୍ଚଳ ଥାନା ପୋଲିସ ମୁତୟନ ହୋଇଥିଲେ। ଗୋଟିଏ ପଞ୍ଚାୟତରେ ୨ଟି ପିଠା କାର୍ଯ୍ୟକ୍ରମ ହୋଇଥିବାରୁ ସରକାରୀ ଅଫିସର ଓ

## ପଦାରେ ପଡ଼ିଲା ଗୋଷ୍ଠୀକନ୍ଦଳ

ଗ୍ରାମାଞ୍ଚଳ ଲୋକଙ୍କ ମଧ୍ୟରେ ଗୋଷ୍ଠୀକନ୍ଦଳ ପଦାରେ ପଡ଼ିଛି। ଗୋଟିଏ ପଡ଼ିଆରେ ଦୁଇଟି ସମାନ୍ତରାଳ ପିଠା କାର୍ଯ୍ୟକ୍ରମ ଚର୍ଚ୍ଚାର ବିଷୟ ହୋଇଛି। ଗୋଟିଏ ମଞ୍ଚରେ ବେନ୍ତାଳ ସରପଞ୍ଚ ଶଶଧର ନାୟକ ଓ ଅନ୍ୟ ଏକ ମଞ୍ଚରେ ଭଦ୍ରକ ପଞ୍ଚାୟତ ସମିତି ଅଧ୍ୟକ୍ଷ ରଘୁନାଥ ଧଳ ସଭାପତିତ୍ୱ କରିଥିଲେ। ଉଭୟ ସଭାରେ ସରକାରଙ୍କ ବିଭିନ୍ନ ଯୋଜନାର ହିତାଧିକାରୀଙ୍କୁ ଭତ୍ତା ସାଙ୍ଗକୁ ଅନ୍ୟାନ୍ୟ ସହାୟତା ବଣ୍ଟନ କରାଯାଇଥିଲା। ଏ ସମ୍ପର୍କରେ ଜିଲାପାଳ ଜ୍ଞାନରଞ୍ଜନ ଦାସ ଏଭଳି ପୃଥକ୍ ପିଠା କାର୍ଯ୍ୟକ୍ରମ କରାଯିବା ଘଟଣାର ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ଆକ୍ରମଣରେ ଦୁଇ...



ଲୋକଙ୍କ ଦ୍ୱାରା ରାସ୍ତା ଅବରୋଧ ।

ଏହି ସମୟରେ ସ୍ଥାନୀୟ ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିବାରୁ ସେ ନିକଟରେ ଥିବା ଏକ ଖାତରେ ପଶି କୁଆଡ଼େ ଛପି ଯାଇଥିଲେ। ସମ୍ପୃକ୍ତ ଯୁବକ ମସ୍ତିଷ୍କ ବିକୃତ ଭାବି ଥାନା ଅଧିକାରୀ ସେଠାରୁ ଚାଲି ଯାଇଥିଲେ। ଏହାର କିଛି ସମୟ ପରେ ନିରଞ୍ଜନ ନିକଟରେ ଥିବା ଏକ କ୍ଲିନିକ ଭିତରେ ପଶି ଯାଇଥିଲେ। ସେଠାରେ ଝିଅ ପାଖକୁ ଆସିଥିବା ବୃଦ୍ଧା ବଦନୀଙ୍କୁ ନିରଞ୍ଜନ ହଠାତ ଆକ୍ରମଣ କରିଥିଲେ। ଏକ ଠେଙ୍ଗାରେ ବଦନୀଙ୍କ ମୁଣ୍ଡକୁ ପିଟି ଦେଇଥିଲେ। ଫଳରେ ଘଟଣାସ୍ଥଳରେ ବୃଦ୍ଧା ବଦନୀ ଟଳିପଡ଼ିଥିଲେ। ମା'ର ଚିତ୍କାର ଶୁଣି ଝିଅ ସୁଲୋଚନା(୪୫) ଦୌଡି ଆସିବାରୁ ତାଙ୍କୁ ମଧ୍ୟ ନିରଞ୍ଜନ ଗୋଡାଇ ଗୋଡାଇ ମରଣାନ୍ତକ ଆକ୍ରମଣ କରିଥିଲେ। ସୁଲୋଚନାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରାଯାଇ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରୁ ନୟାଗଡ଼ ଡାକ୍ତରଖାନା ଓ ପରେ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଛି। ସୁଲୋଚନାଙ୍କୁ ଆକ୍ରମଣ ପରେ ନିରଞ୍ଜନ ଦୌଡି ଆସି ଗଣେଶ ବଜାରର ରାତ୍ର ଜଗୁଆଳିଙ୍କୁ କାଠଫାଳିଆରେ ଆକ୍ରମଣ କରୁଥିବାବେଳେ ତାଙ୍କ ପାଟି ଶୁଣି ନିକଟସ୍ଥ କୃଷକ ବଜାରର ରାତ୍ର ଜଗୁଆଳି ତ୍ରିଲୋଚନ ସେଠାରେ ପହଞ୍ଚିଥିଲେ। ତ୍ରିଲୋଚନଙ୍କୁ ଦେଖି ତାଙ୍କୁ ମଧ୍ୟ ନିରଞ୍ଜନ କାଠଫାଳିଆରେ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ତ୍ରିଲୋଚନଙ୍କୁ ପ୍ରଥମେ ସ୍ଥାନୀୟ ଡାକ୍ତରଖାନା ଓ ପରେ ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ନିରଞ୍ଜନଙ୍କ ଆକ୍ରମଣ ଏତିକିରେ ଶେଷ ହୋଇ ନ ଥିଲା। ତ୍ରିଲୋଚନଙ୍କୁ ଆକ୍ରମଣ ପରେ ନିରଞ୍ଜନ ମନ୍ଦିର ରାସ୍ତାରେ ଦୌଡିଯାଇ ନିତ୍ୟାନନ୍ଦ ସାହିର ଅମୂଲୀ ବାରିକ(୪୨)ନାମ୍ନୀ ମହିଳାଙ୍କୁ ମଧ୍ୟ ପଥର ଖଣ୍ଡରେ ମରଣାନ୍ତକ ଆକ୍ରମଣ କରିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ସ୍ଥାନୀୟ ହସ୍ପିଟାଲ ଓ ପରେ କଟକ ସ୍ଥାନାନ୍ତର କରାଯାଇଛି। ସେଠାରୁ ନିରଞ୍ଜନ ପାଇକ ସାହିରେ ଥିବା ଜଣକ ଗାଧୁଆ ଘରେ ପଶିଯିବା ପରେ ପୋଲିସ ତାଙ୍କୁ କାବୁ କରିବାକୁ ଉଦ୍ୟମ କରିଥିଲା। ଏତିକିବେଳେ ଆକ୍ରମଣକାରୀ ଥାନା ଅଧିକାରୀ ପଣ୍ଡାଙ୍କ ଉପରକୁ ଟେକା ଫିଙ୍ଗିବାରୁ ଏଥିରେ ସେ ଆହତ ହୋଇଥିଲେ। ନିରଞ୍ଜନଙ୍କୁ ଧରିବା ପାଇଁ ପୋଲିସକୁ ନାକେଦମ ହେବାକୁ ପଡିଥିଲା। ଭୋର ବେଳକୁ ସେ ଏକ ଧାନ କଳେଇ ଉପରକୁ ଚଢି ଯିବାରୁ ପୋଲିସ, ଫାୟାର କର୍ମଚାରୀ ଓ ସ୍ଥାନୀୟ ଲୋକେ ତାଙ୍କୁ ମିଳିତ ଭାବେ କାବୁ କରିବାପରେ ପୋଲିସ ତାଙ୍କୁ ହେପାଜତକୁ ନେଇଥିଲା। ଏହି ଘଟଣାକୁ ନେଇ ସ୍ଥାନୀୟଲୋକେ ଉତ୍ତ୍ୟକ୍ତ ହୋଇ ଆଇଆଇସିଙ୍କ ନିଲମ୍ବନ, ମୃତକଙ୍କ ପରିବାରକୁ ୧୦ଲକ୍ଷ ଟଙ୍କା କ୍ଷତିପୂରଣ ଦାବିରେ ଭୋର ୬ଟାରୁ ସହରର ବିଭିନ୍ନ ସ୍ଥାନରେ ୨୧ନମ୍ବର ରାଜ୍ୟ ରାଜପଥରେ ନିଆଁ ଲଗାଇ ଅବରୋଧ କରିଥିଲେ। ଘଟଣାସ୍ଥଳରେ ଶରଣକୁଳ ଏସଡିପିଓ ନାରାୟଣ ଚନ୍ଦ୍ର ବାରିକ, ଅତିରିକ୍ତ ଏସ୍‌ପି ଦିଲୀପ କୁମାର ସାହାଣୀ, ଉପ ଜିଲାପାଳ ଜିତେନ୍ଦ୍ର କୁମାର ସାହୁ ଓ ତହସିଲଦାର ପ୍ରମୋଦ କୁମାର ନାୟକ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ମୃତକଙ୍କ ପରିବାରକୁ ରେଡକ୍ରସ ପାଣ୍ଠିରୁ ଅନୁକମ୍ପା ରାଶି ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେବା ପରେ ଅପରାହ୍ନ ୩ଟାରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଥିବା ବେଳେ ଏନେଇ ଏକ ମାମଲା (ନଂ.୩/୧୯) ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

### ସିବିଆଇରୁ ଅସ୍ଥାନା ...

ପରେ ତଦନ୍ତକାରୀ ସଂସ୍ଥାର ଅନେକ ଭିତିରି ଗୁମର ବାହାରକୁ ଆସିଥିଲା। ଜାନୁୟାରୀ ୮ରେ ସୁପ୍ରିମକୋର୍ଟ ବର୍ମାଙ୍କୁ ସିବିଆଇ ନିର୍ଦ୍ଦେଶକ ଭାବେ ପୁନଃ ଅବସ୍ଥାପିତ କରିବାର ଦିନକ ପରେ ଚୟନ କମିଟି ତାଙ୍କୁ ପଦଚ୍ୟୁତ କରିଥିଲା। ଏହାର ସପ୍ତାହେ ପରେ ଗୁଜରାଟ କ୍ୟାଡର୍ ଭାରତୀୟ ପ୍ରଶାସନିକ ସେବା (ଆଇପିଏସ୍) ଅଧିକାରୀ ରାକେଶ ଅସ୍ଥାନାଙ୍କୁ ପଦ ହରାଇବାକୁ ପଡ଼ିଛି। ତାଙ୍କ ସହ ସିବିଆଇର ଯୁଗ୍ମ ନିର୍ଦ୍ଦେଶକ ଅରୁଣ କୁମାର ଶର୍ମା, ଡିଆଇଜି ମନୀଷ କୁମାର ସିହ୍ନା ଓ ଏସ୍‌ପି ଜୟନ୍ତ ଜେ. ନାଏକନାଭରେଙ୍କ କାର୍ଯ୍ୟକାଳ ହ୍ରାସ କରାଯାଇଥିବା କାର୍ମିକ ମ ନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ନିର୍ଦ୍ଦେଶନାମାରେ କୁହାଯାଇଛି।

ଅନ୍ତର୍ବିବାଦ ଲାଗିରହିଥିବାବେଳେ ଅସ୍ଥାନାଙ୍କ ବିରୋଧରେ ସିବିଆଇ ଏକ ଦୁର୍ନୀତି ମାମଲା ରୁଜୁ କରିଥିଲା। ଇତିମଧ୍ୟରେ ସରକାର ଏମ୍. ନାଗେଶ୍ୱର ରାଓଙ୍କୁ ସିବିଆଇର ଅନ୍ତରୀଣ ମୁଖ୍ୟ ଭାବେ ନିଯୁକ୍ତ କରିଥିଲେ। ସେତେବେଳେ ଅସ୍ଥାନାଙ୍କ ବିରୋଧରେ ମାମଲାର ତଦନ୍ତ କରୁଥିବା ସିହ୍ନାଙ୍କୁ ସିବିଆଇ ମୁଖ୍ୟାଳୟରୁ ନାଗପୁରକୁ ନାଗେଶ୍ୱର ବଦଳି କରିଥିଲେ। ସେପଟେ ବର୍ମା ପୁଣିଥରେ କାର୍ଯ୍ୟରେ ଯୋଗଦେଇ ନାଗେଶ୍ୱରଙ୍କ ବଦଳି ଆଦେଶକୁ ରଦ୍ଦ କରିଦେଇଥିଲେ। ସିହ୍ନା ନିଜ ବଦଳି ଆଦେଶକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ସେ ଦାଏର କରିଥିବା ପିଟିଶନ ଜରିଆରେ ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ ଡୋଭାଲ, କେନ୍ଦ୍ରମନ୍ତ୍ରୀ ହରିଭାଇ ପାର୍ଥିଭାଇ ଚୌଧୁରୀ ଓ କେନ୍ଦ୍ରୀୟ ଭିଜିଲାନ୍ସ କମିଶନର କେ.ଭି. ଚୌଧୁରୀଙ୍କ ନାମକୁ ବିବାଦକୁ ଟାଣିଥିଲେ। ଅସ୍ଥାନାଙ୍କ ବିରୋଧରେ ତଦନ୍ତରେ ଏମାନେ ହସ୍ତକ୍ଷେପ କରିବାକୁ ଉଦ୍ୟମ କରୁଥିବା ସିହ୍ନା କହିଥିଲେ। ଶେଷରେ ସିବିଆଇର ଦୁଇ ପୂର୍ବତନ ଶୀର୍ଷ ଅଧିକାରୀଙ୍କ ବିବାଦରେ ଛନ୍ଦିହୋଇ ସିହ୍ନାଙ୍କୁ ବିଦା ହେବାକୁ ପଡ଼ିଛି। ଅନ୍ୟପକ୍ଷରେ ବର୍ମାଙ୍କ ଘନିଷ୍ଠ କୁହାଯାଉଥିବା ଶର୍ମା ମଧ୍ୟ ଏହି ତିକ୍ତତାପୂର୍ଣ୍ଣ ଘଟଣାକ୍ରମରେ ସମ୍ପୃକ୍ତ ଥିବାରୁ ତାଙ୍କୁ ହଟାଇ ଦିଆଯାଇଛି। ଅସ୍ଥାନା ଓ ଶର୍ମା ଗୁଜରାଟ କ୍ୟାଡର ଆଇପିଏସ୍ ଅଧିକାରୀ ହୋଇଥିବାବେଳେ ସିହ୍ନା ୨୦୦୦ ବ୍ୟାଚ୍‌ର ଆନ୍ଧ୍ରପ୍ରଦେଶ କ୍ୟାଡର ଅଧିକାରୀ। ନାଏକନାଭରେ ୨୦୦୪ ବ୍ୟାଚ୍ ମହାରାଷ୍ଟ୍ର କ୍ୟାଡର ଅଧିକାରୀ। ସିବିଆଇର ନୂତନ ନିର୍ଦ୍ଦେଶକ ଚୟନ ପାଇଁ ଆସନ୍ତା ୨୪ରେ ଉଚ୍ଚକ୍ଷମତାସମ୍ପନ୍ନ କମିଟି ବୈଠକ ବସିବ।

## ସଂକ୍ଷେପରେ

### ଆଇଆଇପିଏର ମୁଖ୍ୟ ହେଲେ ସୁରେନ୍ଦ୍ର ନାଥ

ଭୁବନେଶ୍ୱର, ୧୭।୧(ବ୍ୟୁରୋ):୧୯୮୫ ମସିହା ବ୍ୟାଚ୍‌ର ଆଇଏଏସ୍ ଅଫିସର ସୁରେନ୍ଦ୍ର ନାଥ ତ୍ରିପାଠୀ ଭାରତୀୟ ସାଧାରଣ ପ୍ରଶାସନ ସଂସ୍ଥାନ (ଆଇଆଇପିଏ)ର ନୂଆ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ନେଇଛନ୍ତି। ଏହାସହ ସୁରେନ୍ଦ୍ର ନାଥ କେନ୍ଦ୍ର ସଂସଦୀୟ ବ୍ୟାପାର ସଚିବ ଅଛନ୍ତି। ଫେବୃୟାରୀ ୧୯ରୁ ସେ ଆଇଆଇପିଏର ମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିବେ।

### ଆମେରିକାରେ ଦୁର୍ଦ୍ଦଶା ଭୋଗୁଛନ୍ତି ଏଚ୍-୧ବି ଭିଜାଧାରୀ

ୱାଶିଂଟନ,୧୭।୧- ଏଚ୍-୧ବି ଭିଜା ମାଧ୍ୟମରେ ଆମେରିକାରେ କାମକରିବା ଲାଗି ସ୍ୱପ୍ନ ଦେଖୁଥିବା ଯୁବତୀଯୁବକମାନେ ଆମେରିକାର ଥିଙ୍କଟ୍ୟାଙ୍କ ସାଉଥ ଏସିଆ ସେଣ୍ଟର ଅଫ୍ ଦ ଆଟ୍‌ଲାଣ୍ଟିକ କାଉନସିଲ୍‌ର ରିପୋର୍ଟ ଥରେ ପଢ଼ି ନେବା ଉଚିତ୍ ହେବ। ଆମେରିକାରେ ଏଚ୍-୧ବି ଭିଜାଧାରୀମାନେ ଅତ୍ୟନ୍ତ ଦୁର୍ଦ୍ଦଶାଭିତରେ କାମ କରୁଛନ୍ତି ଏବଂ ଦୟନୀୟ ଜୀବନଯାପନ କରୁଛନ୍ତି ବୋଲି ଥିଙ୍କଟ୍ୟାଙ୍କ ପକ୍ଷରୁ ଏକ ରିପୋର୍ଟ ପ୍ରକାଶ କରାଯାଇଛି। ଏଥିରେ କୁହାଯାଇଛି ଯେ, ଏଚ୍-୧ବି ଭିଜାଧାରୀଙ୍କୁ ଆମେରିକାର ଚଳଣି ହିସାବରେ କମ ଦରମା ଦିଆଯାଉଛି। ସେମାନେ ଉତ୍ପୀଡନର ଶୀକାର ହେବାର ଆଶଙ୍କା ରହିଥାଏ। ସେମାନଙ୍କ ଲାଗି କର୍ମସ୍ଥଳୀରେ ପରିସ୍ଥିତି ଠିକ୍ ନଥାଏ। ଏଭଳି ଭିଜାଧାରକଙ୍କ ଲାଗି ବେତନ ବୃଦ୍ଧି କରିବାକୁ କାଉନସିଲ୍ ପକ୍ଷରୁ ଦାବି କରାଯାଇଛି। ଏହାଛଡ଼ା ସେମାନଙ୍କୁ ଆବଶ୍ୟକୀୟ ରୋଜଗାର ଅଧିକାର ଦେବା ଲାଗି ମଧ କୁହାଯାଇଛି। ଏହି ରିପୋର୍ଟକୁ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର ରୋନ ହୀରା ଓ ସାଉଥ ଏସିଆ ସେଣ୍ଟର ଅଫ୍ ଦ ଆଟଲାଣ୍ଟିକ କାଉନସିଲର ମୁଖ୍ୟ ଭରତ ଗୋପାଳସ୍ୱାମୀ ପ୍ରସ୍ତୁତ କରିଛନ୍ତି। ବର୍ତ୍ତମାନର ବ୍ୟବସ୍ଥା ଯୋଗୁ ଆମେରିକୀୟଙ୍କ କ୍ଷତିହେବା ସହିତ ଉକ୍ତ ଭିଜାଧାରୀଙ୍କ ପ୍ରତି ଦୁର୍ବ୍ୟବହାର ହେବାର ଆଶଙ୍କା ସର୍ବଦା ରହିଥାଏ। ସେମାନଙ୍କୁ ଅଧିକାର ମିଳିଲେ ଜୀବନରେ ପରିବର୍ତ୍ତନ ହେବା ସହିତ ଆମେରିକୀୟ କର୍ମଚାରୀଙ୍କୁ ମଧ ଭଲ ସୁରକ୍ଷା ମିଳିବ।

### ମୁଖ୍ୟମନ୍ତ୍ରୀଙ୍କୁ ଅଙ୍ଗନୱାଡି କର୍ମୀଙ୍କ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୧୭।୧(ବ୍ୟୁରୋ):ଅଙ୍ଗନୱାଡି କର୍ମୀ ଓ ସହାୟିକାମାନଙ୍କ ଦରମା, ଅବସର ବୟସସୀମା, ପଦୋନ୍ନତି, ଅବସର କାଳୀନ ସହାୟତା, ଗ୍ରୀଷ୍ମକାଳୀନ ଛୁଟି ବୃଦ୍ଧି କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ନେଇଥିବା ନୀତିଗତ ନିଷ୍ପତ୍ତିକୁ ସ୍ୱାଗତ କରିଛି ଅଲ୍ ଓଡ଼ିଶା ଅଙ୍ଗନୱାଡି କର୍ମୀ ଓ ସହାୟିକା ସାମ୍ମୁଖ୍ୟ । ଗୁରୁବାର ୟୁନିଟ୍ ୬ରୁ ସାମ୍ମୁଖ୍ୟର ଏକ ବିଶାଳ ଶୋଭାଯାତ୍ରା ନବୀନ ନିବାସ ଯାଇ ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଏଥିସହ କେନ୍ଦ୍ରର ଅବିଚାରକୁ ସାମ୍ମୁଖ୍ୟ ତୀବ୍ର ସମାଲୋଚନା କରିଛି । କେନ୍ଦ୍ର ସରକାର ଦେଶର ୨୫ଲକ୍ଷ ଅଙ୍ଗନୱାଡି କର୍ମୀ ଓ ସହାୟିକାକୁ ପ୍ରତାରିତ କରିଆସୁଛନ୍ତି ବୋଲି ସାମ୍ମୁଖ୍ୟ ପକ୍ଷରୁ ଅଭିଯୋଗ କରାଯାଇଛି। ରାଜ୍ୟ ସରକାର ୭୫ଶହ ଟଙ୍କାରୁ ୪୮ଶହ ଟଙ୍କା ପ୍ରଦାନ କରୁଛନ୍ତି। କେନ୍ଦ୍ର ଯଦି ୬୦:୪୦ ଅନୁପାତରେ ଅର୍ଥ ପ୍ରଦାନ କରୁଥାନ୍ତେ ତେବେ ଏହି ଭତ୍ତା ରାଶି ୧୦ ହଜାର ଟଙ୍କାରେ ପହଞ୍ଚିପାରନ୍ତା ବୋଲି ସାମ୍ମୁଖ୍ୟ ପକ୍ଷରୁ କୁହାଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏମନ୍ତ ଭାବରେ କହି ଯାଉଥିବ,**
**କେହି ନ ବୋଲିବେ ଝୁଟ୍,**
**ଏମନ୍ତ ଭାବରେ ବସି ଯାଉଥିବ**
**କେହି ନ ବୋଲିବେ ଉଠ୍ ।**

କଥା କହିବାରେ ସଂଯମତା ତଥା ବସାଉଠା କରିବାରେ ଯଥାର୍ଥତା ଅବଲମ୍ବନ କରିବା ସର୍ବଦା ଉଚିତ। ସ୍ଥାନ କାଳ ପାତ୍ର ଅନୁସାରେ କହିବା ଏବଂ ବସିବା ଶୋଭନୀୟ ହୋଇଥାଏ। ସ୍ଥଳ ବିଶେଷରେ ଏହିଭଳି ସ୍ୱଭାବ ପ୍ରଶଂସନୀୟ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଏଣୁ ମାଇଲେ ଗୋ-ହତ୍ୟା,**
**ତେଣୁ ମାଇଲେ ବ୍ରହ୍ମହତ୍ୟା ।**

ବେଳେ ବେଳେ ବ୍ୟକ୍ତି ଦୋ ସନ୍ଧିରେ ପଡ଼ିଯାଇଥାଏ। କେଉଁଟା କରିବ ବା କେଉଁଟା ଛାଡ଼ିବ ତା'ର କୂଳକିନାରା ପାଇ ନ ଥାଏ କି ସମୟୋପଯୋଗୀ ନିଷ୍ପତ୍ତି ନେବାରେ ବୁଦ୍ଧିବାଟ ଦିଶି ନ ଥାଏ। ବିଷମ ସମସ୍ୟାର ସମ୍ମୁଖୀନ ହେବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ପୁଣି ବଢ଼ିଲା ଶୀତ

ଭୁବନେଶ୍ୱର,୧୭।୧(ବ୍ୟୁରୋ)-ରାଜ୍ୟରେ ଶୀତ ହ୍ରାସ ପାଇଥିବା ବେଳେ ପୁଣି ହଠାତ ଦୁଇ ତିନି ଦିନ ହେବ ବୃଦ୍ଧି ଘଟିଛି। ଉପର ମୁହାଁ ହୋଇଥିବା ପାରଦ ପୁଣି ତଳକୁ ଖସିଛି। ୧୨ଟି ସହରର ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ସେଲସିୟସ ତଳକୁ ଖସି ଯାଇଛି। ଉପକୂଳବର୍ତ୍ତୀ ଜିଲାଗୁଡିକରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ଉପରେ ରହିଥିବା ବେଳେ ଆଭ୍ୟନ୍ତରୀଣ ଓ ଦକ୍ଷିଣ ଓଡିଶାରେ ୭ ଡିଗ୍ରୀକୁ ଖସି ଆସିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଫୁଲବାଣୀରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ୬.୮ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ବାଲେଶ୍ୱର ୯.୮, ଅନୁଗୋଳ ୮, ଝାରସୁଗୁଡା ୮.୬, କେନ୍ଦୁଝର ୯.୪, ସୁନ୍ଦରଗଡ ୮.୫, ସମ୍ବଲପୁର ୯.୧, ହୀରାକୁଦ ୯.୬, ଭବାନୀପାଟଣା ୯.୩, ସୋନପୁର ୮.୪ ଏବଂ ଦାରିଙ୍ଗବାଡିରେ ସର୍ବନିମ୍ନ ତାପମାତ୍ରା ୯ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ରାଜ୍ୟରେ ଉତ୍ତର ପୂର୍ବ ଦିଗରୁ ଥଣ୍ଡା ବାୟୁ ପ୍ରବାହ ହେଉଛି। ଆସନ୍ତା ୪୮ ଘଣ୍ଟା ପର୍ଯ୍ୟନ୍ତ ରାଜ୍ୟର ପଶ୍ଚିମ ଓ ଆଭ୍ୟନ୍ତରୀଣ ଓଡିଶାର ୧୩ଟି ଜିଲାକୁ ଶୀତ ଲହରି ଥରେଇବ। ସେହିଜିଲାଗୁଡିକ ହେଲା ସୁନ୍ଦରଗଡ, ଝାରସୁଗୁଡା, ସମ୍ବଲପୁର, ଅନୁଗୋଳ, କେନ୍ଦୁଝର, ବଲାଙ୍ଗୀର, ସୋନପୁର, ବୌଦ୍ଧ, ବରଗଡ, ଢେଙ୍କାନାଳ, ବାଲେଶ୍ୱର ଏବଂ ମୟୂରଭଞ୍ଜ । ଆସନ୍ତା ୨୨ ତାରିଖ ଯାଏ ପାଗ ଶୁଖିଲା ରହିବ। କେତେକ ସ୍ଥାନରେ ମଧ୍ୟମ ଧରଣର କୁହୁଡି ହେବ ବୋଲି ଅନୁମାନ କରାଯାଇଛି।

## ଆଇନଜୀବୀ ରାକେଶ ସାହୁ ଭିଜିଲାନ୍ସ ସ୍ୱତନ୍ତ୍ର ପିପି ନିଯୁକ୍ତ

କଟକ ଅଫିସ, ୧୭।୧- ହାଇକୋର୍ଟରେ କାର୍ଯ୍ୟରତ ଆଇନଜୀବୀ ରାକେଶ ସାହୁ ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ (ଭିଜିଲାନ୍ସ)ର ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଭାବେ ନିଯୁକ୍ତ ହୋଇଛନ୍ତି। ଆଇନ ବିଭାଗର ଅନୁମୋଦନ ପରେ ସାହୁ ବିଧିବଦ୍ଧ ଭାବେ ଜାନୁୟାରୀ ୧୫ରେ ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ ମୁଖ୍ୟ କାର୍ଯ୍ୟାଳୟରେ ଦାୟିତ୍ୱ ଗ୍ରହଣ କରିବା ସହ ଗୁରୁବାର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ କାର୍ଯ୍ୟରେ ଯୋଗ ଦେଇଛନ୍ତି। ସାହୁ ୧୯୯୭ରେ ମଧୁସୂଦନ ଆଇନ ମହାବିଦ୍ୟାଳୟରୁ ବି.କମ୍ ଏଲ୍‌ଏଲ୍‌ବି କରିଥିବାବେଳେ ୨୦୦୩ରୁ ହାଇକୋର୍ଟରେ ଓକିଲାତି ଜୀବନ ଆରମ୍ଭ କରିଥିଲେ। ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ସେ ନିମ୍ନ ଅଦାଲତ, ହାଇକୋର୍ଟ ଓ ସୁପ୍ରିମକୋର୍ଟରେ ଫୌଜଦାରି ଓ ଦେୱାନି ଆଇନ ବିଶାରଦ ଭାବେ କାର୍ଯ୍ୟଧାରା ଜାରି ରଖିଛନ୍ତି। ତାଙ୍କ ସମୟ କାଳ ମଧ୍ୟରେ ବିଭାଗ ଦ୍ୱାରା ହୋଇଥିବା ଦୁର୍ନୀତି ମାମଲାଗୁଡ଼ିକର ଦୃଢ଼ତାର ସହିତ ପରିଚାଳନା କରିବା ସହିତ ଅଧିକରୁ ଅଧିକ ସଫଳତା ବିଭାଗ ପାଇଁ ଆଣିଦେବାକୁ ଚେଷ୍ଟା କରିବେ ବୋଲି ସାହୁ ପ୍ରତିକ୍ରିୟାରେ କହିଛନ୍ତି।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE — * GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଖର୍ଚ୍ଚ ରଣ ମଞ୍ଜୁର ହେବା ପରେ
ଜନତା ଫାଇନାନ୍ସ
(Govt. Regd) Regd No.- U659001077
ଆପଣ ସମସ୍ତଙ୍କ ପାଇଁ ଆଣିଛନ୍ତି ସୁବର୍ଣ୍ଣ ସୁଯୋଗ। କମ୍ ସୁଧରେ ରଣ ସୁବିଧା। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର ଏବଂ ମହିଳା ଗ୍ରୁପ୍ ରଣ ମଧ ଉପଲବ୍ଧ। 2% ସୁଧ 45% ସରକାରୀ ସବ୍‌ସିଡି
Helpline Numbers 9915535422, 7626900260
Address C-281, Pratap Gali, Nanakchand Road, South Delhi - 110003

FINANCE
MAHALAXMI CREDIT SERVICES
Bank ଯଦି ରଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ରଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508
3rd Floor, D. N. Enclave, Meerut, U.P.

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ରଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

LOAN
ଆପଣ ବେରୋଜଗାରିଆ କି? ଏବେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ କମ୍ ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରଣ ଯୋଗାଇ ଦିଆଯାଉଛି। ଅଧିକ ଜାଣିବା ପାଇଁ ଯୋଗାଯୋଗ:-
B-19, Moti Bagh, New Delhi
7064382081
8658167603

FINANCE
ଘରେ ବସି ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସୋନାଲ, ବିଜିନେସ୍ ରଣ ମାତ୍ର ୭ ଦିନ ମଧ୍ୟରେ 4% ସୁଧରେ South Asian Finance ଠାରୁ ରଣ ପାଆନ୍ତୁ।
ମହିଳାମାନଙ୍କ ପାଇଁ ବିଶେଷ ରିହାତି
Email: loanasian@gmail.com
M.G. Road, Bangalore
8658340105

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

ପାଠକଙ୍କ ପାଇଁ ସୂଚନା
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

BISWAJIT FINANCE
Biswajit Financeରେ ସମସ୍ତ ପ୍ରକାର Loan ମିଳିବ। Personal, Business, ଗୃହ, ଶିକ୍ଷା, Certificate, Property ଓ କୃଷି।
ସୁଧ 1% ରେ Loan ପାଆନ୍ତୁ
7750922443
7077432760
AT/PO: Jambhirai, Baleswar, Odisha- 756024

!!ରଣ ରଣ ରଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ରଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ରଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ରଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

MAHENDAR FINANCE
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
8860754476
7838556518
Block Chack, Balasore-756027

CO-OPERATIVE INADIA
Co-Operative India ଦ୍ୱାରା P.M.J.S.Y. ର ଲାଭ ଆଧାର କାର୍ଡଧାରୀ ମାନଙ୍କୁ ଦିଆଯାଉଛି । ଏହି ଯୋଜନା ଦ୍ୱାରା ବର୍ଷକୁ 2% ସୁଧ ଏବଂ ସହଜ ମାସିକ କିସ୍ତି ସହ ସମସ୍ତ ପ୍ରକାର ଲୋନ ନେଇ ଆପଣଙ୍କ ଆବଶ୍ୟକତାକୁ ପୁରଣ କରନ୍ତୁ ।
ବି.ଦ୍ର.- ପୁରୁଷ ମାନଙ୍କୁ 20% ଏବଂ ମହିଳା ମାନଙ୍କୁ 30% ସବସିଡି ମିଳିବ ।
Address: Ameerpt, Hyderabad, Pin- 5000106 ( Telangana)
7787907927
7787922501
9319932148
Email id- pmjansamridhi@gmail.com

1945ରୁ ସହସ୍ରାଧିକଙ୍କୁ ଲାଭ
ମହାକାଳୀ ଶକ୍ତିପୀଠ ଉତ୍ତରାଖଣ୍ଡ
ପ୍ରଫେସର ବିପି ଖନ୍ନା
ତନ୍ତ୍ର-ମନ୍ତ୍ର ଅନୁଭବୀ PhD ଜ୍ୟୋତିଷ
କାଳୀ ମହାବିଦ୍ୟାର ତପସ୍ୱୀ ତାନ୍ତ୍ରିକ
(ପ୍ରେମବିବାହର 1757 କେସ୍ ସଫଳ)
ମହାବଶୀକରଣ, ପ୍ରେମରେ ଧୋକା, ସଉତୁଣୀ ଶତ୍ରୁ, ଗୃହକ୍ଲେଶ, ଯାଦୁ-ଟୋନା, ସନ୍ତାନ ବାଧା
'ଠକ ବଙ୍ଗାଳି ମୌଲବୀ ବାବାଙ୍କ ପ୍ରତି ସାବଧାନ'
'ଘଣ୍ଟା-ମିନିଟ୍‌ରେ ନିଦାନର ଦାବି ଧୋକା ଅଟେ'
09198771709
ସବୁଆଡୁ ନିରାଶ ବ୍ୟକ୍ତି ସମ୍ପୂର୍ଣ୍ଣ ସମାଧାନ ପାଆନ୍ତୁ

SMS JOBS DHAMAKA
(PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE
କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167, 9973805993



ତୁମେ ଯେତେବେଳେ ଭୂମିଷ୍ଠ ହେଲ ତୁମକୁ ଦେଖି ସମସ୍ତେ ହସିଥିଲେ, କିନ୍ତୁ ସେତେବେଳେ ତୁମେ କାନ୍ଦିଥିଲ। ବର୍ତ୍ତମାନ ତୁମେ ଏପରି କାର୍ଯ୍ୟ କରି ଜଗତରେ ସୁନାମ ରଖିଯାଅ, ଯଦ୍ୱାରା ତୁମେ ହସି ହସି ଜଗତରୁ ବିଦାୟ ନେଇଗଲେ ତୁମ ପାଇଁ ଜଗତ କାନ୍ଦିବ।

- ତୁଳସୀ ଦାସ

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ପ୍ରଜାପିତା ବ୍ରହ୍ମାଙ୍କ ୫୦ତମ ପୁଣ୍ୟତିଥି ଉତ୍ସବ, ଘର ନମ୍ବର-ଏସ୍/୪୩, ଇନ୍ଦିରା ହାଉସିଂ କଲୋନୀ, ଶିଶୁପାଳଗଡ଼, ସକାଳ ୭ଟା ୩୦।
- ଆଞ୍ଚଳିକ ଆଇଟିଆଇ ଫେଷ୍ଟ୍-୨୦୧୯ ଉଦ୍‌ଘାଟନ, ୟୁନିଟ୍-୨ ବାଳିକା ଉଚ୍ଚ ବିଦ୍ୟାଳୟ ପଡ଼ିଆ, ସକାଳ ୮ଟା।
- ସଷ୍ଟେନେବିଲିଟି ଫାଉଣ୍ଡେଶନ ପକ୍ଷରୁ ରାଜ୍ୟସ୍ତରୀୟ ଆଲୋଚନା, ରେଡ୍‌କ୍ରସ ଭବନ, ପୂର୍ବାହ୍ନ ୧୦ଟା।
- ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ. ପକ୍ଷରୁ ନବନିଯୁକ୍ତ ଇଞ୍ଜିନିୟରଙ୍କ ପ୍ରଶିକ୍ଷଣ, ସୂଚନା ଭବନ, ପୂର୍ବାହ୍ନ ୧୧ଟା।
- ରାଜ୍ୟସ୍ତରୀୟ କୃଷି ମହୋତ୍ସବ 'କୃଷି ଓଡ଼ିଶା', ବିଜୁ ପଟ୍ଟନାୟକ ଖେଳପଡ଼ିଆ, ବରମୁଣ୍ଡା, ପୂର୍ବାହ୍ନ ୧୧ଟା।
- ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ, ଭୁବନେଶ୍ୱର ପକ୍ଷରୁ ଶୀତତାପ ନିୟନ୍ତ୍ରିତ ଡିଲକ୍ସ ବସ୍ ସେବା ଲୋକାର୍ପଣ, ପରିବହନ ଭବନ, ଏଜି ଛକ, ପୂର୍ବାହ୍ନ ୧୧ଟା ୩୦।
- ରାଜାରାଣୀ ସଙ୍ଗୀତ ମହୋତ୍ସବ ଉଦ୍‌ଘାଟନ, ରାଜାରାଣୀ ମନ୍ଦିର ପ୍ରାଙ୍ଗଣ, ସନ୍ଧ୍ୟା ୬ଟା।
- ମୟୂରଭଞ୍ଜ ଉତ୍ସବର ଉଦ୍‌ଘାଟନୀ ସନ୍ଧ୍ୟା, ଉତ୍କଳ ମଣ୍ଡପ, ସନ୍ଧ୍ୟା ୬ଟା।
- ଓଡ଼ିଆ ସାହିତ୍ୟ ସମାରୋହ ଉଦ୍‌ଯାପନ, ସୂଚନା ଭବନ, ରାତି ୭ଟା।
- ଶ୍ରୀଶ୍ରୀ ଠାକୁର ଗୋଖିବାବାଙ୍କ ମକରମେଳା ଅବସରରେ ଭାଗବତ ପାରାୟଣ ପ୍ରବଚନ ଓ ଗୀତାଯଜ୍ଞ, ଗୋଖିବାବା ଆଶ୍ରମ ପରିସର, ସୁନ୍ଦରପଦା, ରାତି ୭ଟା।

**କଟକ**

- ଓରିୟନର ଉଦ୍‌ଘାଟନୀ ଉତ୍ସବ, ଶ୍ରୁତି ବ୍ଲକ, ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ, ପୂର୍ବାହ୍ନ ୧୦ଟା ୩୦।

**ବାଲିଅନ୍ତା**

- ଜଗନ୍ନାଥପୁର ୟୁଜିୟୁପି ସ୍କୁଲ ନୂତନ ଶ୍ରେଣୀଗୃହର ଭିତ୍ତିପ୍ରସ୍ତର ସ୍ଥାପନ, ସ୍କୁଲ ପରିସର, ସକାଳ ୯ଟା। ପୁରସ୍କାର ବିତରଣ, ଅପରାହ୍ନ ୫ଟା।

# ମୌର୍ଯ୍ୟ, କୁଶାଣ ସାମ୍ରାଜ୍ୟର ସମସାମୟିକ 'ଅସୁରଗଡ଼'




**ଭୁବନେଶ୍ୱର, ୧୭।୧ (ବ୍ୟୁରୋ)**

ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା(ଏଏସ୍‌ଆଇ) ପକ୍ଷରୁ କଳାହାଣ୍ଡି ଜିଲା ନର୍ଲା ତହସିଲ ଅନ୍ତର୍ଗତ ଅସୁରଗଡ଼ ଦୁର୍ଗ ଅଞ୍ଚଳରେ ଚାଲିଥିବା ଉତ୍‌ଖନନରୁ ଏଏସ୍‌ଆଇକୁ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଛି। ମୌର୍ଯ୍ୟ ସାମ୍ରାଜ୍ୟରୁ କୁଶାଣ ସାମ୍ରାଜ୍ୟ ପର୍ଯ୍ୟନ୍ତ ସମସାମୟିକ ବହୁ ସାମଗ୍ରୀ ଏଠାରୁ ମିଳିଛି। ଅସୁରଗଡ଼ ଦୁର୍ଗର ଐତିହାସିକ ତଥା ପ୍ରତ୍ନତାତ୍ତ୍ୱିକ ଗୁରୁତ୍ୱ ସମ୍ପର୍କରେ ଅବଗତ ହେବା ପାଇଁ ଏଏସ୍‌ଆଇ ଭୁବନେଶ୍ୱର ଶାଖା-୪ ପକ୍ଷରୁ କରାଯାଉଥିବା ଏହି ଉତ୍‌ଖନନ ଅସୁରଗଡ଼ର ପ୍ରାଚୀନ ସଭ୍ୟତା ସମ୍ପର୍କରେ କେତେକ ଅଜଣା ଓ ଅନାଲୋଚିତ ତଥ୍ୟ ପ୍ରଦାନ କରିଛି।

ଏଏସ୍‌ଆଇ ଭୁବନେଶ୍ୱର ସୁପରିଟେଣ୍ଡିଂ ଆର୍କିଓଲୋଜିଷ୍ଟ ଡ. ଡି.ବି. ଗଡ଼ନାୟକଙ୍କ ନେତୃତ୍ୱରେ ହେଉଥିବା ଏହି ପ୍ରତ୍ନତାତ୍ତ୍ୱିକ ଖନନରୁ ସମ୍ପୃକ୍ତ ଅଞ୍ଚଳ ଖ୍ରୀଷ୍ଟାବ୍ଦ ପଞ୍ଚମ ଶତାବ୍ଦୀର ବୋଲି ଆକଳନ କରାଯାଉଛି। ମହାକାନ୍ତାରକୁ କଳିଙ୍ଗ ସହ ସଂଯୋଗ କରୁଥିବା ରାଜପଥରେ ଅସୁରଗଡ଼ ସେତେବେଳେ ଏକ ପ୍ରମୁଖ ରାଜନୈତିକ ଏବଂ ବାଣିଜ୍ୟିକ କେନ୍ଦ୍ର ଥିଲା। ସମୁଦ୍ରଗୁପ୍ତଙ୍କ ଉଲ୍ଲିଖିତ ରାଜା ବ୍ୟାଘ୍ରରାଜଙ୍କ ମହାକାନ୍ତାର ଆଧୁନିକ କଳାହାଣ୍ଡି ସହ ସାମଞ୍ଜସ୍ୟ ବହନ କରୁଥିବା ବେଳେ ଅସୁରଗଡ଼ର ପୁରାତନ ସଭ୍ୟତା ନିଖୁଣ କାରୁକାର୍ଯ୍ୟ କରିବାରେ ମଧ୍ୟ ବେଶ୍ ପ୍ରବୀଣ ଥିଲେ। ୨୦୦୦ରୁ ୨୩୦୦ ବର୍ଷ ପୂର୍ବେ ଉଭୟ ସ୍ଥଳଭାଗ ଏବଂ ଜଳଭାଗରେ ସେମାନେ ବାଣିଜ୍ୟ କାରବାର କରୁଥିଲେ। ଅସୁରଗଡ଼ ଦୁର୍ଗ ଆୟତାକାର ହୋଇଥିବା ବେଳେ ଏହା ଏକ ବିଶାଳ ଅଞ୍ଚଳ ଅଧିକାର କରି ରହିଥିଲା। ଶତ୍ରୁ ଆକ୍ରମଣ ଏବଂ ବନ୍ୟାଜଳରୁ ରକ୍ଷା ପାଇବା ପାଇଁ



ଏଏସ୍‌ଆଇ ପକ୍ଷରୁ କଳାହାଣ୍ଡି ଜିଲା ନର୍ଲା ତହସିଲ ଅନ୍ତର୍ଗତ ଅସୁରଗଡ଼ ଦୁର୍ଗର ଉତ୍‌ଖନନ।

ଦୁର୍ଗ ଚାରିପଟେ ମାଟି ଓ ପଥର ଟୁକୁଡ଼ାରେ ବୃହତ୍ ପ୍ରାଚୀର ନିର୍ମାଣ କରାଯାଇଥିଲା। ପ୍ରାଚୀରକୁ ଲାଗି ଦକ୍ଷିଣ, ଉତ୍ତର ଏବଂ ପୂର୍ବ ଦିଗରେ ଗଡ଼ଖାଇ ବା ମୋଟ୍ ତିଆରି ହୋଇଥିଲା। ଦୁର୍ଗର ପଶ୍ଚିମ ଦିଗରେ ସାଣ୍ଡୁଲ ନଦୀ ରହିଥିବା ବେଳେ ଏହା ପ୍ରାକୃତିକ ଭାବେ ସୁରକ୍ଷା କବଚ ସାଜିଥିଲା। ସେହିଭଳି ପୂର୍ବଭାଗରେ ମଧ୍ୟ ୨୦୦ ଏକର ବିଶିଷ୍ଟ ଏକ ବିରାଟ ହ୍ରଦ ରହିଥିଲା। ଦୁର୍ଗ ଚାରିଦିଗରେ ୪ଟି ଦ୍ୱାର ରହିଥିବା ବେଳେ ଏଠାରେ ଚତୁଃଦେବୀଙ୍କୁ ପୂଜା କରାଯାଉଥିଲା। ପୂର୍ବରେ ଗଙ୍ଗା, ପଶ୍ଚିମରେ କଳାପାଟ, ଉତ୍ତରରେ ବୈଷ୍ଣବୀ ଓ ଦକ୍ଷିଣରେ ଡାକୁଡ଼ି ଦେବୀ ରକ୍ଷାକର୍ତ୍ତ୍ରୀ ଭାବେ ପୂଜା ପାଉଥିଲେ। ଏବେ ମଧ୍ୟ ଏହି ଦେବୀମାନେ ଏଠାରେ ପୂଜା ପାଉଥିବା ଦେଖିବାକୁ ମିଳୁଛି।

ମିଳିଥିବା ଅବଶେଷରୁ ପ୍ରାଚୀନ ଅସୁରଗଡ଼ରେ ଲୋକେ ବୃତ୍ତାକାର, ଅର୍ଦ୍ଧବୃତ୍ତାକାର ଓ ଆୟତାକାର ଗୃହରେ ବସବାସ କରୁଥିବା ପ୍ରମାଣିତ ହୋଇଛି। ଘରର କାନ୍ଥଗୁଡ଼ିକ ଇଟାରେ ତିଆରି ହୋଇଥିବା ବେଳେ ଉପର ଛପର ମାଟି ଟାଇଲରେ ତିଆରି ହେଉଥିଲା। ଇଟାଗୁଡ଼ିକର ଦୈର୍ଘ୍ୟ ୪୪, ୪୨ ଓ ୩୮ ସେଣ୍ଟିମିଟର ଥିବାବେଳେ ପ୍ରସ୍ଥ ୨୪, ୨୨ ସେମି ଏବଂ ୬ରୁ ୭ ସେଣ୍ଟିମିଟର ମୋଟେଇ ବିଶିଷ୍ଟ ଇଟା ବ୍ୟବହୃତ ହେଉଥିଲା। ଏହାବ୍ୟତୀତ କୋଣାକାର ଆକୃତିର ଇଟାର ଅବଶେଷ ମଧ୍ୟ ଏଠାରୁ ମିଳିଛି। ସେ ସମୟରେ ବିଭିନ୍ନ ରତ୍ନ ପଥରରେ ମାଳି ପ୍ରସ୍ତୁତ କରି ଲୋକମାନେ ବାହାରକୁ ରପ୍ତାନି କରୁଥିଲେ। ସେହିଭଳି ମିଳିଥିବା ରେଡ୍ କୋରାଲ୍‌ରୁ ସମୁଦ୍ର ସହ ସେମାନଙ୍କର ଗଭୀର ସମ୍ପର୍କ ଥିବା ଜଣାପଡୁଛି। ଏହାସହ ରୌପ୍ୟମୁଦ୍ରା, ବିଭିନ୍ନ ପ୍ରକାରର ମୂଲ୍ୟବାନ ରତ୍ନପଥର, ଧନୁତୀର, ବର୍ଚ୍ଛା, କଣ୍ଟା ଭଳି ଲୁହା ନିର୍ମିତ ସାମଗ୍ରୀ, ତାମ୍ର ଓ ରୌପ୍ୟ ନିର୍ମିତ କାନଫୁଲ, ଗୋଡ଼ମୁଦି ଆଦି ଏଠାରୁ ମିଳିଛି। ବର୍ତ୍ତମାନ ଏଏସ୍‌ଆଇ ପକ୍ଷରୁ ଏଠାରେ ଉତ୍‌ଖନନ ଜାରି ରହିଥିବା ବେଳେ ଆଗକୁ ଆହୁରି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିବା ଆଶା ରହିଛି ବୋଲି ଗଡ଼ନାୟକ କହିଛନ୍ତି। ନିକଟରେ ବଲାଙ୍ଗୀର ଗସ୍ତରେ ଆସିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାକୁ ଏକ ପର୍ଯ୍ୟଟନସ୍ଥଳୀରେ ପରିଣତ କରିବାକୁ ଘୋଷଣା କରିଥିଲେ।

## ଗୋଲଡେନ୍ ବାବାଙ୍କ ଜାମିନ ଖାରଜ

### ଖୋଳତାଡ଼ ପାଇଁ ବିଦେଶ ଯିବ ଇଓଡବ୍ଲ୍ୟୁ



**ଭୁବନେଶ୍ୱର, ୧୭।୧(ବ୍ୟୁରୋ):** ଗୋଲଡେନ ବାବା ଓରଫ ଜ୍ୟୋତିରଞ୍ଜନ ବେଉରାଙ୍କ ପାଇଁ ଅଡୁଆ ବଢ଼ିବାରେ ଲାଗିଛି। ବାବା ଏବେ ଜେଲର ଚାରିକାନ୍ଥ ଭିତରେ ରହିବେ। କାରଣ ବାବାଙ୍କ ଜାମିନ ଆବେଦନକୁ ଗୁରୁବାର ଅତିରିକ୍ତ ଜିଲା ଜଜ୍-୨ ଖାରଜ କରିଦେଇଛନ୍ତି। ବାବାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଆଗାମୀ ଦିନରେ ବାବାଙ୍କ ଓକିଲ ଜାମିନ ପାଇଁ ହାଇକୋର୍ଟ ଯିବେ ବୋଲି ଜଣାପଡିଛି। ଅନ୍ୟପଟରେ ବାବାଙ୍କ କଳା ସାମ୍ରାଜ୍ୟର ଖୋଳତାଡ କରୁଥିବା କ୍ରାଇମବ୍ରାଞ୍ଚ ଇଓଡବ୍ଲ୍ୟୁର ତଦନ୍ତ ଧିମା ପଡିଯାଇଥିବା ଦେଖିବାକୁ ମିଳୁଛି। ବାବାଙ୍କର ୫୧ ଲକ୍ଷ ଟଙ୍କା ଥିବା ୭ଟି ବ୍ୟାଙ୍କ୍ ଆକାଉଣ୍ଟ ଫ୍ରିଜ୍ କରିଥିଲେ ମଧ୍ୟ ବାବା ପିନ୍ଧୁଥିବା ବିପୁଳ ସୁନା ଓ ଦାମୀ କାରର ଏବେବି ପତ୍ତା ମିଳିନି। ସେପଟେ ଦୁବାଇ ଓ ସିଙ୍ଗାପୁରରେ ବାବାଙ୍କ ସମ୍ପତ୍ତି ରହିଥିବାରୁ ଖୋଳତାଡ ପାଇଁ ଖୁବ୍‌ଶୀଘ୍ର ଇଓଡବ୍ଲ୍ୟୁ ବିଦେଶ ଯିବ। ସେଠାକୁ ଯାଇ ଇଓଡବ୍ଲ୍ୟୁ ବାବାଙ୍କ ସମ୍ପତ୍ତି ଯାଞ୍ଚ କରିବା ସହ ଜବତ କରିପାରେ ବୋଲି କୁହାଯାଉଛି।

## ଧାନମଣ୍ଡିରେ ଅନିୟମିତତା ଅଭିଯୋଗରେ ପ୍ରତିବାଦ

# ସଚିବାଳୟରେ ପଶିବାକୁ ଉଦ୍ୟମ

**ଭୁବନେଶ୍ୱର, ୧୭।୧(ବ୍ୟୁରୋ)**

ଧାନମଣ୍ଡିରେ ଅନିୟମିତତା ହୋଇଥିବା ଅଭିଯୋଗ କରି ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ଗୁରୁବାର ସଚିବାଳୟର ୪ନମ୍ବର ଗେଟ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ମୋର୍ଚ୍ଚାର ୩୦ରୁ ୪୦ କର୍ମୀ ଗେଟ ସମ୍ମୁଖରେ ପ୍ରତିବାଦ ଜଣାଇଥିଲେ। ତେବେ ହଠାତ୍ ମଧ୍ୟାହ୍ନ ୧୨ଟା ବେଳେ ମୋର୍ଚ୍ଚାର କର୍ମୀମାନେ ସଚିବାଳୟ ଭିତରକୁ ଧସେଇ ପଶିବାକୁ ଉଦ୍ୟମ କରିବାରୁ ପୋଲିସ ସହ ଧସ୍ତାଧସ୍ତି ହୋଇଥିଲା। ପରେ ପୋଲିସ ସେମାନଙ୍କୁ ଉଠାଇ ନେଇଥିଲା।

ଅନ୍ୟପଟେ ପୋଲିସ କୃଷକମାନଙ୍କୁ ବଳପୂର୍ବକ ଅଗଣତାନ୍ତ୍ରିକ ଉପାୟରେ ଉଠାଇ ନେଇଛି ବୋଲି ଭାଜପା କୃଷକ ମୋର୍ଚ୍ଚା ସଭାପତି ଶିବାଜୀ ମହାନ୍ତି ଅଭିଯୋଗ କରିଛନ୍ତି। ସେ ରାଜ୍ୟ ଭାଜପା କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ରାଜ୍ୟ ସରକାର ବିଭିନ୍ନ ଆଳ ଦେଖାଇ ଧାନମଣ୍ଡି ଖୋଲିବାରେ ବିଳମ୍ବ କରିଛନ୍ତି। ଚାଷୀ ପରିବାର ହତାଶ ହୋଇ ନିଜ ଧାନକୁ ଶଗ ମାଛ ଦରରେ ଦଲାଲଙ୍କୁ ବିକ୍ରି କରିବାକୁ ବାଧ ହେଉଛନ୍ତି। ଧାନମଣ୍ଡିରେ ଅବ୍ୟବସ୍ଥାର ପ୍ରମାଣ ଦେଖାଇଲେ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର ରାଜନୀତି ଛାଡିବା କଥା କହିଥିଲେ। ମନ୍ତ୍ରୀଙ୍କର ଏହି ଆହ୍ୱାନକୁ ସ୍ୱୀକାର କରି ଚାଷୀମାନେ ସଚିବାଳୟ ଯାଇଥିଲେ। ସେମାନେ ମଣ୍ଡିରେ ବ୍ୟାପକ ଅବ୍ୟବସ୍ଥା ଥିବାର ପ୍ରମାଣ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାକୁ ସଚିବାଳୟ ନିକଟରେ ପାସ ପାଇଁ ଅଭ୍ୟର୍ଥନା କକ୍ଷ ନିକଟରେ ଠିଆ ହୋଇଥିବାବେଳେ ପୋଲିସ ସେମାନଙ୍କୁ ଉଠାଇ ନେଇଥିବା ମହାନ୍ତି କହିଛନ୍ତି।

ଏ ସମ୍ପର୍କରେ କ୍ୟାପିଟାଲ ଥାନା ଅଧିକାରୀ ମାନସ ରଞ୍ଜନ ଗଡନାୟକ କହିଛନ୍ତି, କୃଷକମାନଙ୍କ ଉପରେ କୌଣସି ଅତ୍ୟାଚାର କରାଯାଇ ନାହିଁ। ଭାଜପା କୃଷକ ମୋର୍ଚ୍ଚାର ୩୦ରୁ ୪୦ ସଦସ୍ୟ ଜୋରଜବରଦସ୍ତ ସଚିବାଳୟ ଗେଟ୍‌କୁ ଠେଲାପେଲା କରି ଭିତରକୁ ପଶିବା ପାଇଁ ଉଦ୍ୟମ କରିଥିଲେ। ସେମାନେ ଆଇନକୁ ହାତକୁ ନେବାରୁ ପୋଲିସ ବାଧହୋଇ ସେମାନଙ୍କୁ ସେଠାରୁ ଉଠାଇ ନେଇଥିଲା।



ସଚିବାଳୟକୁ ପଶିବାକୁ ଉଦ୍ୟମ କରୁଥିବା ଭାଜପା କୃଷକ ମୋର୍ଚ୍ଚା କର୍ମୀଙ୍କୁ ପୋଲିସ ଅଟକାଉଛି।

**ଭାଜପା କୃଷକ ମୋର୍ଚ୍ଚା କର୍ମୀଙ୍କୁ ଉଠାଇନେଲା ପୋଲିସ**

# ଅକ୍ସିଜେନ ନ ପାଇ ରୋଗୀଙ୍କ ଜୀବନ ଗଲା

**କଟକ ଅଫିସ, ୧୭।୧**

**ଏସ୍‌ସିବି ମେଡିକାଲରେ ଉତ୍ତେଜନା**

ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଥିବା ଜଣେ ଗୁରୁତର ରୋଗୀ ଅକ୍ସିଜେନ ନ ପାଇ ଗୁରୁବାର ରାତିରେ ଆଖି ବୁଜିଛନ୍ତି। ଅକ୍ସିଜେନ ଅଭାବରୁ ରୋଗୀ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଏସ୍‌ସିବିରେ ଉତ୍ତେଜନା ଦେଖାଦେଇଥିଲା। ରୋଗୀଙ୍କ ସମ୍ପର୍କୀୟ ଓ ଅନ୍ୟମାନେ ହୋହଲ୍ଲା କରି ପ୍ରତିବାଦ କରିଥିଲେ। ପୋଲିସ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିବା ସହ ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ମୃତ ରୋଗୀ ଜଣକ ହେଉଛନ୍ତି ନୃସିଂହ ଚରଣ ସାହୁ (୬୨)। ତାଙ୍କ ଘର କଟକ ଜିଲା ନରସିଂହପୁର ଥାନା ଅନ୍ତର୍ଗତ କାନପୁର ଗ୍ରାମରେ। ଗତ ଶନିବାର ନୃସିଂହ ଅସୁସ୍ଥ ହୋଇପଡିବାରୁ ପରିବାର ଲୋକେ ତାଙ୍କୁ ଏସ୍‌ସିବି ମେଡିକାଲକୁ ଆଣିଥିଲେ। ନୂଆ ମେଡିସିନ ୱାର୍ଡରେ ତାଙ୍କୁ ଭର୍ତ୍ତି କରାଯାଇ ଚିକିତ୍ସା ଚାଲିଥିଲା। ସେ ନିଃଶ୍ୱାସ ନେବାରେ ଗୁରୁତର ସମସ୍ୟା ଭୋଗୁଥିଲେ। ତେଣୁ ତାଙ୍କୁ ଅକ୍ସିଜେନ ଦିଆଯାଉଥିଲା। ଗୁରୁବାର ରାତିରେ ନୃସିଂହ ନେଉଥିବା ଅକ୍ସିଜେନ ସରିଯାଇଥିଲା। ଫଳରେ ସେ କଷ୍ଟ ଅନୁଭବ କରୁଥିବା ପରିବାର ଲୋକେ ଡାକ୍ତର ଓ ନର୍ସଙ୍କୁ ଜଣାଇବା ସହ ଅକ୍ସିଜେନ ଯୋଗାଇଦେବାକୁ କହିଥିଲେ। ମାତ୍ର କେହି କିଛି ନ ଶୁଣିବାରୁ କିଛି ସମୟ ମଧ୍ୟରେ ନୃସିଂହଙ୍କ ମୃତ୍ୟୁ ଘଟିଥିବା ପରିବାର ଲୋକେ କହିଛନ୍ତି। ତେବେ ଅଭିଯୋଗ ସଂକ୍ରାନ୍ତରେ ମେଡିକାଲ କର୍ତ୍ତୃପକ୍ଷଙ୍କ ମତାମତ ମିଳିପାରିନି।

ଏସ୍‌ସିବି ମେଡିକାଲରେ ଏଭଳି ଅନେକ ସମୟରେ ଅକ୍ସିଜେନ ଓ ରକ୍ତ ଅଭାବରୁ ରୋଗୀଙ୍କ ମୃତ୍ୟୁ ଘଟୁଥିବା ଅଭିଯୋଗ ହେଉଛି। ରାଜ୍ୟର ଏହି ପ୍ରମୁଖ ଚିକିତ୍ସାକେନ୍ଦ୍ରରେ ଉନ୍ନତ ଚିକିତ୍ସାର ବ୍ୟବସ୍ଥା କରାଯାଉଥିବାବେଳେ ଡାକ୍ତର ଓ ନର୍ସଙ୍କ ଅବହେଳା ଯୋଗୁ ଅନେକ ଜୀବନ ଯାଉଛି। ଏଥିପ୍ରତି ରାଜ୍ୟ ସରକାର ଓ ସ୍ୱାସ୍ଥ୍ୟ ବିଭାଗ ଦୃଷ୍ଟି ଦେବା ସହ ପଦକ୍ଷେପ ଗ୍ରହଣ କରିବା ଜରୁରୀ ହୋଇପଡିଛି।

# ୧୯ରେ ଡଲ୍‌ଫିନ ଗଣନା

## ଆଜି ପ୍ରଶିକ୍ଷଣ ନେବେ କର୍ମଚାରୀ

**ପୁରୀ ଅଫିସ, ୧୭।୧**

ଆସନ୍ତା ୧୯ ତାରିଖରେ ପୁରୀ ଜିଲାରେ ଡଲ୍‌ଫିନ ଗଣନା ହେବ। ସକାଳ ୬ରୁ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ଏହି ଗଣତି ହେବ। ଗଣତିରେ ସାମିଲ ହେବାକୁ ଥିବା କର୍ମଚାରୀଙ୍କୁ ଶୁକ୍ରବାର ପ୍ରଶିକ୍ଷଣ ପ୍ରଦାନ କରାଯିବ। ବାଲୁଖଣ୍ଡ ରେଞ୍ଜ୍ ଅଫିସରେ ଏହି ପ୍ରଶିକ୍ଷଣ ଦିଆଯିବ ବୋଲି ପୁରୀ ଡିଏଫ୍‌ଓ ହର୍ଷବର୍ଦ୍ଧନ ଉଦ୍‌ଗାତା କହିଛନ୍ତି। ଡିଏଫ୍‌ଓଙ୍କ ସୂଚନା ମୁତାବକ, ଦେବୀ ମୁହାଣରୁ ଚିଲିକା ମୁହାଣ (ଅରଖକୁଦା) ପର୍ଯ୍ୟନ୍ତ ପ୍ରାୟ ୬୫ କିଲୋମିଟର ତଟବର୍ତ୍ତୀ ଅଞ୍ଚଳରେ ଡଲ୍‌ଫିନ ଗଣନା ହେବ। ଏଥିପାଇଁ ମୋଟ ୧୦ଟି ଟିମ୍ ଗଠନ କରାଯାଇଛି। ଗୋଟିଏ ଗୋଟିଏ ଟିମ୍‌ରେ ୫ ଜଣ ଲେଖାଏ ରହିବେ। ନଦୀରେ ଗୋଟିଏ, ସମୁଦ୍ରରେ ୨ଟି ଏବଂ ସମୁଦ୍ର କୂଳରେ ୭ଟି ଟିମ୍ ନିୟୋଜିତ ହେବେ। ନଦୀରେ ଗୋଟିଏ ବୋଟ୍ ଏବଂ ସମୁଦ୍ରରେ ଦୁଇଟି (ଦେବୀ ମୁହାଣ-ଚନ୍ଦ୍ରଭାଗା ଏବଂ ଅରଖକୁଦା-ଚନ୍ଦ୍ରଭାଗା) ଟ୍ରଲରରେ ଗଣତି କରାଯିବ। ସମୁଦ୍ର କୂଳରେ ନିୟୋଜିତ ୭ଟି ଟିମ୍ ବାଇନାକୁଲର ସାହାଯ୍ୟରେ ଗଣତି କରିବେ ବୋଲି ଡିଏଫ୍‌ଓ କହିଛନ୍ତି।



ଏସିଆର ବୃହତ୍ ଲୁଣା ହ୍ରଦ ଚିଲିକା ବିଦେଶାଗତ ପକ୍ଷୀ ଏବଂ ବିରଳ ପ୍ରଜାତିର ଇରାୱାଡ଼ି ଡଲ୍‌ଫିନଙ୍କ ପାଇଁ ପ୍ରସିଦ୍ଧି ଲାଭ କରିଛି। ଏହାବ୍ୟତୀତ ସାମୁଦ୍ରିକ ଡଲ୍‌ଫିନ ମଧ୍ୟ ଦେଖିବାକୁ ମିଳିଥାଏ। ଗତବର୍ଷ ଗଣନା ବେଳେ ଚିଲିକାରେ ୧୧୪ଟି ଡଲ୍‌ଫିନ ଥିବା ଜଣାପଡିଥିଲା। କିନ୍ତୁ କ୍ରମାଗତ ଏଠାରେ ଡଲ୍‌ଫିନଙ୍କ ସଂଖ୍ୟା ହ୍ରାସ ପାଉଥିବାରୁ ପରିବେଶବିତ୍‌ମାନେ ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲେ। ତେଣୁ ଚଳିତବର୍ଷ ସଂଖ୍ୟା କ'ଣ ରହୁଛି ତାହା ଉପରେ ଏବେ ନଜର।

### ଆରମ୍ଭ ହେଲା ୩ ଦିନିଆ ବରିଷ୍ଠ ପୋଲିସ ଅଫିସର ସମ୍ମିଳନୀ

# ନିର୍ବାଚନ ପାଇଁ ପ୍ରସ୍ତୁତ ରହିବାକୁ ପରାମର୍ଶ

**ଭୁବନେଶ୍ୱର, ୧୭।୧(ବ୍ୟୁରୋ)**

ଆଗକୁ ସାଧାରଣ ନିର୍ବାଚନ ହେବାକୁ ଯାଉଛି। ଏହା ପୋଲିସ ପାଇଁ ଏକ ବଡ ଚ୍ୟାଲେଞ୍ଜ ହେବ। କିଭଳି ନିର୍ବାଚନକୁ ସୁରୁଖୁରୁରେ ସମାପନ କରିହେବ ସେଥିଲାଗି ପୋଲିସକୁ ସ୍ୱତନ୍ତ୍ର ରଣକୌଶଳ ଆପଣାଇବାକୁ ପଡିବ। ତେଣୁ ସାଧାରଣ ନିର୍ବାଚନ ପାଇଁ ପ୍ରସ୍ତୁତ ରହିବାକୁ ପୋଲିସ ଡିଜି ଡା. ରାଜେନ୍ଦ୍ର ପ୍ରସାଦ ଶର୍ମା ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଗୁରୁବାରଠାରୁ ସ୍ଥାନୀୟ ପୋଲିସ ଭବନରେ ଆରମ୍ଭ ହୋଇଥିବା ୩ ଦିନିଆ ୬୧ତମ ବରିଷ୍ଠ ପୋଲିସ ଅଫିସର ସମ୍ମିଳନୀକୁ ଉଦ୍‌ଘାଟନ କରି ଶର୍ମା ଏହା କହିଛନ୍ତି।

ସମ୍ମିଳନୀରେ ମାଓବାଦୀ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରାଯିବା ଲାଗି ମାଓବାଦୀ ଉପଦ୍ରୁତ ଅଞ୍ଚଳରେ କିଭଳି ଅପରେଶନ୍‌କୁ ଜୋରଦାର କରାଯିବ ଓ ଅଧିକ ଫୋର୍ସ ମୁତୟନ ହେବ ସେନେଇ ଆଲୋଚନା ହୋଇଥିଲା। ଏହାସହ ଗୋଇନ୍ଦା ରିପୋର୍ଟ ଆଧାରରେ ରଣନୀତି ପ୍ରସ୍ତୁତ କରିବା, ପଡୋଶୀ ରାଜ୍ୟ ସହ ସମନ୍ୱୟ ରଖି ଅପରେଶନକୁ ଜୋରଦାର କରିବାକୁ ଡିଜିପି ଯୁବ ଆଇପିଏସ୍ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଦିନକୁ ଦିନ ମାଓବାଦୀମାନେ ନୂଆ ରଣକୌଶଳ ଆପଣାଉଥିବାରୁ ଏହାକୁ କିପରି ପ୍ରତିହତ କରାଯିବ ସେନେଇ ମଧ୍ୟ ଆଲୋଚନା ହୋଇଥିଲା। ହକି ବିଶ୍ୱକପ୍‌ର ସଫଳତା ଲାଗି ମଧ୍ୟ ଡିଜିପି ଅଧିକାରୀମାନଙ୍କୁ ଧନ୍ୟବାଦ ଜଣାଇଥିଲେ।

ଡିଜିପି ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି, ଗଣବିକ୍ଷୋଭ ସମୟରେ ଠିକ୍ ପରିଚାଳନା, ଅପରାଧ ନିୟନ୍ତ୍ରଣ, ପୋଲିସ ପାଇଁ ଆଗକୁ କ'ଣ ଚ୍ୟାଲେଞ୍ଜ ରହିବ, ପୋଲିସ ରଣକୌଶଳରେ କ'ଣ ପରିବର୍ତ୍ତନ କରାଯିବ, ସାଇବର ଅପରାଧକୁ କିଭଳି ନିୟନ୍ତ୍ରଣ କରାଯିବ ସେସବୁ ବିଷୟରେ ସମ୍ମିଳନୀରେ ଆଲୋଚନା ହେବ। ସାଇବର ଅପରାଧ ରୋକିବା ପାଇଁ ପୋଲିସକୁ ଜ୍ଞାନକୌଶଳ ଯୋଗାଇ ଦିଆଯିବା ସହ ବାହାରୁ ସାଇବର ବିଶେଷଜ୍ଞମାନଙ୍କୁ ଅଣାଯାଇ ପ୍ରଶିକ୍ଷଣ ଦିଆଯିବ। ସୋସିଆଲ ମିଡିଆ ଉପରେ ନଜର ରଖିବା ପାଇଁ ସୋସିଆଲ ମିଡିଆ ମନିଟରିଂ ବ୍ୟବସ୍ଥା କରାଯିବ ବୋଲି କହିଥିଲେ। ସମ୍ମିଳନୀର ଦ୍ୱିତୀୟ ଦିନରେ ଆଇପିଏସ୍ ଅଧିକାରୀମାନେ ସାଇବର ବିଶେଷଜ୍ଞମାନଙ୍କଠାରୁ ଜ୍ଞାନ ଆହରଣ କରିବେ।

୨୦୧୯ ପାଇଁ ପୋଲିସର କ'ଣ ରଣନୀତି ରହିବ ସେନେଇ ଆଲୋଚନା କରାଯିବା ହେଉଛି ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି କହିଛନ୍ତି। ଏହି ସମ୍ମିଳନୀରେ ବିଭିନ୍ନ ଜିଲାରେ କାର୍ଯ୍ୟ କରୁଥିବା ୧୩୬ ଆଇପିଏସ୍ ଅଧିକାରୀ ଯୋଗ ଦେଇଥିଲେ। ସମ୍ମିଳନୀର ଅନ୍ତିମ ଦିବସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।




ବରିଷ୍ଠ ପୋଲିସ ଅଫିସର ସମ୍ମିଳନୀରେ (ବାମରୁ ତୃତୀୟ) ଡିଜିପି ଡା. ରାଜେନ୍ଦ୍ର ପ୍ରସାଦ ଶର୍ମା ଅଧିକାରୀମାନଙ୍କୁ ପରାମର୍ଶ ଦେଉଛନ୍ତି।

**ମାଓବାଦୀ ଦମନ ଲାଗି ରଣନୀତି ପ୍ରସ୍ତୁତ**

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୮ ଜାନୁୟାରୀ, ୨୦୧୯



ଥରେ ଦାୟିତ୍ୱ ଏଡ଼ାଇଦେଲେ, ପୁଣି କେବେ ନା କେବେ ସେହି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ତେଣୁ ପ୍ରଥମରୁ ହିଁ ଦାୟିତ୍ୱ ସମ୍ପନ୍ନ କରିବାକୁ ଚେଷ୍ଟା କର।
- ଉତ୍କଳ ଗୌରବ ମଧୁସୂଦନ



## ସଂକ୍ଷେପରେ

### ଚୋରି ଅଭିଯୋଗରେ ୩ ଗିରଫ

କଟକ ରୋଡ,୧୭।୧(ଡି.ଏନ୍.ଏ.): ଘରେ ପଶି ଚୋରି କରିବା ଅଭିଯୋଗରେ ବଡ଼ଗଡ଼ ପୋଲିସ ଗୁରୁବାର ଶହୀଦନଗର ଶାନ୍ତିପଲ୍ଲୀ ବସ୍ତିରେ ରହୁଥିବା ସନ୍ତୋଷ ରେଡ୍ଡି, ବଡ଼ଗଡ଼ ଥାନା ମହିଁଷାଖାଲ ବସ୍ତିର ରାହୁଲ ବେହେରା ଓ ଶହୀଦନଗର ଥାନା ତାରିଣୀ ବସ୍ତିର ରଶ୍ମିକାନ୍ତ ସ୍ୱାଇଁଙ୍କୁ ଗିରଫ କରିଛି। ଏମାନଙ୍କଠାରୁ ୨୦ଟି ମୋବାଇଲ ଫୋନ, ୨ଟି କ୍ୟାମେରା ଓ ଗୋଟିଏ ଲାପଟପ ଜବତ ହୋଇଛି। ଗତ ୧୪ ତାରିଖରେ ବଡ଼ଗଡ଼ ଥାନା ପାଣ୍ଡବ ନଗରରେ ରହୁଥିବା ରଞ୍ଜନ ସାହୁଙ୍କ ଘରୁ ୩ଟି ମୋବାଇଲ ଫୋନ ଚୋରି ହୋଇଥିଲା। ରଞ୍ଜନଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ. ୧୦/୧୯)ରୁଜୁ କରି ତଦନ୍ତ ଚଳାଇଥିଲା।

### କୁକୁଡ଼ା ପୋଡ଼ିବାବେଳେ ପୋଡ଼ିଗଲେ ମହିଳା

ଭୁବନେଶ୍ୱର, ୧୭।୧(ବ୍ୟୁରୋ): ପରିବାର ଲୋକେ ଖାଇବା ପାଇଁ ଜଣେ ମହିଳା କୁକୁଡ଼ା ପୋଡୁଥିଲେ। ହେଲେ କୁକୁଡ଼ା ପୋଡ଼ିବା ସମୟରେ ସେ ନିଜେ ପୋଡ଼ିଗଲେ। ଏଭଳି ଅଭାବନୀୟ ଘଟଣା ଘଟିଛି ଚନ୍ଦ୍ରଶେଖପୁର ଥାନା ବିରୁବାସା ବସ୍ତିରେ। ଗୁରୁବାର କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତା ହେଲେ ବୀର ବିର୍ସାମୁଣ୍ଡା ବସ୍ତିରେ ରହୁଥିବା ମାନି ପ୍ରଧାନ(୩୫)। ଚନ୍ଦ୍ରଶେଖରପୁର ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ମହିଳା ଓ ତାଙ୍କ ସ୍ୱାମୀ ଦିନ ମଜୁରିଆଭାବେ କାମ କରି ବୀରବିର୍ସାମୁଣ୍ଡା ବସ୍ତିରେ ରହୁଥିଲେ। ବୁଧବାର ମାନି ସନ୍ଧ୍ୟାରେ ଏକ କୁକୁଡ଼ା ମାରି ତାକୁ ବାଡି ପଛପଟେ ପୋଡୁଥିବା ବେଳେ ତାଙ୍କ ଲୁଗାରେ ନିଆଁ ଲାଗିଯାଇଥିଲା। ସ୍ଥାନୀୟ ଲୋକେ ପହଞ୍ଚି ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ତାଙ୍କ ଶରୀରର ୯୦ ପ୍ରତିଶତ ପୋଡ଼ି ଯାଇଥିଲା।

### ହାତୀ ଆକ୍ରମଣରେ ଅବସରପ୍ରାପ୍ତ ଶିକ୍ଷକ ଗୁରୁତର

ଖୁଣ୍ଟୁଣୀ, ୧୭।୧ (ଡି.ଏନ୍.ଏ.): ଗୁରୁବାର ସକାଳେ ଦନ୍ତାହାତୀ ଆକ୍ରମଣରେ ଖୁଣ୍ଟୁଣୀ ବନାଞ୍ଚଳ ଅଧୀନ ବାଲି ଗ୍ରାମ ଶାସନ ସାହିର ଅବସରପ୍ରାପ୍ତ ଶିକ୍ଷକ ଦୟାନିଧି ମିଶ୍ର(୮୨) ଗୁରୁତର ହୋଇଛନ୍ତି। ସକାଳ ପ୍ରାୟ ସାଢେ ୫ଟାରେ ସେ ଘର ସମ୍ମୁଖ ନଳକୂପରେ ମୁହଁ ଧୋଉଥିବାବେଳେ ପଛରୁ ଏକ ହାତୀ ତାଙ୍କୁ ଆକ୍ରମଣ କରିଥିଲା। ସେହି ସମୟରେ ଦୟାନିଧିଙ୍କ ବୋହୂ ଦେଖି ପାଟି କରିବାକୁ ସାହିଲୋକ ରୁଣ୍ଡ ହୋଇଯାଇଥିଲେ। ପରେ ସେମାନେ ଘଉଡାଇବାରୁ ହାତୀଟି ନିକଟ ଜଙ୍ଗଲକୁ ପଳାଇ ଯାଇଥିଲା। ଆହତଙ୍କ ଚିକିତ୍ସା ଖର୍ଚ୍ଚ ବନ ବିଭାଗ ବହନ କରିବ ବୋଲି ବନାଞ୍ଚଳ ଅଧିକାରୀ ମାଗୁଣୀ ଚରଣ ବେହେରା କହିଛନ୍ତି।

## ଘର ନ ପାଇ ଲକ୍ଷ୍ମୀଧରଙ୍କ ଆତ୍ମହତ୍ୟା ଘଟଣା

# ତଦନ୍ତ ନିର୍ଦ୍ଦେଶ ଦେଲେ ଜିଲାପାଳ

ଖୋର୍ଦ୍ଧା ଅଫିସ/ ନିରାକାରପୁର,୧୭।୧(ଡି.ଏନ.ଏ.)

■ ଥାନାରେ ଅଭିଯୋଗ କଲେ ଲକ୍ଷ୍ମୀଧରଙ୍କ ସ୍ତ୍ରୀ
■ କରଜ ଓ ପରିବାର ଚଳାଇବା ଚିନ୍ତାରେ ଥିଲେ
■ ମାମଲା ବଦଳାଇବାକୁ ଚାଲିଛି ଚକ୍ରାନ୍ତ



ଲକ୍ଷ୍ମୀଧର ବେହେରା

ଗ୍ରାମୀଣ ଆବାସ ଯୋଜନାରେ ଘରଟିଏ ନ ପାଇ ବୁଧବାର ଆତ୍ମହତ୍ୟା କରିଥିଲେ ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ୍ ଅନ୍ତର୍ଗତ ନିରାକାରପୁର ସାହିର ଲକ୍ଷ୍ମୀଧର ବେହେରା ଓରଫ ଲକ୍ଷୀ (୩୫)। ଗୁରୁବାର ଏହି ସ୍ୱର୍ଶକାତର ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ଜିଲାପାଳ ନିର୍ମଳ ଚନ୍ଦ୍ର ମିଶ୍ର। ଲକ୍ଷ୍ମୀଧରଙ୍କ ମୃତ୍ୟୁର କାରଣ, ମୃତ୍ୟୁ ପୂର୍ବରୁ ଭିଡିଓ ଭାଇରାଲ୍ ଓ ଲାଞ୍ଚ ମଗାଯିବା ଘଟଣା ସମ୍ପର୍କରେ ଉପଜିଲାପାଳ ତଦନ୍ତ କରିବେ ବୋଲି ସେ କହିଛନ୍ତି। ଏପଟେ ନିରାକାରପୁର ଥାନା ପୋଲିସ ନିଜ ଆଡୁ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଥିବାବେଳେ ପରେ ମୃତ ଲକ୍ଷ୍ମୀଧରଙ୍କ ସ୍ତ୍ରୀ ଲିଖିତ ଅଭିଯୋଗ କରିଛନ୍ତି। ତେବେ ଘଟଣାକୁ ଭିନ୍ନ ରୂପ ଦେବାକୁ ଚକ୍ରାନ୍ତ ଚାଲିଥିବା ଚର୍ଚ୍ଚା ହେଉଛି।

ଅନ୍ୟପକ୍ଷରେ ଲକ୍ଷ୍ମୀଧରଙ୍କ ମୃତ୍ୟୁ ପରଠାରୁ ପରିବାରରେ ଚୁଲି ଜଳୁନି। ଗାଁରେ ଶୋକର ଛାୟା ଖେଳିଯାଇଥିବାବେଳେ ସମସ୍ତେ ଲକ୍ଷ୍ମୀଧରଙ୍କୁ ଝୁରି ହେଉଛନ୍ତି। ପରିବାରକୁ ନ୍ୟାୟ ମିଳୁ ଓ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ମୃତ ଲକ୍ଷ୍ମୀଧରଙ୍କ ସ୍ତ୍ରୀ କୁମାରୀ ବେହେରା କହିଛନ୍ତି, ସ୍ୱାମୀ ବିଏ ପାସ୍ କରିଥିଲେ ମଧ୍ୟ ଚାକିରି ନ ପାଇ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ବାଲି ସିମେଣ୍ଟ କାର୍ଯ୍ୟରେ ହେଲ୍‌ପର କାମ କରି ଯାହା ରୋଜଗାର କରନ୍ତି ସେଥିରେ ପରିବାର ଚଳିବା କଷ୍ଟକର ହୁଏ। ପୁଣି ନିୟମିତ କାମ ମିଳେନି। ବଡଝିଅ ନବମ ଓ ଅନ୍ୟ ଦୁଇ ଜଣ ପିଲାଙ୍କ ପାଠପଢ଼ା, ଖାଇବା ଖର୍ଚ୍ଚକୁ ଟଙ୍କା ପାଏନି। ପ୍ରାୟ ସମୟରେ ଉପବାସ ରହିବାକୁ ପଡେ। ଦେଢ଼ ଲକ୍ଷ ଟଙ୍କା କରଜ ମଧ୍ୟ ରହିଛି। କରଜ ଟଙ୍କା ଓ ପରିବାର ଚିନ୍ତାରେ ସେ ସବୁବେଳେ ରହୁଥିଲେ। ବିଜୁ ପକ୍କାଘର ଯୋଜନାରେ କାର୍ଯ୍ୟାଦେଶ ମିଳିବ ବୋଲି ୧୫ ଦିନ ତଳେ ଜାଣିଥିଲୁ। ୫ଦିନ ତଳେ ସରପଞ୍ଚ ମଧ୍ୟ କାର୍ଯ୍ୟାଦେଶ ସମ୍ପର୍କରେ କହିଥିଲେ। କେହି ତାଙ୍କ ସ୍ୱାମୀଙ୍କୁ ମଦ ଦେଇ ଭିଡିଓ ଭାଇରାଲ କରାଇ ମାରି ଦେଇଛନ୍ତି ବୋଲି କୁମାରୀ କହିଛନ୍ତି। ମାତ୍ର କୁମାରୀ ଗଣମାଧ୍ୟମକୁ ଏକଥା କହିଥିବାବେଳେ ଥାନାରେ ଭିନ୍ନ ଅଭିଯୋଗ ଆଣିଛନ୍ତି। ସେ ତାଙ୍କ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ତାଙ୍କ ସ୍ୱାମୀ ଶ୍ରମିକ ଭାବେ କାର୍ଯ୍ୟ କରିବା ସହ ନିଜ ଜମି ସହ ଅନ୍ୟ କିଛି ଜମି ଭାଗ ଆଣି ଚାଷ କରନ୍ତି। ଚାଷ ପାଇଁ ଧାରକରଜ କରିଥିଲେ। ବିଭିନ୍ନ କାରଣରୁ ଫସଲ ନଷ୍ଟ ହେବାରୁ କରଜ ଶୁଝି ପାରୁ ନ ଥିଲେ। ୧୬ ତାରିଖରେ ନିଜ ବିଲରେ ବିଷ ପିଇ ପଡିଥିବା ଜାଣିବା ପରେ ପୋଲିସକୁ ଖବର ଦେବା ସହ ତାଙ୍କୁ ଖୋର୍ଦ୍ଧା ଡାକ୍ତରଖାନା ନେଇଥିଲୁ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଋଣ ଚାପରେ ସେ ଆତ୍ମହତ୍ୟା କରିଥିବାରୁ ତଦନ୍ତ କରାଯାଇ ସରକାରୀ ସହାୟତା ପ୍ରଦାନ କରିବାକୁ ସେ ଅଭିଯୋପତ୍ରରେ ଉଲ୍ଲେଖ କରିଛନ୍ତି।

ନିରାକାରପୁର ପଞ୍ଚାୟତ ନିର୍ବାହୀ ଅଧିକାରୀ ଦାଶରଥି ପ୍ରତିହାରୀ କୁହନ୍ତି, ତିତ୍‌ଲି ବାତ୍ୟାରେ କ୍ଷୟକ୍ଷତି ତାଲିକାରେ ମୃତ ଲକ୍ଷ୍ମୀଧରଙ୍କ ନାମ ୧୪ ନମ୍ବରରେ ରହିଛି। ୧୮ ତାରିଖ ପିଠା କାର୍ଯ୍ୟକ୍ରମରେ ବିଜୁ ପକ୍କାଘର ଯୋଜନାରେ କାର୍ଯ୍ୟାଦେଶ ଦିଆଯିବ ବୋଲି ଲକ୍ଷ୍ମୀଧରଙ୍କୁ କୁହାଯାଇଥିଲା। ତେବେ ସେ ଆତ୍ମହତ୍ୟା କାହିଁକି କଲେ ତାହା ମୁଁ କହିପାରିବିନି। ସରପଞ୍ଚ ହୃଷୀକେଶ ରାଉତରାୟ କୁହନ୍ତି, ଲକ୍ଷ୍ମୀଧରଙ୍କ ମୃତ୍ୟୁର କାରଣ ଘର ହୋଇ ନ ପାରେ। ବିଧାୟକ ରାଜେନ୍ଦ୍ର ସାହୁ କୁହନ୍ତି, ଲକ୍ଷ୍ମୀଧରଙ୍କ ମୃତ୍ୟୁ ଖବର ପାଇବା ପରେ ଉପଜିଲାପାଳଙ୍କ ସହ ଯୋଗାଯୋଗ କରି ରେଡକ୍ରସରୁ ୧୦ ହଜାର ଟଙ୍କା ସହାୟତା ଦିଆଯାଇଛି। ପୁରୀରେ ଶବଦାହ ପାଇଁ ସମସ୍ତ ସହାୟତା କରାଯାଇଛି। ତେବେ ଥଟ୍ଟା ମଜାରେ ଲକ୍ଷ୍ମୀଧର ମରିବାର ଭୟ ଦେଖାଇ ମରିଥାଇ ପାରନ୍ତି। ନଚେତ ମଦଦେଇ ଭିଡିଓ ଭାଇରାଲ କରି କେହି ତାଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ଷଡ଼ଯନ୍ତ୍ର କରି ହତ୍ୟା କରିଛନ୍ତି। ଭିଡିଓ ଭାଇରାଲ କରିଥିବା ଲୋକଙ୍କୁ ତଦନ୍ତ କରି ଧରାଯାଉ ବୋଲି ବିଧାୟକ କହିଛନ୍ତି।

# ସରକାରୀ ପ୍ରାୟୋଜିତ ହତ୍ୟା: ଧର୍ମେନ୍ଦ୍ର

ଖୋର୍ଦ୍ଧା ଅଫିସ/ ନିରାକାରପୁର,୧୭।୧(ଡି.ଏନ.ଏ.)

ଘର ନ ପାଇ ଲକ୍ଷ୍ମୀଧର ବେହେରାଙ୍କ ମୃତ୍ୟୁ ଘଟଣା ରାଜ୍ୟରେ ଚାଲିଥିବା ସରକାରୀ ଯୋଜନାର ସ୍ୱଚ୍ଛତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଥିବାବେଳେ ଆରମ୍ଭ ହୋଇଛି ରାଜନୀତି। କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ଘଟଣାକୁ ସରକାରୀ ପ୍ରାୟୋଜିତ ହତ୍ୟା ବୋଲି ଅଭିଯୋଗ କରିଥିବାବେଳେ ଖୋର୍ଦ୍ଧା ବିଧାୟକ ରାଜେନ୍ଦ୍ର ସାହୁ ମଲା ଲୋକଙ୍କୁ ନେଇ ରାଜନୀତି କରା ନ ଯାଉ ବୋଲି କହିଛନ୍ତି।

ଗୁରୁବାର କେନ୍ଦ୍ରମନ୍ତ୍ରୀ ପ୍ରଧାନ ମୃତ ଲକ୍ଷ୍ମୀଧରଙ୍କ ଘରକୁ ଯାଇ ତାଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ଏହିଅବସରରେ ସେ କହିଲେ, ଲାଞ୍ଚ ପାଇଁ ଜଣେ ନିରୀହ, ନିଷ୍ପାପ ଲୋକର ଜୀବନ ଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଓଡିଶାର ଏହା ବାସ୍ତବ ଚିତ୍ର। ଲକ୍ଷ୍ମୀଧରଙ୍କ ସହିତ ଘଟିଥିବା ଏଭଳି ଘଟଣା ଭାତହାଣ୍ଡିରୁ ଗୋଟିଏ ଭାତ।

### ମଲା ଲୋକଙ୍କୁ ନେଇ ରାଜନୀତି କରା ନ ଯାଉ: ବିଧାୟକ

ଏବେ କ'ଣ ମୁଖ୍ୟମନ୍ତ୍ରୀ ଲକ୍ଷ୍ମୀଧରଙ୍କ ପରିବାରକୁ ପଚାରିବେ କି 'ତୁମେମାନେ ଏବେ ଖୁସି ଅଛ ତ?' ଲକ୍ଷ୍ମୀଧରଙ୍କ ମୃତ୍ୟୁ ପାଇଁ ସିଧା ଅଭିଯୋଗ ଆସୁଛି ବିଡିଓଙ୍କ କାର୍ଯ୍ୟଧାରା ଉପରେ। ନବୀନ ସରକାରଙ୍କ ଉପରେ। ମୃତ ଲକ୍ଷ୍ମୀଧରଙ୍କ କେତୋଟି ପ୍ରଶ୍ନ ଓ କେତୋଟି କଥା ସରକାରଙ୍କୁ ଅଙ୍ଗୁଳି ନିର୍ଦ୍ଦେଶ କରିଛି। ଏଇଟା କ'ଣ ପାରିଦର୍ଶିତା, ଟ୍ରାନଫରେନ୍ସି ବୋଲି ଧର୍ମେନ୍ଦ୍ର ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷରେ ସ୍ଥାନୀୟ ବିଧାୟକ ରାଜେନ୍ଦ୍ର ସାହୁଙ୍କ ସମେତ ବହୁ ନେତା, ସରକାରୀ ଅଧିକାରୀ ଓ ଆତ୍ମୀୟ ମୃତ ଲକ୍ଷ୍ମୀଧରଙ୍କ ଘରକୁ ଯାଇ ଶୋକାକୁଳ ପରିବାରକୁ ସାନ୍ତ୍ୱନା ଦେଇଛନ୍ତି। ମଲା ଲୋକଙ୍କୁ ନେଇ ରାଜନୀତି କରା ନ ଯାଉ ବୋଲି ବିଧାୟକ ସାହୁ କହିଛନ୍ତି।

## ଜ୍ୱାଇଁଙ୍କ ସନ୍ଦେହଜନକ ମୃତ୍ୟୁ

# ହତ୍ୟା ଅଭିଯୋଗ, ରାସ୍ତାରୋକୋ

ନିଆଳି, ୧୭।୧(ଡି.ଏନ୍.ଏ.)

■ ମୃତଦେହ ରଖି କ୍ଷତିପୂରଣ ଦାବି
■ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ କାର୍ଯ୍ୟାନୁଷ୍ଠାନ
■ ଶ୍ୱଶୁରଘର ଲୋକ କହିଲେ ଆତ୍ମହତ୍ୟା

ନିଆଳି ଥାନା ଅନ୍ତର୍ଗତ ବାଁସାହିସ୍ଥିତ ଶ୍ୱଶୁର ଘରେ ଜ୍ୱାଇଁ ବିଷ୍ଣୁ ଦାସଙ୍କ ଗୁରୁବାର ସନ୍ଦେହଜନକ ମୃତ୍ୟୁ ଘଟିଛି। ହେଲେ ବିଷ୍ଣୁଙ୍କୁ ଶ୍ୱଶୁର ଘର ଲୋକେ ହତ୍ୟା କରିଥିବା ତାଙ୍କ ମା' ବିମଳା ଦାସ ନିଆଳି ଥାନାରେ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ମୃତକଙ୍କ ପରିବାରକୁ କ୍ଷତିପୂରଣ ଓ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ସନ୍ଧ୍ୟାରେ ରାସ୍ତାରୋକୋ କରାଯାଇଥିଲା। ଅଭିଯୋଗ ଅନୁଯାୟୀ, ନିଆଳି ଥାନା ଅଧୀନ ମହଙ୍ଗପଡା ଗ୍ରାମର ବିଷ୍ଣୁ ବାଁସାହିର ଜଣେ ଯୁବତୀଙ୍କୁ ବିବାହ କରିଥିଲେ। ପ୍ରାୟ ୨ ବର୍ଷ ହେବ କୌଣସି କାରଣରୁ ବିଷ୍ଣୁ ଘର ଛାଡି ଶ୍ୱଶୁର ଘରେ ରହୁଥିଲେ। ଗୁରୁବାର ସକାଳେ ବିଷ୍ଣୁ ଅସୁସ୍ଥ ହେବା ଦେଖି ଶ୍ୱଶୁର ଘର ଲୋକେ ତାଙ୍କୁ ନିଆଳି ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରୁ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ମଙ୍ଗଳାବାଗ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇବା ସହ ଘଟଣାର ତଦନ୍ତ ପାଇଁ ନିଆଳି ପୋଲିସକୁ ଜଣାଇଥିଲା। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଅନ୍ୟପକ୍ଷରେ ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ଓ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ମହଙ୍ଗପଡା ଗ୍ରାମବାସୀ ନିଆଳି-ଫୁଲନଖରା ରାସ୍ତାର ସଳେଇ ଛକରେ ମୃତଦେହ ରଖି ସନ୍ଧ୍ୟା ପ୍ରାୟ ୬ଟାରେ ରାସ୍ତାରୋକୋ କରିଥିଲେ। ଖବରପାଇ ଏସଡିପିଓ ଜିତେନ୍ଦ୍ର କୁମାର ଦଳାଇ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ହସ୍ତଗତ ହେବା ପରେ ଘଟଣାର ତଦନ୍ତ କରାଯାଇ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିବାରୁ ରାତି ୭ଟାରେ ରାସ୍ତାରୋକୋ ହଟିଥିଲା। ଅନ୍ୟପକ୍ଷରେ ବିଷ୍ଣୁ ରଶି ଲଗାଇ ଆତ୍ମହତ୍ୟା କରିଥିବା ଶ୍ୱଶୁର ଘର ଲୋକେ ପ୍ରକାଶ କରିଥିବା ନେଇ ନିଆଳି ପୋଲିସ କହିଛି।



ପୁରୀ ବେଳାଭୂମିରେ ଗୁରୁବାର ଅପରାହ୍ନରେ ପିଲାମାନେ ଗୁଡ଼ି ଉଡ଼ାଉଛନ୍ତି।

## ଭିଡିଓ କନ୍‌ଫରେନ୍ସିଂରେ ପୁନମ୍ ମହାଜନ

# ଯୁବଗୋଷ୍ଠୀଙ୍କ ନିଯୁକ୍ତିକୁ ଗୁରୁତ୍ୱ ଦିଆଯାଉଛି

ପୁରୀ ଅଫିସ,୧୭।୧

ଭାରତର ଶକ୍ତି ହେଉଛନ୍ତି ଯୁବଗୋଷ୍ଠୀ। ସେମାନଙ୍କର କେଉଁ କାମ ପ୍ରତି ଆଗ୍ରହ ଏବଂ ଦକ୍ଷତା ରହିଛି ତାହାକୁ ପରଖି ନିଯୁକ୍ତି ଦେବା ଉପରେ ଗୁରୁତ୍ୱ ଦିଆଯାଉଛି। ଗୁରୁବାର ଦୋଳବେଦୀ କୋଣସ୍ଥିତ ଅଭିଷେକ ଭବନରେ ଆୟୋଜିତ ଭିଡିଓ କନ୍‌ଫରେନ୍ସି ମାଧ୍ୟମରେ ଭାରତୀୟ ଜନତା ଯୁବମୋର୍ଚ୍ଚାର ରାଷ୍ଟ୍ରୀୟ ସଭାନେତ୍ରୀ ପୁନମ୍ ମହାଜନ ଏହା କହିଛନ୍ତି। ଲକ୍ଷ୍ୟ ହମାରା, ମୋଦି ଦୋବାରା ଲକ୍ଷ୍ୟ ନେଇ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ରାଷ୍ଟ୍ରୀୟ ସଭାନେତ୍ରୀ ମହାଜନ ଭିଡିଓ କନ୍‌ଫରେନ୍ସି ମାଧ୍ୟମରେ ପାର୍ଟିର କାର୍ଯ୍ୟକର୍ତ୍ତାମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ। ଏହି ଭିଡିଓ କନ୍‌ଫରେନ୍ସିଂରେ ଯୁବମୋର୍ଚ୍ଚା ଓଡ଼ିଶା ଅଧ୍ୟକ୍ଷ ଟଙ୍କଧର ତ୍ରିପାଠୀ, ମୋର୍ଚ୍ଚାର ଜାତୀୟ ଗଣମାଧ୍ୟମ ମୁଖ୍ୟ ନେହା ଯୋଶୀ, ଯୁବମୋର୍ଚ୍ଚା ରାଜ୍ୟ ସମ୍ପାଦକ ଦୀପକ ଗୋଛାୟତ, ପୁରୀ ଜିଲା ସଭାପତି ଜୟନ୍ତ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ମାତ୍ରାଧିକ ଖାଦ୍ୟ ଗ୍ରହଣ ଶରୀର ଉପରେ କୁପ୍ରଭାବ ପକାଇଥାଏ

ଭୁବନେଶ୍ୱର, ୧୭।୧(ବ୍ୟୁରୋ)

ନିରୋଗ ଓ ସୁସ୍ଥ ଜୀବନଶୈଳୀ ପାଇଁ ରୋଗ ପ୍ରତିରୋଧକ ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଇବା ଉଚିତ। କିନ୍ତୁ ମାତ୍ରାଧିକ ଖାଦ୍ୟ ଗ୍ରହଣ ଶରୀର ଉପରେ କୁପ୍ରଭାବ ପକାଇଥାଏ। ଆଧୁନିକ ଯୁଗରେ ଜୀବନଶୈଳୀ ଓ ଖାଦ୍ୟପାନୀୟ ଗ୍ରହଣରେ ପରିବର୍ତ୍ତନ, ତମାଖୁ, ସିଗାରେଟ୍ ଆଦି ସେବନ ଏବଂ ଅତ୍ୟଧିକ ଭିଟାମିନ୍ ଜାତୀୟ ଖାଦ୍ୟ ଗ୍ରହଣ କର୍କଟ ରୋଗର ମୁଖ୍ୟ କାରଣ ପାଲଟିଥାଏ। ତମାଖୁ ନୁହେଁ, ଜୀବନ ବଡ଼। ଯୁବପିଢ଼ି ଏହାକୁ ବୁଝିବା ଦରକାର ବୋଲି ଆମେରିକା ଜୋହନ୍ସ ହେପ୍‌କିନ୍ସ ୟୁନିଭର୍ସିଟି ଅନ୍‌କୋଲୋଜି ବିଭାଗର ସ୍କୁଲ ଅଫ୍ ପବ୍ଲିକ ହେଲ୍‌ଥ ଏବଂ ସ୍କୁଲ ଅଫ୍ ମେଡିସିନ୍‌ର ପ୍ରଫେସର ଶ୍ୟାମ ବିଶ୍ୱାଳ କହିଛନ୍ତି। ଗୁରୁବାର ପିଜି କାଉନ୍ସିଲ୍ ହଲ୍‌ରେ ଆୟୋଜିତ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ଲାଟିନମ୍ ଜୟନ୍ତୀ ସପ୍ତମ ସ୍ମାରକୀ ବକ୍ତୃତା କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଫେସର ବିଶ୍ୱାଳ କହିଥିଲେ, ଶରୀର ମଧ୍ୟରେ କୌଣସି ସ୍ଥାନରେ କୋଷଗୁଡ଼ିକର ଅନିୟନ୍ତ୍ରିତ ଓ ଅତ୍ୟଧିକ ସଂଖ୍ୟା ବୃଦ୍ଧି ଯୋଗୁ ସେହି ଅଙ୍ଗରେ ଟ୍ୟୁମର ପିଣ୍ଡ ସୃଷ୍ଟି ହୋଇଥାଏ। ପରେ ସେହି ଟ୍ୟୁମର ପିଣ୍ଡ କର୍କଟ ରୋଗ ପ୍ରତି ଅଗ୍ରସର ହୁଏ। ଏହାର ପ୍ରତିକାର ଓ ସଫଳ ନିଦାନ ପାଇଁ ବ୍ୟାପକ ଜନସଚେତନତା ଜରୁରୀ ବୋଲି ସେ ଗୁରୁତ୍ୱାରୋପ କରିଥିଲେ। କୁଳପତି ପ୍ରଫେସର ସୌମେନ୍ଦ୍ର ମୋହନ ପଟ୍ଟନାୟକ ଓ ପ୍ରଫେସର ବ୍ରହ୍ମାନନ୍ଦ ଶତପଥୀ ଉପସ୍ଥିତ ଥିଲେ। ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟ ସ୍ୱାଗତ ଭାଷଣ ଦେଇଥିବାବେଳେ ଅଧ୍ୟାପିକା ସ୍ୱପ୍ନା ପ୍ରଭୁ ଧନ୍ୟବାଦ ଅର୍ପଣ କରିଥିଲେ।





ଗୁରୁବାର ଭୁବନେଶ୍ୱର ବରମୁଣ୍ଡା ପଡ଼ିଆରେ ଚାଲିଥିବା କୃଷି ଓଡ଼ିଶା ମହୋତ୍ସବରେ ପ୍ରଦର୍ଶିତ ଏକ ଷ୍ଟଲରେ ଯୁବତୀମାନେ ସେଲ୍‌ଫି ନେଉଛନ୍ତି।

# ମହିଳାଙ୍କୁ ଆକ୍ରମଣ, ୫ ଗିରଫ

ଭୁବନେଶ୍ୱର, ୧୭।୧(ବ୍ୟୁରୋ)

ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ମାଡ ମାରିବା ଘଟଣାରେ ପୋଲିସ ୫ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଲକ୍ଷ୍ମୀସାଗର ଅଞ୍ଚଳରେ ରହୁଥିବା ରାୟଗଡାର ମହେଶ୍ୱର ମହାନ୍ତି, ପ୍ରତାପ କେଶରୀ ପରିଡା, ବିନାୟକ ରାଉତ, ଅକ୍ଷୟ ସାହୁ ଏବଂ କଟକର ବିକାଶ ବାରିକ। ସୂଚନା ମୁତାବକ, ଲକ୍ଷ୍ମୀସାଗର ଗାଁ ଭିତରେ ଜୟନ୍ତୀ ରାଉତ ପରିବାର ସହ ରହୁଥିବା ବେଳେ ଅଭିଯୁକ୍ତମାନେ ସେଠାରେ ଘରଭଡା ନେଇ ରୁହନ୍ତି। ବୁଧବାର ବିଳମ୍ବିତ ରାତିରେ ୫ ଅଭିଯୁକ୍ତ ନିଶାସକ୍ତ ଅବସ୍ଥାରେ ଜୟନ୍ତୀଙ୍କ ଘର ନିକଟରେ ଗାଲି ଗୁଲଜ କରିଥିଲେ। ଜୟନ୍ତୀ ବିରୋଧ କରିବାରୁ ତାଙ୍କୁ ଏବଂ ତାଙ୍କ ସ୍ୱାମୀଙ୍କୁ ସେମାନେ ମାଡ଼ ମାରିଥିଲେ। ଏ ନେଇ ଜୟନ୍ତୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(୧୭/୧୯) ରୁଜୁ କରିବା ସହ ଘଟଣାର ତଦନ୍ତ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା।

# ରିଜର୍ଭରେ ଝିତ ଖାଉଛି ପୋଲିସ ବିଭାଗର ସମ୍ପତ୍ତି

ଭୁବନେଶ୍ୱର, ୧୭।୧(ବ୍ୟୁରୋ)

■ ନିଲାମ ନ ହୋଇ ପଡିରହିଛି ଅଧାଭଙ୍ଗା ଭ୍ୟାନ୍
■ ପ୍ରତିଦିନ ହେଉଛି ଚୋରି ଗାଡି ପାର୍ଟ୍ସ



ପୋଲିସ ରିଜର୍ଭ ଗ୍ରାଉଣ୍ଡରେ ପଡ଼ି ରହିଥିବା ଗାଡ଼ି।

କମିଶନରେଟ ପୋଲିସର ରିଜର୍ଭ ଗ୍ରାଉଣ୍ଡରେ ଖତ ଖାଉଛି କୋଟି କୋଟି ଟଙ୍କାର ସମ୍ପତ୍ତି। ହେଲେ ଏଥିପ୍ରତି କାହାର ନିଘା ନାହିଁ। କମିଶନରେଟ ପୋଲିସରେ ଫିଟ୍‌ନେସ ନ ଥିବା ଅଥବା ଅଚଳ ହୋଇପଡିଥିବା ପିସିଆର ଭ୍ୟାନ୍, ପୋଲିସ ଭ୍ୟାନ୍ ଓ ଅନ୍ୟ ଗାଡିଗୁଡିକ ସେଠାରେ ରଖାଯାଇଛି। ଦୀର୍ଘଦିନ ହେବ ଖରାବର୍ଷା ଖାଇ ଗାଡ଼ିଗୁଡ଼ିକ ନଷ୍ଟ ହୋଇଗଲାଣି। ପ୍ରତିବର୍ଷ ସେଗୁଡ଼ିକୁ ନିଲାମ ଡକାଯାଇ ବିକ୍ରି କରିବା ପାଇଁ ନିୟମ ରହିଛି। କିନ୍ତୁ ତାହା କରାଯାଉ ନାହିଁ। ଗାଡିଗୁଡିକ ପଡିରହିଥିବା ସ୍ଥାନରେ କୌଣସି ସିସିଟିଭି କ୍ୟାମେରା ଲାଗି ନ ଥିବାରୁ ଗାଡିରୁ ଏକାଧିକ ପାର୍ଟ୍ସ ଚୋରି ହୋଇଗଲାଣି। ଅଧିକାଂଶ ଗାଡ଼ି ଭିତରେ ଯନ୍ତ୍ରପାତି ନ ଥିବାବେଳେ କେବଳ ଖୋଳ ପଡିରହିଛି।

ଏ ସମ୍ପର୍କରେ ବୁଝିବାରୁ ଜଣାପଡିଥିଲା ଯେ, ୨୦୧୭ରେ ତତ୍କାଳୀନ ପୋଲିସ କମିଶନର ୱାଇ. ବି. ଖୁରାନିଆଙ୍କ ସମୟରେ ଗାଡିଗୁଡିକୁ ନିଲାମ ଡକାଯାଇଥିଲା। ଗାଡି ନେବା ପାଇଁ ବିଭିନ୍ନ ସଂସ୍ଥା ପହଞ୍ଚିଥିଲେ। ହେଲେ ଗାଡି ଦେଖିବା ପରେ କେହି ନେବାକୁ ରାଜି ହୋଇ ନ ଥିଲେ। କମିଶନରେଟ ପୋଲିସ ପକ୍ଷରୁ ଉକ୍ତ ଗାଡିଗୁଡିକୁ ଯେତିକି ଟଙ୍କା ନିଲାମ ରଖାଯାଇଥିଲା, ସେଥିରେ ସଂସ୍ଥାଗୁଡିକ ରାଜି ହୋଇ ନ ଥିଲେ। ରିଜର୍ଭ ଗ୍ରାଉଣ୍ଡରେ ଥିବା ଜଣେ ପୋଲିସ କର୍ମଚାରୀ ନାମ ଗୋପନ ରଖି କହିଛନ୍ତି, ଦୀର୍ଘ ୯ ବର୍ଷରୁ ଊର୍ଦ୍ଧ୍ୱ ହେବ ଉକ୍ତ ଗାଡିଗୁଡିକ ପଡିରହିଛି। ଗାଡି ବାହାରୁ ଯାହା ଦେଖା ଯାଉଛି ତାହା ଭିତରେ କିଛି ନାହିଁ। ଏକାଧିକ ଗୁରୁତ୍ୱପୂର୍ଣ୍ଣ ପାର୍ଟ୍ସ ଚୋରି ହୋଇଯାଇଛି। ଖାଲି ଖୋଳ ପଡିଛି। ତେଣୁ ନିଲାମ ସମୟରେ ଯେଉଁ ସଂସ୍ଥାଗୁଡିକ ଗାଡି ଦେଖିବାକୁ ଆସିଥିଲେ ସେମାନେ ଗାଡିର ଅବସ୍ଥା ଦେଖି ଫେରିଯାଇଥିଲେ।

ଏ ସମ୍ପର୍କରେ ପୋଲିସ କମିଶନର ସତ୍ୟଜିତ ମହାନ୍ତି କହିଛନ୍ତି, ମୋ ପୂର୍ବରୁ ଥରେ ନିଲାମ ଡକାଯାଇଥିଲା। ହେଲେ ଗାଡିର ଅବସ୍ଥା ଦେଖି କୌଣସି ସଂସ୍ଥା ତାହାକୁ ନେଇ ନ ଥିଲେ। ଆମେ ଭାବୁଛୁ ଗାଡି ମୂଲ୍ୟ ଅଧିକ ହୋଇଯାଇଥିଲା। ତେଣୁ ଉକ୍ତ ଭଙ୍ଗା ଗାଡିଗୁଡିକର ଫାଇଲ୍ ଦେଖିବା ପରେ ଖୁବ୍‌ଶୀଘ୍ର ନିଲାମ ଡକାଯିବ। ଏଥର ଗାଡିର ପ୍ରକୃତ ମୂଲ୍ୟ ଦେଖି ନିଲାମ ଡକାଯିବ ବୋଲି ପୋଲିସ କମିଶନର କହିଛନ୍ତି।

ଅନ୍ୟପଟେ ଏଠାରେ ପ୍ରଶ୍ନ ଉଠୁଛି ଯେ, ଏତେଦିନ ଏହି ଗାଡିଗୁଡିକୁ କାହା ସ୍ୱାର୍ଥ ପାଇଁ ପକାଇ ରଖାଯାଇଛି। ରାଜଧାନୀର ଅନେକ ଥାନାରେ ପିସିଆର ଭ୍ୟାନର ଅଭାବ ରହିଛି। ଏହି ଗାଡିଗୁଡିକୁ ନିଲାମ ଡକାଯାଇ ବିକ୍ରି କରାଗଲେ ଉକ୍ତ ଟଙ୍କାରେ ନୂଆ ପିସିଆର ଭ୍ୟାନ୍ କିଣାଯାଇ ଥାନାକୁ ଦିଆଯାଇପାରିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।



ଦୁଃଖ, ବିପଦ ଆସିବ ନାହିଁ ଏପରି ଭାବିବା ଭୁଲ୍। ତାହା ନିଶ୍ଚୟ ଆସିବ। କିନ୍ତୁ ଭକ୍ତର ସେଥିରେ କ'ଣ ହୁଏ ଜାଣ? ଦୁଃଖ ପୁଣି ତାହାର ପାଦତଳ ଦେଇ ପାଣି ସୁଅ ଗଲାପରି ଆପଣାଛାଏଁ ଚାଲିଯାଏ।
- ସାରଦା ଦେବୀ

## ସଂକ୍ଷେପରେ

### କୁମ୍ଭମେଳାରେ ସ୍ୱାମୀ ଶଙ୍କରାନନ୍ଦ ଗିରିଙ୍କ ବିଶାଳ କଳସ




**ଭୁବନେଶ୍ୱର,୧୭।୧(ବ୍ୟୁରୋ):** ଭୁବନେଶ୍ୱରସ୍ଥିତ କ୍ରିୟାଯୋଗ ଫାଉଣ୍ଡେଶନ ଟ୍ରଷ୍ଟ ଅଧକ୍ଷ ତଥା ପ୍ରଭୁଜୀ ଇଂଲିଶ ମିଡିୟମ୍ ସ୍କୁଲ ପ୍ରତିଷ୍ଠାତା ସ୍ୱାମୀ ଶଙ୍କରାନନ୍ଦ ଗିରି ମହାରାଜଙ୍କ ଦ୍ୱାରା ପ୍ରୟାଗରାଜଠାରେ ଅନୁଷ୍ଠିତ କୁମ୍ଭମେଳାରେ ଏକ ଭବ୍ୟ କଳସ ନିର୍ମାଣ କରାଯାଇଛି। ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଦ୍ୱାରା ଗୁରୁ ହଂସ ଦେବାଚାର୍ଯ୍ୟ ଏବଂ ବହୁ ସାଧୁସନ୍ଥଙ୍କ ଉପସ୍ଥିତିରେ ଏହା ଉଦ୍‌ଘାଟିତ ହୋଇଛି। ୫୪ ଫୁଟ ଉଚ୍ଚତା, ୨୮ ଫୁଟ ବ୍ୟାସ ଏବଂ ୮୮ ଫୁଟ ଗୋଲେଇ ବିଶିଷ୍ଟ ଏହି କଳସ ଶରୀରର ପ୍ରତୀକ ଭାବରେ ପ୍ରାଣବାୟୁ ମୂଳାଧାର ଚକ୍ରଠାରୁ ସହସ୍ରାର ଚକ୍ର ପର୍ଯ୍ୟନ୍ତ ପ୍ରାଣ ପ୍ରବେଶ କରୁଥିବାର ତତ୍ତ୍ୱକୁ ଦର୍ଶାଉଛି। ନାରିକେଳ ସହ ୬୪ ଫୁଟର ଏହି କଳସକୁ ଏକକାଳୀନ ୨୦ଲୋକ ଚଢ଼ିପାରିବା ସହ ୫୦ଜଣ ବସି ଏକାସାଙ୍ଗେ ଧାନ କରିବାର ବ୍ୟବସ୍ଥା ହୋଇଛି। କୁମ୍ଭମେଳାର ଯେକୌଣସି ସ୍ଥାନରୁ ଦୃଶ୍ୟମାନ ହେଉଥିବା ଏହି କଳସ ପ୍ରୟାଗରାଜରେ ଓଡ଼ିଶାର ନାମକୁ ଉଚ୍ଚ କରିଛି। ଓଡ଼ିଶାର ରେଢ଼ାଖୋଲ ଅଞ୍ଚଳର କାରିଗର ସୁନାରାମ ମୁଣ୍ଡାଙ୍କ ତତ୍ତ୍ୱାବଧାନରେ ଏହା ମାତ୍ର ୨ମାସ ମଧ୍ୟରେ ନିର୍ମିତ ହୋଇଥିବା କ୍ରିୟାଯୋଗ ଫାଉଣ୍ଡେଶନ ଟ୍ରଷ୍ଟ ସମ୍ପାଦିକା ଡ. ବୀଣାପାଣି ରଥ କହିଛନ୍ତି। ଏହି ଭବ୍ୟକୁମ୍ଭ ମହାଶିବରାତ୍ରି ପର୍ଯ୍ୟନ୍ତ ସେଠାରେ ଶୋଭାପାଇବ।

### ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ତ୍ରୁଟିପୂର୍ଣ୍ଣ ମୂଲ୍ୟାୟନ ଘଟଣା
### ପୁନଃମୂଲ୍ୟାୟନ ପରେ ଟପ୍ପର ହେଲେ ଦେବଦତ୍ତ

**ଭୁବନେଶ୍ୱର,୧୭।୧(ବ୍ୟୁରୋ):** ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ତ୍ରୁଟିପୂର୍ଣ୍ଣ ମୂଲ୍ୟାୟନ ନୀତି ପୁଣିଥରେ ପଦାରେ ପଡ଼ିଛି। ୨୦୧୮ରେ ରେଗୁଲାର ପରୀକ୍ଷା ଦେଇଥିବା ଜଣେ ମେଧାବୀ ଛାତ୍ରଙ୍କ ପୁନଃମୂଲ୍ୟାୟନରୁ ଏହା ଜଣାପଡ଼ିଛି। ୨୦୧୮ରେ ଯୁକ୍ତ୨ ପରୀକ୍ଷା ଦେଇଥିବା ବିଜେବି କଲେଜର ଛାତ୍ର ଦେବଦତ୍ତ ଦାଶଙ୍କ ପରୀକ୍ଷା ଖାତାରେ ଠିକ୍ ମୂଲ୍ୟାୟନ ହୋଇ ନ ଥିବାରୁ ସେ ପୁନଃମୂଲ୍ୟାୟନ ପାଇଁ ନିର୍ଦ୍ଧାରିତ ସମୟରେ ଆବେଦନ କରିଥିଲେ। ଆବେଦନର ପ୍ରାୟ ୬ମାସ ପରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଖାତା ଦେଖାରେ ହୋଇଥିବା ଭୁଲ୍‌କୁ ସୁଧୁରାଯାଇଛି। ଇଚ୍ଛାଧୀନ ଇଂଲିଶ, ଗଣିତ ଏବଂ ପଦାର୍ଥ ବିଜ୍ଞାନରେ ପୁନଃମୂଲ୍ୟାୟନ ପରେ ୧୩ ମାର୍କ ବୃଦ୍ଧିପାଇଛି। ମାର୍କ ବଢ଼ିବା ପରେ ଦେବଦତ୍ତ ସର୍ବମୋଟ ୫୫୧ ନମ୍ବର ରଖି ୯୨ ପ୍ରତିଶତ ସହ ବିଜେବି ଜୁନିୟର କଲେଜର ଟପ୍ପର ହୋଇଛନ୍ତି। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ୨୦୧୮ ମସିହାରେ ହୋଇଥିବା ଯୁକ୍ତ୨ ରେଗୁଲାର ପରୀକ୍ଷାରେ ବିଜ୍ଞାନ ଖାତା ଦେଖାରେ ତ୍ରୁଟି ହୋଇଥିବା ନେଇ ବହୁ ମେଧାବୀ ଛାତ୍ରୀଛାତ୍ର ଅଭିଯୋଗ କରିଥିଲେ। ଏ ନେଇ ପୁନଃମୂଲ୍ୟାୟନ ପାଇଁ ଆବେଦନ କରିଥିଲେ ମଧ ଖାମଖିଆଲ ମନୋଭାବ ଯୋଗୁ ପ୍ରକ୍ରିୟାରେ ଅହେତୁକ ବିଳମ୍ବ ହୋଇଥିଲା। ୨୦୧୯ ମସିହା ବିଜ୍ଞାନ ପରୀକ୍ଷା ଆରମ୍ଭ ହେବାର ସମୟ ଆସିଯାଇଥିଲେ ବି ଛାତ୍ରୀଛାତ୍ରଙ୍କୁ ପୁନଃମୂଲ୍ୟାୟନ ମାର୍କଶିଟ୍ ପାଇଁ ପରିଷଦ ଅଫିସକୁ ବାରମ୍ବାର ଦୌଡ଼ିବାକୁ ପଡ଼ିଥିଲା। ଏନେଇ ଛାତ୍ରୀଛାତ୍ର, ଅଭିଭାବକ ମହଲରେ ଅସନ୍ତୋଷ ଦେଖିବାକୁ ମିଳିଛି।

# ୮ଲକ୍ଷ ହେକ୍ଟର ଜମି ଜଳସେଚିତ ହୋଇଛି: ମନ୍ତ୍ରୀ

**ଭୁବନେଶ୍ୱର, ୧୭।୧(ବ୍ୟୁରୋ)**

## 'କୃଷି ଓଡ଼ିଶା'ର ତୃତୀୟ ଦିବସ




ମନ୍ତ୍ରୀ ଶଶିଭୂଷଣ ବେହେରା ଉଦ୍‌ବୋଧନ ଦେଉଛନ୍ତି।

କୃଷି କ୍ଷେତ୍ରରେ ଉତ୍ପାଦନ ବୃଦ୍ଧି ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ଜଳସେଚନକୁ ପ୍ରାଥମିକତା ଦିଆଯାଉଛି। ୫ବର୍ଷ ମଧ୍ୟରେ ୧୦ ଲକ୍ଷ ହେକ୍ଟର ଜମିରେ ଜଳସେଚନର ଧାର୍ଯ୍ୟ ଲକ୍ଷ୍ୟ ମଧ୍ୟରୁ ୮ ଲକ୍ଷ ହେକ୍ଟରରୁ ଅଧିକ ଜମିରେ ଜଳସେଚନ ସୁବିଧା ଯୋଗାଇ ଦିଆଯାଇଛି। ଅବଶିଷ୍ଟ ଧାର୍ଯ୍ୟ ଲକ୍ଷ୍ୟ ଆସନ୍ତା ଏପ୍ରିଲ ସୁଦ୍ଧା ପୂରଣ ହେବ ବୋଲି ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ତଥା ଜଳସମ୍ପଦ ମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଛନ୍ତି। 'କୃଷି ଓଡ଼ିଶା-୨୦୧୯'ର ତୃତୀୟ ଦିବସ ସମାରୋହରେ ମନ୍ତ୍ରୀ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ବିଗତ ଦଶନ୍ଧିରେ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ଯୋଗୁ କୃଷି କ୍ଷେତ୍ରରେ ଅଭୂତପୂର୍ବ ଉନ୍ନତି ଘଟିଛି। କୃଷକମାନଙ୍କୁ ନୂତନ ଜ୍ଞାନକୌଶଳ ଓ ଆଧୁନିକ ପଦ୍ଧତି ଆପଣାଇ କୃଷି କାର୍ଯ୍ୟ କରିବାର ଆବଶ୍ୟକତା ରହିଛି ବୋଲି ମନ୍ତ୍ରୀ କହିଛନ୍ତି।

ସମ୍ମାନିତ ଅତିଥିଭାବେ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗଦେଇ କହିଛନ୍ତି, ଚାଷ ଆମର ଆର୍ଥିକ ମେରୁଦଣ୍ଡ। ରାଜ୍ୟ ସରକାର କୃଷି ଓ କୃଷକ ସମେତ ସମାଜର ସବୁବର୍ଗର କଲ୍ୟାଣ ନିମନ୍ତେ ୨୨ରୁ ଅଧିକ ଜନକଲ୍ୟାଣକାରୀ ଯୋଜନା ପ୍ରଣୟନ କରିଛନ୍ତି। ଜଳସମ୍ପଦ ବିଭାଗ ପ୍ରମୁଖ ସଚିବ ପ୍ରଦୀପ କୁମାର ଜେନା ସମ୍ମାନିତ ଅତିଥିଭାବେ ଯୋଗଦେଇ କୃଷକମାନେ ଓଡ଼ିଶା ପାଇଁ ଏକ ସ୍ୱତନ୍ତ୍ର ପରିଚୟ ଆଣିପାରିଛନ୍ତି ବୋଲି କହିଥିଲେ। ଓଡ଼ିଶାରେ ଉପଲବ୍ଧ ଜଳକୁ କିପରି ଅଧିକ ଫସଲ ଉତ୍ପାଦନ ନିମନ୍ତେ ବ୍ୟବହାର କରିହେବ ସେଥି ନିମନ୍ତେ କୃଷି ବୈଜ୍ଞାନିକମାନେ ଗବେଷଣା କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ଅର୍ଥ ତଥା କୃଷି ମନ୍ତ୍ରୀ ଶଶିଭୂଷଣ ବେହେରା ପୌରୋହିତ୍ୟ କରି କହିଲେ, କୃଷି ଉତ୍ପାଦନ ବୃଦ୍ଧି କରିବାରେ ଓଡ଼ିଶାର କୃଷକମାନଙ୍କର ସମସ୍ତ କ୍ଷମତା ରହିଛି। କୃଷି ଉତ୍ପାଦନ ବୃଦ୍ଧି ନିମନ୍ତେ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯାଉଛି। କୃଷକମାନେ କୃଷି ଅଧିକାରୀମାନଙ୍କ ସହାୟତା ଓ ପରାମର୍ଶ ନେଇ ଚାଷ କାର୍ଯ୍ୟକୁ ଆଗେଇ ନେବା ଉଚିତ। ଏହି ଅବସରରେ ଉଦ୍ୟାନ କୃଷି କ୍ଷେତ୍ରରେ ସଫଳ ଚାଷୀଙ୍କୁ ୧୦ ହଜାର ଟଙ୍କାର ପୁରସ୍କାର ସହିତ ମାନପତ୍ର ପ୍ରଦାନ କରାଯାଇଥିଲା। ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନର ନିର୍ଦ୍ଦେଶକ ହେମନ୍ତ କୁମାର ପଣ୍ଡା ସ୍ୱାଗତ ଭାଷଣ ଦେଇଥିବାବେଳେ ପ୍ରାଣୀ ପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ରତ୍ନାକର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

**ଉଦ୍ୟାନ କୃଷିରେ ସଫଳ ଚାଷୀ ପୁରସ୍କୃତ**

# ଫ୍ଲେକ୍ସି ଜୈବ ଇନ୍ଧନ ପ୍ଲାଣ୍ଟ

**ଭୁବନେଶ୍ୱର, ୧୭।୧(ବ୍ୟୁରୋ)**



ପାରମ୍ପରିକ ଜୈବ ଇନ୍ଧନ ପ୍ରକଳ୍ପ ପାଇଁ ମାସାଧିକ ସମୟ ଲାଗିଥାଏ। କିନ୍ତୁ ଫ୍ଲେକ୍ସି ଜୈବ ଇନ୍ଧନ ପ୍ଲାଣ୍ଟ ଏକ ଦିନରେ ପ୍ରସ୍ତୁତ କରାଯାଇପାରିବ। ଏହାକୁ ନିର୍ମାଣ କରିବାରେ କମ୍ ଖର୍ଚ୍ଚ ହେଉଥିବାବେଳେ କୌଣସି କୁଶଳୀ କାରିଗରଙ୍କ ଆବଶ୍ୟକତା ପଡ଼େନାହିଁ। ଏଥିରେ ୨ଘନ ମିଟର ଗ୍ୟାସ୍ ଉତ୍ପାଦିତ ହୋଇପାରେ, ଯାହା ୨ଟି ଏଲ୍‌ପିଜି ସିଲିଣ୍ଡର ସହିତ ସମାନ। ୬୦ କିଲୋଗ୍ରାମ ଗୋବର, କୁକୁଡ଼ା ଖତ ବା ୪୦କେଜି ରୋଷେଇ ବର୍ଜ୍ୟବସ୍ତୁ ବ୍ୟବହାର କରି ଏହି ପ୍ଲାଣ୍ଟ ଜରିଆରେ ଜୈବ ଇନ୍ଧନ ପ୍ରସ୍ତୁତ କରାଯାଇପାରିବ। ଏହି ଫ୍ଲେକ୍ସି ଜୈବ ଇନ୍ଧନ ପ୍ଲାଣ୍ଟ ସମ୍ପର୍କରେ ରାଜ୍ୟବାସୀ ତଥା ସାଧାରଣ ଚାଷୀମାନଙ୍କୁ ଜଣାଇବା ପାଇଁ କୃଷି ଓଡ଼ିଶା ଉତ୍ସବରେ ପଡ଼ିଛି ଏହାର ସ୍ୱତନ୍ତ୍ର ଷ୍ଟଲ। ହାଇଦ୍ରାବାଦ୍‌ରୁ ଆସିଥିବା ପ୍ରବୀନ ମଲ୍ଲେସଗରିଆ ଏହି ପ୍ଲାଣ୍ଟର ଉପକାରିତା ସମ୍ପର୍କରେ ଚାଷୀମାନଙ୍କୁ ବୁଝାଉଛନ୍ତି।

ପ୍ରବୀନ କୁହନ୍ତି, ଯାହା ପାଖରେ ୪ଟି ଗାଈ ଅଛି, ତାଙ୍କ ଘରେ ଏହି ପ୍ଲାଣ୍ଟ ଦ୍ୱାରା ୧୦ଜଣଙ୍କ ପାଇଁ ଗୋଟିଏ ଦିନର ପୂରା ଖାଦ୍ୟ ପ୍ରସ୍ତୁତ ହୋଇପାରିବ। ପ୍ରତିଦିନ ଏଥିରେ ଗୋବର ପକାଇବାକୁ ପଡ଼େ। ଏଥିରୁ ବାହାରୁଥିବା ଜଳୀୟ ଅଂଶକୁ ମଧ୍ୟ ଚାଷ ଜମିରେ ପକାଯାଇପାରିବ। ପ୍ଲାଣ୍ଟର କାର୍ଯ୍ୟକ୍ଷମତା ୧୦ବର୍ଷ ପର୍ଯ୍ୟନ୍ତ ରହିଛି। ଯଦି ଏହାକୁ କେହି କାଟିଦିଏ କିମ୍ବା ଲିକ୍ ହୋଇଯାଏ ତେବେ ଟାୟାର ଭଳି ଏଥିରେ ମଧ୍ୟ ପ୍ୟାଚ୍ ପକାଯାଇପାରିବ। ଗୁଜରାଟରେ ଏହି ପ୍ଲାଣ୍ଟ ପ୍ରସ୍ତୁତ ହେଉଛି। ସେଠାରେ ବିଭିନ୍ନ ଜିଲାରେ ସରକାରଙ୍କ ପକ୍ଷରୁ ପ୍ରସ୍ତାବ ନେଇ ଏହାକୁ ସଂସ୍ଥାପନ କରାଯାଉଛି। ପଶ୍ଚିମ ଭାରତରେ ଅନେକ ସହରରେ ଏହାର ପ୍ରଶଂସା ମିଳିଛି। ଓଡ଼ିଶାର ୬ଟି ସହରରେ ୧୦ଟି ପ୍ଲାଣ୍ଟ ଲଗାଯାଇଛି। ଘରେ କେହି ଲଗାଇବାକୁ ଚାହିଁଲେ ସମ୍ପୂର୍ଣ୍ଣ ସେଟ୍‌କୁ ୨୫ହଜାର ଟଙ୍କାରେ ଲଗାଇପାରିବେ। ଏଠାକୁ ଆସୁଥିବା ଅନେକ ଚାଷୀ ଏହି ପ୍ଲାଣ୍ଟର ପ୍ରଶଂସା କରୁଛନ୍ତି ବୋଲି ପ୍ରବୀନ କହିଛନ୍ତି। ଅନ୍ୟପଟେ ଯଦି ଏଥିରେ ସବ୍‌ସିଡି ମିଳନ୍ତା ତେବେ ଗରିବ ଶ୍ରେଣୀର ଲୋକମାନେ ଏହାକୁ ବ୍ୟବହାର କରିପାରନେ ବୋଲି ଚାଷୀମାନେ କହିଛନ୍ତି।

# ରାଜ୍ୟସ୍ତରୀୟ ପୋଲିସ ପରିବାର କଲ୍ୟାଣ ପ୍ରଦର୍ଶନୀ ଉଦ୍‌ଘାଟିତ



ମୁଖ୍ୟଅତିଥି ନମ୍ରତା ଚଢା ପ୍ରଦର୍ଶନୀକୁ ଉଦ୍‌ଘାଟନ କରୁଛନ୍ତି।

**କଟକ ଅଫିସ, ୧୭।୧**

କଟକ ବାଲିଯାତ୍ରା ଉପରପଡିଆରେ ବରିଷ୍ଠ ପୋଲିସ ଅଧିକାରୀ ମହିଳା କ୍ଲବ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ପୋଲିସ ପରିବାର କଲ୍ୟାଣ ପ୍ରଦର୍ଶନୀ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ସାମାଜିକ କର୍ମୀ ନମ୍ରତା ଚଢା ଏହାକୁ ଉଦ୍‌ଘାଟନ କରିବା ସହ ବିଭିନ୍ନ ଜିଲା ଏବଂ ବାଟାଲିୟନରୁ ଆସିଥିବା ପରିବାର କଲ୍ୟାଣ କେନ୍ଦ୍ରର ଷ୍ଟଲ୍ ପରିଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ପୋଲିସ ଅଧିକାରୀ ମହିଳା କ୍ଲବର ସମ୍ପାଦକ ସୋନାଲି ମହାନ୍ତି ସଭାପତିତ୍ୱ କରି ମହିଳା କ୍ଲବର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏହି ପ୍ରଦର୍ଶନୀରେ ଷ୍ଟଲ ସାଜସଜା, ଖାଦ୍ୟଦ୍ରବ୍ୟ ପ୍ରସ୍ତୁତି ଓ ସୂଚି କାର୍ଯ୍ୟ ଏବଂ ହସ୍ତକଳା ପାଇଁ ପୁରସ୍କାର ପ୍ରଦାନର ବ୍ୟବସ୍ଥା ରହିଛି। ଏହା ବାଛିବା ପାଇଁ ୨ ଜଣ ବିଶିଷ୍ଟ ମହିଳା ସାଗରିକା ପ୍ରହରାଜ ଏବଂ ନୟନତାରା ନନ୍ଦ ବିଚାରକ ଭାବେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ସୂଚନାଯୋଗ୍ୟ, ଚଳିତବର୍ଷ ଏହି ପ୍ରଦର୍ଶନୀରେ ବିଭିନ୍ନ ଜିଲା ଓ ବାଟାଲିୟନମାନଙ୍କରୁ ସମୁଦାୟ ୩୨ଟି ପରିବାର କଲ୍ୟାଣ କେନ୍ଦ୍ର ଅଂଶଗ୍ରହଣ କରିଛନ୍ତି। ଏହି ପ୍ରଦର୍ଶନୀ ମାଧ୍ୟମରେ ଖାଦ୍ୟଦ୍ରବ୍ୟ ଏବଂ ଅନ୍ୟାନ୍ୟ ସାମଗ୍ରୀ ବିକ୍ରିର ବ୍ୟବସ୍ଥା ରହିଛି। ଏହି କାର୍ଯ୍ୟକ୍ରମ ଆସନ୍ତା ୧୯ ତାରିଖରେ ଉଦ୍‌ଯାପିତ ହେବ ଏବଂ ଏଥିରେ ଡିଜିପି ଡା. ରାଜେନ୍ଦ୍ର ପ୍ରସାଦ ଶର୍ମା ମୁଖ୍ୟଅତିଥି ଭାବେ ଅଂଶଗ୍ରହଣ କରିବେ।

# ଦଇତାପତି ନିଯୋଗ ହେବ ଉଦାହରଣ

**ପୁରୀ ଅଫିସ,୧୭।୧**

## ସେବାୟତ ନିଯୋଗ ନିର୍ବାଚନ ପ୍ରସଙ୍ଗ



ସୁପ୍ରିମ୍‌କୋର୍ଟରେ ଶ୍ରୀମନ୍ଦିର ସଂସ୍କାର ମାମଲା ରୁଜୁ ହେବା ପରଠାରୁ ଶ୍ରୀମନ୍ଦିର ଏବଂ ସେବାୟତଙ୍କୁ ନେଇ ଅଧିକ ଚର୍ଚ୍ଚା ଲାଗି ରହିଛି। ଏହି ମାମଲାରେ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରା ନିଯୁକ୍ତ ପୂର୍ବତନ ଆମିକସ୍ କ୍ୟୁରି ଗୋପାଳ ସୁବ୍ରମଣ୍ୟମ୍ ଗତ ଅକ୍ଟୋବରରେ ପୁରୀ ଆସି ବିଭିନ୍ନ ପକ୍ଷଙ୍କ ସହ ଆଲୋଚନା କରିଥିଲେ। ନିଜେ ଶ୍ରୀମନ୍ଦିର ପରିଦର୍ଶନ କରି ବାସ୍ତବ ସ୍ଥିତି ପରଖିଥିଲେ। ଦିଲ୍ଲୀ ଫେରିଯିବା ପରେ ସଂଗୃହୀତ ତଥ୍ୟକୁ ତର୍ଜମା କରି ମୁଖ୍ୟ ପ୍ରଶାସକଙ୍କ ନିକଟକୁ ଚିଠି ଲେଖିଥିଲେ। ଏହି ଚିଠିରେ ୧୦ଟି ସର୍ତ୍ତ ଉପରେ ସବୁ ନିଯୋଗ ଅଣ୍ଡରଟେକିଂ ଲେଖି ଦେବାକୁ ପୂର୍ବତନ ଆମିକସ୍ କ୍ୟୁରି ଦର୍ଶାଇଥିଲେ। ଏହି ଚିଠି ପାଇବା ପରେ ଶ୍ରୀମନ୍ଦିର ପ୍ରଶାସନ ସବୁ ନିଯୋଗଙ୍କୁ ଚିଠି କରିଥିଲା। ଏହି ୧୦ଟି ସର୍ତ୍ତ ମଧ୍ୟରୁ ଗୋଟିଏ ସର୍ତ୍ତ ସେବାୟତ ନିଯୋଗଙ୍କ ନିର୍ବାଚନ ଉପରେ ପର୍ଯ୍ୟବସିତ ଥିଲା। ଆସନ୍ତା ୩ ମାସ ମଧ୍ୟରେ ଗୁପ୍ତ ଭୋଟ ଜରିଆରେ ଉତ୍ତମ ସଦସ୍ୟମାନଙ୍କୁ ନିଯୋଗର କର୍ମକର୍ତ୍ତା ନିର୍ବାଚିତ କରି ଶ୍ରୀମନ୍ଦିର ପ୍ରଶାସନକୁ ଜଣାଇବା ଲାଗି କୁହାଯାଇଥିଲା। ଇତିମଧ୍ୟରେ ଅବଧି ପୂରଣ ହୋଇଯାଇଛି। କୌଣସି ଗୋଟିଏ ବି ନିଯୋଗ ନିର୍ବାଚନ କରିନାହାନ୍ତି କିମ୍ବା ଅଣ୍ଡରଟେକିଂ ଲେଖି ମନ୍ଦିର ପ୍ରଶାସନକୁ ଦେଇନାହାନ୍ତି। ବୁଧବାର ଦଇତାପତି ନିଯୋଗର ସ୍ଥାୟୀ ସଭାପତି ନବକିଶୋର ପତିମହାପାତ୍ର ଆସନ୍ତା ୨୮ ତାରିଖରେ ନିଯୋଗର ନିର୍ବାଚନ ଅନୁଷ୍ଠିତ ହେବ ବୋଲି ଶ୍ରୀମନ୍ଦିର ପ୍ରଶାସନକୁ ଜଣାଇଛନ୍ତି। ଯଦି ଧାର୍ଯ୍ୟ ସମୟରେ ଦଇତାପତି ନିଯୋଗ ନିର୍ବାଚନ ଅନୁଷ୍ଠିତ ହୁଏ ତେବେ ଏହା ଶ୍ରୀମନ୍ଦିର ପ୍ରଶାସନ ପାଇଁ ପ୍ଲସ ପଏଣ୍ଟ ହେବ ବୋଲି କୁହାଯାଉଛି। କାରଣ ଚିଠି ସତ୍ତ୍ୱେ ଏ ପର୍ଯ୍ୟନ୍ତ କୌଣସି ନିଯୋଗ ଏହାକୁ ଗୁରୁତ୍ୱ ଦେଇନାହାନ୍ତି। ତେଣୁ ଦଇତାପତି ନିଯୋଗ ନିର୍ବାଚନ ହେଲେ ଏହାକୁ ଉଦାହରଣ ଭାବେ ନେବ ମନ୍ଦିର ପ୍ରଶାସନ। ଏନେଇ ଅନ୍ୟ ନିଯୋଗଗୁଡ଼ିକୁ ତାଗିଦ୍ କରିବ ପ୍ରଶାସନ।

ଅନ୍ୟପକ୍ଷରେ ଦଇତାପତି ନିଯୋଗ ନିର୍ବାଚନ ନେଇ ଯେଉଁ ପ୍ରକ୍ରିୟା ଆରମ୍ଭ ହୋଇଛି ତା' ପଛରେ ଶ୍ରୀମନ୍ଦିର ପ୍ରଶାସନର ହାତ ଥିବା ଚର୍ଚ୍ଚା ହେଉଛି। ପୂର୍ବରୁ ଦଇତାପତି ନିଯୋଗ ମଧ୍ୟରେ ରହିଥିବା କନ୍ଦଳ ଏବେ ପଦାକୁ ଆସିଛି। ଦୁଇଗୋଷ୍ଠୀ ପରସ୍ପର ବିରୋଧରେ ବିଷୋଦ୍‌ଗାର କରୁଛନ୍ତି। କିନ୍ତୁ ଦଇତାପତି ନିଯୋଗ ନିର୍ବାଚନ ପ୍ରକ୍ରିୟାକୁ ନେଇ ଅନ୍ୟ ନିଯୋଗଗୁଡ଼ିକ ମଧ୍ୟ ଚେଇଁ ଉଠିଛନ୍ତି। ନିର୍ବାଚନ କଥା ମନରୁ ଭୁଲି ଯାଇଥିବା ନିଯୋଗ ସବୁ ଏ ବିଷୟରେ ଚର୍ଚ୍ଚା ଆରମ୍ଭ କଲେଣି। ଦଇତାପତି ନିଯୋଗ ନିର୍ବାଚନକୁ ଆଳ କରି ଶ୍ରୀମନ୍ଦିର ପ୍ରଶାସନ ପୁଣି ସେମାନଙ୍କ ଆଡକୁ ଅଙ୍ଗୁଳି ନିର୍ଦ୍ଦେଶ କରିବ ତାହା ଜାଣିଗଲେଣି। ତେଣୁ ଦଇତାପତି ନିଯୋଗ ମଧ୍ୟରେ ଗୋଷ୍ଠୀ କନ୍ଦଳ ଏବେ ଅନ୍ୟ ନିଯୋଗଗୁଡ଼ିକ ପାଇଁ ସତର୍କ ଘଣ୍ଟି ବଜାଇଥିବା କୁହାଯାଉଛି।

## ସେଲ୍ଫି କର୍ଣ୍ଣର



ଇଶା



ଦେବେନ୍ଦ୍ର



ପ୍ରତ୍ୟୁଷ



ଜିତେନ୍ଦ୍ର



ରଶ୍ମି



ରାକେଶ



ହୃଷୀକେଶ



ଅରୁନ୍ଧତୀ



ଚିରଞ୍ଜିବୀ



ଜଣେ ବ୍ୟକ୍ତିର ନ୍ୟାୟ, ସୌନ୍ଦର୍ଯ୍ୟବୋଧ ଓ ଜ୍ଞାନ ଅନ୍ୟ ଜଣେ ବ୍ୟକ୍ତି ନିକଟରେ ଅନ୍ୟାୟ, ଅସୁନ୍ଦର ଓ ଅଜ୍ଞାନ ମନେ ହୋଇପାରେ।

- ଇମରସନ

## ସଂକ୍ଷେପରେ

### ପ୍ରେସର କୁକର ଫାଟି ମାଈଁ ଭାଣିଜୀ ଗୁରୁତର

**ଖୋର୍ଦ୍ଧା ଅଫିସ,୧୭।୧:** ଖୋର୍ଦ୍ଧା ଜିଲା ବୋଲଗଡ ଥାନା ବାଙ୍କୋଇ ଫାଣ୍ଡି ବେଣାଗାଡିଆ ଗାଁରେ ଗୁରୁବାର ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟାରେ ଏକ ଅଘଟଣ ଘଟିଛି। ମାଈଁ ଭାଣିଜୀ ରୋଷେଇ କରୁଥିବାବେଳେ ହଠାତ୍ ପ୍ରେସର କୁକର ଫାଟିବା ଫଳରେ ଉଭୟେ ଗୁରୁତର ହୋଇଥିଲେ। ଚିକିତ୍ସା ପାଇଁ ଉଭୟଙ୍କୁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ନୟାଗଡ ଜିଲା ଫତେଗଡ ଥାନା ଅରଖପଲ୍ଲୀ ଗାଁର ସୁବାସ ଚନ୍ଦ୍ର ଦାସ ସ୍ତ୍ରୀ ରେବତୀଙ୍କ ସହିତ ଭିଣୋଇ ଘରକୁ ଆସିଥିଲେ। ଗୁରୁବାର ପୂର୍ବାହ୍ନରେ ଭାଣିଜୀ ମଧୁସ୍ମିତା ବେହେରା ଓ ମାଈଁ ରେବତୀ ରୋଷେଇ କରୁଥିବାବେଳେ ହଠାତ୍ ପ୍ରେସରକୁକର ଫାଟିଯାଇଥିଲା। ଫଳରେ ଏଥିରେ ଉଭୟଙ୍କ ଶରୀରର ବିଭିନ୍ନ ଅଂଶ ପୋଡିଯାଇଥିଲା।

### ୧୯ରେ ରାଜ୍ୟପାଳଙ୍କ ସମୀକ୍ଷା ବୈଠକ

**ପୁରୀ ଅଫିସ, ୧୭।୧:** ରାଜ୍ୟର ବିକାଶ ପାଇଁ ଅନେକ ଯୋଜନା କରାଯାଉଛି। ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାରଙ୍କ ଏହିସବୁ ଜନହିତକର ଯୋଜନା କେତେଦୂର ଜନସାଧାରଣଙ୍କ ସେବାରେ ଆସିପାରିଛି ତାହାର ସମୀକ୍ଷା କରିବେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ। ଆସନ୍ତା ୧୯ ତାରିଖ ଅପରାହ୍ନ ୪ଟାରେ ପୁରୀ ରାଜଭବନ ପରିସରରେ ଏହି ସମୀକ୍ଷା ବୈଠକ ଅନୁଷ୍ଠିତ ହେବ। ଏଥିରେ ୨୩ଟି ବିଭାଗର ଜିଲାସ୍ତରୀୟ ଅଧିକାରୀ ଯୋଗଦେବେ। ବିଭିନ୍ନ ଯୋଜନାରୁ କେତେ ଟଙ୍କା ପାଇଛନ୍ତି, କେତେ ଖର୍ଚ୍ଚ କରିଛନ୍ତି ଏବଂ କେତେ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଛି ସେ ସମ୍ପର୍କରେ ରାଜ୍ୟପାଳଙ୍କୁ ଅବଗତ କରିବେ। ରାଜ୍ୟପାଳଙ୍କ ଏହି ସମୀକ୍ଷା ବୈଠକକୁ ନେଇ ଜିଲାପ୍ରଶାସନ ତତ୍ପରତା ପ୍ରକାଶ କରିଛି। ଏ ନେଇ ଗୁରୁବାର ସନ୍ଧ୍ୟାରେ ଜିଲାପାଳ ଜ୍ୟୋତିପ୍ରକାଶ ଦାସଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ରିପୋର୍ଟ ପ୍ରସ୍ତୁତି ହୋଇଥିବା ଜଣାପଡିଛି। ରାଜ୍ୟପାଳଙ୍କ ଏହି ସମୀକ୍ଷା ବୈଠକରେ ମୁଖ୍ୟତଃ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ସ୍ୱଚ୍ଛ ଭାରତ, ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା, ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା, ରାଜୀବ ଗାନ୍ଧୀ ବିଦ୍ୟୁତ୍ ଯୋଜନା, ସର୍ବଶିକ୍ଷା ଅଭିଯାନ, ଜାତୀୟ ସ୍ୱାସ୍ଥ୍ୟ ମିଶନ ଓ ପାନୀୟ ଜଳ ଯୋଗାଣ ଉପରେ ଫୋକସ୍ ରହିବ। ଏହାଛଡା ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ମଧ ସମୀକ୍ଷା କରାଯିବ।

### ଅଭିନନ୍ଦନିକାର ଶୀତ ଆସର
### ଶୀତ ଓ ସାହିତ୍ୟର ସମ୍ପର୍କ ନିବିଡ଼

**ପୁରୀ ଅଫିସ,୧୭।୧:** ପ୍ରକୃତି ସହିତ ସାହିତ୍ୟର ସମ୍ପର୍କ ନିବିଡ଼। ଋତୁଚକ୍ରର ପରିବର୍ତ୍ତନ ସହିତ ସାହିତ୍ୟର ଭାବଧାରାରେ ବି ପରିବର୍ତ୍ତନ ହୁଏ। ଶୀତ ଋତୁ କବି ହୃଦୟରେ ଜୀବନବାଦୀ ଚିନ୍ତାଧାରାର ଉଦ୍ରେକ କରାଇଥାଏ। ଶୀତ ରାତିର କଷ୍ଟ ସାଧାରଣ ମଣିଷକୁ ଯେଉଁ ଯନ୍ତ୍ରଣା ଦେଇଥାଏ ତାହା କବିର କବିତାରେ ଫୁଟିଉଠେ ବୋଲି ଅଭିନନ୍ଦନିକାର ଶୀତ ଆସରରେ ମତପ୍ରକାଶ ପାଇଛି। ବୁଧବାର ଶ୍ରୀମନ୍ଦିର ନିକଟ ରାମକୃଷ୍ଣ ଭବନରେ ଅନୁଷ୍ଠିତ ଏହି ଆସରରେ ସାରଳା ପୁରସ୍କାରପ୍ରାପ୍ତ ବିଶିଷ୍ଟ କବି ଡ. ହୃଷୀକେଶ ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ଶୀତ ସହିତ ସାହିତ୍ୟର ସମ୍ପର୍କ ନିବିଡ଼ ବୋଲି ମତ ଦେଇଥିଲେ। କବିତା ପାଠ କରିବା ମାତ୍ରେ କବିର ହୃଦୟ ଓ ମସ୍ତିଷ୍କରେ ଯେଉଁ ଅନୁଭୂତି ସୃଷ୍ଟି ହୋଇଥାଏ ତାହା ଜୀବନକୁ ବିରଳ ଉପଲବ୍ଧି ପ୍ରଦାନ କରିଥାଏ ବୋଲି ଡ. ମଲ୍ଲିକ କହିଥିଲେ। ଏହି ଆସରରେ କବି ମଧୁସୂଦନ ଦାସ, ଡ. ଦିଲୀପ କୁମାର ସ୍ୱାଇଁ, ମନୋଜ ମେହେର, ଡ. ହେମଲତା ବେହେରା, ଚିତ୍ତରଞ୍ଜନ ପଣ୍ଡା, ଡ. ଅଭୟ ଦାସ, ଲକ୍ଷ୍ମୀଧର ଜେନା, ଶଙ୍କର୍ଷଣ ପ୍ରଧାନ ପ୍ରମୁଖ ଯୋଗଦେଇ ଶୀତ ସହିତ ସାହିତ୍ୟର ସମ୍ପର୍କ ଉପରେ ନିଜର ମତ ରଖିବା ସହ ସ୍ୱରଚିତ କବିତା ପାଠ କରିଥିଲେ। ଏଥିରେ ଅଭିନନ୍ଦନିକାର ପ୍ରତିଷ୍ଠାତା ସମ୍ପାଦକ ଶ୍ୟାମପ୍ରକାଶ ସେନାପତି ଧନ୍ୟବାଦ ଦେଇଥିଲେ।

# କ୍ରୁଜ୍ ପର୍ଯ୍ୟଟନ ପାଇଁ ନୂଆ ସୁଯୋଗ

**ଭୁବନେଶ୍ୱର,୧୭।୧(ବ୍ୟୁରୋ)**



■ ପାରାଦୀପରେ ଲାଗିବ ପର୍ଯ୍ୟଟକ ଜାହାଜ

■ ଏସୀୟ ଅଭିଯାନ ଯାତ୍ରାରେ ଓଡ଼ିଶାକୁ ସାମିଲ କଲା 'ସିଲ୍‌ଭର ସି କ୍ରୁଜ୍'

ଓଡ଼ିଶାରେ ବ୍ୟାପକ ହେବାକୁ ଯାଉଛି କ୍ରୁଜ୍ ଟୁରିଜମ୍ ବା ଜାହାଜ ପର୍ଯ୍ୟଟନ। ବିଶ୍ୱର ଅନ୍ୟତମ ପ୍ରମୁଖ କ୍ରୁଜ୍ ଲାଇନର୍ 'ସିଲ୍‌ଭର ସି କ୍ରୁଜ୍' ଏହାର ଏସୀୟ ଅଭିଯାନ ଯାତ୍ରାରେ ଓଡ଼ିଶାକୁ ସାମିଲ କରିଛି, ଯଦ୍ୱାରା କ୍ରୁଜ୍ ପର୍ଯ୍ୟଟନ ପାଇଁ ନୂଆ ସୁଯୋଗ ସୃଷ୍ଟି ହୋଇଛି। ଚଳିତ ଜାନୁୟାରୀ ଏବଂ ଆସନ୍ତା ଫେବୃୟାରୀ ମାସରେ ସିଲ୍‌ଭର ସି କ୍ରୁଜ୍‌ର 'ସିଲ୍‌ଭର ଡିସ୍କଭର୍' ଜାହାଜ ପାରାଦୀପ ବନ୍ଦରକୁ ଆସିବ। ସାଧାରଣତନ୍ତ୍ର ଦିବସ ଜାନୁୟାରୀ ୨୬ରେ ଏହା ପାରାଦୀପ ବନ୍ଦରରେ ଲାଗିବାକୁ ଥିବାବେଳେ ପର୍ଯ୍ୟଟକମାନେ ଯାଜପୁର ଜିଲାର ବୌଦ୍ଧ ଐତିହ୍ୟସ୍ଥଳୀ ରତ୍ନଗିରି, ଉଦୟଗିରି ଏବଂ ଲଳିତଗିରି ଭ୍ରମଣ କରିବାର ସୁଯୋଗ ପାଇବେ।

ପାରାଦୀପ ବନ୍ଦର ସହ ନୂତନ ଭାବେ ନିର୍ମାଣ ହେଉଥିବା ଗୋପାଳପୁର ବନ୍ଦର ଜାହାଜ ପର୍ଯ୍ୟଟନ ପାଇଁ ଓଡ଼ିଶାରେ କ୍ଷେତ୍ର ପ୍ରସ୍ତୁତ କରିଥିବା ବେଳେ 'ସିଲ୍‌ଭର ଡିସ୍କଭର୍' ଜାହାଜ ରାଜ୍ୟରେ ପର୍ଯ୍ୟଟନକୁ ଆଉପାଦେ ଆଗକୁ ନେବ ବୋଲି ଆଶା କରାଯାଉଛି। ଇଣ୍ଟରନ୍ୟାଶନାଲ କ୍ରୁଜ୍ ବିଜ୍‌ନେସ୍ ଏବେ ଭାରତକୁ ଫୋକସ୍‌ରେ ରଖିଥିବାରୁ ରାଜ୍ୟରେ ଜାହାଜ ପର୍ଯ୍ୟଟନର ଭିତ୍ତିଭୂମି ବିକାଶ ପ୍ରମୁଖ ଭୂମିକା ଗ୍ରହଣ କରିବ। ଏହାଦ୍ୱାରା କେବଳ ଆକାଶମାର୍ଗ ନୁହେଁ, ଜଳମାର୍ଗରେ ମଧ ବହୁ ବିଦେଶୀ ପର୍ଯ୍ୟଟକ ଓଡ଼ିଶା ଆସିପାରିବେ। ପର୍ଯ୍ୟଟକଙ୍କୁ ଭେଟିଦେବାକୁ ଓଡ଼ିଶା ନିକଟରେ ପରିବେଶ ପର୍ଯ୍ୟଟନରୁ ଆରମ୍ଭ କରି ସାମୁଦ୍ରିକ, ବୌଦ୍ଧ ଓ ଐତିହ୍ୟ ପର୍ଯ୍ୟଟନ ଭଳି ଏକାଧିକ ସୁଯୋଗ ରହିଛି।

୮୦ ଦଶକରେ ଆମେରିକାରୁ ପ୍ରଥମ କ୍ରୁଜ୍ ଭେସେଲ୍ ପାରାଦୀପକୁ ଆସିଥିଲା। ପରେ ୯୦ ଦଶକ ଏବଂ ୨୦୦୦ ମସିହାରେ କିଛି ୟୁରୋପିଆନ୍ କ୍ରୁଜ୍ ଲାଇନର୍ସ ଏଠାକୁ ଆସିଲା। ହେଲେ ବିଭିନ୍ନ ସମସ୍ୟା ଯୋଗୁ ପର୍ଯ୍ୟଟକ ଜାହାଜ ଆସିବା ପ୍ରାୟତଃ ବନ୍ଦ ହୋଇଯାଇଥିଲା। ବନ୍ଦରର ପ୍ରଶସ୍ତୀକରଣ କାର୍ଯ୍ୟ ସହ ପାରାଦୀପକୁ ସଂଯୋଗ କରୁଥିବା ଜାତୀୟ ରାଜପଥରେ ପ୍ରବଳ ଭିଡ଼ ଏବଂ ବହୁଳ ସଂଖ୍ୟାରେ ମାଲ୍‌ବାହୀ ଟ୍ରକ୍‌ର ଯାତାୟାତ ଫଳରେ ପର୍ଯ୍ୟଟକ ଆସିବାକୁ ଅମଙ୍ଗ ହେଲେ। ଏହାପରେ ଦୀର୍ଘବର୍ଷର ବ୍ୟବଧାନ ପରେ ପୁଣିଥରେ ପର୍ଯ୍ୟଟକଙ୍କୁ ନେଇ ଏହି ଲଗ୍‌ଜ୍ୟୁରି କ୍ରୁଜ୍ ପାରାଦୀପ ଅଭିମୁଖେ ଆସୁଛି। ମୋଟ ୧୨୦ଜଣ ପର୍ଯ୍ୟଟକଙ୍କୁ ନେଇ ମାଡ୍ରାସରୁ ବାହାରିଥିବା ଏହି ଜାହାଜ ବିଶାଖାପାଟଣା, ସୁନ୍ଦରବନ, ବାଂଲାଦେଶର ସେଣ୍ଟ ମାର୍ଟିନ୍ ଦୀପ, ନାଗପଲ୍ଲୀ ବିଚ୍, ମ୍ୟାନମାର ରାଖାଇନ୍ ଷ୍ଟେଟ୍ ଏବଂ ୟାଙ୍ଗୋନ୍ ଦେଇ ଓଡ଼ିଶା ପହଞ୍ଚିବ। ଏସିଆର ସର୍ବବୃହତ୍ ଲୁଣାହ୍ରଦ ଚିଲିକାର ଅପରୂପ ସୌନ୍ଦର୍ଯ୍ୟକୁ ପର୍ଯ୍ୟଟକଙ୍କୁ ଭେଟିଦେବାକୁ ଆଗାମୀ ଦିନରେ ଗୋପାଳପୁର ବନ୍ଦରକୁ ଏହା ନିଜ ଗନ୍ତବ୍ୟସ୍ଥଳରେ ସାମିଲ କରିବାକୁ ଆଗ୍ରହୀ ଥିବା ଜଣାପଡ଼ିଛି। ଏ ନେଇ 'ସିଲ୍‌ଭର ସି କ୍ରୁଜ୍'ର ବରିଷ୍ଠ ସଦସ୍ୟମାନେ ରାଜ୍ୟ ପର୍ଯ୍ୟଟନ ବିଭାଗ ଶାସନ ସଚିବ ବିଶାଲ ଦେବ ଓ ଜଙ୍ଗଲ ବିଭାଗ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି।

# ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ରାଜ୍ୟପାଳ

## ଖୋର୍ଦ୍ଧା ଜିଲାରୁ ଆରମ୍ଭ ହେଲା ପ୍ରଥମ ସମୀକ୍ଷା

**ଖୋର୍ଦ୍ଧା ଅଫିସ,୧୭।୧**

ଖୋର୍ଦ୍ଧା ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଗୁରୁବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ରାଜ୍ୟପାଳ ପ୍ରଫେସର ଡ. ଗଣେଶୀ ଲାଲ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ରାଜ୍ୟପାଳଙ୍କ ସଚିବ ମଧୁସୂଦନ ପାଢ଼ୀ ସ୍ୱାସ୍ଥ୍ୟ, ଜିଲା ସମାଜ ମଙ୍ଗଳ, ଶିକ୍ଷା, ସର୍ବଶିକ୍ଷା ଅଭିଯାନ, ଜିଲା ଗ୍ରାମ୍ୟ ଉନ୍ନୟନ ସହ ବିଭିନ୍ନ ଯୋଜନାର ସମୀକ୍ଷା କରିଥିଲେ। ଏହି ଅବସରରେ ଜିଲାର ବିକାଶ ପାଇଁ ଆନ୍ତରିକତାର ସହ କାମ କରିବାକୁ ପଡ଼ିବ ବୋଲି ରାଜ୍ୟପାଳ କହିଥିଲେ। ରାଜ୍ୟପାଳଙ୍କ ଏହି ସମୀକ୍ଷା ରାଜ୍ୟରେ ପ୍ରଥମ ବୋଲି କୁହାଯାଉଛି। ଏହି ସମୀକ୍ଷା ବୈଠକରେ ଜିଲାପାଳ ନିର୍ମଳ ଚନ୍ଦ୍ର ମିଶ୍ର, ପିଡି ଡିଆରଡିଏ ସରୋଜ ମିଶ୍ର, ଅତିରିକ୍ତ ଜିଲାପାଳ ଖୋର୍ଦ୍ଧା ମନୋରଞ୍ଜନ ମଲ୍ଲିକ ଓ ଅତିରିକ୍ତ ଜିଲାପାଳ ଅରୁଣ ବେହେରା ଏବଂ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଗଙ୍ଗପଡ଼ାରେ ବାର୍‌ହା ମୃତ

**ଝାଁଲା,୧୭।୧(ଡି.ଏନ୍.ଏ.):** ଜଟଣୀ ବ୍ଲକ ଗଙ୍ଗପଡ଼ା ପଞ୍ଚାୟତରେ ଭାତୁକୁରୀ ଗ୍ରାମ ନିକଟରୁ ଗୁରୁବାର ଏକ ବାର୍‌ହାର ମୃତ ଦେହ ଜବତ କରିଛି ବନ ବିଭାଗ। ସୂଚନା ଅନୁଯାୟୀ, ଚନ୍ଦକା ଜଙ୍ଗଲରୁ ଶତାଧିକ ବାର୍‌ହା ଖାଦ୍ୟ ଅନ୍ୱେଷଣରେ ନିକଟସ୍ଥ ଗ୍ରାମକୁ ଆସନ୍ତି। ସ୍ଥାନୀୟ ଜଗନ୍ନାଥ ମଠ ସମ୍ମୁଖରେ ଏକ ବାର୍‌ହା ମରିପଡିଥିବା ଗୁରୁବାର ସକାଳୁ କେତେକ ଯୁବକ ଦେଖିଥିଲେ। ଏ ନେଇ ଖୋର୍ଦ୍ଧା ବନ ବିଭାଗକୁ ଜଣାଇଥିଲେ। ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ମୃତ ବାର୍‌ହାକୁ ଜବତ କରିଥିଲେ।




ସୂଚନା ଅଧିକାର ଅଭିଯାନ ପକ୍ଷରୁ କ୍ରୀଡ଼ା ଓ ଯୁବ ସେବା ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।

# ହକି ବିଶ୍ୱକପ୍ ସମ୍ପର୍କିତ ତଥ୍ୟ ସର୍ବସାଧାରଣରେ ପ୍ରକାଶ ଦାବିରେ ବିକ୍ଷୋଭ

**ଭୁବନେଶ୍ୱର, ୧୭।୧(ବ୍ୟୁରୋ)**

ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଥିବା ହକି ବିଶ୍ୱକପ ସମ୍ପର୍କିତ ତଥ୍ୟ ରାଜ୍ୟ ସରକାର ସୂଚନା ଅଧିକାର ଆଇନ ବଳରେ ଦେଉନାହାନ୍ତି। ଫଳରେ ହକି ଖେଳ ଆୟୋଜନ ପାଇଁ ଖର୍ଚ୍ଚ ହୋଇଥିବା ଅର୍ଥରୁ କୋଟି କୋଟି ଟଙ୍କା ବାଟମାରଣା ହୋଇଛି ବୋଲି ଅଭିଯୋଗ କରିଛି ଓଡ଼ିଶା ସୂଚନା ଅଧିକାର ଅଭିଯାନ। ସମସ୍ତ ତଥ୍ୟ ସର୍ବସାଧାରଣରେ ପ୍ରକାଶ କରିବା ଦାବିରେ ଅଭିଯାନ ତରଫରୁ ଗୁରୁବାର କ୍ରୀଡ଼ା ଓ ଯୁବ ସେବା ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଛନ୍ତି।

ପାୱାର ହାଉସ୍ ଛକରୁ ସୂଚନାଧିକାର କର୍ମୀମାନେ ଶୋଭାଯାତ୍ରାରେ ବାହାରି ବିଭାଗୀୟ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିଶ୍ୱକପ୍ ଆୟୋଜନରେ ଅନିୟମିତତା ହୋଇଥିବା ଅଭିଯୋଗ କରି ଏଥିପାଇଁ ମୁଖ୍ୟମନ୍ତ୍ରୀ, କ୍ରୀଡ଼ା ସଚିବ, ବିଏମ୍‌ସି କମିଶନରଙ୍କୁ ଦାୟୀ କରିଥିଲେ। ଖେଳରେ ୧୦୦କୋଟି ଟଙ୍କା ଲୁଟ୍ ହୋଇଛି ବୋଲି ସେମାନେ ଅଭିଯୋଗ କରିଥିଲେ। ଯଦି ଆସନ୍ତା ୭ଦିନ ମଧ୍ୟରେ ତଥ୍ୟ ଦିଆ ନ ଯାଏ, ତେବେ ଆଗାମୀ ଦିନରେ ଆନ୍ଦୋଳନ ଆହୁରି ତ୍ରୀବ କରାଯିବ ବୋଲି ଅଭିଯାନର ଆବାହକ ପ୍ରଦୀପ ପ୍ରଧାନ ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ, ସୂଚନା ଅଧିକାର କର୍ମୀମାନେ ଆରଟିଆଇ ଆଇନ ବଳରେ ହକି ବିଶ୍ୱକପ୍ ଆୟୋଜନରେ ସାମିଲ ହୋଇଥିବା ବିଭିନ୍ନ ସରକାରୀ କାର୍ଯ୍ୟାଳୟକୁ ଖର୍ଚ୍ଚ ବିବରଣୀ ସମ୍ପର୍କିତ ତଥ୍ୟ ମାଗିଥିଲେ। ସମସ୍ତଙ୍କୁ ଗୋଟିଏ ପ୍ରକାର ଉତ୍ତର ମିଳିଥିଲା ଯେ 'ହିସାବ ଶେଷ ହୋଇନାହିଁ'। ସମସ୍ତ ତଥ୍ୟ ସର୍ବସାଧାରଣରେ ପ୍ରକାଶ କରିବା ପାଇଁ ଅଭିଯାନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି।

# ଓୟୁଏଟି କୁଳପତିଙ୍କୁ କଲୋନେଲ କମାଣ୍ଡାଣ୍ଟ ଉପାଧି




**ଭୁବନେଶ୍ୱର, ୧୭।୧(ବ୍ୟୁରୋ)**

ଓଡ଼ିଶାର ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ(ଏନ୍‌ସିସି) ନିର୍ଦ୍ଦେଶାଳୟ ତରଫରୁ ଓୟୁଏଟି କୁଳପତି ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକଙ୍କୁ ସମ୍ମାନସୂଚକ କଲୋନେଲ କମାଣ୍ଡାଣ୍ଟ ଉପାଧି ପ୍ରଦାନ କରାଯାଇଛି। ଗୁରୁବାର ଓୟୁଏଟି ପରିସରରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ ଓଡ଼ିଶାର ଏନ୍‌ସିସି ନିର୍ଦ୍ଦେଶାଳୟର ଉପ ମହାନିର୍ଦ୍ଦେଶକ କମୋଡର ଶୈଳେନ୍ଦ୍ର ସିଂ ଯୋଗଦେଇ ଏହି ଉପାଧି ପ୍ରଦାନ କରିଛନ୍ତି। କୁଳପତି ନିଜ ଅଭିଭାଷଣରେ କହିଥିଲେ ଯେ, ଏହି ପୋଷାକ ପିନ୍ଧିବା ଦ୍ୱାରା ମନରେ ଦେଶପ୍ରେମ ଭାବ ଜାଗ୍ରତ ହୋଇଥାଏ। ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଉଚ୍ଚ ମୂଲ୍ୟବୋଧ ସୃଷ୍ଟି କରିବା ନିମନ୍ତେ ଏନ୍‌ସିସି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଭବିଷ୍ୟତରେ ଏନ୍‌ସିସିରେ ଅଧିକ ଛାତ୍ରୀଛାତ୍ର ଯୋଗଦେବା ନିମନ୍ତେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଉଦ୍ୟମ କରାଯିବ ବୋଲି କୁଳପତି ପ୍ରକାଶ କରିଥିଲେ। ଉତ୍ସବରେ ଏନ୍‌ସିସି ନିର୍ଦ୍ଦେଶାଳୟର ଅତିରିକ୍ତ ନିର୍ଦ୍ଦେଶକ କଲୋନେଲ ଜି. କେ. ମହାନ୍ତି ଉପସ୍ଥିତ ଥିଲେ। ମୌଳିକ ବିଜ୍ଞାନ ଓ କଳା ମହାବିଦ୍ୟାଳୟର ଇଂଲିଶ ବିଭାଗର ମୁଖ୍ୟ ଡ. ମଧୁଲିକା ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଏମ୍‌ପି ରବୀନ୍ଦ୍ର ଜେନାଙ୍କ ଅନ୍ତରୀଣ ସୁରକ୍ଷା ବୃଦ୍ଧି

**କଟକ ଅଫିସ, ୧୭।୧**

ବାଲେଶ୍ୱର ଏମ୍‌ପି ରବୀନ୍ଦ୍ର ଜେନାଙ୍କ ଅନ୍ତରୀଣ ସୁରକ୍ଷା ଅବଧିକୁ ଜାନୁୟାରୀ ୨୯ ପର୍ଯ୍ୟନ୍ତ ହାଇକୋର୍ଟ ବୃଦ୍ଧି କରିଛନ୍ତି। ଉକ୍ତଦିନ ଏହି ମାମଲାର ଶୁଣାଣି ପାଇଁ ଧାର୍ଯ୍ୟ ହୋଇଛି। ସୂଚନାଥାଉକି, ଏମ୍‌ପି ଜେନା ଚିଟ୍‌ଫଣ୍ଡ ସଂସ୍ଥା ସିସୋର ଲିଙ୍କରେ ଥିବା ଅଭିଯୋଗରେ ସିବିଆଇ ତାଙ୍କ ବିରୋଧରେ ମାମଲା ରୁଜୁ କରିଥିଲା। ସିବିଆଇ ଗିରଫଦାରିରୁ ବର୍ତ୍ତିବା ପାଇଁ ଜେନା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।


**OFFICE OF THE ASSISTANT DIRECTOR OF TEXTILES, BOUDH**
At/PO/Dist-Boudh, Odisha, Pin-762014,Telephone No-06841-222085
E-mail:- adtboudh@gmail.com

**TENDER NOTICE**

**Bid Reference No. 13 ADTex / Dated.02.01.2019**

**No. 54-PP:-** Bids in sealed cover are invited under two-bid system from reputed and experienced manpower service provider for providing services of the PEON (01 no) for a period from 01.02.2019 to 28.02.2019 for the Office of the Assistant Director of Textiles, Boudh. The details of the bidding process are as follows.

| Sl No. | Bidding Schedule | Deadline |
|---|---|---|
| 1 | Date of Issue | 02.01.2019 |
| 2 | Bid Due Date and Time | 24.01.2019 |
| 3 | Opening of Technical Bid | 26.01.2019 |
| 4 | Opening of Financial Bid | 26.01.2019 |

Bidders are required to submit the technical and financial bids separately. The bids in sealed Cover-I containing "Technical Bid" and sealed Cover-II containing "Financial Bid" should be placed in a third sealed cover superscribed "Bid for Outsourcing of manpower services" must reach the undersigned on or before 24.01.2019 by Speed Post/Registered Post/ Courier only.

The bid documents containing eligibility criteria, scope of the work, terms and conditions of the tender and draft agreement can be downloaded from the website www.boyanika.com./www.boudh.nic.in. The Asst. Director of Textiles, Boudh reserve the right to accept or reject any or all documents without assigning any reason thereof.

**Complete Address for submission of Bid:**
The Assistant Director of Textiles, Boudh, At/PO/Dist-Boudh, Odisha, Pin-762014.

*Sd./- Ashutosh Mahanty*
*Assistant Director of Textiles, Boudh*
31027/11/0002/1819



**GOVERNMENT OF ODISHA**
**RURAL WATER SUPPLY & SANITATION ORGANISATION**
**OFFICE OF THE EXECUTIVE ENGINEER**
**RWS&S DIVISION, DHENKANAL**
E-mail- eerwss-dkl@nic.in

**INVITATIONS FOR BIDS THROUGH e-Procurement**
**Bid Identification No – 22/E.E/RWSS/2018-19/Dhenkanal/Dt. 09.01.2019**

No.: 1358-O: The Executive Engineer, RWS&S Division, Dhenkanal on behalf of Governor of Odisha invites Item Rate/Percentage bid through e-procurement in Double cover system from contractors having experience in similar nature of work for the Projects according to norm of e-Procurement system in on-line mode.

Nature of Work: - Execution of Rural Piped Water Supply Schemes in Different Blocks under Dhenkanal District.

1. No. of Tenders : 14 Nos.
2. Tender Paper Cost : 6,000/- to 10,000/- (Online Mode)
3. Value of work : 47.97 Lakh to 154.05 Lakh
4. Class of Contractor : B & A Class
5. Date & time of availability of bid document in portal : 21.01.2019 at 11.00 A.M. to 31.01.2019 up to 5.00 P.M.
6. Date & time of seeking tender clarification : 28.01.2019 up to 05.00 P.M.
7. Date & time of opening of tender : 01.02.2019 at 11.00 A.M. in the Office of the Executive Engineer, RWS&S Division, Dhenkanal.
8. Time of completion : Six Months
9. The bidders have to participate in online bidding only. Further details can be seen from the website **https://www.tendersorissa.gov.in**.
10. Corrigendum if any shall be published in the above website only.

**Sd./- Executive Engineer,**
**RWS&S Division, Dhenkanal**
25029/11/0012/1819



**GOVERNMENT OF ODISHA** No.1375-O
**OFFICE OF THE SUPERINTENDING ENGINEER, RURAL WORKS CIRCLE, BOLANGIR**

**e Procurement Notice**

1. Name of work : Periodical Maintenance of 5 years completed PMGSY work such as providing SDBC for the year 2018-19
2. Total no of work : 8 (eight) road works.
3. Time for completion : 6 (six) calendar months.
4. Approximate estimated cost varies from : Rs. 106.00 lakhs to Rs.233.00 lakhs
5. Mode of Submission of tender : Tender should be submitted online in **www.tendersodisha.gov.in**
6. Other details are as follow

| Procurement Officer | Bid Identification No. | Availability of Tender online for bidding | | Last date and time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Superintending Engineer, R.W.Circle, Bolangir | BLGR-Online-14/2018-19 | 22.01.2019 at 11.00 A.M. | 08.02.2019 upto 5.00 P.M. | 07.02.2019 upto 1.00 P.M. | 11.02.2019 at 11.00 A.M. | The date will be intimated to the technically qualified bidders later on |

• Further details can be seen from the website **www.tendersodisha.gov.in**.
• Any Corrigendum/Addendum will be displayed in the above e tender website only.
25111/11/0022/1819
**Sd./- Superintending Engineer, R.W.Circle, Bolangir**



DADLS-248

**ବିପ୍ଳବୀ ଚାଖି ଖୁଣ୍ଟିଆ (ଚନ୍ଦନ ହଜୁରୀ)ଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା**

ତା. ୨୦.୦୧.୨୦୧୯ ସ୍ଥାନ : ଗୀତଗୋବିନ୍ଦ ସଦନ

**ପ୍ରବନ୍ଧ ପ୍ରତିଯୋଗିତା :** **ସମୟ – ପୂର୍ବାହ୍ନ ୧୧.୩୦ ମି.**
୧. ପ୍ରଥମ ବର୍ଗ (ପଞ୍ଚମରୁ ସପ୍ତମ ଶ୍ରେଣୀ)
୨. ଦ୍ୱିତୀୟ ବର୍ଗ (ଅଷ୍ଟମରୁ ଦଶମ ଶ୍ରେଣୀ)
୩. ତୃତୀୟ ବର୍ଗ (ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ)

**ବକ୍ତୃତା ପ୍ରତିଯୋଗିତା :** **ସମୟ – ଅପରାହ୍ନ ଘ.୧.୩୦ ମି.**
୧. ପ୍ରଥମ ବର୍ଗ (ପଞ୍ଚମରୁ ସପ୍ତମ ଶ୍ରେଣୀ)
୨. ଦ୍ୱିତୀୟ ବର୍ଗ (ଅଷ୍ଟମରୁ ଦଶମ ଶ୍ରେଣୀ)
୩. ତୃତୀୟ ବର୍ଗ (ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ)

- ଛାତ୍ରଛାତ୍ରୀମାନଙ୍କୁ ଅନୁରୋଧ ସେମାନେ ନିର୍ଦ୍ଧାରିତ ସମୟର ଏକଘଣ୍ଟା ପୂର୍ବରୁ ଆସି ନାମ ପଞ୍ଜୀକରଣ କରାଇବେ।
- ପ୍ରତିଯୋଗିତା ଆରମ୍ଭର ଏକଘଣ୍ଟା ପୂର୍ବରୁ ପ୍ରତିଯୋଗିତାର ବିଷୟବସ୍ତୁ ପ୍ରଦାନ କରାଯିବ।
- ପ୍ରତିଯୋଗିତା କେବଳ ଓଡ଼ିଆ ଭାଷାରେ ଅନୁଷ୍ଠିତ ହେବ।
- ପ୍ରବନ୍ଧ ପ୍ରତିଯୋଗିତା ପାଇଁ ଉତ୍ତରଖାତା ଯୋଗାଇ ଦିଆଯିବ। ପ୍ରତିଯୋଗୀମାନେ ସାଙ୍ଗରେ ପରିଚୟ ପତ୍ର / ପ୍ରଧାନ ଶିକ୍ଷକ / ପ୍ରଧାନ ଶିକ୍ଷୟିତ୍ରୀ / ଅଧ୍ୟକ୍ଷ/ ଅଧ୍ୟକ୍ଷାଙ୍କ ଅନୁମତି ପତ୍ର ଆଣିବା ଆବଶ୍ୟକ।
- ପ୍ରତ୍ୟେକ ବର୍ଗରୁ ତିନିଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ତା. ୨୦.୦୧.୨୦୧୯ରିଖ ସନ୍ଧ୍ୟା ୬ ଘଟିକା ସମୟରେ ଜୟଦେବ ଭବନଠାରେ ଅନୁଷ୍ଠିତ ହେବାକୁ ଥିବା ସାଧାରଣ ସଭାରେ ପ୍ରଦାନ କରାଯିବ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ
15001/13/0547/1819



**OFFICE OF THE SR. GENERAL MANAGER (ELECTRICAL)**
**UPPER INDRAVATI HYDRO ELECTRIC PROJECT, MUKHIGUDA,**
**DIST: KALAHANDI-766026**, Mob.No.07328840483, Fax:06673-252332, E-mail: sgmel_uihep@ohpcltd.com
ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)
Regd. Office OSPH & W.C Building, Vanivihar Chhak, Janpath, Bhoinagar, Bhubaneswar-751022,
Tel: 91-0674-2542983, 2542802, 2545526, 2542826, Fax:2542102 E-Mail: ohpc.co@gmail.com / md@ohpcltd.com, WEB: www.ohpcltd.com, CIN: U40101OR1995SGC003963

**'e'-Procurement Notice**
**TENDER CALL NOTICE NO – 50/2018-19 DATED: 14.01.2019**

No.CAD-1284: The Sr. General Manager (El.), Upper Indravati Hydro Electric Project, Mukhiguda, Dist – Kalahandi invites percentage rate bid in two parts from 'D' & 'C' class contractors in double cover to be received in online mode only for the following work.

| Name of Work | Estimated cost in Rs. | EMD in Rs. | Cost of Tender paper in Rs. |
|---|---|---|---|
| Repair of Road No.4 i.e. from Medical Chhak to Sector-II Maya Chhak, road in front of Jagannath temple and Bada Danda i.e. from culvert at Sector-III to Power House road. | Rs.11,88,021/- (Excluding GST) | Rs.11,900/- | Rs. 7,080/- (Rs.6,000/- + GST 18%) |

1. Availability of bids online for bidders: from 22.01.2019 (10:30 Hrs) to 04.02.2019 (11:30 Hrs)
2. The date & time of opening of technical bid: 07.02.2019 (11:30 Hrs)
3. The bidders shall have to participate in online bidding only, the website for online bidding is https://tendersodisha.gov.in
4. The bidder must possess compatible Digital Signature Certificate (DSC) of Class – II or Class –III to participate in the online bidding.

For further details and downloading of tender documents, Terms and Conditions, Eligibility Criteria, BOQ and any addendum/corrigendum/cancellation of tender please visit website **https://tendersodisha.gov.in**.
32136/11/0078/1819
**Sd./- Sr. General Manager (El.), UIHEP, Mukhiguda**



**GOVERNMENT OF ODISHA, "e"-PROCUREMENT NOTICE**
**OFFICE OF THE SUPERINTENDING ENGINEER, KHORDHA (R&B) CIRCLE, KHORDHA**
**WORKS DEPARTMENT**

**TENDER CALL NOTICE**

E-mail: rbcirclekhurda@gmail.com
Bid Identification No. SE-Khordha (R&B) Circle- 15/2018-19
Memo No- Dt. 09.01.2019

**No. 1140-B:-** The Superintending Engineer, Khordha (R&B) Circle, Khordha on behalf of Governor of Odisha inviting percentage rate bid in double cover system in ONLINE MODE from eligible contractors for Building work as detailed in the table below:

1. Nature of Work : Building Work
2. No. of Work : 01 No.
3. Tender Cost : Rs.10000.00 (On-Line)
4. Class of Contractor : (A Class & B Class)
5. Available of Bid document in the Website : From Dt 22.01.2019, 10.00 AM to Dt 07.02.2019, 5.00 PM
6. Date of opening of Bid : Dt 08.02.2019 at 11.30AM
7. The Bidders have to participate in ONLINE bidding only. Further details can be seen from the Website: https://tenderodisha.gov.in. Any Addendum / Corrigendum / Cancellation of tender can also be seen in the said website.

*Superintending Engineer*
*Khordha (R&B) Circle, Khordha*
34127/11/0017/1819



**OFFICE OF THE EXECUTIVE ENGINEER, RWSS DIVISION, BERHAMPUR**
**Near JaradaBunglow, Pin – 760004, Ph. 0680-2296344**
**eerwss_bam@nic.in rwssbam@gmail.com**
**Government of Odisha "e" Procurement Notice**
**NATIONAL COMPETITIVE BIDDING**
**Bid Identification No. EERWSSBAM- 20 /2018-19**

No.: 1382-O: The Executive Engineer, RWS&S Division, Berhampur, Ganjam on behalf of Governor of Odisha invites bids in Single Cover & Double cover system according to the norm of "e" Procurement system in online mode for supply, drawing, design, construction, testing and commissioning and maintenance of different PWS Schemes and electrification works in Ganjam District from the eligible contractors as per DTCN.

| | | |
|---|---|---|
| 1. | Name of the work | Execution of different works of different P.W.S. Scheme in Ganjam District. |
| 2. | No. of Work (Tender) | 08 Nos. |
| 3. | Estimated cost (Approximate) | Rs.70.00 lakhs to Rs.285.90 lakhs |
| 4. | Period of completion | 210 days to 280 days |
| 5. | Date & Time of availability of bid document in the Portal | From 21.01.2019 at11.00 hrs. to 04.02.2019 up to 17.00 hrs. |
| 6. | Last date & time for seeking clarification | 04.02.2019 up to 17.00 hrs. |
| 7. | Dt. of opening of Bid | 05.02.2019 at 11.00 hrs. |
| 8. | Late date / Time for receipt of bids in the Portal | 04.02.2019 up to 17.00 hrs. |
| 9. | Name & address of the Officer inviting tender | Executive Engineer, RWSS Division, Near Jarada Bunglow, Berhampur-760004, Dist. Ganjam, Odisha. |

Further details can be seen from the e-procurement portal **https://tendersorissa.gov.in**.

**Executive Engineer**
**RWS&S Division, Berhampur**
25035/11/0020/1819



ଧନ, ଜନ ଓ ଯୌବନର ଗର୍ବ କରନାହିଁ, କାରଣ କ୍ଷଣମାତ୍ରକେ କାଳ ଏହାକୁ ହରଣ କରି ନେଇଥାଏ।
- ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ



## ସଂକ୍ଷେପରେ

### ୨ ବିଦେଶୀ ମୃତ ପକ୍ଷୀ ଜବତ, ଜଣେ ଗିରଫ

ଟାଙ୍ଗୀ(ଖୋର୍ଦ୍ଧା), ୧୭।୧(ଡି.ଏନ.ଏ.) ଟାଙ୍ଗୀ ବନ୍ୟପ୍ରାଣୀ ବିଭାଗ କର୍ମଚାରୀ ଗୁରୁବାର ଭୋର ସମୟରେ ଚିଲିକା ଉପକୂଳ ଅଭିମାନପୁର ରିଂ ବନ୍ଧ ଅଞ୍ଚଳରୁ ୨ ବିଦେଶୀ ମୃତ ପକ୍ଷୀ ଜବତ କରିଛନ୍ତି। ଏ ଘଟଣାରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ହେଉଛନ୍ତି ଉଜଳା ଗୋପୀନାଥପୁର ଗ୍ରାମର ନବ ଭୋଳ(୪୦)। ପାଟ୍ରୋଲିଂ ସମୟରେ ବନ୍ୟପ୍ରାଣୀ କର୍ମଚାରୀ ରିଂ ବନ୍ଧରୁ ମୃତ ପକ୍ଷୀ ଜବତ କରିବା ସହ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛନ୍ତି। ଚଢ଼ାଉରେ ବନରକ୍ଷୀ ଶିବ ପ୍ରସାଦ ପଲାଇ ଓ ଲକ୍ଷବଚ୍ଚ ବେହେରା ସାମିଲ ଥିବା ବନ୍ୟପ୍ରାଣୀ ବିଭାଗ ସୂତ୍ରରୁ ଜଣାପଡିଛି।

### ଇଟାଭାଟିରେ କାମ କରୁଥିବା ଶ୍ରମିକଙ୍କ ମୃତ୍ୟୁ

ଫୁଲନଖରା, ୧୭।୧ (ଡି.ଏନ୍.ଏ.): କଟକ ସଦର ଥାନା ଅଧୀନ ପୁରୁଣା କାଚରାମାଳ ଗ୍ରାମ କୁଆଖାଇ ନଦୀପଠା ନିକଟ ଏକ ଇଟାଭାଟିରେ କାମ କରୁଥିବା ମଣ୍ଟୁ ସିଂ ନାମକ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ତାଙ୍କ ଠିକଣା ମିଳିପାରିନାହିଁ। ସେ କାମ କରୁଥିବାବେଳେ ହଠାତ୍ ଛାତିରେ ଯନ୍ତ୍ରଣା ହୋଇଥିଲା। ଚିକିତ୍ସା ଲାଗି ତାଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ଥାନାର ଜଣେ ଅଧିକାରୀ କହିଛନ୍ତି। ଏ ନେଇ ଥାନାରେ ଅପମୃତ୍ୟୁ ମାମଲା (ନଂ.୨/୧୯) ରୁଜୁ ହୋଇଛି।

### ଟ୍ରେନ୍ ଧକ୍କାରେ ବୃଦ୍ଧା ମୃତ

ପୁରୁଣା ଭୁବନେଶ୍ୱର,୧୭।୧(ଡି.ଏନ୍.ଏ.): ଟ୍ରେନ୍ ଧକ୍କାରେ ଗୁରୁବାର ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏୟାରଫିଲ୍ଡ ଥାନା ଅଧୀନ ପଳାଶପଲ୍ଲୀର ବାଉରି ସାହୁ(୬୫)। ସୂଚନା ଅନୁଯାୟୀ, ବାଉରି ଅପରାହ୍ନରେ ପୁନାମା ଗେଟ ଓଭରବ୍ରିଜ ତଳେ କୌଣସି କାର୍ଯ୍ୟରେ ରେଳ ଲାଇନ ପାର ହେଉଥିବା ବେଳେ ଏକ ଟ୍ରେନ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଟ୍ରେନ ଲାଇନକଡରେ ଛିଟିକି ପଡିଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ଜିଆରପି ଥାନା ପୋଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

### ବୃଦ୍ଧଙ୍କ ଆତ୍ମହତ୍ୟା ଅଭିଯୋଗ

ଖୋର୍ଦ୍ଧା ଅଫିସ,୧୭।୧: ଖୋର୍ଦ୍ଧା ମହିଳା ମହାବିଦ୍ୟାଳୟ ରୋଡର ସାମନ୍ତରାପୁରର ଅଞ୍ଚଳରେ ଗୁରୁବାର ଜଣେ ବୃଦ୍ଧ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ସେ ହେଲେ ଖୋର୍ଦ୍ଧା ଆଦର୍ଶ ଥାନା ନାଳିପଡା ଅର୍ଜୁନପୁରର ସୁଧିର କୁମାର କର। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ସୁଧିର ସାମନ୍ତରାପୁରର ଅଞ୍ଚଳରେ ଏକ ଘର ଭଡା ନେଇ ରହୁଥିଲେ। କୌଣସି କାରଣକୁ ନେଇ ସେ ଫ୍ୟାନରେ ଶାଢ଼ୀ ଲଗାଇ ଆତ୍ମହତ୍ୟା କରିଥିଲେ। ଖବରପାଇ ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ. ୨/୧୯) ରୁଜୁ କରିବା ସହ ଘଟଣାର ତଦନ୍ତ ଚଳାଇଛି।

■ ଉଜ୍ଜ୍ୱଳା ସ୍ୱାଭିମାନ ଉତ୍ସବ ଉଦ୍‌ଘାଟିତ

# ଦିନରେ ଲଣ୍ଠନ ଦେଖାଉଛନ୍ତି ରାଜ୍ୟ ସରକାର

କୃଷ୍ଣପ୍ରସାଦ,୧୭।୧(ଡି.ଏନ.ଏ.)

ବର୍ତ୍ତମାନ ସୁଦ୍ଧା ଦେଶରେ ୭୦ ପ୍ରତିଶତ ଲୋକ ଉଜ୍ଜ୍ୱଳା ଯୋଜନାର ଲାଭ ପାଇଛନ୍ତି । ଦେଶର ୬ କୋଟି ଗରିବ ଓ ଓଡିଶାର ୩୫ ଲକ୍ଷ ପରିବାରକୁ ଏଲପିଜି ସଂଯୋଗ ଦିଆଯାଇଛି । ଆଗାମୀ କିଛି ମାସ ମଧ୍ୟରେ ଜଣେ ହେଲେ ଗରିବ ଲୋକ ଏଥିରୁ ବଞ୍ଚିତ ହେବନାହିଁ । ୧୯୫୬ରୁ ୨୦୧୪ ମସିହା ମଧ୍ୟରେ ମାତ୍ର ୧୩ କୋଟି ଘରେ ଏଲପିଜି ପହଞ୍ଚିଥିଲା । ମାତ୍ର ସାଢେ ୪ ବର୍ଷରେ ମୋଦି ସରକାର ଏହାକୁ ଦୁଇଗୁଣିତ କରିବାରେ ସଫଳ ହୋଇଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ରାଜ୍ୟ ସରକାର ବ୍ରହ୍ମଗିରିର ବିକାଶ ପାଇଁ କାମ ନ କରି କେବଳ ମିଛ ପ୍ରତିଶ୍ରୁତି ଦେଇ ଦିନରେ ଲଣ୍ଠନ ଦେଖାଉଛନ୍ତି ବୋଲି ଧର୍ମେନ୍ଦ୍ର ଅଭିଯୋଗ କରିଛନ୍ତି। ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ଚାରିଛକସ୍ଥିତ ଉଦୟନାଥ ଖେଳପଡିଆଠାରେ ଗୁରୁବାର କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦ୍ୱାରା ଉଜ୍ଜ୍ୱଳା ସ୍ୱାଭିମାନ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି । ବ୍ରହ୍ମଗିରି ଭାଜପା ନେତା ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ନେତୃତ୍ୱରେ ୧୫ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ଓ ଉଜ୍ଜ୍ୱଳା ଯୋଜନା ହିତାଧିକାରୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏହି

**୧୫୦୦ ହିତାଧିକାରୀଙ୍କୁ ଗ୍ୟାସ୍ ବଣ୍ଟନ**




କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଜଣେ ହିତାଧିକାରୀଙ୍କୁ ଗ୍ୟାସ ବଣ୍ଟନ କରୁଛନ୍ତି ।

ଅବସରରେ ୧୫୦୦ ହିତାଧିକାରୀଙ୍କୁ ଗ୍ୟାସ୍ ବଣ୍ଟନ କରାଯାଇଥିଲା। ତିଛିଣି ତ୍ରିଲୋଚନେଶ୍ୱରଦେବଙ୍କ ମନ୍ଦିରଠାରୁ ଶୋଭାଯାତ୍ରାରେ ସଭାସ୍ଥଳ ପର୍ଯ୍ୟନ୍ତ ମନ୍ତ୍ରୀଙ୍କୁ ପାଛୋଟି ଅଣାଯାଇଥିଲା।

ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି ଯେ, ସମୁଦ୍ର କୂଳରେ ୪୧୫ କିମି ବ୍ୟାପୀ ଗଞ୍ଜାମ ଜିଲାର ଗୋପାଳପୁରରୁ ପଶ୍ଚିମବଙ୍ଗର ସୀମା ଦୀଘା ପର୍ଯ୍ୟନ୍ତ କୋଷ୍ଟାଲ ହାଇୱେ ନରେନ୍ଦ୍ର ମୋଦି ସରକାର କ୍ରିୟାନ୍ୱୟନ କରିବାକୁ ଯାଉଛନ୍ତି । ସାଗରମାଳା ପ୍ରୋଜେକ୍ଟ, ଭାରତମାଳା ପ୍ରୋଜେକ୍ଟରେ ଏହି ୪୧୫ କିମି ଉପକୂଳ ଅଞ୍ଚଳରେ ମେରାଇନ ଡ୍ରାଇଭ ପରି ରାସ୍ତା କରିବା ପାଇଁ ଭାରତ ସରକାର ନିଷ୍ପତ୍ତି କଲେ । ୨୦୧୬ ରୁ ୨୦୧୮ ପର୍ଯ୍ୟନ୍ତ ତିନିବର୍ଷ ଧରି ଏହି ରାସ୍ତାର ନକ୍ସା ରାଜ୍ୟ ସରକାର, ମୁଖ୍ୟଶାସନ ସଚିବ, ଉପମୁଖ୍ୟଶାସନ ସଚିବ, ପୁରୀ, ଗଞ୍ଜାମ, କେନ୍ଦ୍ରାପଡା, ଭଦ୍ରକ, ବାଲେଶ୍ୱର, ଜିଲପାଳମାନଙ୍କୁ ଦିଆଗଲା । ରାଜ୍ୟ ସରକାର ଓ ଜନପ୍ରତିନିଧିଙ୍କ ସହମତିରେ ରାସ୍ତାର ଆଲାଇନମେଣ୍ଟ ପୁରା କରାଗଲା । ଏହାପରେ ରାଜ୍ୟ ସରକାର ଜମି ଅଧିଗ୍ରହଣ କରି କେନ୍ଦ୍ର ସରକାରଙ୍କୁ ଦେବାର ଥିଲା। ଜାଗା ମିଳିବା ପରେ କେନ୍ଦ୍ର ସରକାର ୧୦ ହଜାର କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରି ୪୧୫ କିମିକୁ ଜାତୀୟ ରାଜପଥ ବନାଇଥିଲେ ଏ ଅଞ୍ଚଳର ଭବିଷ୍ୟତ ପରିବର୍ତ୍ତନ ହୋଇଥାନ୍ତା । କିନ୍ତୁ ରାଜ୍ୟ ସରକାରଙ୍କ ଟାଳଟୁଳ ନୀତି ଯୋଗୁଁ ଏହା ହୋଇପାରି ନାହିଁ ବୋଲି ସେ କହିଛନ୍ତି। ଉକ୍ତ ରାସ୍ତା ହେଲେ ଗଞ୍ଜାମ ଲୋକ ସାତପଡା ଦେଇ ମହାପ୍ରଭୁଙ୍କୁ ଦର୍ଶନ କରପାରିବେ । ଏହାର ଅନୁମତି ପାଇଁ ଗୋଟିଏ ଦରଖାସ୍ତ ୮ ନଭେମ୍ବର ୨୦୧୮ରୁ ଓଡିଶା କୋଷ୍ଟାଲ ଜୋନ ମ୍ୟାନେଜମେଣ୍ଟ ପାଖରେ ପଡିରହିଛି। ବ୍ରିଜ ପାଇଁ ୫୦୦ କୋଟିରୁ ଅଧିକ ଖର୍ଚ୍ଚ ହେବ ବୋଲି ଧର୍ମେନ୍ଦ୍ର କହିଛନ୍ତି। ରାଜ୍ୟ ଭାଜପା ସଂଯୋଜିକା ଉପାସନା ମହାପାତ୍ର, ବ୍ଲକ ଭାଜପା ସଭାପତି ଦୀନବନ୍ଧୁ ଜେନା, ଯୁବମୋର୍ଚ୍ଚା ପ୍ରଭାରୀ ଉତ୍ତମ କୁମାର ତରେଇ, ମିଡିଆସେଲ୍ ମୁଖ୍ୟ ସଂଗ୍ରାମ କେଶରୀ ଜେନା, ଏଲ୍‌ପିଜି ଗ୍ୟାସ୍ ବିତରକ ଦୁଷ୍ମନ୍ତ କୁମାର ନାୟକ, ବ୍ଲକ ଭାଜପା ସାଧାରଣ ସମ୍ପାଦକ ଅନୀଲ କୁମାର ସିଠ୍ ପ୍ରମୁଖ ସଭାରେ ଉପସ୍ଥିତ ଥିଲେ । ଭାଜପା ନେତା ବିଶ୍ୱରଞ୍ଜନ ପ୍ରଧାନ, ଅକ୍ଷୟ କୁମାର ମାନସିଂହ, ସୁଶାନ୍ତ କୁମାର ବୈରିଗଞ୍ଜନ, ସରପଞ୍ଚ ରମେଶ ଚନ୍ଦ୍ର ସିଂହସାମନ୍ତ, ମମତାମୟୀ ପ୍ରଧାନ, ବୁଲାମଣି ତରେଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରୁଥିଲେ । ଶାନ୍ତିଶୃଙ୍ଖଳା ନିମନ୍ତେ କୃଷ୍ଣପ୍ରସାଦ ଥାନା ଆଇଆଇସି ଦିଲୀପ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା ।

■ ରାଜଧାନୀରେ ମାତିଲେ ଚୋର

# ଗୋଟିଏ ରାତିରେ ୭ ଦୋକାନରୁ ଚୋରି

ଭୁବନେଶ୍ୱର, ୧୭।୧(ବ୍ୟୁରୋ)

ରାଜଧାନୀରେ ମାତିଛନ୍ତି ଚୋର। ଗୋଟିଏ ରାତିରେ ନୟାପଲ୍ଲୀ ଥାନା ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କ ଘରେ କଳାକନା ବୁଲାଇଥିବା ବେଳେ କଂଗ୍ରେସ ଭବନ ନିକଟରେ ଥିବା ୭ଟି ଦୋକାନରୁ ଚୋରି କରିଛନ୍ତି।

ନୟାପଲ୍ଲୀ ଥାନା ଆଇଆରସି ଭିଲେଜ ପ୍ଲଟ୍ ଏନ୍-୧ ପ୍ଲଟ୍ ନଂ. ୧୯୨ରେ ଜଣେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀଙ୍କ ଡ୍ରାଇଭର ପର୍ଶୁରାମ ନାୟକ ରୁହନ୍ତି। ବୁଧବାର ରାତିରେ ଘରେ କେହି ନ ଥିବାବେଳେ ଦୁର୍ବୃତ୍ତମାନେ ତାଙ୍କ ଘର ତାଲା ଭାଙ୍ଗି ଆଲମାରିରୁ ନଗଦ ୨୦ ହଜାର ଟଙ୍କା, ୫ ଭରି ସୁନା ଅଳଙ୍କାର ଲୁଟି ନେଇଛନ୍ତି। ଏନେଇ ପର୍ଶୁରାମ ନୟାପଲ୍ଲୀ ଥାନାରେ ଅଭିଯୋଗ କରିଛନ୍ତି। ବୁଧବାର ପର୍ଶୁରାମଙ୍କ ସ୍ତ୍ରୀ ବାପ ଘରକୁ ଯାଇଥିଲେ। ପର୍ଶୁରାମ ପୁଅକୁ ନେଇ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀଙ୍କୁ ଅନୁଗୋଳସ୍ଥିତ ସମ୍ପର୍କୀୟଙ୍କ ଘରକୁ ଛାଡିବାକୁ ଯାଇଥିଲେ। ସକାଳୁ ପର୍ଶୁରାମ ଘରକୁ ଫେରିବା ପରେ ଘରର ବିଭିନ୍ନ ସାମଗ୍ରୀ ଏଣେତେଣେ ପଡିଥିବା ଦେଖି ଭିତରକୁ ଯାଇ ଆଲମାରି ଯାଞ୍ଚ କରିବା ପରେ ଟଙ୍କା ଓ ସୁନାଗହଣା ଚୋରି ହୋଇଥିବା ଜାଣିବାକୁ ପାଇଥିଲେ।

ସେହିଭଳି କ୍ୟାପିଟାଲ ଥାନା କଂଗ୍ରେସ ଭବନ ନିକଟରେ ଥିବା ୭ଟି ଦୋକାନରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ହୋଇଛି। ଲୋୟର ପିଏମ୍‌ଜିରେ ୨୪ ଘଣ୍ଟା ପୋଲିସ ମୁତୟନ ଥିବାବେଳେ କିଭଳି ଏକାଧିକ ଦୋକାନରୁ ଚୋରି ହେଲା ତାହା ସମସ୍ତଙ୍କୁ ଚକିତ କରିଛି। ପଟିଆ ଅଞ୍ଚଳରେ ରହୁଥିବା ରବୀନ୍ଦ୍ର ରାଉତଙ୍କ ଦୋକାନରୁ ନଗଦ ୫ ହଜାର ଟଙ୍କା ଓ ଅନ୍ୟ ସାମଗ୍ରୀ ଚୋରି ହୋଇଥିବାବେଳେ ଚଗଲା ସାହୁ, ସୁବାସ କାରିଆ, ବିଭୁ ରଣସିଂ ଓ ହିରିଆ ପ୍ରମୁଖଙ୍କ ଦୋକାନରୁ ଚୋରି ହୋଇଛି। ଦୋକାନଗୁଡିକ ଥିବା ସ୍ଥାନରେ ଆଲୋକ ବ୍ୟବସ୍ଥା ନ ଥିବାରୁ ଲୁଟେରାମାନେ ସହଜରେ ଚୋରି କରିଛନ୍ତି। ଏପରି କି ବିଭୁଙ୍କ ଦୋକାନରୁ ଚୋରି କରିବା ପରେ ଦୋକାନରେ ନିଆଁ ଲଗାଇ ଦେଇଥିଲେ। ଶେଷରେ ଏକ ଗ୍ୟାରେଜକୁ ଡାଉଥିବା ବେଳେ କେହି ଶବ୍ଦ ଶୁଣି ଲୋକଙ୍କୁ ଡାକିବାରୁ ଚୋରମାନେ ସେଠାରୁ ଫେରାର ହୋଇଯାଇଥିଲେ। ବିଭୁଙ୍କ ଦୋକାନରେ ନିଆଁ ଜଳୁଥିବା ଦେଖି ଲୋକମାନେ ପିସିଆରକୁ ଡାକିଥିଲେ। ପିସିଆର ଭ୍ୟାନ ପହଞ୍ଚି ପାଣି ପକାଇ ନିଆଁକୁ ଲିଭାଇଥିଲା। ଚୋରି ସମ୍ପର୍କରେ ଦୋକାନୀମାନେ ଥାନାରେ ଅଭିଯୋଗ କରିଛନ୍ତି।

# କମେଣ୍ଟ ମାରିବା ଘଟଣା, ୨ଗିରଫ

ବାରଙ୍ଗ,୧୭।୧(ଡି.ଏନ.ଏ)

ବଟାନିକାଲ ଗାର୍ଡେନକୁ ଭୋଜି କରିବାକୁ ଆସିଥିବା କେତେକ ଯୁବକ ସେଠାରେ ମହିଳା ପର୍ଯ୍ୟଟକଙ୍କୁ କମେଣ୍ଟ ମାରିବା ଘଟଣାରେ ଗୁରୁବାର ପୋଲିସ ୨ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ,ସିଡିଏଫେଜ୨ର ଶୁଭ୍ରବିକାଶ ମିଶ୍ର, ପୁରୀଘାଟର ସୁବାଶିଷ ସାହୁ। ପ୍ରକାଶ ଯେ, ବଟାନିକାଲ ଗାର୍ଡେନରେ ବୁଧବାର ବଣଭୋଜିସ୍ଥଳରେ ପିଣ୍ଡି ନେଇ କଟକର କେତେକ ଯୁବକ ଭୋଜି କରୁଥିଲେ। ଅଳ୍ପଦୂରରେ ଅନ୍ୟ ଏକ ପିଣ୍ଡିରେ ଭୁବନେଶ୍ୱରର ଏକ ପରିବାର ଭୋଜି କରୁଥିଲେ। ସେଠାରେ ଥିବା ମହିଳାମାନଙ୍କୁ ଉକ୍ତ ଯୁବକମାନେ କମେଣ୍ଟ ମାରିଥିଲେ। କମେଣ୍ଟମରାରେ ଅତିଷ୍ଠ ହୋଇ ମହିଳାମାନେ ବଟାନିକାଲ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଡେପୁଟି ରେଞ୍ଜର କମଳ କୁମାର ପଟ୍ଟନାୟକ ଯୁବକମାନଙ୍କୁ ବୁଝାଇବା ପରେ ସେମାନଙ୍କ ମଧ୍ୟରୁ ଶୁଭ୍ରବିକାଶ ଓ ସୁବାଶିଷ ଉତ୍ତ୍ୟକ୍ତ ହୋଇ ଅଶ୍ଳୀଳ ବ୍ୟବହାର ପ୍ରଦର୍ଶନ କରିଥିଲେ। ପରେ ଖବରପାଇ ନନ୍ଦନକାନନ ଥାନା ଅଧିକାରୀ ରବୀନ୍ଦ୍ରନାଥ ମେହେର ପହଞ୍ଚି ଉକ୍ତ ଯୁବକଦ୍ୱୟଙ୍କୁ ଥାନାକୁ ନେଇଥିଲେ। ଡେପୁଟିରେଞ୍ଜର ପଟ୍ଟନାୟକଙ୍କ ଲିଖିତ ଅଭିଯୋଗକୁ ଭିତ୍ତିକରି ପୋଲିସ ୬/୧୯ନଂରେ ଏକ ମାମଲା ରୁଜୁ କରିଛି।

■ ୪ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଉଦ୍‌ଘାଟିତ

# ୨୪ ଘଣ୍ଟା ସ୍ୱାସ୍ଥ୍ୟସେବା ପାଇବେ ରୋଗୀ

ବେଗୁନିଆ,୧୭।୧(ଡି.ଏନ୍.ଏ.):

ବେଗୁନିଆ ବ୍ଲକ ଅଞ୍ଚଳର ଲୋକେ ଏବେ ପାଇବେ ୨୪ ଘଣ୍ଟିଆ ଉନ୍ନତ ସ୍ୱାସ୍ଥ୍ୟ ସେବା। ଏ ନେଇ ଜାତୀୟ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ଉଦ୍‌ଘାଟିତ ହୋଇଛି ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର। ଅତିରିକ୍ତ ଜିଲା ପରିବାର କଲ୍ୟାଣ ଅଧିକାରୀ ସୁରେନ୍ଦ୍ର ସେଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଛନ୍ତି। ସୂଚନା ଥାଉକି, ଗାଁ ଗହଳିରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର(ପିଏଚସି) ନିୟୁଗୁଡିକରେ ରୋଗୀଙ୍କୁ ଉନ୍ନତ ସ୍ୱାସ୍ଥ୍ୟ ସେବା ମିଳୁ ନ ଥିଲା। କେଉଁଠି ଡାକ୍ତର ପଦବୀ ଖାଲି ପଡିଥାଏ ତ ଆଉ କେଉଁଠି ଡାକ୍ତର ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସନ୍ତି ନାହିଁ। ଫଳରେ ରୋଗୀ ସେବା ବ୍ୟାହତ ହେଉଥିଲା। ଏଥିପାଇଁ ସରକାରଙ୍କ ପକ୍ଷରୁ ସ୍ୱାସ୍ଥ୍ୟ ମିଶନ ଆନୁକୂଲ୍ୟରେ ପ୍ରତି (ପିଏଚସି) ନିୟୁର ନାମ ପରିବର୍ତ୍ତନ କରାଯାଇ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଖୋଲିବା ପାଇଁ ନିର୍ଦ୍ଦେଶ ରହିଛି। ଏହି




ଉଦ୍‌ଘାଟନୀ ଅବସରରେ ଉପସ୍ଥିତ ଅଧିକାରୀ ଓ କର୍ମଚାରୀମାନେ ।

ବ୍ଲକ ଅଧୀନରେ ଥିବା ୧୦ଟି (ପିଏଚସି) ନିୟୁ ମଧ୍ୟରୁ ବୁଧବାର ସିକୋ ଓ ପରିଛଳ ଏବଂ ଗୁରୁବାର ବାଘମାରୀ ଓ ପୋଡାଡିହ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନୂତନ ଭାବେ ଉଦ୍‌ଘାଟନ କରାଯାଇଥିଲା। ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ତନ୍ମୟ ତ୍ରିପାଠୀ ଓ ସ୍ୱାସ୍ଥ୍ୟକେନ୍ଦ୍ରର କେତେଜଣ କର୍ମଚାରୀ ଉପସ୍ଥିତ ଥିଲେ। ମାତ୍ର ସ୍ଥାନୀୟ ଅଞ୍ଚଳର ବିଧାୟକ, ଜନ ପ୍ରତିନିଧି ଏବଂ ସ୍ୱାସ୍ଥ୍ୟ କର୍ମୀମାନେ ଜାଣି ନ ଥିବା ବେଳେ ଏହାକୁ ତରବରିଆ ଭାବେ ଉଦ୍‌ଘାଟନ କରିଦିଆଯାଇଛି ବୋଲି ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଯାଇଛି। ଅନ୍ୟପକ୍ଷରେ ଏ ସମ୍ପର୍କରେ ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ତ୍ରିପାଠୀ କୁହନ୍ତି, ବିଭାଗୀୟ ଉଚ୍ଚ ପଦାଧିକାରୀଙ୍କ ନିର୍ଦ୍ଦେଶ ମୁତାବକ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକୁ ଉଦ୍‌ଘାଟନ କରାଯାଇଛି। ଏଥିରେ କୌଣସି ଭିତ୍ତିରି ରହସ୍ୟ ନାହିଁ। ଖୁବ ଶୀଘ୍ର ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ସମସ୍ୟାଗୁଡ଼ିକର ସମାଧାନ କରାଯିବ ବୋଲି ସେ କହିଛନ୍ତି।

## ରାଜ୍ୟସ୍ତରୀୟ କ୍ରିକେଟ: କେସିସି ଖୋର୍ଦ୍ଧା ବିଜୟୀ

ବାଙ୍କୀ, ୧୭।୧ (ସ୍ୱ.ପ୍ର)

ବାଙ୍କୀ ଆଥଲେଟିକ ଆସୋସିଏଶନ୍ ଆନୁକୂଲ୍ୟରେ ଚାଲିଥିବା ରାଜ୍ୟସ୍ତରୀୟ କ୍ରିକେଟ୍ ଟୁର୍ନାମେଣ୍ଟର ଚତୁର୍ଥ କ୍ୱାଟର ଫାଇନାଲ ଖେଳ କେସିସି ଖୋର୍ଦ୍ଧା ଓ ଆଠଗଡ଼ ଷ୍ଟାର କ୍ଲବ ମଧ୍ୟରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଟସ୍ ଜିତି କେସିସି ଖୋର୍ଦ୍ଧା ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଦଳ ନିର୍ଦ୍ଧାରିତ ୨୩ଓଭରରେ ସମସ୍ତ ଉଇକେଟ ହରାଇ ୧୪୧ରନ୍ କରିଥିଲା । ଏସ୍.ଏସ୍. ଦାସ ସର୍ବାଧିକ ୬୦ରନ୍ ସଂଗ୍ରହ କରିଥିଲେ। ୧୪୧ରନକୁ ପିଛାକରି ଷ୍ଟାର କ୍ଲବ ଆଠଗଡ଼ ସମସ୍ତ ଉଇକେଟ୍ ହରାଇ ୧୦୭ରନ କରିଥିଲା। ଦଳ ପକ୍ଷରୁ ଅବିନାଶ ଦାସ ୨୩ରନ ସଂଗ୍ରହ କରିଥିଲେ। କେସିସି ଖୋର୍ଦ୍ଧା ବୋଲର ମାନସ ସର୍ବାଧିକ ୩ଟି ଉଇକେଟ୍ ନେଇଥିଲେ। ଏସ.ଏସ. ଦାସଙ୍କୁ ମ୍ୟାନ ଅଫ ଦ ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଖେଳକୁ ଶୁଭେନ୍ଦୁ ମିଶ୍ର, ରାଜକିଶୋର ମହାପାତ୍ର ପରିଚାଳନା କରିଥିଲେ। ବାଙ୍କୀ ଥାନା ଆଇଆଇସି ସମୀର କୁମାର ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ।




ବୈଠକରେ ଯୋଗ ଦେଇଥିବା ଚାଷୀମାନେ ।

# ନବନିର୍ମାଣ କୃଷକ ସଂଘ ବୈଠକ

ବୋଲଗଡ,୧୭।୧(ଡି.ଏନ.ଏ.)

ବୋଲଗଡସ୍ଥିତ ଗାନ୍ଧୀମଣ୍ଡପ ନିକଟରେ ଗୁରୁବାର ଅପରାହ୍ନରେ ନବନିର୍ମାଣ କୃଷକ ସଂଗଠନର ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ବୈକୁଣ୍ଠ ନାଥ ମହାପାତ୍ର ସଭାପତିତ୍ୱ କରିଥିଲେ। ସଂଗଠନର ଖୋର୍ଦ୍ଧା ଜିଲା ସଂଯୋଜକ ସୁରେଶ ମାନସିଂହ ଯୋଗଦେଇ ଚାଷୀଙ୍କ ପ୍ରାଇସ୍, ପ୍ରେଷ୍ଟିଜ୍ ଏବଂ ପେନ୍‌ସନ ବିଷୟରେ ଦାବି କରିଥିଲେ। ସେହିପରି ବେଗୁନିଆ ବ୍ଲକ ସଂଯୋଜକ ମଦନ ମୋହନ ସାହୁ ଓ ରାଜ୍ୟ ସଦସ୍ୟ ସଂଗ୍ରାମ କିଶୋର କୃଷକ ପ୍ରତି ସରକାରଙ୍କ ଅବହେଳା ପ୍ରତି ବିରୋଧ ଓ ସ୍ୱାମୀନାଥନ କମିଶନଙ୍କ ସୁପାରିସ୍‌କୁ ରାଜ୍ୟ ଏବଂ କେନ୍ଦ୍ର ସରକାର କାର୍ଯ୍ୟ କରିବାକୁ ଦାବି ଉଠାଇଥିଲେ । ବିଶେଷ ଭାବେ ଧାନର ସହାୟକ ମୂଲ୍ୟ ୨୯୫୦ ଟଙ୍କା ନେଇ ବୈଠକରେ ଦାବି ହୋଇଥିଲା। ରଞ୍ଜନ କୁମାର ଲେଙ୍କା, ସନ୍ତୋଷ କୁମାର ପ୍ରଧାନ, ସୋମନାଥ ମହାପାତ୍ର, ବାସୁଦେବ ଦାସ, ଅଭିମନ୍ୟୁ ସାମନ୍ତରାୟ , ସାଧୁଚରଣ ରାଉତରାୟ, ଉମେଶ ଚନ୍ଦ୍ର ପଟ୍ଟନାୟକ, କୈଳାସ ଚନ୍ଦ୍ର ସାମନ୍ତରାୟ , ଚନ୍ଦ୍ରକାନ୍ତ ସୁବୁଦ୍ଧି ଓ ଦେବେନ୍ଦ୍ର ନାଥ ଷଡ଼ଙ୍ଗୀ ପ୍ରମୁଖ କୃଷକ ନେତା ସମାରୋହରେ ଯୋଗଦେଇଥିଲେ।

# ଟଙ୍କା ସହ ଲୁଟି ନେଲେ ଠାକୁରଙ୍କ ଆସବାବପତ୍ର

ପୁରୁଣା ଭୁବନେଶ୍ୱର/ପିପିଲି, ୧୭।୧(ଡି.ଏନ୍.ଏ.)

**ସିରିଜ୍ ଲୁଟ୍**

କମିଶନରେଟ୍ ପୋଲିସ୍‌କୁ ଚକ୍‌ମା ଦେବା ପରେ ଲୁଟେରାମାନେ ଏବେ ରାଜଧାନୀ ଉପକଣ୍ଠ ଗାଁଗୁଡିକରେ ଲୁଟ୍‌ପାଟ ଚଳାଇଛନ୍ତି। ବୁଧବାର ବିଳମ୍ବିତ ରାତିରେ ଉତ୍ତରା ଫାଣ୍ଡି ଅଧୀନ ଗୁଡ଼ିଆ ପୋଖରୀ ଶଙ୍ଖ ନିକଟରେ ଥିବା ରମାକାନ୍ତ ଜେନାଙ୍କ ମେଡିସିନ୍ ଦୋକାନ ଗ୍ରିଲ୍ ଭାଙ୍ଗି ଦୁଇଟି ଗ୍ୟାସ ସିଲିଣ୍ଡର, ମାଇକ୍ରୋସ୍କୋପ ମେସିନ୍ ଓ ୱାଟର ଫିଲ୍‌ଟର ଚୋରି କରି ନେଇଥିଲେ। ପାଖରେ ଥିବା ନରେଶ ସାହୁଙ୍କ ଗ୍ରୋସରୀ ଦୋକାନର ଗୋଦାମରୁ ଚୋକଡ, ଡାଲି, ଚିନି ବସ୍ତାମାନ ଲୁଟି ଥିଲେ। ଏହାପରେ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ରାସ୍ତାରେ ଯାଇ ବିଲ୍ଲୀପଡ଼ା ଗାଁ ନିକଟରେ ଥିବା ପ୍ରାଣନାଥ ପରିଡ଼ାଙ୍କ ଦୋକାନ ଗ୍ରୀଲ୍ ଭାଙ୍ଗି ଦୋକାନରେ ଥିବା ଟଙ୍କା ସହ ଅନେକ ଜିନିଷପତ୍ର ଲୁଟିଥିଲେ। ଏହି ରାସ୍ତାରେ ବିନାୟକପୁର ଗାଁରେ ଥିବା ଶ୍ରୀ ଗୋପାଳ ଜୀଉଙ୍କ ମନ୍ଦିରରେ ପଶି ଠାକୁରଙ୍କ ପିତଳ ଘଣ୍ଟ, ଘଣ୍ଟା, ବଇଁଶି ଆଦି ଆୟୁଧ ଲୁଟପାଟ କରିଥିଲେ। ଏହି ଗ୍ରାମର ବିଭିନ୍ନ ବ୍ୟକ୍ତିଙ୍କ ତାଲା ଭାଙ୍ଗି ଚୋରି ଉଦ୍ୟମ କରି ଫେରାର ହୋଇଯାଇଥିଲେ। ଗୁରୁବାର ସକାଳୁ ଏହି ଘଟଣା ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଆତଙ୍କ ଦେଖାଦେଇଛି। ସୂଚନା ଥାଉକି ଗତ ୭ମାସ ପୂର୍ବେ ଅନୁରୂପ ଭାବେ ଚୋରି କରିବା ପରେ ଲୁଟେରାମାନେ ବାରିଜଅଁର ଗ୍ରାମରୁ ଏକ ଅଟୋ ସହ ଚୋରି ଜିନିଷ ନେଇ ଫେରାର୍ ହୋଇଯାଇଥିଲେ। ଏହି ଘଟଣାରେ ପୋଲିସ କାହାକୁ ଗିରଫ କରି ନ ଥିବାବେଳେ ଘଟଣାର ପୁନରାବୃତ୍ତି ପୋଲିସର ପାରିବାପଣିଆକୁ ପଦାରେ ପକାଇଛି। ଉତ୍ତରା ଫାଣ୍ଡି ପୋଲିସ ପୃଥକ ଭାବେ ଅଭିଯୋଗ ପାଇ ଘଟଣାର ଅନୁସନ୍ଧାନ ଚଳାଇଛି।

## ନନ୍ଦନକାନନରେ କୁଜି ହରିଣ ଶାବକ ଜନ୍ମ

ବାରଙ୍ଗ,୧୭।୧(ଡି.ଏନ୍.ଏ.)

ନନ୍ଦନକନନ ପ୍ରାଣୀ ଉଦ୍ୟାନର ଗୁରୁବାର ଏକ କୁଜି ହରିଣ ଶାବକ ଜନ୍ମ କରିଛି। ୩୭ 'ଗ' ଖୁଆଡ ମଧ୍ୟରେ ରହୁଥିବା ଏକ ମାଈ କୁଜି ହରିଣ ଶବକଟିକୁ ଜନ୍ମ ଦେବା ଫଳରେ ନନ୍ଦନକନନରେ ଏହି ପ୍ରଜାତି ସଂଖ୍ୟା ୭କୁ ବୃଦ୍ଧି ହୋଇଛି। ଶାବକର ଲିଙ୍ଗ ଚିହ୍ନଟ ହୋଇ ପାରି ନାହିଁ। ନନ୍ଦନକାନନରେ ୨ ଅଣ୍ଡିରା, ୧ ମାଈ ଓ ଲିଙ୍ଗ ଚିହ୍ନଟ ହୋଇ ନ ଥିବା ୪ଟି ହରିଣ ଅଛନ୍ତି।

# ଇଭିଏମ୍, ଭିଭିପାଟ ମାଧ୍ୟମରେ ଭୋଟଦାନ ମକ୍‌ଡ୍ରିଲ

ବୋଲଗଡ଼,୧୭।୧(ଡି.ଏନ.ଏ.)

ସାଧାରଣ ନିର୍ବାଚନ ପୂର୍ବରୁ ଇଭିଏମ୍ ସହିତ ନୂତନ ଭାବେ ଭିଭିପାଟ ମେଶିନ୍ ମାଧ୍ୟମରେ ଭୋଟଦାନ ପ୍ରଣାଳୀ ଜାଣିବା ପାଇଁ ନାଗରିକମାନଙ୍କୁ ବୋଲଗଡ଼ ବ୍ଲକ ଅଞ୍ଚଳରେ ସଚେତନତା କରାଯାଉଛି। ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶକ୍ରମେ ଏଠାରେ ଦିନକୁ ୫ଟି ବୁଥ୍‌ରେ ଉପରୋକ୍ତ ପ୍ରଣାଳୀରେ ମକ୍‌ଡ୍ରିଲ କରାଯାଉଛି। ବାଙ୍କୋଇଦେଶ ପଞ୍ଚାୟତ କନ୍ତାଇଲୋସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଗୁରୁବାର ଇଭିଏମ୍ ସହିତ ଭିଭିପାଟ୍ ମେଶିନ୍ ମାଧ୍ୟମରେ ଭାଟଦାନର ମକ୍‌ଡ୍ରିଲ ହୋଇଥିଲା। ନାଗରିକମାନେ କେଉଁ ପ୍ରାର୍ଥୀକୁ ଏବଂ କେଉଁ ଚିହ୍ନରେ ଭୋଟ ଦେଉଛନ୍ତି ତାହା ଭିଭିପାଟ୍ ମେଶିନ୍ ମାଧ୍ୟମରେ ଦେଖିପାରୁଛନ୍ତି। ନିଜ ମତଦାନର ପ୍ରମାଣ ଜାଣିପାରୁଛନ୍ତି। ବିଏଲ୍ଓ ତଥା ଶିକ୍ଷକ ବିଜୟ କୁମାର ସାହୁ ଏବଂ ସୁପରଭାଜର ତଥା ସିଆର୍‌ସିସି ବାସୁଦେବ ମଲ୍ଲିକ ଇଭିଏମ୍ ଓ ଭିଭିପାଟ୍ ମେସିନ୍ ମାଧ୍ୟମରେ କିପରି ମତଦାନ କରାଯାଉଛି ତାହା ନାଗରିକମାନଙ୍କୁ ପ୍ରଶିକ୍ଷଣ କରାଇଥିଲେ । ଉପରୋକ୍ତ ମେଶିନ୍ ବଟନ୍ ଦବାଇଲେ କ୍ରମିକ ସଂଖ୍ୟା, ନାମ ଓ ଚିହ୍ନ ଜାଣିହୁଏ। ଯେପରି ମତଦାନ କେନ୍ଦ୍ରରେ ଭୋଟ ଗ୍ରହଣ କରାଯାଏ ସେହିଭଳି ବୁଥକୁ ଯାଇ ନାଗରିକମାନେ ସକାଳ ୮ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ମକ୍‌ଡ୍ରିଲ କରିଥିଲେ।



ଭୋଟଦାନର ମକ୍‌ଡ୍ରିଲ କରାଯାଉଛି ।

■ ରେଳ ପ୍ରକଳ୍ପ କ୍ଷତିଗ୍ରସ୍ତ ପାଇଲେନି ନ୍ୟାୟ

# ନବୀନ ନିବାସ ସମ୍ମୁଖରେ ସମୂହ ଆତ୍ମହତ୍ୟା ନିଷ୍ପତ୍ତି

ଖୋର୍ଦ୍ଧା ଅଫିସ,୧୭।୧

ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପ ଦ୍ୱାରା କ୍ଷତିଗ୍ରସ୍ତ ହୋଇ ୨ବର୍ଷ ହେବ ଜରିପାଲ ତଳେ ଜୀବନ କାଟୁଛନ୍ତି ବୋଲଗଡ ବ୍ଲକ ସାନପଦର ଗ୍ରାମର ୨୮ ପରିବାର। ନ୍ୟାୟ ପାଇବା ପାଇଁ ଖୋର୍ଦ୍ଧା ଜିଲାପାଳ, ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳିଲାନି। ଏହା ସହ ଜିଲାପାଳଙ୍କ ଅଫିସ ସମ୍ମୁଖରେ ଧାରଣା ଓ ସାନପଦର ଠାରେ ଦୁଇ ଥର ରେଳରୋକୋ କରିଥିଲେ ମଧ୍ୟ ପ୍ରତିଶ୍ରୁତି ଓ ଭୟ ଦେଖାଇ ଆନ୍ଦୋଳନ ପ୍ରତ୍ୟାହୃତ କରିବାକୁ ବାଧ୍ୟ କରାଇଲେ।

**ଇଚ୍ଛାମୃତ୍ୟୁ ପାଇଁ ରାଜ୍ୟପାଳଙ୍କୁ କରିବେ ଆବେଦନ**

କ୍ଷତିଗ୍ରସ୍ତ ପରିବାରକୁ ୧୦ ଲକ୍ଷ ଟଙ୍କା ସହାୟତା, ସରକାରୀ ଜମି ଓ ଗୃହ ଯୋଗାଣ ସହ ପ୍ରଶାସନର ଅତ୍ୟାଚାର ଓ ଧମକ ବନ୍ଦ ଆଦି ୩ଦଫା ଦାବି ନେଇ ଆନ୍ଦୋଳନ ଚଳାଇଥିଲେ। ନ୍ୟାୟ ପାଇବାର ଆଶା ନ ଥିବାରୁ ଜାନୁୟାରୀ ୨୬ରେ ନବୀନ ନିବାସ ସମ୍ମୁଖରେ ସମୂହ ବିଷପାନ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି କ୍ଷତିଗ୍ରସ୍ତ ପରିବାର। ଏ ନେଇ ମୁଖ୍ୟମନ୍ତ୍ରୀ, ଡି.ଜି., ମାନବ ଅଧିକାର କମିଶନ, ଖୋର୍ଦ୍ଧା ଜିଲାପାଳ ଓ ଏସ୍‌ପିଙ୍କୁ ଲିଖିତ ଭାବେ ଜଣାଇଛନ୍ତି । ସେହିପରି ଜାନୁୟାରୀ ୧୮ରେ ରାଜ୍ୟପାଳଙ୍କୁ ଭେଟି ଇଚ୍ଛାମୃତ୍ୟୁ ପାଇଁ ଆବେଦନ କରିବେ। ଯଦି ପୋଲିସ ବିଷପାନ କରିବାରେ ବାଧା ଦିଏ ସବୁ ପରିବାରର ପିଲା ଗ୍ରାମରେ ଥାଇ ବିଷପାନ କରିବେ ବୋଲି କେତେଜଣ ଗ୍ରାମବାସୀ କହିଛନ୍ତି। ସରକାର ବିକାଶର ଦ୍ୱାହି ଦେଇ ଡିଣ୍ଡିମ ପିଟୁଛନ୍ତି। ସରକାରୀ କର୍ମଚାରୀ ଓ ଅଧିକାରୀ ଗରିବଙ୍କ ପେଟକୁ ମାରି ଲୁଟି ଚାଲିଛନ୍ତି ବୋଲି ଗ୍ରାମବାସୀ କହିଛନ୍ତି। ଅଭିଯୋଗ ଅନୁସାରେ ଲାଞ୍ଚ ଖାଇ ରେଳ ଲାଇନ୍ ପାଇଁ ବେଆଇନ୍ ଭାବେ ଜମି ଅଧିଗ୍ରହଣ କରାଯାଇଛି। ଜମି ଅଧିଗ୍ରହଣରେ ରେଳ ବିଭାଗ ଓ ପ୍ରଶାସନର କେତେଜଣ ଅଧିକାରୀ ଓ କର୍ମଚାରୀ ଦଲାଲଙ୍କ ସହାୟତାରେ ଥିଲାବାଲାଙ୍କୁ ୫୦ଲକ୍ଷ ପର୍ଯ୍ୟନ୍ତ କ୍ଷତିପୂରଣ କରାଇ ଦେଲେ। ଯେଉଁ ୨୮ ପରିବାର ଲାଞ୍ଚ ଦେଇ ନ ପାରିଲେ ସେମାନଙ୍କୁ କମ୍ କ୍ଷତିପୂରଣ ଦିଆଗଲା । ନିରୀହ ଲୋକ ଜେଲ୍ ଭୟରେ ପାଟି ଖୋଲିଲେ ନାହିଁ। କିନ୍ତୁ ପରେ ସେମାନେ କେତେଜଣ ଲୋକଙ୍କ ସହାୟତାରେ ଅଭିଯୋଗ କରିଥିଲେ ମଧ୍ୟ ଅଭିଯୋଗକୁ ଅଣଦେଖା କରାଯାଉଛି ବୋଲି କହିଛନ୍ତି।

ଧରିତ୍ରୀ DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୮ ଜାନୁୟାରୀ, ୨୦୧୯



ଭଦ୍ରକ ଜିଲା ବାଂଶଡ଼ା ଥାନା ଅଧୀନ ଚଡଦିଆ ପଞ୍ଚାୟତରେ ବୁଧବାର ବିଳମ୍ବିତ ରାତିରେ ବିଷାକ୍ତ ମଦ ପିଇ ଜଣେ ଯୁବକଙ୍କର ମୃତ୍ୟୁ ଘଟିଛି। ସେ ହେଲେ ଚଡଦିଆ ଗ୍ରାମର ମହେଶ୍ୱର ମାଝି(୩୬)। ମୃତକଙ୍କ ପରିବାରକୁ କ୍ଷତିପୂରଣ ସହ ଅନ୍ୟ ୩ଟି ଦାବି ନେଇ ସ୍ଥାନୀୟ ଲୋକେ ଗୁରୁବାର ଚଡଦିଆ ବଜାର ବନ୍ଦ କରିଥିଲେ।



## ସଂକ୍ଷେପରେ

### ୭୦୦ କୋଟି ନିବେଶ ଲାଗି ଗୋୟଲଙ୍କ ସର୍ତ୍ତ



**ନୂଆଦିଲ୍ଲୀ,୧୭।୧:** ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ଜେଟ୍ ଏୟାରୱେଜର ଅଂଶଧନ କିଣିବା ଲାଗି ଏଟିହାଦ ଏୟାରଲାଇନ୍ସ କଡ଼ା ସର୍ତ୍ତାରୋପ କରିଛି। ଏଥିରେ କ୍ଷୁବ୍ଧ ଏହାର ପ୍ରମୋଟର ତଥା ଅଧ୍ୟକ୍ଷ ନରେଶ ଗୋୟଲ କମ୍ପାନୀରେ ୭୦୦ କୋଟି ଟଙ୍କା ନିବେଶ କରିବାକୁ ରାଜି ଥିବା ଦର୍ଶାଇଛନ୍ତି। ତେବେ କମ୍ପାନୀରେ ତାଙ୍କର ଅଂଶଧନ ୨୫%ରୁ କମ୍ ହେବ ନାହିଁ ବୋଲି ସେ ସର୍ତ୍ତାରୋପ କରିଛନ୍ତି। ପ୍ରମୁଖ ଋଣପ୍ରଦାନକାରୀ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ(ଏସ୍‌ବିଆଇ) ଅଧ୍ୟକ୍ଷ ରଜନୀଶ କୁମାରଙ୍କୁ ପତ୍ର ଲେଖି ଗୋୟଲ ନିଜର ପ୍ରସ୍ତାବ ଦେଇଛନ୍ତି। ସୂଚନାଥାଉ କି, ଜେଟ୍‌ର ରଣନୈତିକ ସହଯୋଗୀ ଏଟିହାଦ କହିଛି ଯେ, ଗୋୟଲ ନିୟନ୍ତ୍ରଣ ଛାଡ଼ି ଦେଲେ ଋଣଗ୍ରସ୍ତ ଭାରତୀୟ କମ୍ପାନୀରେ ନିବେଶ ବଢ଼ାଇବାକୁ ରାଜି। ଜେଟ୍‌କୁ ଋଣ ଦେଇଥିବା ବ୍ୟାଙ୍କ ସମୂହ ସମାଧାନ ଯୋଜନା ନେଇ ଏଟିହାଦର ସର୍ତ୍ତ ଉପରେ ବିଚାରବିମର୍ଶ ଚଳାଇଥିବା ବେଳେ ଗୋୟଲଙ୍କ ପତ୍ର ବିଶେଷ ଗୁରୁତ୍ୱ ବହନ କରୁଛି। ତାଙ୍କର ଅଂଶଧନ ୨୫%ରୁ କମିବ ନାହିଁ ଏହା ଧାର୍ଯ୍ୟ ହେବା ପରେ ହିଁ ସେ କମ୍ପାନୀରେ ନିବେଶ ବଢ଼ାଇବେ ବୋଲି ଗୋୟଲ ସ୍ପଷ୍ଟ କରିଛନ୍ତି। ଯଦି ତାଙ୍କର ପ୍ରସ୍ତାବ ଗ୍ରହଣୀୟ ନ ହୁଏ, ତେବେ ସେ ନିବେଶ ବଢ଼ାଇ ପାରିବେ ନାହିଁ କି, କମ୍ପାନୀ ଶେୟାରକୁ ବନ୍ଧକ ରଖିପାରିବେ ନାହିଁ ବୋଲି ଗୋୟଲ ସ୍ପଷ୍ଟ କରିଛନ୍ତି।

### ଜାଲ୍ ନୋଟ କାରବାରରେ ମହିଳା ଗିରଫ

**ବିରଜାକ୍ଷେତ୍ର/ବିଞ୍ଝାରପୁର,୧୭।୧(ଡି.ଏନ୍.ଏ):** ଜାଲ୍ ନୋଟ କାରବାର କରୁଥିବା ଅଭିଯୋଗରେ ଯାଜପୁର ପୋଲିସ ଜଣେ ମହିଳାଙ୍କୁ ଗୁରୁବାର ଗିରଫ କରିଛି। ଗିରଫ ମହିଳା ବିଞ୍ଝାରପୁର ଥାନା ବରପଦା ଗ୍ରାମର ଲୁସି ପରିଡ଼ା ବୋଲି ଜଣାପଡ଼ିଛି। ପୋଲିସ ତାଙ୍କଠାରୁ ୭ଟି ୨ହଜାର ଟଙ୍କିଆ ନକଲି ନୋଟ ସହ ୫ଟି ମୋବାଇଲ ଜବତ କରିଛି। ପ୍ରକାଶ ଯେ, କିଛିଦିନ ତଳେ ଲୁସି ଯାଜପୁର ପୌରାଞ୍ଚଳ କୁଆଁସରପୁର ଛକରେ ଏକ ଗ୍ରୋସରୀ ଦୋକାନରୁ ୨ହଜାର ଟଙ୍କିଆ ଜାଲ ନୋଟ ଦେଇ କିଛି ରାଶନ ସାମଗ୍ରୀ କିଣିଥିଲେ। ପରବର୍ତ୍ତୀ ସମୟରେ ଦୋକାନ ମାଲିକ ଏହା ଜାଲ ନୋଟ ବୋଲି ଜାଣିପାରିଥିଲେ। ଏହାପରେ ଲୁସି ପୁଣିଥରେ ଗୁରୁବାର ଉକ୍ତ ଦୋକାନକୁ ଯାଇ ୨ହଜାର ଟଙ୍କିଆ ଜାଲ ନୋଟ ଦେଇ ସାମଗ୍ରୀ କିଣୁଥିବାବେଳେ ଧରାପଡ଼ିଥିଲେ। ଦୋକାନୀ ତାଙ୍କୁ ଏହି ନୋଟ କେଉଁଠୁ ଆଣିଛ ବୋଲି ପଚାରିବାରୁ ସେ ବିରଜା ହାଟରୁ ଆଣିଥିବା ସଫେଇ ଦେଇଥିଲେ। ଏହାପରେ ଦୋକାନୀଙ୍କ ସମ୍ପର୍କୀୟ ତାଙ୍କୁ ଧରି ବିରଜା ହାଟକୁ ନେଇଥିଲେ ହେଁ ସେ ସେଠାରେ ଦୋକାନୀଙ୍କୁ ଚିହ୍ନଟ କରିବା ବଦଳରେ ସେଠାରୁ ସ୍କୁଟି ଯୋଗେ ଖସି ପଳାଇ ଯାଇଥିଲେ। ଦୋକାନୀଙ୍କ ସମ୍ପର୍କୀୟ ଲୁସିଙ୍କ ପିଛା କରି ଯୋଡ଼ିକୂଆ ଛକରେ ତାଙ୍କୁ କାବୁ କରିଥିଲେ। ଏହାପରେ ସ୍ଥାନୀୟ ଲୋକେ ତାଙ୍କୁ ଘେରି ଯାଇଥିବା ବେଳେ ସେ ଜାଲ ନୋଟ କାରବାର କରୁଥିବା ସ୍ୱୀକାର କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ସେଠାରୁ ଲୁସିଙ୍କୁ ଉଦ୍ଧାର କରିବା ସହ ଯାଜପୁର ଥାନାକୁ ନେଇଥିଲେ। ସେଠାରେ ତାଙ୍କ ବ୍ୟାଗ ଯାଞ୍ଚ କରି ସେଥିରୁ ୭ଟି ୨ ହଜାର ଟଙ୍କିଆ ନକଲି ନୋଟ, ୫ଟି ମୋବାଇଲ ଜବତ କରିଥିଲେ।

### କେନାଲକୁ ଖସିଲା ବାଇକ୍: ୨ ମୃତ

ଢେଙ୍କାନାଳ ଅଫିସ, ୧୭।୧: ଢେଙ୍କାନାଳ ସଦର ଥାନା ପଦ୍ମନାଭପୁର ନିକଟରେ ଗୁରୁବାର ସଡ଼କ ଦୁର୍ଘଟଣା ଘଟିଛି। କେନାଲକୁ ଖସିପଡ଼ି ବାଇକ୍‌ରେ ଆସୁଥିବା ୨ ରାଜମିସ୍ତ୍ରି ପ୍ରାଣ ହରାଇଛନ୍ତି। ମୃତକ ହେଲେ ଇନ୍ଦିପୁର ଗ୍ରାମର ବେଣୁଧର ପ୍ରଧାନ (୪୫) ଏବଂ ଲୁଣି ଗ୍ରାମର ସଦାନନ୍ଦ ବେହେରା (୪୨)। ସୂଚନାଯୋଗ୍ୟ, ଭୁବନେଶ୍ୱରରୁ କାମ ସାରି ଉଭୟେ ଶଙ୍କରପୁର-ସପ୍ତଶଯ୍ୟା ରାସ୍ତାରେ ଘରକୁ ଫେରୁଥିଲେ। ଭାରସାମ୍ୟ ହରାଇ ବାଇକ୍‌ଟି ନିର୍ମାଣାଧୀନ ପୋଲ ତଳେ ପ୍ରବାହିତ କେନାଲକୁ ଖସିପଡ଼ିଥିଲା। ସୂଚନା ପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି କେନାଲରେ ଭାସୁଥିବା ମୃତଦେହ ଉଦ୍ଧାର କରିଥିଲେ। ସଦର ଥାନା ଓ ଗୋବିନ୍ଦପୁର ଫାଣ୍ଡି ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ଲାଗି ପଠାଇଥିଲେ। ଏ ନେଇ ନଂ. ୩୭/୧୯, ଦଫା ୨୭୯, ୩୦୪ (ଏ)ରେ ମାମଲା ରୁଜୁ କରାଯାଇଥିବା ଆଇଆଇସି ମଳୟ ନାୟକ କହିଛନ୍ତି।

## ▪ ନବ ଦାସଙ୍କ ବିଜେଡିରେ ମିଶ୍ରଣ ପ୍ରସଙ୍ଗ

# କିଶୋରଙ୍କୁ ମନାଇଲେ ପ୍ରଣବ, ସଞ୍ଜୀୟ

**ଝାରସୁଗୁଡ଼ା ଅଫିସ,୧୭।୧**

ଝାରସୁଗୁଡ଼ା ଜିଲା ରାଜନୀତି ଏବେ ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଛି। କଂଗ୍ରେସରୁ ଇସ୍ତଫା ଦେଇ ବିଧାୟକ ନବ କିଶୋର ଦାସ ବିଜେଡିରେ ମିଶିବା ଘୋଷଣା କରିବା ପରେ ସମସ୍ତଙ୍କ ନଜର ଝାରସୁଗୁଡ଼ା ରାଜନୀତି ଉପରେ ରହିଛି। ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ କିଶୋର ମହାନ୍ତି ଏବଂ ନବ ଦାସ ଏହି ପ୍ରସଙ୍ଗକୁ କିପରି ଗ୍ରହଣ କରୁଛନ୍ତି ତାହା ସମସ୍ତେ ଅବଲୋକନ କରୁଛନ୍ତି। ତେଣୁ ବିଜେଡି ମାପିଚୁପି କାମ କରୁଛି। ୨୪ ତାରିଖରେ ମିଶ୍ରଣ ପର୍ବ ରହିଥିବାରୁ ଗୁରୁବାର ଝାରସୁଗୁଡ଼ା ବିଧାୟକ ଦାସ ଅଘୋଷିତ ଭାବେ ବିଜେଡିରେ ମିଶିଯାଇଛନ୍ତି। ସ୍ଥାନୀୟ ଏକ ହୋଟେଲରେ ଝାରସୁଗୁଡ଼ା ଜିଲା ବିଜେଡି କାର୍ଯ୍ୟକାରିଣୀର ଗୁରୁତ୍ୱପୂର୍ଣ୍ଣ ଏବଂ ଗୁପ୍ତ ବୈଠକ ବସିଥିଲା। ଏଥିରେ ବିଧାୟକ ଦାସ ଏବଂ ଜିଲା ସଭାପତି କିଶୋର ମହାନ୍ତି ପ୍ରଥମ ଥର ଲାଗି ଏକାଠି ହୋଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ୨୪ ତାରିଖ ଗସ୍ତକୁ ସଫଳ କରିବା ସହ ଆଗାମୀ ନିର୍ବାଚନରେ ବିଜେଡିକୁ ଶକ୍ତ ଏବଂ ସଙ୍ଗଠିତ କରିବା ଦିଗରେ କାମ କରିବାକୁ ଉଭୟେ ମତ ଦେଇଥିଲେ। ଅସମ୍ଭବ କୁହାଯାଉଥିବା ନବ ଏବଂ କିଶୋରଙ୍କ ମିଳନକୁ ବିଧାୟକ ପ୍ରଣବ ପ୍ରକାଶ ଦାସ ଏବଂ ସଞ୍ଜୀୟ ଦାସବର୍ମା ସଫଳ ଏବଂ ଚତୁରତାର ସହ ଆଗେଇ ନେଇଥିଲେ।

ବୁଧବାର ଭୁବନେଶ୍ୱରରେ ଇସ୍ତଫା ଦେଇଥିଲେ ବିଧାୟକ ଦାସ। ୨୪ରେ ସେ ବିଧିବଦ୍ଧ ଭାବେ ବିଜେଡିରେ ଯୋଗଦେବେ। ଏଥିପାଇଁ ଜିଲାରେ ବିଭ୍ରାଟ ସୃଷ୍ଟି ହେବା ଆଶଙ୍କା କରି ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ସ୍ଥିତି ସମ୍ଭାଳିବାକୁ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ନେଇ ଗୁରୁବାର ଏଠାକୁ ଆସିଥିଲେ ବିଧାୟକ ସଞ୍ଜୀୟ ଦାସବର୍ମା ଏବଂ ପ୍ରଣବ ପ୍ରକାଶ ଦାସ। ମଧ୍ୟାହ୍ନରେ ଆୟୋଜନ ହୋଇଥିଲା ଜିଲା କାର୍ଯ୍ୟକାରିଣୀ ବୈଠକ। ଏହି ଗୁପ୍ତ ବୈଠକରେ ହେବାକୁ ଥିବା ମନ୍ତ୍ରଣା କାଳେ ବାହାରେ ପ୍ରଘଟ ହୋଇଯିବ, ସେଥିପାଇଁ ସମସ୍ତ ବରିଷ୍ଠ ଏବଂ କନିଷ୍ଠ କର୍ମକର୍ତ୍ତାଙ୍କ ମୋବାଇଲକୁ ଏକାଠି ସଂଗ୍ରହ କରାଯାଇ ଦୂରରେ ରଖାଯାଇଥିଲା। ଭୁବନେଶ୍ୱରରୁ ଆସିଥିବା ଦୁଇ ବିଧାୟକ ଜିଲା ବିଜେଡି କାର୍ଯ୍ୟକର୍ତ୍ତାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ଶୁଣାଇଥିଲେ। ବିଧାୟକ ଦାସଙ୍କ ମିଶ୍ରଣ କଥା କହିବା ସହ ଆଗାମୀ ନିର୍ବାଚନରେ ସମନ୍ୱୟ ରକ୍ଷାକରି ଦଳକୁ ବିଜୟ ଦିଗରେ ଆଗେଇ ନେବାକୁ କହିଥିଲେ। ଦଳ ସଭାପତି ତଥା ମୁଖ୍ୟମନ୍ତ୍ରୀ ଯାହା ନିର୍ଦ୍ଦେଶ ଦେବେ ତାକୁ ପାଳନ କରାଯିବ ବୋଲି ବିଧାୟକ ଦାସବର୍ମା କହିଥିଲେ।

> ▪ ଭାଇରାଲ ଭୟରେ ମୋବାଇଲ ମନା
>
> ▪ ପ୍ରଥମ ଥର ଲାଗି କିଶୋର, ନବ ଏକାଠି

ପରେ ଡକାଯାଇଥିଲା ବିଧାୟକ ନବ ଦାସଙ୍କୁ। ସେ ଏହି ବୈଠକକୁ ଆସିଥିଲେ। ଉକ୍ତ ବୈଠକରେ ସଭାପତିତ୍ୱ କରିଥିଲେ କିଶୋର ମହାନ୍ତି। ବିଧାୟକ ଦାସଙ୍କୁ ସ୍ୱାଗତ କରିଥିଲେ ବରିଷ୍ଠ ବିଜେଡି ନେତା ତାପସ ରାୟ ଚୌଧୁରୀ। ବୈଠକରେ ଯୋଗଦେଇ ବିଧାୟକ ଦାସ କହିଲେ, ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଆଗାମୀ ନିର୍ବାଚନ ମିଳିମିଶି ଲଢ଼ିବା ଏବଂ ଦଳକୁ ବିଜୟୀ କରାଇବା। ଏହା ପୂର୍ବରୁ ୨୪ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ସଫଳ କରିବା ପାଇଁ ଜିଲା ସଭାପତି ବୈଠକ ଡାକନ୍ତୁ। ମିଳିମିଶି ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ହାତ ବଢ଼ାଇଥିଲେ ବିଧାୟକ ଦାସ। ଜିଲା ବିଜେଡି ସଭାପତି ମହାନ୍ତି ମଧ୍ୟ ବୈଠକ ଡକାଯିବାକୁ ନେଇ ସହମତି ପ୍ରକାଶ କରିଥିଲେ। ବୈଠକରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରବି ସିଂ, ମଡାଦିନ ମୁଦ୍ରା, ଟିକେଶ୍ୱର ମହାନ୍ତିଙ୍କ ସମେତ ବ୍ଲକ ସଭାପତି, ଜିଲା ସମ୍ପାଦକ, କାର୍ଯ୍ୟକାରୀ ସଭାପତି ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ୧୨ ଘଣ୍ଟା କନ୍ଧମାଳ ଠପ୍

ସେବାଶ୍ରମରେ ଛାତ୍ରୀ ମା' ହେବା ଘଟଣା: ଜିଲାପାଳଙ୍କ ବଦଳି ଦାବି ଜୋର ଧରିଲା



ଟିକାବାଲିରେ ଦୋକାନ ବଜାର ବନ୍ଦ ରହିଛି।

**ଫୁଲବାଣୀ ଅଫିସ,୧୭।୧**

ଦାରିଙ୍ଗବାଡ଼ି ବ୍ଲକର ଏକ ସେବାଶ୍ରମରେ ଜଣେ ୮ମ ଶ୍ରେଣୀ ଛାତ୍ରୀ ମା' ହେବା ଓ ନବଜାତ ଶିଶୁକନ୍ୟା ଆଖି ବୁଜିବା ଘଟଣାରେ ଗୁରୁବାର ଭାଜପା ପକ୍ଷରୁ ୧୨ ଘଣ୍ଟିଆ କନ୍ଧମାଳ ଜିଲା ବନ୍ଦ ଡାକରା ଦିଆଯାଇଥିଲା। ଜିଲାରେ ଏହାର ପ୍ରଭାବ ପଡ଼ିଛି। ସ୍ୱତଃପ୍ରବୃତ୍ତ ଭାବେ ବ୍ୟବସାୟୀମାନେ ଦୋକାନ ବନ୍ଦ ରଖିଥିବା ବେଳେ ଗାଡ଼ିମୋଟର ଚଳାଚଳ ବନ୍ଦ ରହିଥିଲା। ଲୋକେ ଅସୁବିଧାର ସମ୍ମୁଖୀନ ହୋଇଥିଲେ ମଧ୍ୟ ବନ୍ଦକୁ ସମର୍ଥନ କରୁଥିବା ଦେଖାଯାଇଥିଲା। ଫୁଲବାଣୀ ସହରରେ ଭାଜପା କର୍ମୀମାନେ ସକାଳୁ ରାଲି କରିଥିଲେ। ପୂର୍ବାହ୍ନ ପ୍ରାୟ ୧୦ଟାରେ ବିଭିନ୍ନ ସରକାରୀ ଏବଂ ବେସରକାରୀ ଅଫିସକୁ ଯାଇ ବନ୍ଦ କରିଥିଲେ। ସେହିପରି ସହର ସଂଲଗ୍ନ ବିଦ୍ୟାଳୟଗୁଡ଼ିକ ମଧ୍ୟ ବନ୍ଦ ରହିଥିଲା। ଜିଲାର ପ୍ରାୟ ସମସ୍ତ ବ୍ଲକରେ ଏହି ବନ୍ଦର ପ୍ରଭାବ ପଡ଼ିଥିବା ଜଣାପଡ଼ିଛି।

ପ୍ରଶାସନର ଦାୟିତ୍ୱହୀନ କାର୍ଯ୍ୟ ଏବଂ ଅପାରଗତାରୁ ଜିଲାରେ ବାରମ୍ବାର ଏଭଳି ଅପ୍ରୀତିକର ଘଟଣା ଘଟୁଛି। ଦାରିଙ୍ଗବାଡି ସେବାଶ୍ରମରେ ରବିବାର ଘଟିଥିବା ଘଟଣାରେ ତୁରନ୍ତ ପଦକ୍ଷେପ ନିଆଯାଇନି। ତେଣୁ ଜିଲାପାଳଙ୍କ ତୁରନ୍ତ ବଦଳି ସହ ଜିଲା ମଙ୍ଗଳ ଅଧିକାରୀଙ୍କୁ ନିଲମ୍ବନ କରିବାକୁ ବିଭିନ୍ନ ଛକରେ ଭାଜପା ପକ୍ଷରୁ ନାରାବାଜି କରାଯାଇଥିଲା। ଏଥିସହ ଘଟଣାର ବିଚାର ବିଭାଗୀୟ ତଦନ୍ତ, ପୀଡିତାଙ୍କୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ, ବିଭାଗୀୟ ମନ୍ତ୍ରୀ ରମେଶ ମାଝି ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ଦାବି କରାଯାଇଥିଲା। ଏସ୍‌ସି ସେଲର ନେତ୍ର ମାନସେଟ୍, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କମଳାକାନ୍ତ ପାଣ୍ଡେଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ବନ୍ଦରେ ସାମିଲ ହୋଇଥିଲେ।

## ଅନୁଗୋଳ ବନମଣ୍ଡଳରେ ସରିଲା ପକ୍ଷୀ, କୁମ୍ଭୀର ଗଣନା

# ୧୬୩ ପ୍ରଜାତି ପକ୍ଷୀ, ୧୧୨ କୁମ୍ଭୀର

**ବନ୍ତଲା, ୧୭।୧(ଡି.ଏନ.ଏ.)**



ଅନୁଗୋଳ ଜିଲା ବନମଣ୍ଡଳ (ସର୍କଲ) ବା ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଅଧୀନସ୍ଥ ବନଖଣ୍ଡଗୁଡ଼ିକରେ ପକ୍ଷୀ ଓ କୁମ୍ଭୀର ଗଣନା ଶେଷ ହୋଇଛି। ଅନୁଗୋଳ ବନଖଣ୍ଡ, ସାତକୋଶିଆ ଓ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ, ଆଠମଲ୍ଲିକ, ଆଠଗଡ, କଟକ, ଯାଜପୁର ଆଦି ୭ଟି ବନଖଣ୍ଡକୁ ନେଇ ଏହି ବନମଣ୍ଡଳରେ ଚଳିତ ବର୍ଷ ୧୬୩ ପ୍ରଜାତିର ୬୨୩୦୦ ପକ୍ଷୀ ରହିଛନ୍ତି। ସେହିପରି ୧୦୪ଟି ମଗର ଓ ୮ଟି ଘଡିଆଳ ଜାତୀୟ କୁମ୍ଭୀର ବନମଣ୍ଡଳରେ ଥିବା ଆଞ୍ଚଳିକ ମୁଖ୍ୟ କାର୍ଯ୍ୟାଳୟରୁ ରିପୋର୍ଟରୁ ଜଣାପଡିଛି। କେବଳ ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପରେ ସମୁଦାୟ ୫୦ ପ୍ରଜାତିର ୧୨୯୨୯ ପକ୍ଷୀ ରହିଛି। ସାତକୋଶିଆ ଗଣ୍ଡରେ ୬,୫୪୭ ପକ୍ଷୀ ରହିଥିବା ଗଣନାରୁ ଜଣାପଡିଛି।

କଟକ ବନଖଣ୍ଡର କଟକ ଓ କେନ୍ଦ୍ରାପଡା ଜିଲାର ଭିତରକନିକାକୁ ଛାଡି ବାକି ଅଞ୍ଚଳରେ ପକ୍ଷୀ ସଂଖ୍ୟା କମିଥିବା ଜଣାପଡିଛି। ଯାଜପୁର ବନଖଣ୍ଡ ଅଧୀନରେ ଯାଜପୁର ଓ ଜଗତ୍‌ସିଂହପୁର ଜିଲାର ସ୍ୱତନ୍ତ୍ର ସମୁଦ୍ର କୂଳକୁ ଛାଡି ବାକି ଅଞ୍ଚଳରେ ମଧ୍ୟ ପକ୍ଷୀ ସଂଖ୍ୟା କମିଛି। ସେହିପରି ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପର ସାତକୋଶିଆ ମହାନଦୀ ଗଣ୍ଡରେ ୮ ଟି ଘଡ଼ିଆଳ ଓ ୭୬ ଟି ମଗର ପ୍ରଜାତିର କୁମ୍ଭୀର ରହିଛନ୍ତି। ଗଣ୍ଡକୁ ଛାଡିଦେଲେ ସାତକୋଶିଆ ଓ ଆଠମଲ୍ଲିକ ବନଖଣ୍ଡର ବିଭିନ୍ନ ଜଳାଶୟରେ ୨୮ ଟି ମଗର ଅଛନ୍ତି। ୨୦୧୪ରେ ମଗର ଓ ଘଡ଼ିଆଳକୁ ମିଶାଇ ମୋଟ ୯୬ କୁମ୍ଭୀର ଥିବାବେଳେ ୨୦୧୫ରେ ୧୦୭ଟି, ୨୦୧୬ରେ ୧୧୧ଟି, ୨୦୧୭ରେ ୧୦୬ଟି ଓ ୨୦୧୮ରେ ୧୦୮ ଟି ଘଡ଼ିଆଳ ଓ ମଗର ଥିଲେ। ତେବେ ୨୦୧୯ ଗଣନାରେ ୪ଟି କୁମ୍ଭୀର ବୃଦ୍ଧି ହୋଇଛି। ସେହିପରି ସାତକୋଶିଆ ଗଣ୍ଡରେ ୨୦୧୮ ମସିହା ଗଣନାରେ ୪୦ ପ୍ରଜାତିର ୪,୬୯୨ ପକ୍ଷୀ ଥିବାବେଳେ ଚଳିତ ବର୍ଷ ୧୦ଟି ନୂତନ ପ୍ରଜାତିର ୧୮୫୫ ପକ୍ଷୀ ବୃଦ୍ଧି ପାଇଛନ୍ତି। ସେହିପରି ବ୍ୟାଘ୍ର ପ୍ରକଳ୍ପରେ ୨୦୧୮ ମସିହାରେ ୧୦,୫୦୬ ପକ୍ଷୀ ଥିବାବେଳେ ଚଳିତ ବର୍ଷ ୫୦ ପ୍ରଜାତିର ୨୪୨୩ ପକ୍ଷୀ ବୃଦ୍ଧି ପାଇଛି। ଏ ବିଷୟରେ ଅତିରିକ୍ତ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ସାତକୋଶିଆ କ୍ଷେତ୍ର ନିର୍ଦ୍ଦେଶକ ଡ. ସୁଦର୍ଶନ ପଣ୍ଡା କୁହନ୍ତି ସର୍କଲରେ କୁମ୍ଭୀର ଓ ପକ୍ଷୀ ସଂଖ୍ୟା ୨୦୧୮ ରିପୋର୍ଟ ତୁଳନାରେ ବୃଦ୍ଧି ପାଇଛି। କଟକ ଓ ଯାଜପୁର ବନଖଣ୍ଡରେ ପକ୍ଷୀ ସଂଖ୍ୟା ଗତ ବର୍ଷ ଅପେକ୍ଷା କମିଛି ବୋଲି ସେ ପ୍ରକାଶ କରିଛନ୍ତି।

## ▪ ସିମରନ ମୃତ୍ୟୁ ଘଟଣା

# ଶାଶୁ, କକାଶ୍ୱଶୁରଙ୍କୁ ନୋଟିସ

**ବେଲପଡା, ୧୭।୧(ଡି.ଏନ.ଏ.)**

ବହୁଚର୍ଚ୍ଚିତ ସିମରନ ମୃତ୍ୟୁ ଘଟଣାକୁ ଇତିମଧ୍ୟରେ ୧୫ଦିନ ପୂରିଛି। ସିମରନଙ୍କ ସ୍ୱାମୀ କୁହାଯାଉଥିବା ଧ୍ରୁବରାଜ ସୁନାଙ୍କୁ ପୋଲିସ ଗିରଫ କରିଛି। ଏ ନେଇ ଏକ ହତ୍ୟା ମାମଲା ବି ପୋଲିସ ରୁଜୁ କରିଛି। ହେଲେ ହତ୍ୟାକାଣ୍ଡ ସମ୍ପର୍କରେ ପୋଲିସକୁ କୌଣସି ଠୋସ ସୁରାକ ମିଳିନାହିଁ। ଏ ସମ୍ପର୍କରେ ଅଧିକ ତଥ୍ୟ ହାସଲ କରିବା ପାଇଁ ବୁର୍ଲା ଥାନା ପୋଲିସ ସିମରନଙ୍କ ମା'ଙ୍କ ଅଭିଯୋଗ ଅନୁଯାୟୀ ଗୁରୁବାର ବଲାଙ୍ଗୀର ଜିଲା ବେଲପଡାସ୍ଥିତ ସିମରନଙ୍କ ଶାଶୁ ଯଶୋବନ୍ତୀ ସୁନା ଓ ସମ୍ପର୍କୀୟ କକାଶ୍ୱଶୁର ରୁକୁ ସୁନାଙ୍କ ଘରେ ଲଟକା ଜାରି କରିଛି। ଉଭୟଙ୍କୁ ଜେରା କରିବା ପାଇଁ ବୁର୍ଲାରୁ ଏକ ପୋଲିସ ଟିମ୍ ଆସିଥିଲା। ରୁକୁ ସୁନା ଅନୁପସ୍ଥିତ ଥିବାରୁ ତାଙ୍କ ସ୍ତ୍ରୀ ସୋନିକା ସୁନାଙ୍କୁ ନୋଟିସ ପ୍ରଦାନ କରାଯାଇଛି। ଅନ୍ୟପକ୍ଷେ ଧ୍ରୁବରାଜଙ୍କ ମା' ଯଶୋବନ୍ତୀ ଅନୁପସ୍ଥିତ ଥିଲେ। ତାଙ୍କ ଘରେ ବାହାର ପଟୁ ତାଲା ପଡିଥିବାରୁ ଉକ୍ତ ନୋଟିସକୁ କବାଟରେ ମାରି ଦିଆଯାଇଛି। ନୋଟିସ(ମାମଲା ନଂ. ୧୧/୧୯)ଅନୁଯାୟୀ ବୁର୍ଲା ଥାନାରେ ଯଶୋବନ୍ତୀ ସୁନା ଓ ରୁକୁ ସୁନାଙ୍କୁ ଉପସ୍ଥିତ ରହିବା ପାଇଁ ଉଲ୍ଲେଖ କରାଯାଇଛି।

**ପ୍ରଥମ ପୃଷ୍ଠାରୁ**

# ଧାନ ବିକ୍ରି ପରେ ମଣ୍ଡି ଖୋଲେ

ହୋଇଥିବାବେଳେ ସଂଗ୍ରହ ହୋଇଥିଲା ୧,୭୦,୨୭୪.୫୧କୁଇଣ୍ଟାଲ। ସେହିପରି ୨୦୧୪-୧୫ରେ ୨,୫୦,୦୦୦ରୁ ୧,୭୪,୦୫୭.୨୮ କୁଇଣ୍ଟାଲ, ୨୦୧୫-୧୬ରେ ୯୫,୫୮୮.୨୪ରୁ ୮୬,୪୧୭.୩୧ କୁଇଣ୍ଟାଲ, ୨୦୧୬-୧୭ରେ ୧,୦୨,୯୪୧.୧୮ କୁଇଣ୍ଟାଲରୁ ୮୫,୩୧୯.୭୩ କୁଇଣ୍ଟାଲ, ୨୦୧୭-୧୮ରେ ୮୫,୨୯୪.୧୨ କୁଇଣ୍ଟାଲରୁ ୫୬,୪୧୦.୮୫ କୁଇଣ୍ଟାଲ ଧାନ ମଣ୍ଡି ମାଧ୍ୟମରେ ସଂଗ୍ରହ ହୋଇଥିବା ଆର୍‌ଟିଆଇ ସୂତ୍ରରୁ ଜଣାଯାଇଛି। ୨୦୧୮-୧୯ ବର୍ଷ ପାଇଁ ଜିଲାରେ ଅଦ୍ୟାବଧି ମଣ୍ଡି ଖୋଲି ନାହିଁ। ପ୍ରଶାସନ ମଧ୍ୟ ଏବିଷୟରେ କୌଣସି ସ୍ପଷ୍ଟ ଉତ୍ତର ଦେଉ ନାହିଁ। ଜିଲା କୃଷି ଉପନିର୍ଦ୍ଦେଶକ ପ୍ରଦୀପ କୁମାର ରଥଙ୍କ କହିବା ହେଲା କନ୍ଧମାଳ ଜିଲାରେ ଧାନ ଫସଲ କମ୍ ହୋଇଥାଏ। ବାକି ମକା, ହଳଦୀ, ଅଦା, ଲଙ୍କା, ତନ୍ତୁଜାତୀୟ ଶସ୍ୟ, ପନିପରିବା, ତୈଳ ଓ ଡାଲି ଜାତୀୟ ଚାଷ ଅଧିକ ହୋଇଥାଏ। ଗତ ୬ ମାସ ମଧ୍ୟରେ ଜିଲାର ସମସ୍ତ ୧୨ ବ୍ଲକକୁ ପରିଦର୍ଶନ କରିଛି। ଚାଷୀମାନଙ୍କ ମୁଖ୍ୟତଃ ବିହନ, ସାର ସମସ୍ୟା ଥିଲା, ଯାହାକୁ ଚଳିତ ଖରିଫ ଋତୁରେ ଜୁନ୍ ୧୫ ତାରିଖ ମଧ୍ୟରେ ଲ୍ୟାମ୍ପ୍ସ ମାଧ୍ୟମରେ ଯୋଗାଇ ଦିଆଯାଇଛି। ଗତବର୍ଷ ଗୁଡ଼ିକରେ ଧାର୍ଯ୍ୟ ଲକ୍ଷ୍ୟଠାରୁ କମ୍ ପରିମାଣର ଧାନ କ୍ରୟ ହେଉଥିବା ଜଣାପଡ଼ିଛି। ଚଳିତ ବର୍ଷ ଏହାକୁ ଠିକ୍ ଭାବେ ପୂରଣ କରିବାକୁ ଚେଷ୍ଟା କରାଯାଉଛି। ଏବର୍ଷ ୨୦୦୦ କୁଇଣ୍ଟାଲ ସରକାର ମଣ୍ଡି ମାଧ୍ୟମରେ କିଣିବେ। କୁଇଣ୍ଟାଲକୁ ୨୮୭ ଟଙ୍କା ଧାର୍ଯ୍ୟ କରାଯାଇଛି। ଟ୍ରାଇବାଲ ଡେଭଲପମେଣ୍ଟ କୋଅପରେଟିଭ ସୋସାଇଟି(ଟିଡିସିଏସ୍) ମାଧ୍ୟମରେ ୧୨ଟି ଲ୍ୟାମ୍ପ୍ସରେ ମଣ୍ଡି ଖୋଲା ସରିଛି ବୋଲି ଜିଲା କୃଷି ଉପ ନିର୍ଦ୍ଦେଶକ ରଥ କହିଛନ୍ତି।

ଉପନିବନ୍ଧକ ସମବାୟ ସମିତି ସମୂହ(ଡିଆରସିଏସ୍)ଙ୍କ ଠାରୁ ମିଳିଥିବା ତଥ୍ୟ ଅନୁସାରେ ୨୦୧୪ ଖରିଫ ଋତୁରେ ଚାଷୀଙ୍କୁ ୪୯କୋଟି ଋଣ ଦିଆଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବାବେଳେ ୪୩କୋଟି ୭୦ଲକ୍ଷ ଟଙ୍କା ଚାଷୀମାନେ ଋଣ ନେଇଥିଲେ, ଯାହା ଧାର୍ଯ୍ୟଲକ୍ଷ୍ୟର ୮୯ପ୍ରତିଶତ। ସେହିପରି କ୍ରମାନ୍ୱୟରେ ରବି ଋତୁ ୨୦୧୪-୧୫ରେ ୫୧କୋଟି ୬୦ ଲକ୍ଷରୁ ୩୯କୋଟି ୮୯ଲକ୍ଷ(୭୭%) ଋଣ ପ୍ରଦାନ କରାଯାଇଥିଲା। ୨୦୧୫ ଖରିଫରେ ୬୧ କୋଟିରୁ ୪୨ କୋଟି ୨୧ ଲକ୍ଷ(୭୪%), ୨୦୧୫-୧୬ ରବି ଋତୁରେ ୫୦ କୋଟିରୁ ୩୯ କୋଟି ୯୯ ଲକ୍ଷ(୮୦%), ୨୦୧୬ ଖରିଫ ଋତୁରେ ୫୩ କୋଟିରୁ ୩୯କୋଟି ୪୪ ଲକ୍ଷ(୭୪%), ୨୦୧୬-୧୭ ରବି ଋତୁରେ ୫୨ କୋଟିରୁ ୩୭ କୋଟି ୬୫ ଲକ୍ଷ(୭୨%), ୨୦୧୭ ଖରିଫ ଋତୁରେ ୫୨ କୋଟିରୁ ୫୨ କୋଟି ୬୨ଲକ୍ଷ(୧୦୧%), ୨୦୧୭-୧୮ ରବି ଋତୁରେ ୪୫ କୋଟିରୁ ୪୨ କୋଟି ୧ ଲକ୍ଷ(୯୩%), ୨୦୧୮ ଖରିଫ ଋତୁରେ ୫୪ କୋଟିରୁ ୫୬ କୋଟି ୧୮ ଲକ୍ଷ(୧୦୪%) ଋଣ ଚାଷୀଙ୍କୁ ପ୍ରଦାନ କରାଯାଇଛି। ୨୦୧୮-୧୯ ରବି ଋତୁ ପାଇଁ ୪୫ କୋଟି ଟଙ୍କା ଋଣ ପ୍ରଦାନ ପାଇଁ ଲକ୍ଷ୍ୟ ଧାଯ୍ୟ ହୋଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ୩୫ କୋଟି ୯୨ ଲକ୍ଷ ଟଙ୍କା ଋଣ ଦିଆଯାଇଛି। ପ୍ରତିବର୍ଷ ୭୦ରୁ ୮୦ ପ୍ରତିଶତ ଋଣ ପରିଶୋଧ ହେଉଥିବା ଡିଆରସିଏସ୍ ପ୍ରମୋଦ କୁମାର ସାହୁ ସୂଚନା ଦେଇଛନ୍ତି।

ଜିଲାରେ ଦୀର୍ଘ ୪ବର୍ଷ ଧରି ଶୀତଳ ଭଣ୍ଡାର ବନ୍ଦ ପଡ଼ି ରହିବା ସମ୍ପର୍କରେ ଜିଲାପାଳ ବୃନ୍ଦା ଡିଙ୍କୁ ପଚାରିବାରେ ଫୁଲବାଣୀ ଓ ବାଲିଗୁଡ଼ା ଆଇଟିଡିଏ ପକ୍ଷରୁ ୫ଟି ଶୀତଳ ଭଣ୍ଡାର ରହିଛି ବୋଲି କହିଛନ୍ତି। ତୁରନ୍ତ ଏହାକୁ କାର୍ଯ୍ୟକ୍ଷମ କରାଇବାକୁ ଦାୟିତ୍ୱରେ ଥିବା ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଚାଷୀଙ୍କ ସୁବିଧା ପାଇଁ କ'ଣ କରାଯାଇପାରିବ ତାହା ଉପରେ ମଧ୍ୟ ଯୋଜନା କରାଯାଉଛି। ଡେରିରେ ହେଲେ ସୁଦ୍ଧା ଜିଲାରେ ସମସ୍ତ ମଣ୍ଡି ଖୋଲିଲାଣି ବୋଲି ଜିଲାପାଳ ପ୍ରକାଶ କରିଛନ୍ତି। ତେବେ ପ୍ରଶ୍ନ ଉଠୁଛି ଯେ, ୪ବର୍ଷ ଧରି ଶୀତଳ ଭଣ୍ଡାର ବନ୍ଦ ପଡ଼ିଥିଲେ ସୁଦ୍ଧା ଜିଲା ପ୍ରଶାସନ ଏହାକୁ ଖୋଲିବା ନେଇ ପୂର୍ବରୁ କାହିଁକି ତତ୍ପରତା ପ୍ରକାଶ କରୁ ନ ଥିଲା। ଏଠାରେ ଉଲ୍ଲେଖଯୋଗ୍ୟଯେ, ନିକଟରେ ଚାଷୀଙ୍କ ସମ୍ପର୍କରେ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନିକ ତତ୍ପରତା ଦେଖିବାକୁ ମିଳିଛି।

ଫୁଲବାଣୀ ଆଇଟିଡିଏ ପ୍ରକଳ୍ପ ନିର୍ଦ୍ଦେଶକ ବୀରେନ୍ଦ୍ର କୁମାର ଦାସଙ୍କ କହିବା ହେଲା ଫିରିଙ୍ଗିଆ ଏବଂ ଖଜୁରିପଡାରେ ଦୁଇଟି ଶୀତଳ ଭଣ୍ଡାର କାର୍ଯ୍ୟ ସରିଛି। ଏସ୍‌ଟି କୃଷକ କ୍ଲବ ଏହାକୁ ପରିଚାଳନା କରିବ। ଏଯାବତ୍ କ୍ଲବ ଗଠନ ହୋଇପାରୁ ନ ଥିବାରୁ ଏହା କାର୍ଯ୍ୟକ୍ଷମ ହୋଇପାରୁ ନାହିଁ ବୋଲି ଦାସ ସୂଚନା ଦେଇଛନ୍ତି। ଅପରପକ୍ଷରେ ବାଲିଗୁଡା ଆଇଟିଡିଏ ଅଧୀନରେ ୩ଟି ଶୀତଳ ଭଣ୍ଡାର ରହିଛି। ସେଥିମଧ୍ୟରୁ ଜି.ଉଦୟଗିରିରେ ଏବେ ନୂତନ ଭାବେ ଗୋଟିଏ ତିଆରି ହୋଇଛି। ଆସନ୍ତା ୧୫ଦିନ ମଧ୍ୟରେ ଏହା କାର୍ଯ୍ୟକ୍ଷମ ହେବ। ଦାରିଙ୍ଗବାଡି ଏବଂ ବାଲିଗୁଡାରେ ଥିବା ଶୀତଳଭଣ୍ଡାର ୨୦୧୩-୧୪ରୁ ଅକାମୀ ହୋଇପଡିଛି। ଦାରିଙ୍ଗବାଡି ଶୀତଳଭଣ୍ଡାର ଗୋଟିଏ କୋଅପରେଟିଭ ସୋସାଇଟି ଓ ବାଲିଗୁଡାର ୨ଟି କୃଷକ ସଂଘକୁ ଦିଆଯାଇଥିଲା। ମାତ୍ର ସେମାନେ ଏହାକୁ ଠିକ୍ ଭାବେ ପରିଚାଳନା କରି ନ ପାରିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ଏହି ସମସ୍ୟା ତୁରନ୍ତ ସମାଧାନ କରାଯିବାକୁ ଚେଷ୍ଟା କରାଯାଉଛି ବୋଲି ବାଲିଗୁଡା ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ରାଜେନ୍ଦ୍ର ରଣଜିତ ପ୍ରକାଶ କରିଛନ୍ତି।

## ଚାଷୀଙ୍କ ମତାମତ

### ଅବ୍ୟବସ୍ଥା ଅଡୁଆରେ ପକାଇବ



"ଜିଲାରେ ଚାଷୀଙ୍କୁ ଅଣଦେଖା କରାଯାଇଛି। ଯୋଜନା ହେଉଛି କିନ୍ତୁ ଚାଷୀଙ୍କ ପାଖରେ ପହଞ୍ଚୁ ନାହିଁ। କୃଷି ବିଭାଗର କ୍ଷେତ୍ରସ୍ତରୀୟ ଅଧିକାରୀ ନ ଥିବାରୁ ଚାଷୀ ବୈଷୟିକ ଜ୍ଞାନରୁ ବଞ୍ଚିତ ହେଉଛି। ଠିକ୍ ସମୟରେ ବିହନ ମିଳୁନି। ଅବ୍ୟବସ୍ଥା ଯୋଗୁ ସରକାର ଚାଷୀ ଭୋଟ ହରାଇବାର ସମ୍ଭାବନା ରହିଛି। ଠିକ୍ ସମୟରେ ଧାନମଣ୍ଡି ଖୋଲୁ ନ ଥିବାରୁ ମଧ୍ୟସ୍ଥଙ୍କ ଜାଲରେ ଚାଷୀ ପଡିବାକୁ ବାଧ ହେଉଛି।

– କିନାରୀ ପାତ୍ର , ମୁଣ୍ଡିଗଡ, ତୁମୁଡିବନ୍ଧ

### ଆଖିଦୃଶିଆ କାମ ହୋଇନି



"ରାଜ୍ୟରେ ସରକାର ଗତ ୨ଦଶନ୍ଧିରେ ଚାଷୀଙ୍କ ପାଇଁ କୌଣସି ଆଖିଦୃଶିଆ କାମ କରି ନାହାନ୍ତି। ଗତ ବର୍ଷ ଧାନ ମଣ୍ଡିରେ ମିଲରମାନେ କୁଇଣ୍ଟାଲ ପିଛା ୫କେଜି କାଟି ନେଇଥିଲେ। ସହାୟକ ରାଶି ମଧ୍ୟ ଠିକ୍ ସମୟରେ ମିଳିଲା ନାହିଁ। ଚାଷୀ ଏକ ପ୍ରକାର ହତାଶା ମଧ୍ୟରେ ଦିନ କାଟୁଛି।

– ଶିବଶଙ୍କର କହଁର, ଅଡାବାଡି, ଚକାପାଦ

### ଅଭାବୀ ବିକ୍ରିର ଶିକାର ଚାଷୀ



"ସରକାର କ୍ରମାଗତ ଭାବେ ଚାଷୀଙ୍କୁ ଅଣଦେଖା କରି ଆସୁଛନ୍ତି। ଗତ ୫ ବର୍ଷ ମଧ୍ୟରେ ବହୁ ଚାଷୀ ଅଭାବୀ ବିକ୍ରିର ସମ୍ମୁଖୀନ ହୋଇଛନ୍ତି। ଜିଲାରେ ମୁଖ୍ୟତଃ ଧାନ କମ୍ ହୋଇଥାଏ। ହେଲେ ପନିପରିବା ଓ ହଳଦୀ ଚାଷ ବହୁଳ ଭାବେ ହୁଏ। ବଜାର ଅଭାବ ସାଙ୍ଗକୁ ହଳଦୀ ପାଇଁ ମଣ୍ଡି ଖୋଲୁ ନ ଥିବାରୁ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛୁ।

– ଟାମିଆ ବିଦ୍ଧାଣି, ପାଡ଼ନକେତା, ଦାରିଙ୍ଗବାଡି

### ପ୍ରଶାସନିକ ଅବହେଳା ଜାରି ରହିଛି



"ଚାଷୀଙ୍କ ପ୍ରତି ପ୍ରଶାସନିକ ଅବହେଳା ଜାରି ରହିଛି। ଏହାର ପ୍ରଭାବ ଆସନ୍ତା ନିର୍ବାଚନରେ ପଡ଼ିପାରେ। ତିତ୍‌ଲି କ୍ଷତିଗ୍ରସ୍ତଙ୍କୁ ଆଜି ପର୍ଯ୍ୟନ୍ତ ସହାୟତା ମିଳିନାହିଁ। ୧୯ବର୍ଷର ଶାସନ କାଳରେ ଜିଲାରେ ଜଳସେଚନ ସୁବିଧା କରାଯାଇ ନାହିଁ। ଫସଲ ବିକ୍ରି ପାଇଁ ବଜାର ବ୍ୟବସ୍ଥା ନାହିଁ କି ମଣ୍ଡି ମଧ୍ୟ ଠିକ୍‌ରେ ଖୋଲି ନାହିଁ। ପ୍ରଶାସନିକ ଅବହେଳାରୁ ଏସବୁ ଅବ୍ୟବସ୍ଥା ଲାଗି ରହିଛି।

– ବିବେକାନନ୍ଦ ପ୍ରଧାନ, ସୁଜେଲି, ଜି.ଉଦୟଗିରି

### ଜଳସେଚନ ବ୍ୟବସ୍ଥା ନାହିଁ



"କିଛି ମାସ ଧରି ରାଜ୍ୟରେ ଚାଷୀ ଆନ୍ଦୋଳନ ଯେପରି ଭାବେ ମୁଣ୍ଡ ଟେକିଛି, ତାହା ସରକାରଙ୍କ ମୁଣ୍ଡବ୍ୟଥା ବଢ଼ାଇ ଦେଇଛି। ଜିଲାରେ ଜଳସେଚନ ବ୍ୟବସ୍ଥା ନ ଥିବାରୁ ଚାଷୀ ସବୁବେଳେ ପାଣି ପାଇଁ ହତାଶ ହେଉଛି। ତେଣୁ ପ୍ରଶାସନ ଚାଷୀଙ୍କ ମୌଳିକ ସମସ୍ୟା ଉପରେ ପ୍ରଥମେ ଦୃଷ୍ଟିଦେବା ଆବଶ୍ୟକ।

– ଚାଣକ୍ୟ କହଁର, ଗୁମାଗଡ଼, ଫୁଲବାଣୀ

### ଯୋଜନା ଘୋଷଣାରେ ଲୋକେ ବିରକ୍ତ



ଜିଲାର ଚାଷୀଙ୍କ କିଛି ଉନ୍ନତି ହୋଇପାରି ନାହିଁ। ଏବେ ନିର୍ବାଚନ ଆସୁଥିବାରୁ ସରକାର ଯୋଜନା ଉପରେ ଯୋଜନା ଘୋଷଣା କରୁଛନ୍ତି। ମଣ୍ଡି ଠିକ୍ ସମୟରେ ଖୋଲୁ ନ ଥିବାରୁ ଚାଷୀ ଧାନ କୁଇଣ୍ଟାଲ ପିଛା ୧୦୦୦ରୁ ୧୧୦୦ ଟଙ୍କାରେ ବାହାରେ ବିକ୍ରି କରିବାକୁ ବାଧ ହେଉଛି।

– ବାବୁଲା ପ୍ରଧାନ, କଟଡି, ଟିକାବାଲି

### ମଣ୍ଡି ଠିକ୍ ସମୟରେ ଖୋଲୁନାହିଁ



"ସରକାର କୃଷି ଓ କୃଷକଙ୍କୁ ଅବହେଳା କରିଆସୁଛନ୍ତି। କାଳିଆ ଯୋଜନାରେ କିସ୍ତିରେ ୫ ହଜାର ଲେଖାଏ ଦେବାକୁ ଘୋଷଣା କରିଛନ୍ତି। ମାତ୍ର ୫ହଜାରରେ ଜଣେ ଚାଷୀ କ'ଣ କରିବ। କେବଳ ଭୋଟ ପାଇଁ ଏସବୁ ନାଟକ। ଚାଷୀ ଋଣ ଛାଡ କଲେ ନାହିଁ। ଏପରି କି ମଣ୍ଡି ମଧ୍ୟ ଠିକ୍ ସମୟରେ ଖୋଲାଯାଉ ନାହିଁ। ଫଳରେ ଚାଷୀ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛି।

– ପୀତବାସ କହଁର, ଟେଲାପାଲି, ଫିରିଙ୍ଗିଆ

### ଯୋଜନାର ସଫଳ ରୂପାୟନ ହେଉନି



"ସରକାର ଚାଷୀ ଭୋଟ ହରାଇବାର ଆଶଙ୍କା ନାହିଁ। କାରଣ ଅନ୍ୟ ସରକାର ବି ଚାଷୀଙ୍କ ପାଇଁ କିଛି କରି ନାହାନ୍ତି। ଏହି ସରକାର ଅମଳରେ ଭଲ ଯୋଜନା ହୋଇଛି। ମାତ୍ର ପ୍ରଶାସନିକ ସ୍ତରରେ ଅବହେଳା ଯୋଗୁ ଯୋଜନାର ସଫଳ ରୂପାୟନ ହୋଇପାରୁ ନାହିଁ। ଚାଷୀଙ୍କ ଯେଉଁ ସମସ୍ୟା ରହିଛି କୃଷକ ସେଲ୍ ଏହାକୁ ସମାଧାନ କରି ଆଗାମୀ ଦିନରେ ଆଉ କିଛି ନୂଆ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି। ଫସଲ ଅମଳଠାରୁ ବିକ୍ରି ଯାଏ ଚାଷୀ କିପରି ଉଚିତ ମୂଲ୍ୟ ପାଇବ ସେ ନେଇ ସରକାର ଚିନ୍ତା କଲେ ଉଦ୍ଦେଶ୍ୟ ସଫଳ ହେବ।

–କରୁଣାକର ପଟ୍ଟନାୟକ, ଫୁଲବାଣୀ

### ସରକାର ତତ୍ପରତା ଦେଖାନ୍ତୁ



"ବିଜୁ କୃଷକ ଜନତା ଦଳ ଗଠନ ଦ୍ୱାରା ଚାଷୀମାନେ ସେମାନଙ୍କ ବିଭିନ୍ନ ସମସ୍ୟା ନେତାଙ୍କ ନିକଟରେ ସହଜରେ ଦାବି କରିପାରିବେ। ଫଳରେ ସମାଧାନର ଆଶା ମଧ୍ୟ ରହିବ। ଅଭାବୀ ଧାନ କିଣା ନିଶ୍ଚିତ ଭାବେ ଏକ ସମସ୍ୟା, ଯାହା ବହୁତ ଦିନ ଧରି ଲାଗି ରହିଛି। ଚାଷୀ ତାର ପ୍ରକୃତ ଦର ପାଇ ପାରୁନାହାନ୍ତି। ପରିଶ୍ରମ ତୁଳନାରେ ବହୁତ କମ୍ ଦରରେ ବିକ୍ରି କରୁଛନ୍ତି। ଏଥିପ୍ରତି ସରକାର ତତ୍ପରତା ଦେଖାଇବା ଜରୁରୀ।

– ବେଲେଶ୍ୱର ପ୍ରଧାନ, ଟାଳୁପାଙ୍ଗା, ରାଇକିଆ

### ଚାଷୀ ବୋକା ନୁହନ୍ତି



"ଚାଷୀଙ୍କ ଭୋଟ ହାତେଇବା ପାଇଁ ଏବେ ତରବରିଆ ଭାବେ ବିଭିନ୍ନ ଯୋଜନା ଘୋଷଣା କରାଯାଉଛି। ମାତ୍ର ଏହା ଚାଷୀଙ୍କୁ ପ୍ରଭାବିତ କରିପାରିବ ନାହିଁ। ଧାନ କିଣାବିକାରେ ଚାଷୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ଯାହାକି ଆଗାମୀ ନିର୍ବାଚନରେ ପ୍ରତିଫଳିତ ହୋଇପାରେ।

–ଦେବରାଜ ପ୍ରଧାନ, ଟଟମାହା, ମଣ୍ଡାକିଆ, ରାଇକିଆ

# Exam Mate

Mock Test Paper for Std X, XII CBSE Board, IIT - JEE Main & Advanced.

FOR ANSWERS VISIT : www.dharitri.com

## MOCK TEST PAPER # 4

### JEE (Main) (MATHEMATICS)

**Time : 1 hour** **Maximum Marks: 120**

**GENERAL INSTRUCTIONS**

*For each question you will be given **4** Marks if you have darkened only the bubble corresponding to the correct answer and zero mark if no bubble is darkened. In all other cases, minus **one (–1)** Marks **(NEGATIVE MARKING)** will be given.*

1. Equation of the line $4x - 4y - z + 11 = 0$, $x + 2y - z - 1 = 0$ is:

(A) $\frac{x+3/2}{2} = \frac{y-5/4}{1} = \frac{z-0}{3}$ (B) $\frac{x+3/2}{2} = \frac{y-5/4}{1} = \frac{z-0}{5}$

(C) $\frac{x+3/2}{2} = \frac{y-5/4}{2} = \frac{z-0}{1}$ (D) $\frac{x+3/2}{2} = \frac{y-5/4}{1} = \frac{z-0}{4}$

2. The line $\frac{x+1}{2} = \frac{y+1}{3} = \frac{z+1}{4}$ meets the plane $x + 2y + 3z = 14$ in the point:

(A) (3, –2.5) (B) (3, 2.5) (C) (2, 0.4) (D) (1, 2, 3)

3. If $|z - 4| = 2|z|$; then the greatest value of $|z|$ is:

(A) $\frac{12}{3}$ (B) $\frac{16}{3}$ (C) $\frac{20}{3}$ (D) $\frac{24}{3}$

4. The term independent of x in the expansion of $\left(x + \frac{1}{x} + 2\right)^{21}$ is:

(A) ${}^{42}C_{42}$ (B) ${}^{42}C_{16}$ (C) ${}^{42}C_{21}$ (D) ${}^{21}C_{11}$

5. If $\vec{a}$ and $\vec{b}$ are two perpendicular unit vectors such that $\vec{x} = \vec{b} - (\vec{a} \times \vec{x})$, then $|\vec{x}|$ is equal to:

(A) 1 (B) $\sqrt{2}$ (C) $\frac{1}{\sqrt{2}}$ (D) $\sqrt{3}$

6. $a_1, a_2, \ldots\ldots a_n$ are in A.P. such that $a_{i+1} > a_i > 0$. If $a_2$, $a_m$ and $a_{17}$ are in G.P., find minimum possible value of m.

(A) 5 (B) 6 (C) 9 (D) 10

7. $S_n = 1 + \frac{3}{9} + \frac{6}{36} + \frac{10}{100} + \ldots\ldots$ upto n terms. If $S_n = \frac{13}{7}$, find n

(A) 14 (B) 12 (C) 13 (D) None of these

8. The equation formed by decreasing each root of $ax^2 + bx + c = 0$ by 1 is $2x^2 + 8x + 2 = 0$, then:

(A) a = –b (B) c = –a (C) b = –c (D) b = a + c

9. The number of solution(s) to the equation $\sin 5x + \sin 3x + \sin x = 0$ for $0 \le x \le \pi$ is:

(A) 1 (B) 3 (C) 2 (D) None of these

10. A vertical pole PS has two marks at Q and R such that portions PQ, PR and PS subtend angles $\alpha$, $\beta$, $\gamma$ at a point on the ground at a distance x from the bottom of pole P. If PQ = a, PR = b, PS = c and $\alpha + \beta + \gamma = 180^\circ$, then $x^2$ is equal to:

(A) $\frac{a^3}{a+b+c}$ (B) $\frac{b^3}{a+b+c}$ (C) $\frac{c^3}{a+b+c}$ (D) $\frac{abc}{a+b+c}$

11. The system of equations

$2x\cos^2\theta + y\sin 2\theta - 2z\sin\theta = 0$

$x\sin 2\theta + 2y\sin^2\theta + 2z\cos\theta = 0$

$x\sin\theta - y\cos\theta = 0 \; \forall \theta \in R$

can have

(A) Non-trivial unique solution (B) No solution

(C) Infinite solutions (D) A trivial unique solution

12. A triangle of maximum area is inscribed in a circle of radius r. The triangle

(A) Is a right angled triangle with hypotenuse measuring 2r.

(B) Is an equilateral triangle

(C) Is an isosceles triangle of height r

(D) Does not exist

13. If the point on $y = x\tan\alpha - \frac{ax^2}{2u^2\cos^2\alpha}$ $(\alpha > 0)$, where the tangent is parallel to y = x has an ordinate $\frac{u^2}{4a}$, then $\alpha$ equals:

(A) $\frac{\pi}{6}$ (B) $\frac{\pi}{4}$ (C) $\frac{\pi}{3}$ (D) $\frac{\pi}{5}$

14. Let $t: R \to R$ be a function such that $f(x+y) = f(x) + f(y), \forall x, y \in R$. If f(x) is differentiable at x = 0 then

(A) f(x) is differentiable only in a finite interval containing zero

(B) f(x) is continuous $\forall\, x \in R$

(C) $f'(x)$ is not constant $\forall\, x \in R$

(D) f(x) is differentiable except at finitely many points

15. If $A = \begin{bmatrix} 1 & 2 & -1 \\ -1 & 1 & 2 \\ 2 & -1 & 1 \end{bmatrix}$ then det (adj(adj A)) is

(A) $(14)^4$ (B) $(14)^3$ (C) $(14)^2$ (D) $(14)^1$

16. $\lim_{n\to\infty} \frac{x^n}{n!}$ [x is finite positive real number]

(A) Is equal to 0 (B) Tends to $\infty$ (C) Is equal to 1 (D) Does not exist

17. If $f\left(2m + \frac{n}{8}, 2m - \frac{n}{8}\right) = mn$, then $f(x, y) + f(y, x) = 0$: $(x, y \in R)$

(A) Only when x = y (B) Only when $x \neq y$

(C) Only when x = –y (D) For all x and y

18. Number of ways in which A A A B B B can be placed in the boxes of the figure as shown so that no row remains empty is:



(A) 2430 (B) 2160

(C) 1620 (D) None of these

19. If $\alpha + \beta = 3\pi$ then the chord joining the points $\alpha$ and $\beta$ for the hyperbola $\frac{x^2}{a^2} - \frac{y^2}{b^2} = 1$ passes through:

(A) Focus

(B) Centre

(C) One of the end points of the transverse axis

(D) One of the end points of the conjugates axis

20. The value of $\int e^{(x\sin x + \cos x)}\left(\frac{x^4\cos^3 x - x\sin x + \cos x}{x^2\cos^2 x}\right).dx$ equal to

(A) $e^{x\sin x + \cos x}\left(x + \frac{1}{x\cos x}\right) + C$ (B) $e^{x\sin x + \cos x}\left(x\cos x + \frac{1}{x}\right) + C$

(C) $e^{x\sin x + \cos x}\left(x - \frac{1}{x\cos x}\right) + C$ (D) None of these

21. The area of the figure bounded by the parabola $(y - 2)^2 = x - 1$, the tangent to it at the point with the ordinate 3 and the x-axis is:

(A) 3 (B) 6 (C) 9 (D) None of these

22. The equation of the curve satisfying the differentiable equation $y_2(x^2+1) = 2xy_1; \left(y_2 = \frac{d^2y}{dx^2}, y_1 = \frac{dy}{dx}\right)$ passing through the point (0, 1) and having slope of tangent at x = 0 as 3, is

(A) $y = x^2 + 3x + 2$ (B) $y^2 = x^2 + 3x + 1$ (C) $y = x^2 + 3x + 1$ (D) None of these

23. A, B and C are three shooters. Their probabilities of hitting a target are $\frac{4}{5}, \frac{3}{4}$ and $\frac{2}{3}$ respectively. If all of them make an attempt on the target and it is found that at least two of them have missed out then the probability that A has hit the target is equal to

(A) $\frac{2}{5}$ (B) $\frac{3}{5}$ (C) $\frac{4}{5}$ (D) $\frac{1}{5}$

24. If in triangle ABC, $A \equiv (1, 0)$ circumcentre $\equiv \left(-\frac{1}{3}, \frac{2}{3}\right)$ and orthocentre $\equiv \left(\frac{11}{3}, \frac{4}{3}\right)$ then the coordinates of mid point of side opposite to A is:

(A) $\left(1, -\frac{11}{3}\right)$ (B) (1, 5) (C) (1, –3) (D) (1, 6)

25. If the tangents are drawn from any point on the line x + y = 3 to the circle $x^2 + y^2 = 9$, then the chord of contact passes through the point:

(A) (3, 5) (B) (3, 3) (C) (5, 3) (D) None of these

26. The triangle PQR is inscribed in the circle $x^2 + y^2 = 25$ such that P lies on the major are QR. If Q and R have coordinates (3, 4) and (–4, 3) respectively, then $\angle QPR$ is equal to

(A) $\frac{\pi}{2}$ (B) $\frac{\pi}{3}$ (C) $\frac{\pi}{4}$ (D) $\frac{\pi}{6}$

27. If the chord of contact of tangents from a point P to the parabola $y^2 = 4ax$ touches the parabola $x^2 = 4by$, the locus of P is:

(A) Circle (B) Parabola (C) Ellipse (D) Hyperbola

28. If $S_n = \frac{1}{2n} + \frac{1}{\sqrt{4n^2-1}} + \frac{1}{\sqrt{4n^2-4}} + \ldots\ldots + \frac{1}{\sqrt{3n^2+2n-1}}$, $n \in N$, then $\lim_{n\to\infty} S_n$ is equal to

(A) $\frac{\pi}{2}$ (B) 2 (C) 1 (D) $\frac{\pi}{6}$

29. The standard deviation (S, D) of a data is 6, when each observation is increased by 1, then the S.D. of the new data is

(A) 5 (B) 7 (C) 6 (D) 8

30. Which of the following is logically equivalent to $\sim(\sim p \Rightarrow q)$?

(A) $p \wedge q$ (B) $p \wedge \sim q$ (C) $\sim p \wedge q$ (D) $\sim p \wedge \sim q$

For Answers visit: www.dharitri.com

Vidyamandir Classes
GURUKUL FOR IITJEE AND MEDICAL PREPARATION
ADMISSION cum SCHOLARSHIP TEST ON 20th JANUARY & 2nd FEBRUARY 2019
(FOR CLASS VII, VIII, IX, X & XI STUDENTS) Ph. No. 0674 - 2421400, 2421800, 85990 87100 / 85990 87200
Preparation For: JEE Mains & Advanced, Medical (NEET / AIIMS), KVPY, Olympiad, NTSE & Board.
Jaydev Vihar Centre : 1st Floor Above HDFC Bank, Madhusudan Nagar, Kalinga Stadium Square, •Damana Centre: Plot No. 248, 1st Floor, Near Damana Square, Sailashree Vihar Road, Chandrasekharpur, Bhubaneswar
Corporate Office: Vidyamandir Classes, Aggrawal Corporate Heights, 3rd Floor, Plot No. A-7 Netaji Subhash Place, Opposite Wazirpur Depot, Pitampura, Delhi, www.vidyamandir.com

# ଓଡ଼ିଆ ଭାବେ ପରିଚିତ ହେବାକୁ ଚାହେଁ

ସଫଳତା ପାଇଁ ବ୍ୟଗ୍ରଥିବା ଯୁବ ସ୍ପିନର ପପୁ ରାୟ ନିଜକୁ ଓଡ଼ିଆ ବୋଲି ପରିଚୟ ଦେବାକୁ ଶ୍ରେୟ ମଣନ୍ତି। ଜଣେ ବିହାର ଦମ୍ପତିଙ୍କଠାରୁ ଜନ୍ମ ନେଇଥିଲେ ପପୁ। କାମ ସନ୍ଧାନରେ ତାଙ୍କ ପିତାମାତା ପଶ୍ଚିମବଙ୍ଗ ଚାଲିଯାଇଥିଲେ। ଶିଶୁ ଅବସ୍ଥାରେ ମାତାପିତାଙ୍କୁ ହରାଇଥିବା ପପୁଙ୍କ ସଂଘର୍ଷର କାହାଣୀ ନିଶ୍ଚିତ ଭାବେ ଦୃଷ୍ଟାନ୍ତମୂଳକ। ପିତା ଜାମଦର ରାଏ ଜଣେ ଟ୍ରକ ଡ୍ରାଇଭର ଥିଲେ ଓ ହୃଦ୍‌ଘାତରେ ପରଲୋକ ଗମନ କରିଥିଲେ। ସେହିପରି ଦୀର୍ଘଦିନ ଅସୁସ୍ଥ ରହିବା ପରେ ମା ପାର୍ବତୀ ଦେବୀଙ୍କର ବି ଦେହାନ୍ତ ହୋଇଥିଲା। ବିହାରର ସରଣ ଜିଲାର ଛପାରାଠାରୁ ୪୧ କି.ମି. ଦୂରରେ ଥିବା ଖାଜୁରୀ ଗାଁରେ ପପୁ ଜନ୍ମ ଗ୍ରହଣ କରିଥିଲେ। କାମ ସନ୍ଧାନରେ ପିତା କୋଲକାତା ଚାଲିଯାଇଥିଲେ। ହେତୁ ଆସିବା ପରେ ବାପା ଓ ମାଙ୍କୁ କେବେ ଦେଖି ନ ଥିବା ପପୁ ନିଜ ପୈତୃକ ଗାଁକୁ କେବେ ଯାଇନାହାନ୍ତି। କେବଳ ମାତାପିତାଙ୍କ ବିଷୟରେ ବହୁ କଥା ଶୁଣିଛି ବୋଲି ସେ କୁହନ୍ତି। ଦାଦା ଖୁଡ଼ୀଙ୍କ ପାଖରେ ରହୁଥିବା ପପୁଙ୍କ ଦୁଃଖ ସେତିକିରେ ସରି ନ ଥିଲା। ଜଣେ ଦିନ ମଜୁରିଆ ଭାବେ କାର୍ଯ୍ୟ କରୁଥିବା ତାଙ୍କ ଦାଦା ମଧ ଅସମୟରେ ମୃତ୍ୟୁ ବରଣ କରିଥିଲେ। ମାତ୍ର ୧୫ ବର୍ଷ ବୟସରେ ସେ ପୁଣି ଅନାଥ ହୋଇଯାଇଥିଲେ ଓ ଖାଇବା ପାଇଁ ମଧ ତାଙ୍କୁ ସଂଘର୍ଷ କରିବାକୁ ପଡିଥିଲା। ଏହି ଅବସ୍ଥାରେ ସେ କ୍ରିକେଟ ଖେଳିବା ଆରମ୍ଭ କରିଥିଲେ। ଜଣେ ଦ୍ରୁତ ବୋଲରଭାବେ ଖେଳିବାକୁ ଆରମ୍ଭ କରିଥିବା ପପୁ କିନ୍ତୁ ହାଓଡା ୟୁନିୟନ କ୍ରିକେଟ ଏକାଡେମୀ କୋଚ୍ ସୁଜିତ୍ ଶାହାଙ୍କ ପରାମର୍ଶ କ୍ରମେ ସ୍ପିନ୍ ବୋଲିଂ କରିବା ଆରମ୍ଭ କରିଥିଲେ। ଏହାପରେ ଖାଇବା ଓ ରହିବା ପାଇଁ ସଂଘର୍ଷ ଜାରି ରଖିଥିବା ପପୁଙ୍କ ନୂଆ ରହଣି ସ୍ଥାନ ହୋଇଥିଲା ଯାଜପୁର। ସେଠାରେ ତାଙ୍କର ଦୁଇ ଜଣ ବନ୍ଧୁ ତାଙ୍କୁ ବହୁତ ସାହାଯ୍ୟ କରିଥିଲେ। ଏହାପରେ ଓଡ଼ିଶା ତାଙ୍କର ଘର ବନିଯାଇଥିଲା। ଖରାପ୍ ସମୟରେ ସେ ନିଜ ବନ୍ଧୁମାନଙ୍କୁ ଶ୍ରେୟ ଦେବାକୁ ଓ ନିଜକୁ ଓଡ଼ିଆ ଭାବେ ପରିଚୟ ଦେବାକୁ ଆଦୌ କୁଣ୍ଠାବୋଧ କରିନାହାନ୍ତି।

### ସଂକ୍ଷେପରେ...

- ପୂରା ନାମ: ପପୁ ରାୟ
- ଜନ୍ମ: ଫେବୃୟାରୀ ୨୩, ୧୯୯୫
- ବୟସ: ୨୩
- ମେଜର ଟିମ: ଓଡ଼ିଶା
- ବ୍ୟାଟିଂ ଶୈଳୀ: ବାମହାତୀ
- ବୋଲିଂ ଶୈଳୀ: ସ୍ଲୋ ବାମହାତୀ ଅର୍ଥୋଡକ୍ସ (ସ୍ପିନର)

**କ୍ୟାରିୟର**

- ପ୍ରଥମ ଶ୍ରେଣୀ- ୨ ମ୍ୟାଚ୍
- ଲିଷ୍ଟ ଏ - ୧୦ ମ୍ୟାଚ୍

୨୦୧୫ରେ ଓଡ଼ିଶା ୨୩ ବର୍ଷରୁ କମ୍ ଦଳ ପାଇଁ ଖେଳିବାକୁ ସେ ବ୍ରେକ୍ ପାଇଥିଲେ। ଏହାର ୩ ବର୍ଷ ମଧ୍ୟରେ ସେ ଲିଷ୍ଟ ଏ, କ୍ରିକେଟରେ ଡେବ୍ୟୁ କରିଥିଲେ ଓ ବେଶ୍ ସଫଳତା ହାସଲ କରିଥିଲେ। ଆନ୍ଧ୍ର ପ୍ରଦେଶ ବିପକ୍ଷ ମ୍ୟାଚ୍‌ରେ ସେ କ୍ରମାଗତ ଦୁଇଟି ବଲ୍‌ରେ ଟେଷ୍ଟ କ୍ରିକେଟର ହନୁମା ବିହାରୀ ଓ ୧୯ ବର୍ଷରୁ କମ୍ ଭାରତୀୟ ଅଧିନାୟକ ରିକି ଭୁଇଙ୍କୁ ଆଉଟ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

ଥିରୁଭାନନ୍ତପୁରମ୍‌ରେ ଆସନ୍ତା ୧୮ ଓ ୨୦ ତାରିଖରେ ଇଂଲଣ୍ଡ ଲାୟନ୍ସ ଦଳ ବିପକ୍ଷରେ ଖେଳାଯିବାକୁ ଥିବା ୨ଟି ୱାର୍ମଅପ ମ୍ୟାଚ୍ ନିମନ୍ତେ ପପୁ ଚୂଡ଼ାନ୍ତ ୧୫ଜଣିଆ ଦଳରେ ସାମିଲ ହୋଇଛନ୍ତି। ଇଶାନ କିଶାନ ବୋର୍ଡ ଏକାଦଶ ଦଳର ଅଧିନାୟକ ରହିଛନ୍ତି। ଏଥିରେ ଭଲ ପ୍ରଦର୍ଶନ କରିବା ପାଇଁ ପପୁ ଏବେ ଅଭ୍ୟାସ ଜାରି ରଖିଛନ୍ତି। ଭାରତ ପାଇଁ ଖେଳିବାକୁ ଲକ୍ଷ୍ୟ ରଖିଥିବା ଏହି ବାମହାତୀ ସ୍ପିନରଙ୍କ ସହ ଏକ ସ୍ୱତନ୍ତ୍ର ସାକ୍ଷାତ୍‌କାର..

**ପ୍ରସ୍ତୁତି: ରଞ୍ଜନ କୁମାର ରାୟ**

**ପ୍ରଃ** ଆପଣ ନିଜକୁ ଜଣେ ବିହାରୀ, ବେଙ୍ଗଲୀ ନା ଓଡ଼ିଆ ଭାବେ ପରିଚୟ ଦେବାକୁ ଚାହାନ୍ତି ?

**ଉଃ** ନିଶ୍ଚିତ ଭାବେ ଓଡ଼ିଆ। କାରଣ ମୁଁ ଓଡ଼ିଶା ତରଫରୁ ଖେଳୁଛି ଓ ଖେଳିବାର ସୁଯୋଗ ହାସଲ କରିଛି। ଓଡ଼ିଶାରେ ହିଁ ମୋତେ ଜଣେ କ୍ରିକେଟର ହିସାବରେ ପରିଚୟ ମିଳିଛି।

**ପ୍ରଃ** ବୋର୍ଡ ଏକାଦଶର ଅନ୍ତିମ ଦଳରେ ସାମିଲ ହେବା ନେଇ କ'ଣ କହିବେ ?

**ଉଃ** ବିଜୟ ହଜାରେ, ଦେଓଧର ଟ୍ରଫି ସହିତ ଏପର୍ଯ୍ୟନ୍ତ ଖେଳିଥିବା ଲିଷ୍ଟ ଏ' ମ୍ୟାଚ୍‌ଗୁଡିକରେ ଭଲ ପ୍ରଦର୍ଶନ କରିଥିବାରୁ ଚୟନକର୍ତ୍ତାମାନେ ମୋ ଉପରେ ଭରସା କରିଛନ୍ତି। ଇଂଲଣ୍ଡ ଲାୟନ୍ସ ବିପକ୍ଷରେ ଭଲ ପ୍ରଦର୍ଶନ କରି ଚୟନକର୍ତ୍ତାଙ୍କ ଭରସାକୁ ସାର୍ଥକ କରିବାକୁ ଚେଷ୍ଟା କରିବି।

**ପ୍ରଃ** ଲିଷ୍ଟ ଏ ମ୍ୟାଚ୍‌ଗୁଡିକରେ ବେଶ ଭଲ ପ୍ରଦର୍ଶନ କରିଛନ୍ତି। କିନ୍ତୁ ପ୍ରଥମ ଶ୍ରେଣୀ ଅର୍ଥାତ୍ ରଣଜୀରେ ଆପଣ ସଫଳ ହୋଇନାହାନ୍ତି କାହିଁକି ?

**ଉଃ** ନା ମୋର ବୋଲିଂ ବେଶ୍ ଭଲ ହୋଇଥିଲା। ତେବେ ଉଇକେଟ ନେଇ ପାରି ନ ଥିଲି। ଅବଶ୍ୟ ଏଥିପାଇଁ ଅନୁକୂଳ ପରିସ୍ଥିତି ନ ଥିଲା। ଗତ ରଣଜୀ ସେସନରେ ହରିୟାଣା ଓ ଉତ୍ତର ପ୍ରଦେଶ ବିପକ୍ଷରେ ଖେଳିବାର ସୁଯୋଗ ପାଇଥିଲି। କେବଳ ଗୋଟିଏ କିମ୍ବା ଦୁଇଟି ମ୍ୟାଚରେ ଜଣେ ବୋଲରଙ୍କୁ ସଫଳ ବା ବିଫଳ ବୋଲି କହି ହେବ ନାହିଁ। ପୁଣି ସମୟ ଅନୁସାରେ ଜଣେ ଖେଳାଳି ଯେତେ ଖେଳିବ ସେତେ ପରିପକ୍ୱ ହେବ। ଧୀରେ ଧୀରେ ସଫଳତା ମିଳିଥାଏ। ରାତାରାତି କେହି ଖେଳାଳି ସଫଳ ହୋଇ ନ ଥାନ୍ତି। ତେଣୁ ଆଗକୁ ମୁଁ ଭଲ ପ୍ରଦର୍ଶନ କରି ଅଧିକରୁ ଅଧିକ ସଫଳତା ହାସଲ କରିବା ଲକ୍ଷ୍ୟରେ ରହିଛି।

**ପ୍ରଃ** କେଉଁ କ୍ରିକେଟର ଆପଣଙ୍କ ରୋଲ ମଡେଲ ?

**ଉଃ** ରବୀନ୍ଦ୍ର ଜାଡେଜାଙ୍କୁ ମୁଁ ଅନୁସରଣ କରିଥାଏ। ୩ଟି ଯାକ ଫର୍ମାଟରେ ଜାଡେଜା ବେଶ୍ ସକ୍ରିୟ ଅଛନ୍ତି ଓ ବେଶ୍ ସଫଳ ପ୍ରଦର୍ଶନ କରୁଛନ୍ତି। ଜଣେ ସ୍ପିନର ହିସାବରେ ସେ ମିଳିଥିବା ଦାୟିତ୍ୱକୁ ସଫଳତାର ସହ ନିର୍ବାହ କରୁଛନ୍ତି। ଚଳିତ ଅଷ୍ଟ୍ରେଲିଆ ଗସ୍ତରେ ସେ ଆଶାନୁରୂପ ପ୍ରଦର୍ଶନ କରିବାରେ ସଫଳ ହୋଇଛନ୍ତି।

**ପ୍ରଃ** କିନ୍ତୁ ଜାଡ଼େଜା ଭଲ ସ୍ପିନର ହେବା ସଙ୍ଗେ ସଙ୍ଗେ ଭଲ ବ୍ୟାଟ୍ସମ୍ୟାନ ଓ ଫିଲ୍ଡର ମଧ୍ୟ। ତେଣୁ ତାଙ୍କ ଭଳି ଜଣେ ଅଲରାଉଣ୍ଡର ହେବାକୁ ଲକ୍ଷ୍ୟ ରଖଛନ୍ତି କି ?

**ଉଃ** ହଁ, କାହିଁକି ନୁହଁ। ବୋଲିଂ ସହିତ ବ୍ୟାଟିଂ ଓ ଫିଲ୍ଡିଂରେ ଭଲ ପ୍ରଦର୍ଶନ କରିବାକୁ ଲକ୍ଷ୍ୟ ରଖିଛି। ତେବେ ସମୟ ଅନୁସାରେ ଧୀରେ ଧୀରେ ଏହା ସମ୍ଭବ ହେବ। ଏଥିପାଇଁ ପ୍ରୟାସ ଜାରି ରଖିଛି। ସବୁଠାରୁ ବଡ଼ କଥା ହେଉଛି, ନିଜ ପାଇଁ ନିଜେ ଏକ ପରିଚୟ ସୃଷ୍ଟି କରିବା ନିହାତି ଦରକାର। ଅନ୍ୟକୁ ଅନୁକରଣ କରିବା ଅପେକ୍ଷା ନିଜର ପ୍ରଦର୍ଶନ କିପରି ଭଲ କରିବି ସେ ପ୍ରତି ଧ୍ୟାନ ଦେବାକୁ ଲକ୍ଷ୍ୟ ରଖିଛି।

**ପ୍ରଃ** ୩ କିମ୍ବା ୪ ଦିନିଆ କ୍ରିକେଟ ଅପେକ୍ଷା ସୀମିତ ଓଭରରେ ଆପଣ ବେଶି ସଫଳ ବୋଲି କୁହାଯିବା ନେଇ ମତ କ'ଣ ?

**ଉଃ** ଏଥିରେ ମୁଁ ଏକମତ ନୁହଁ। ସୀମିତ ଓଭର ଓ ୪ ଦିନିଆ ଫର୍ମାଟରେ ଫରକ ରହିଛି। ଭିନ୍ନ ପରିସ୍ଥିତିରେ ଜଣେ ବୋଲରଙ୍କ ପ୍ରଦର୍ଶନ ସମାନ ରହି ନ ଥାଏ। ଲମ୍ବା ଫର୍ମାଟରେ ଭଲ ପ୍ରଦର୍ଶନ କରିବାକୁ ସମୟ ଆବଶ୍ୟକ। ଧିରେ ଧିରେ ସବୁ ସମ୍ଭବ ହେବ। କିନ୍ତୁ ଏଥିପାଇଁ ପ୍ରୟାସ ଜାରି ରଖିବା ଜରୁରୀ ବୋଲି ମୁଁ ଭାବୁଛି।

**ପ୍ରଃ** ଆପଣଙ୍କ ପାଇଁ ସଫଳତାର ମନ୍ତ୍ର କ'ଣ ?

**ଉଃ** କଠିନ ପରିଶ୍ରମ କରିବା ସହ ଆତ୍ମ ବିଶ୍ୱାସ ଜଣେ ଖେଳାଳିଙ୍କ ପାଖରେ ରହିବା ଉଚିତ। ପ୍ରତିଭାର ବିକାଶ ପାଇଁ ଅଭ୍ୟାସ ସହିତ ଫିଟନେସ୍‌କୁ ମଧ୍ୟ ସମାନ ଗୁରୁତ୍ୱ ରହିଛି। ଖେଳ ଉପରେ ମୁଁ ଅଧିକ ଧ୍ୟାନ ଦେଇଥାଏ।

**ପ୍ରଃ** ବିଶ୍ୱର କେଉଁ ବ୍ୟାଟ୍ସମ୍ୟାନଙ୍କୁ ସ୍ପିନର ହିସାବରେ ବୋଲିଂ କରିବା କଷ୍ଟକର ?

**ଉଃ** ମହେନ୍ଦ୍ର ସିଂ ଧୋନୀଙ୍କୁ ବୋଲିଂ କରିବା କଷ୍ଟକର ବୋଲି ମୁଁ ଭାବୁଛି। ଧୋନୀ ବିଶ୍ୱର ସବୁଠାରୁ ବିପଜ୍ଜନକ ବ୍ୟାଟ୍ସମ୍ୟାନ।

**ପ୍ରଃ** ଏପର୍ଯ୍ୟନ୍ତ କେଉଁ ମ୍ୟାଚ୍‌ରେ ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି ?

**ଉଃ** ଇଣ୍ଡିଆ ସି' ତରଫରୁ ଡେବ୍ୟୁ ମ୍ୟାଚ୍‌ର ପ୍ରଦର୍ଶନ ମୋତେ ଆତ୍ମ ସନ୍ତୁଷ୍ଟି ଦେଇଛି। ୧୦ ଓଭର ବୋଲିଂ କରି ୧୨ ରନ ଦେଇ ୨ ଉଇକେଟ ହାସଲ କରିଥିଲି। ଏହି ମ୍ୟାଚ୍‌ରେ ମୋର ଆତ୍ମବିଶ୍ୱାସରେ ଯଥେଷ୍ଟ ବୃଦ୍ଧି ହୋଇଥିଲା।

**ପ୍ରଃ** କ୍ୟାରିୟରର ସବୁଠାରୁ ବଡ଼ ଲକ୍ଷ୍ୟ କ'ଣ ?

**ଉଃ** ଭାରତ ପାଇଁ ଖେଳିବା ମୋର ସବୁଠାରୁ ବଡ଼ ଲକ୍ଷ୍ୟ। କିନ୍ତୁ ଏତେ ଦୂରକୁ ଚିନ୍ତା ନ କରି ବର୍ତ୍ତମାନ ଖେଳିଥିବା ମ୍ୟାଚ୍ ଉପରେ ମୁଁ ଧ୍ୟାନ ଦେଇଥାଏ। ପରିଶ୍ରମ କଲେ ଓ ଭଗବାନଙ୍କ ଇଚ୍ଛାଥିଲେ ଏହି ଆଶା ବି ପୂରଣ ହେବ ବୋଲି ଭାବୁଛି।

**ପ୍ରଃ** ଯାଜପୁର ଟିମ୍ ପାଇଁ ଆପଣ ଖେଳିଛନ୍ତି। ଏହି ଦଳର ବ୍ୟାଟ୍ସମ୍ୟାନ ଅଭିଳାଷ ରାଉତରାୟ ସମ୍ପର୍କରେ କିଛି କହିବେ ?

**ଉଃ** ଅଭିଳାଷ ମୋର ସିନିୟର ଥିଲେ। ତାଙ୍କ ସହ ଯାଜପୁର ଜିଲା ପାଇଁ ମୁଁ ବିଭିନ୍ନ ଟୁର୍ନାମେଣ୍ଟ ଖେଳିଛି। ସେ ଜଣେ ଭଲ ଖେଳାଳି। କିନ୍ତୁ ଭଲ ଖେଳାଳି ହେବା ସଙ୍ଗେ ସଙ୍ଗେ ଫିଟ୍‌ନେସ ବଜାୟ ରଖିବା ଜରୁରୀ। ଭାଗ୍ୟ ସହାୟ ହୋଇଥିଲେ ସେ ଆଗକୁ ବଢିପାରି ଥାନ୍ତେ। ସେ ମୋତେ ଆବଶ୍ୟକ ବେଳେ ସାହାଯ୍ୟ କରିଛନ୍ତି। ସେହିପରି ଯାଜପୁରର ମୁଜାକିର ଅଲୀ ଖାଁ ଓ ଆସିଫ୍ ଇକବାଲ ମଧ ମୋର ଦୁର୍ଦ୍ଦିନରେ ମୋତେ ସାହାଯ୍ୟର ହାତ ବଢାଇଛନ୍ତି।

**ପ୍ରଃ** ଦ୍ରୁତ ଗତିରେ ରନ୍ ସଂଗ୍ରହ କରିବାକୁ ପ୍ରୟାସ କରିବା ସହ ଲମ୍ବା ଶଟ୍ ଖେଳିବା ଯୋଗୁ ଅଭିଳାଷ ଆଗକୁ ବଢିପାରି ନ ଥିଲେ ବୋଲି ଭାବୁଛନ୍ତି ?

**ଉଃ** ନା, ଆଦୌ ନୁହଁ। ସବୁ ଖେଳାଳିଙ୍କର ନିଜସ୍ୱ ଶୈଳୀ ରହିଛି। ଅଭିଳାଷଙ୍କର ବି ଖେଳିବାର ନିଜର ଷ୍ଟାଇଲ ରହିଛି। ତେବେ ସଫଳ ହେବା ନ ହେବା କଥା ଅଲଗା। ସେ ଫିଟ୍‌ନେସ ଉପରେ ଧ୍ୟାନ ଦେବାର ଆବଶ୍ୟକତା ରହିଛି।

**ପ୍ରଃ** ଅଜିଙ୍କ୍ୟ ରାହାନେଙ୍କ ନେତୃତ୍ୱରେ ଭାରତ ସି' ଦଳର ତରଫରୁ ଖେଳିବାର ଅଭିଜ୍ଞତା ସମ୍ପର୍କରେ କିଛି କହିବେ ?

**ଉଃ** ରାହାନେଙ୍କ ନେତୃତ୍ୱରେ ଦୁଇଟି ମ୍ୟାଚ୍ ଖେଳିଛି ଓ ସେ ଅଭିଜ୍ଞତା ବେଶ୍ ଚମତ୍କାର। ତାଙ୍କଠାରୁ ବହୁତ କିଛି ଶିକ୍ଷା କରିବାର ସୁଯୋଗ ମିଳିଥିଲା। କାନ୍ଧ ଉପରେ ହାତ ରଖି ସେ ମୋତେ ବହୁତ ପରାମର୍ଶ ଦେଇଥିଲେ।







## ନାକଫୁଲ

ନାରୀ ସମ୍ପର୍କରେ ଆପତ୍ତିଜନକ
ମନ୍ତବ୍ୟ ଦେଇକି ଦୁଇ
କ୍ରିକେଟର ବିଦା ଟିମ୍ ଇଣ୍ଡିଆରୁ
ହାର୍ଦ୍ଦିକ ରାହୁଲ ଭାଇ
କହୁ କହୁ ଦେଲେ କହି
ଯୌନ ଅଭିଜ୍ଞତା 'କରନ'କୁ ଖୋଲି
ନାରୀ ଶାପ ଦେଲା ଖାଇ।।।୧

ଭାରତୀୟ ଲେଡି ବକ୍ସର ମେରିକମ୍
ପୁଣି ନୂଆ ସଫଳତା
ଛଅ ଥର ବିଶ୍ୱବିଜୟିନୀ ଏବେ
ର୍‍ୟାଙ୍କିଙ୍ଗ୍ ଶୀର୍ଷରେ ଲତା
କାଜଲ ଶତକ କଥା
ତେଇଶି ବର୍ଷରୁ କମ୍ ଲେଡି ଟି.ଟି.
ଉଚ୍ଚା କଲା ରାଜ୍ୟ ମଥା।।।୨

ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସରେ ଆମ
ରାଇଜର ସ୍ନେହା ସୁନା
ପଦକ ଜିତିଛି ଭାରୋତ୍ତୋଳନରେ
ନେଶନାଲ କୁମ୍ଫୁ ଅନା
ଉଡେ ଝିଅଙ୍କର ବାନା
ହାଣ୍ଡିଶାଳରୁ ଏୟାରୱିଙ୍ଗ ଯାଏ
ନାରୀଙ୍କର ରାଜ ସିନା।।।୩

**–ସୁବାସ ଚନ୍ଦ୍ର ପ୍ରଧାନ**

# ଅଷ୍ଟ୍ରେଲିଆନ ଓପନ୍ ଟେନିସ୍

**ଇତିମଧ୍ୟରେ ଆରମ୍ଭ ହୋଇଛି ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଅଷ୍ଟ୍ରେଲିଆନ୍ ଓପନ୍। ୧୦୭ତମ ସଂସ୍କରଣରେ ପହଞ୍ଚିଥିବା ଏହି ହାଇପ୍ରୋଫାଇଲ ଇଭେଣ୍ଟରେ ବିଶ୍ୱର ନାମୀଦାମୀ ଖେଳାଳିମାନେ ଅଂଶଗ୍ରହଣ କରିଛନ୍ତି। ଗତଥରର ଚାମ୍ପିୟନ ରୋଜର ଫେଡରର ଓ କାରୋଲିନ୍ ଓଜନିଆକି ପୁଣି ଥରେ ବାଜି ମାରିବା ଲକ୍ଷ୍ୟରେ ରହିଛନ୍ତି...**

ଚଳିତ ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ୍ ଅଷ୍ଟ୍ରେଲିଆନ୍ ଓପନ୍ ଟେନିସ୍ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ମେଲବୋର୍ନ ପାର୍କରେ ଚଳିତ ମାସ ୧୪ତାରିଖରୁ ଆରମ୍ଭ ହୋଇ ୨୭ ତାରିଖରେ ଉଦ୍‌ଯାପିତ ହେବାକୁ ଥିବା ଏହି ମେଗା ଟୁର୍ନାମେଣ୍ଟରେ ଇଣ୍ଟରନ୍ୟାଶନାଲ୍ ଟେନିସ୍ ଫେଡେରେଶନ୍ (ଆଇ.ଟି.ଏଫ୍)ର ମହିଳା ଏବଂ ପୁରୁଷ ବର୍ଗର ସମସ୍ତ ନାମୀଦାମୀ ଖେଳାଳିମାନେ ଅଂଶଗ୍ରହଣ କରୁଥିବାରୁ ଅଷ୍ଟ୍ରେଲିଆନ୍ ଟେନିସ୍ ଫେଡେରେଶନ୍ ବେଶ୍ ଉତ୍ସାହିତ ରହିଛି। ଏଟିପି ଏବଂ ଡବ୍ଲ୍ୟୁଟିଏ ଟୁରର ଅଂଶବିଶେଷ ଏବଂ ଆଇଟିଏଫ୍ ର୍‍ୟାଙ୍କିଙ୍ଗ୍‌ର ଅନ୍ୟତମ ଶ୍ରେଷ୍ଠ ଗ୍ରାଣ୍ଡସ୍ଲାମ୍ ଟୁର୍ନାମେଣ୍ଟ ସମସ୍ତ ଟେନିସ୍ ଖେଳାଳିଙ୍କ ସ୍ୱପ୍ନର ଟୁର୍ନାମେଣ୍ଟ ରହିଆସିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଚଳିତ ବର୍ଷ ପୁରୁଷ ଏବଂ ମହିଳା ବିଭାଗର କୌଣସି ସିଡେଡ୍ ଖେଳାଳି ଆଘାତ ଜନିତ ସମସ୍ୟା ଯୋଗୁଁ ଏହି ଟୁର୍ନାମେଣ୍ଟରୁ ଶେଷ ମୁହୂର୍ତ୍ତରେ ଓହରି ଯାଇନାହାନ୍ତି। ୧୦୭ତମ ସଂସ୍କରଣରେ ପଦାର୍ପଣ କରିଥିବା ଏବଂ ଓପନ୍ ଏରାର ଏହି ୫୧ତମ ସଂସ୍କରଣ ନିଜର ସ୍ୱତନ୍ତ୍ରତା ପାଇଁ ସମଗ୍ର ବିଶ୍ୱରେ ନିଜସ୍ୱ ପରିଚୟ ସୃଷ୍ଟି କରିପାରିଛି। ଅନେକ ନାମୀଦାମୀ ଖେଳାଳିଙ୍କ ଅଂଶଗ୍ରହଣ, ଆକର୍ଷଣୀୟ ପୁରସ୍କାର ରାଶି, ଗ୍ଲାମର ତଥା ଅନୁଶାସନ ଓ ବହୁ ସଂଖ୍ୟାରେ ଦର୍ଶକମାନଙ୍କ ଉପସ୍ଥିତି ପାଇଁ ଏହା ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଗ୍ରାଣ୍ଡସ୍ଲାମ୍ ହୋଇପାରିଛି। ମେଲବୋର୍ନ ପାର୍କର ୨୫ଟି କୋର୍ଟ ମଧ୍ୟରୁ ମୁଖ୍ୟତଃ ୩ଟି କୋର୍ଟ ଯଥା ଲର୍ଡ ଲିଭର କୋର୍ଟ, ମେଲବୋର୍ନ ଆରେନା ଏବଂ ମାର୍ଗାରେଟ କୋର୍ଟ ଆରେନା ଖେଳାଯିବାକୁ ଥିବା ସମସ୍ତ ମ୍ୟାଚ୍ ଗୁଡିକରେ ବହୁ ସଂଖ୍ୟାରେ ଦର୍ଶକ ଉପସ୍ଥିତ ରହି ନିଜ ନିଜର ପ୍ରିୟ ଟେନିସ୍ ତାରକାମାନଙ୍କ ଖେଳକୁ ଉପଭୋଗ କରିବା ସହିତ ଉତ୍ସାହିତ କରିବେ। ସମସ୍ତ ଟେନିସ୍ ପ୍ରଫେସନାଲ ଖେଳାଳିମାନଙ୍କୁ ନେଇ ଅନୁଷ୍ଠିତ ହେଉଥିବା ବର୍ଷର ଏହି ପ୍ରଥମ ଗ୍ରାଣ୍ଡସ୍ଲାମ୍ ଟୁର୍ନାମେଣ୍ଟର ପୁରୁଷ ଏବଂ ମହିଳା ବିଭାଗର ସିଙ୍ଗଲ୍ସ, ଡବଲ୍ସ ଏବଂ ମିକ୍ସଡ୍ ଡବଲ୍ସ ମ୍ୟାଚ ଗୁଡିକର ବେଶ ସ୍ୱତନ୍ତ୍ରତା ରହିଛି। ଟୁର୍ନାମେଣ୍ଟର ସମସ୍ତ ମ୍ୟାଚ ଗୁଡିକ ହାର୍ଡ କୋର୍ଟରେ ଖେଳାଯିବାକୁ ରହିଥିବାବେଳେ ଚଳିତ ସଂସ୍କରଣରେ ଆୟୋଜକ ଅଷ୍ଟ୍ରେଲିଆନ୍ ଟେନିସ୍ ଫେଡେରେଶନ୍ ତାର ସମସ୍ତ ବର୍ଗର ଖେଳାଳିମାନଙ୍କ ପାଇଁ ମୋଟ ପୁରସ୍କାର ରାଶିରେ ଶତକଡା ୧୪ଭାଗ ବୃଦ୍ଧି କରିଛି। ୧୯୦୫ ମସିହାରେ ସ୍ଥାପିତ ଏବଂ ୧୧୪ ବର୍ଷରେ ପଦାର୍ପଣ କରିଥିବା ଏହି ଟେନିସ୍ ଆସୋସିଏଶନ୍ ୧୯୮୭ ପର୍ଯ୍ୟନ୍ତ ଗ୍ରାସ୍‌କୋର୍ଟରେ ମ୍ୟାଚ୍ ଅନୁଷ୍ଠିତ କରିଆସୁଥିଲା। ତେବେ ୧୯୮୮ ମସିହାରୁ ହାର୍ଡକୋର୍ଟରେ ମ୍ୟାଚ୍ ଖେଳା ଯାଇଆସୁଛି। ଆଜି ପର୍ଯ୍ୟନ୍ତ ପୁରୁଷ ବିଭାଗରେ ରୟ ଇମରସନ୍, ନୋଭାକ୍ ଜୋକୋଭିଚ୍ ଏବଂ ରୋଜର ଫେଡରର ସର୍ବାଧିକ ୬ଥର ଲେଖାଏଁ ପୁରୁଷ ସିଙ୍ଗଲ୍ସ ବିଭାଗରେ ଚାମ୍ପିୟନ ହୋଇଥିବା ବେଳେ ମହିଳା ବିଭାଗର ମାର୍ଗାରେଟ୍ କୋର୍ଟ ସର୍ବାଧିକ ୧୧ଥର ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛନ୍ତି। ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଟୁର୍ନାମେଣ୍ଟ ଫ୍ରେଞ୍ଚ ଓପନ୍, ୱିମ୍ବେଲଡନ୍ ଓପନ୍ ଏବଂ ୟୁଏସ୍ ଓପନ୍‌ଠାରୁ ଏହି ଟୁର୍ନାମେଣ୍ଟ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ଓ ଅଷ୍ଟ୍ରେଲିଆର ସର୍ବଶ୍ରେଷ୍ଠ କ୍ରୀଡ଼ା ଇଭେଣ୍ଟର ମାନ୍ୟତା ହାସଲ କରିଛି। ୨୦୧୮ ସଂସ୍କରଣରେ ସର୍ବାଧିକ ଦର୍ଶକ ମ୍ୟାଚ୍ ଉପଭୋଗ କରିଥିବାର ରେକର୍ଡ ରହିଛି।

ଚଳିତ ଟୁର୍ନାମେଣ୍ଟ ପାଇଁ ଏଟିପି ର୍‍ୟାକିଙ୍ଗ ଅନୁସାରେ ମୁଖ୍ୟ ଡ୍ର' ସମୟରେ ପୁରୁଷ ବିଭାଗରୁ ୩୨ଜଣ ଏବଂ ମହିଳା ବିଭାଗରୁ ୩୨ଜଣ ସିଡେଡ୍ ଖେଳାଳି ଭାଗ ନେଉଛନ୍ତି। ସେମାନଙ୍କ ମଧ୍ୟରେ ରାଫାଲ୍ ନାଡାଲ୍, ରୋଜର ଫେଡରର, କେଭିନ୍ ଆଣ୍ଡରସନ୍, ନୋଭାକ୍ ଜୋକୋଭିଚ୍, ଡେଭିଡ ଗୋଫିନ୍, ଜନ୍ ଇସ୍‌ନର, ବୋର୍ଣ୍ଣା କୋରିକ୍, ଆଞ୍ଜେଲିକ୍ କର୍ବର, ଡାନ୍ ଇଭାନ୍ସ, କ୍ରିଷ୍ଟିନା ମ୍ଲାଡେନୋଭିକ୍, ଗାର୍ବାଇନ୍ ମୁଗୁରୁଜା, ନାମିଓ ଓସାକା, ସିମୋନା ହାଲେପ୍, ଡୋମିନିକ୍ ଥିମ୍, ସେରେନା ୱିଲିୟମସ୍, କାରୋଲିନା ପ୍ଲିସ୍କୋଭା, ଏଲିନା ଭିଟୋଲିନା, ଭେନସ୍ ୱିଲିୟମ୍ସ ପରି ବହୁ ଖେଳାଳି ସାମିଲ ରହିଛନ୍ତି।

ଉପସ୍ଥାପନା: **ନିର୍ମଳ କୁମାର ମିଶ୍ର**

### ଅଷ୍ଟ୍ରେଲିଆନ୍ ଓପନ୍

- ତାରିଖ- ୧୪ରୁ ଜାନୁୟାରୀ ୨୭
- ଭେନ୍ୟୁ- ମେଲବୋର୍ନ ପାର୍କ
- କାଟାଗୋରୀ- ଗ୍ରାଣ୍ଡସ୍ଲାମ
- ସର୍ଫେସ- ହାର୍ଡ
- ସଂସ୍କରଣ- ୧୦୭ (ଓପନ ଏରା- ୫୧)
- ଡିଫେଣ୍ଡିଂ ପୁରୁଷ ଚାମ୍ପିୟନ- ରୋଜର ଫେଡରର
- ମହିଳା ଚାମ୍ପିୟନ- କାରୋଲିନ୍ ଓଜନିଆକି
- ପୁରୁଷ ଡବଲ୍ସ ଚାମ୍ପିୟନ- ଓଲିଭର ମାରାକ/ ମେଟା ପାକଭିକ
- ମହିଳା ଡବଲ୍ସ ଚାମ୍ପିୟନ- ଟିମିଆ ବାବୋସ/କ୍ରିଷ୍ଟିନା ମ୍ଲଡେନୋଭିକ
- ମିକ୍ସଡ ଡବଲ୍ସ ଚାମ୍ପିୟନ- ମେଟା ପାଭିକ/ ଗାବ୍ରିଏଲା ଡାବ୍ରୋୱ୍ସ୍କି





ସେରେନା ୱିଲିୟମ୍ସ ଏବେ ମଧ ଜଣେ ଦକ୍ଷ ଖେଳାଳି। ସେ ମାର୍ଗାରେଟ୍ କୋର୍ଟଙ୍କ ଗ୍ରାଣ୍ଡସ୍ଲାମ ରେକର୍ଡ ସମକକ୍ଷ ହୋଇପାରିବେ ବୋଲି ମୋର ଦୃଢ ବିଶ୍ୱାସ।

– ଷ୍ଟେଫି ଗ୍ରାଫ୍, ପୂର୍ବତନ ମହାନ ଟେନିସ ଖେଳାଳି



ଭାରତ ବିପକ୍ଷ ତୃତୀୟ ତଥା ନିର୍ଣ୍ଣାୟକ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ସତର୍କତା ପରିବର୍ତ୍ତେ ଆମେ ସ୍ୱାଭାବିକ ଆକ୍ରମଣାତ୍ମକ ଖେଳିବୁ।

– ଆରୋନ୍ ଫିଞ୍ଚ୍, ଅଷ୍ଟ୍ରେଲିଆ କ୍ରିକେଟ ଅଧିନାୟକ

## ସଂକ୍ଷେପରେ

### ନ୍ୟୁଜିଲାଣ୍ଡ ଟିମ୍‌କୁ ଲଥାମ, ଗ୍ରାଣ୍ଡହୋମ୍‌ଙ୍କ ପ୍ରତ୍ୟାବର୍ତ୍ତନ

ୱେଲିଂଟନ, ୧୭।୧(ପି.ଟି.)- ଆସନ୍ତା ସପ୍ତାହରୁ ଭାରତ ବିପକ୍ଷରେ ଆରମ୍ଭ ହେବାକୁ ଥିବା ଏକଦିବସୀୟ ସିରିଜ ଲାଗ ନ୍ୟୁଜିଲାଣ୍ଡ ଦଳ ଗୁରୁବାର ଘୋଷଣା କରାଯାଇଛି। ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ଏହି ସିରିଜ ଲାଗି ଟମ୍ ଲଥାମ୍ ଓ କଲିନ୍ ଡି ଗ୍ରାଣ୍ଡହୋମ୍ ୧୪ ଜଣିଆ ନ୍ୟୁଜିଲାଣ୍ଡ ଦଳରେ ସ୍ଥାନ ପାଇଛନ୍ତି। ଉଭୟ ଲଥାମ୍ ଓ ଗ୍ରାଣ୍ଡହୋମ୍‌ଙ୍କୁ ଶ୍ରୀଲଙ୍କା ବିପକ୍ଷ ଦିନିକିଆ ସିରିଜରୁ ବିଶ୍ରାମ ଦିଆଯାଇଥିଲା। ଦିନିକିଆ ସିରିଜର ପ୍ରଥମ ମ୍ୟାଚ୍ ଜାନୁୟାରୀ ୨୩ରେ ନାପିଅରରେ ଖେଳାଯିବ। ଏହାପରେ ମାଉଣ୍ଟ ମଙ୍ଗାନୁଇରେ ୨ୟ ଓ ୩ ଦିନିକିଆ ଯଥାକ୍ରମେ ୨୬ ଓ ୨୮ରେ ଅନୁଷ୍ଠିତ ହେବ। ସିରିଜର ଅନ୍ତିମ ଦୁଇ ମ୍ୟାଚ୍ ହାମିଲଟନ୍ ଓ ୱେଲିଂଟନରେ ୩୧ ଓ ଫେବୃୟାରୀ ୩ରେ ଖେଳାଯିବ। ଏହାପରେ ଫେବୃୟାରୀ ୬, ୮ ଓ ୧୦ରେ ୩ଟି ଟି୨୦ ମ୍ୟାଚ୍ ଖେଳାଯିବାର କାର୍ଯ୍ୟସୂଚୀ ରହିଛି।

ନ୍ୟୁଜିଲାଣ୍ଡ ଦିନିକିଆ ଦଳ: କେନ୍ ୱିଲିୟମସନ (ଅଧିନାୟକ), ଟ୍ରେଣ୍ଟ ବୋଲ୍ଟ, ଡଗ୍ ବ୍ରାସୱେଲ, କଲିନ୍ ଡି ଗ୍ରାଣ୍ଡହୋମ୍, ଲୋକି ଫର୍ଗୁସନ, ମାର୍ଟିନ ଗୁପ୍‌ଟିଲ, ମ୍ୟାଟ୍ ହେନରୀ, ଟମ୍ ଲଥାମ, କଲିନ ମୁନ୍‌ରୋ, ହେନରୀ ନିକୋଲାସ, ମିଚେଲ ସାଣ୍ଟନର, ଇଶ୍ ସୋଧି, ଟିମ୍ ସୌଦୀ ଓ ରସ୍ ଟେଲର।

### କେନ୍ଦ୍ରାପଡ଼ା, ସମ୍ବଲପୁର, ପୁରୀର ଦ୍ୱିତୀୟ ବିଜୟ



ଭୁବନେଶ୍ୱର, ୧୭।୧(କ୍ରୀଡ଼ା ପ୍ରତିନିଧି): କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଓଡ଼ିଶା ଟେନିସ ପ୍ରିମିୟର ଲିଗ୍‌ରେ କେନ୍ଦ୍ରାପଡ଼ା କଣ୍ଟେଣ୍ଡର୍ସ, ସମ୍ବଲପୁର ଶୁଟର୍ସ ଓ ପୁରୀ ୱେଭର୍ସ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛନ୍ତି। ଗ୍ରୁପ 'ବି'ରେ କଣ୍ଟେଣ୍ଡର୍ସ ୨ ପଏଣ୍ଟ ସହ ଏକକ ଅଗ୍ରଣୀଲାଭ କରିଥିବାବେଳେ ଗ୍ରୁପ'ଏ'ରେ ଶୁଟର୍ସ ଓ ୱେଭର୍ସ ୨ ପଏଣ୍ଟ ଲେଖାଏ ପାଇ ଯୁଗ୍ମ ଅଗ୍ରଣୀ ରହିଛନ୍ତି। ଗୋଟିଏ ଗେମ୍‌ରେ ପଛୁଆ ରହିଥିଲେ ହେଁ ପୁରୀ ଦଳ ସଫଳ ପ୍ରତ୍ୟାବର୍ତ୍ତନ କରି କଟକ କନ୍‌କ୍ୱର୍ସଙ୍କୁ ୪-୧ରେ ପରାସ୍ତ କରିଥିଲା। କେନ୍ଦ୍ରାପଡ଼ା କଣ୍ଟେଣ୍ଡର୍ସ ୩-୨ରେ ଭଦ୍ରକ ଭିକ୍ଟର୍ସଙ୍କୁ ପରାସ୍ତ କରିଥିବାବେଳେ ସୁନ୍ଦରଗଡ଼ ଭୀରାନ୍ସ ୩-୨ରେ ଅନୁଗୋଳ ଏସର୍ସଙ୍କୁ, ସମ୍ବଲପୁର ଶୁଟର୍ସ ୪-୧ରେ ଖୋର୍ଦ୍ଧା ୱାରିୟର୍ସଙ୍କୁ ପରାସ୍ତ କରିଛି।

# ୱାରିଙ୍କା ବିଦା, ଜୋକୋଭିଚ୍, ମୁଗୁରୁଜା ବିଜୟୀ

**ଅଷ୍ଟ୍ରେଲିଆନ ଓପନ ଟେନିସ**

ମେଲବୋର୍ନ, ୧୭।୧(ଏଏଫ୍‌ପି)

ଚଳିତ ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପୁରୁଷ ସିଙ୍ଗଲ୍ସରେ ୨୦୧୪ ଚାମ୍ପିୟନ ଷ୍ଟାନ ୱାରିଙ୍କାଙ୍କ ଚ୍ୟାଲେଞ୍ଜ ଦ୍ୱିତୀୟ ରାଉଣ୍ଡରୁ ଶେଷ ହୋଇଯାଇଛି। ଅନ୍ୟପକ୍ଷରେ ସର୍ବିୟାର ନୋଭାକ୍ ଜୋକୋଭିଚ୍, ଜାପାନର କେଇ ନିଶିକୋରି ପ୍ରମୁଖ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ମହିଳା ସିଙ୍ଗଲ୍ସରେ ଟପ୍ ସିଡ୍ ସିମୋନା ହାଲେପ କଷ୍ଟସାଧ ବିଜୟ ସହ ଅଭିଯାନ ଜାରି ରଖିଥିବାବେଳେ ୱିଲିୟମ୍ସ ଭଗିନୀ ଭେନସ ଓ ସେରେନା, ନାଓମି ଓସାକା ବିଜୟ ସହ ତୃତୀୟ ରାଉଣ୍ଡରେ ପହଞ୍ଚିଛନ୍ତି।

ଅନ୍ୟତମ ଟାଇଟଲ ଦାବିଦାର ଟପ୍ ସିଡ୍ ଜୋକୋଭିଚ୍ ୬-୩, ୭-୫, ୬-୪ ସେଟ୍‌ରେ ଫ୍ରାନ୍ସର ଜୋ ୱିଲ୍‌ଫ୍ରେଡ୍ ସୋଙ୍ଗାଙ୍କୁ ପରାସ୍ତ କରିଛନ୍ତି। ଏକ କଡ଼ା ସଂଘର୍ଷପୂର୍ଣ୍ଣ ମୁକାବିଲାରେ କାନାଡ଼ାର ମିଲୋସ ରାଓନିକ୍ ୬-୭(୪/୭), ୭-୬(୮/୬), ୭-୬(୧୩/୧୧), ୭-୬(୭/୫) ସେଟ୍‌ରେ ବିଜୟ ହାସଲ କରି ୱାରିଙ୍କାଙ୍କୁ ବିଦାୟ ପଥ ଦେଖାଇଛନ୍ତି। ମ୍ୟାଚଟି ୪ ଘଣ୍ଟା ୧ ମିନିଟ ବିଶିଷ୍ଟ ହୋଇଥିଲା। ନିଶିକୋରି ୩ ଘଣ୍ଟା ୪୮ ମିନିଟ ବିଶିଷ୍ଟ ଏକ ମୁକାବିଲାରେ କ୍ରୋଏସିଆର ଇଭୋ କାର୍ଲୋଭିକ୍‌ଙ୍କୁ ୬-୩, ୭-୬(୮/୬), ୫-୭, ୫-୭, ୭-୬(୧୦/୬) ସେଟ୍‌ରେ ହରାଇବାରେ ସକ୍ଷମ ହୋଇଛନ୍ତି। ଜର୍ମାନୀର ଆଲେକ୍ସାଣ୍ଡର ଜାଭେରେଭ ୭-୬(୭/୫), ୬-୪, ୫-୭, ୬-୭(୬/୮), ୬-୧ ସେଟ୍‌ରେ ଫ୍ରାନ୍ସର ଜେରେମି ଚାର୍ଡିଙ୍କୁ, ଇଟାଲୀର ଫାବିଓ ଫୋଗନିନି ୭-୬(୭/୩), ୬-୩, ୭-୬(୭/୫) ସେଟ୍‌ରେ ଆର୍ଜେଣ୍ଟିନାର ଲିଓନାର୍ଡୋ ମେୟରଙ୍କୁ, ଅଷ୍ଟ୍ରେଲିଆର ଆଲେକ୍ସ ବୋଲ୍ଟ ୪ ଘଣ୍ଟା ୪ ମିନିଟର ଏକ କଡ଼ା ମୁକାବିଲାରେ ୨-୬, ୬-୪, ୪-୬, ୭-୬(୧୦/୮), ୬-୪ ସେଟ୍‌ରେ ଫ୍ରାନ୍ସର ଜାଇଲ୍ସ ସିମନଙ୍କୁ, ବେଲଜିୟମର ଡେଭିଡ୍ ଗଫିନ ରୋମାନିଆର ମାରିଉସ କୋପିଲ୍‌ଙ୍କୁ ୫-୭, ୭-୫, ୬-୨, ୬-୪ ସେଟ୍‌ରେ ହରାଇ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।





ଗାର୍ବିନ ମୁଗୁରୁଜା ଓ ନାଓମି ଓସାକା।

ବିଶ୍ୱର ନମ୍ବର ୱାନ ରୋମାନିଆର ହାଲେପ ୬-୩, ୬-୭(୫/୭), ୬-୪ ସେଟ୍‌ରେ ଆମେରିକାର ସୋଫିଆ କେନିନ୍‌ଙ୍କୁ ପରାସ୍ତ କରିଛନ୍ତି। ତୃତୀୟ ରାଉଣ୍ଡରେ ହାଲେପ ଆମେରିକାର ଭେନସ ୱିଲିୟମ୍ସଙ୍କୁ ଭେଟିବେ। ୩୮ ବର୍ଷୀୟା ଭେନସ ଫ୍ରାନ୍ସର ଆଲିଜେ କୋର୍ନେଟଙ୍କୁ ୬-୩, ୪-୬, ୬-୦ ସେଟ୍‌ରେ ହରାଇ ଆଗକୁ ବଢ଼ିଛନ୍ତି। ୟୁଏସ ଓପନ ଚାମ୍ପିୟନ ତଥା ଏଠାରେ ୪ର୍ଥ ସିଡ୍‌ର ମାନ୍ୟତା ପାଇଥିବା ଓସାକା ସ୍ଲୋଭେନିଆର ତାମାରା ଜିଡାନସେକ୍‌ଙ୍କୁ ୬-୨, ୬-୪ ସେଟ୍‌ରେ ହରାଇ ୩ୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। କ୍ୟାରିୟରର ୨୪ତମ ଗ୍ରାଣ୍ଡସ୍ଲାମ ଟାଇଟଲ ଲକ୍ଷ୍ୟରେ ଥିବା ସେରେନା କାନାଡ଼ାର ଇଉଜିନ ବୁଚାର୍ଡଙ୍କୁ ୬-୨, ୬-୨ ସେଟ୍‌ରେ ହରାଇ ଲକ୍ଷ୍ୟପଥରେ ଅଗ୍ରସର ହୋଇଛନ୍ତି। ତୃତୀୟ ରାଉଣ୍ଡରେ ସେ ଅଣସିଡେଡ ୟୁକ୍ରେନ ଟିନ୍‌ଏଜର ଡାୟାନା ୟାଷ୍ଟ୍ରେମସ୍କାଙ୍କୁ ଭେଟିବେ। ୩୭ ବର୍ଷୀୟା ସେରେନା ୨ ବର୍ଷ ପୂର୍ବରୁ ୨୩ତମ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଥିଲେ। ଏଠାରେ ସେ ୧୬ତମ ସିଡ୍‌ର ମାନ୍ୟତା ପାଇଥିଲେ ହେଁ ବୁକିଙ୍କ ଟାଇଟଲ ଫେଭରାଇଟ ତାଲିକାରେ ରହିଛନ୍ତି। ଅନ୍ୟ ଏକ ଦ୍ୱିତୀୟ ରାଉଣ୍ଡ ମ୍ୟାଚରେ ଆମେରିକାର ମାଡିସନ୍ କିଜ୍ ୬-୩, ୬-୪ ସେଟ୍‌ରେ ରୁଷିଆର ଆନାସ୍ତାସିଆପୋଟାପୋଭାଙ୍କୁ ପରାସ୍ତ କରିଛନ୍ତି। ଲାଟିଭିଆର ଆନାସ୍ତାସିଜା ସେଭାସ୍ତୋଭା ୬-୩, ୩-୬, ୬-୨ ସେଟ୍‌ରେ କାନାଡ଼ାର ବିନ୍‌କା ଆନ୍ଦ୍ରେସ୍କୁଙ୍କୁ ଏବଂ ଚାଇନାର ଶୁଆଇ ଝାଙ୍ଗ ୬-୩, ୭-୫ ସେଟ୍‌ରେ ଚେକ୍ ରିପବ୍ଲିକର କ୍ରିଷ୍ଟିନା ପ୍ଲିସ୍‌କୋଭାଙ୍କୁ ପରାସ୍ତ କରିଛନ୍ତି।

### ବିଳମ୍ବ ରେକର୍ଡ

ଚଳିତ ଅଷ୍ଟ୍ରେଲିଆନ ଓପନରେ ବିଳମ୍ବରେ ଏକ ମ୍ୟାଚ ଖେଳାଯିବା ଦ୍ୱାରା ନୂଆ ରେକର୍ଡ ପ୍ରତିଷ୍ଠା ହୋଇଛି। ଏହି ମହିଳା ସିଙ୍ଗଲ୍ସ ମ୍ୟାଚରେ ଦୁଇଥର ଗ୍ରାଣ୍ଡସ୍ଲାମ ବିଜୟିନୀ ଗାର୍ବିନ ମୁଗୁରୁଜା ବିଜୟ ଲାଭ କରିଛନ୍ତି। ବ୍ରିଟେନ ଖେଳାଳି ଜୋହାନ୍ନା କୋଣ୍ଟାଙ୍କ ବିପକ୍ଷ ଏହି ମ୍ୟାଚ ରାତି ୧୨ଟା ୩୦ରୁ ଆରମ୍ଭ ହୋଇ ରାତି ୩ଟା ୧୨ରେ ଶେଷ ହୋଇଥିଲା, ଯାହାକି ସିଜନ ଓପନ ଗ୍ରାଣ୍ଡସ୍ଲାମର ଏକ ରେକର୍ଡ। ଏହି ମ୍ୟାଚ ସ୍ପେନର ମୁଗୁରୁଜା ୬-୪, ୬-୭ (୩/୭), ୭-୫ ସେଟ୍‌ରେ ଜିତିଥିଲେ। ଏହା ପୂର୍ବରୁ ଆଲେକ୍‌ଜାଣ୍ଡର ଜେଭରେଭ ଓ ଜେରେମି ଚାର୍ଡିଙ୍କ ମଧ୍ୟରେ ଖେଳାଯାଇଥିବା ଏକ ପୁରୁଷ ସିଙ୍ଗଲ୍ସ ମ୍ୟାଚ ୩ ଘଣ୍ଟା ୪୬ ମିନିଟ୍‌ରେ ଶେଷ ହୋଇଥିବାରୁ ଉପରୋକ୍ତ ମ୍ୟାଚ ଆରମ୍ଭରେ ବିଳମ୍ବ ଘଟିଥିଲା। ପୁରୁଷ ସିଙ୍ଗଲ୍ସ ମ୍ୟାଚରେ ଜର୍ମାନୀର ଜେଭରେଭ ୭-୬ (୭/୫), ୬-୪, ୫-୭, ୬-୭ (୬/୮), ୬-୧ ସେଟ୍‌ରେ ଜିତିଥିଲେ।

### ପ୍ରଥମଥର ପାଇଁ ରଣଜୀ ସେମିରେ କେରଳ

ୱେନଡ୍ (କେରଳ), ୧୭।୧(ପି.ଟି.)

ସ୍ଥାନୀୟ କ୍ରିଷ୍ଣାଗିରି ଷ୍ଟାଡିୟମରେ ଘରୋଇ କେରଳ ଓ ଗୁଜରାଟ ମଧ୍ୟରେ ଅନୁଷ୍ଠିତ ରଣଜୀ ଟ୍ରଫି ୪ର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଅଢ଼େଇ ଦିନରେ ସମାପ୍ତ ହୋଇଯାଇଛି। ସଚିନ ବେବିଙ୍କ ନେତୃତ୍ୱାଧୀନ କେରଳ ୧୧୩ ରନରେ ଗୁଜରାଟକୁ ପରାସ୍ତ କରି ପ୍ରଥମଥର ପାଇଁ ଏହି ସମ୍ମାନଜନକ ପ୍ରତିଯୋଗିତାର ସେମିଫାଇନାଲ ଖେଳିବାକୁ ସୌଭାଗ୍ୟ ଲାଭ କରିଛି। ଅପରପକ୍ଷରେ ୨୦୧୬-୧୭ ସିଜନ ଚାମ୍ପିୟନ ଗୁଜରାଟ ଟିମ୍ ଚଳିତ ସିଜନରେ କ୍ୱାର୍ଟରଫାଇନାଲରୁ ଏହାର ଅଭିଯାନ ଶେଷ କରିଛି।

### ମାଲେସିଆ ମାଷ୍ଟର୍ସ କ୍ୱାର୍ଟରରେ ସାଇନା, ଶ୍ରୀକାନ୍ତ

କୁଆଲାଲମ୍ପୁର, ୧୭।୧(ପି.ଟି.)

ଭାରତର ତାରକା ବ୍ୟାଡ୍‌ମିଣ୍ଟନ ଖେଳାଳି ସାଇନା ନେହ୍ୱାଲ ଓ କିଡାମ୍ବି ଶ୍ରୀକାନ୍ତ ମାଲେସିଆ ମାଷ୍ଟର୍ସ ଟୁର୍ନାମେଣ୍ଟର କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡ ମ୍ୟାଚରେ ସାଇନା ୨୧-୧୪, ୨୧-୧୬ ଗେମ୍‌ରେ ହଂକଂର ପୁଇ ୟିନ୍ ୟିପ୍‌ଙ୍କୁ ପରାସ୍ତ କରିଛନ୍ତି। ପୁରୁଷ ସିଙ୍ଗଲ୍ସରେ ଶ୍ରୀକାନ୍ତ ହଂକଂର ୱଙ୍ଗ ୱିଙ୍ଗ କି ଭିନସେଣ୍ଟଙ୍କୁ ୨୩-୨୧, ୮-୨୧, ୨୧-୧୮ ଗେମ୍‌ରେ ହରାଇ ଦେଇଛନ୍ତି। ଅନ୍ୟପକ୍ଷରେ ସାଇନାଙ୍କ ସ୍ୱାମୀ ପାରୁପଲ୍ଲୀ କାଶ୍ୟପ୍ ପରାଜୟ ସହ ଟୁର୍ନାମେଣ୍ଟରୁ ବିଦା ହୋଇଛନ୍ତି।

# କଟକ ଓଏସ୍‌ଏପି ୬ଷ୍ଠ ବାଟାଲିୟନକୁ ୪ ପଦକ

କଟକ ଅଫିସ,୧୭।୧

ରିଜର୍ଭ ପୋଲିସ ଗ୍ରାଉଣ୍ଡରେ ଚାଲିଥିବା ୭୧ତମ ରାଜ୍ୟ ପୋଲିସ ଆଥଲେଟିକ ଚାମ୍ପିୟନଶିପ୍‌ର ଦ୍ୱିତୀୟ ଦିବସ ଖେଳ ଶେଷ ହୋଇଛି। ଦ୍ୱିତୀୟ ଦିବସରେ କଟକ ଓଏସ୍‌ଏପି ୬ଷ୍ଠ ବାଟାଲିୟନ ୪ଟି ଇଭେଣ୍ଟରେ ପ୍ରଥମ ସ୍ଥାନ ହାସଲ କରିଛି। ପୁରୁଷ ବର୍ଗର ପୋଲ ଭଲ୍ଟରେ କଟକ ଓଏସ୍‌ଏପି ୬ଷ୍ଠ ବାଟାଲିୟନର ମନୋଜ କୁମାର ହେମ୍ବ୍ରମ, ୪୦୦ମିଟର ହର୍ଡଲ୍ସରେ କେ.କେ ନାୟକ, ଡିସକସ୍ ଥ୍ରୋରେ ପି.କେ ରାଉତରାୟ ଓ ୨୦୦ମିଟର ଦୌଡ଼ରେ ବିପ୍ଳବରାଜ ମିରିଡ଼ିଆ ପ୍ରଥମ ହୋଇଥିଲେ। ଏହି ୪ଜଣ କଟକ ଓଏସ୍‌ଏପି ୬ଷ୍ଠ ବାଟାଲିୟନ ପକ୍ଷରୁ ପ୍ରତିନିଧିତ୍ୱ କରୁଛନ୍ତି। ଅନ୍ୟପକ୍ଷରେ ପୁରୁଷ ୧୦ହଜାର ମିଟର ଦୌଡ଼ରେ ରାଉରକେଲା ଓଏସ୍‌ଏପି ୪ର୍ଥ ବାଟାଲିୟନର କୈଳାସ କୁମ୍ଭାର ପ୍ରଥମ ହୋଇଛନ୍ତି। ୩୨ ମିନିଟ ୪୩.୩ ସେକେଣ୍ଡରେ ଲକ୍ଷ୍ୟ ଅତିକ୍ରମ କରି କୈଳାସ ଏହି ସଫଳତା ପାଇଛନ୍ତି। ମହିଳା ବର୍ଗର ୨୦୦ମିଟର ଦୌଡ଼ରେ ବରଗଡ଼ ଜିଲା ପୋଲିସର ଦମୟନ୍ତୀ ନାୟକ, ଲଙ୍ଗଜମ୍ପରେ କମିଶନରେଟ ପୋଲିସ-ଏର ରୀନା ବା, ଜାଭେଲିନ ଥ୍ରୋରେ କୋରାପୁଟ ଜିଲା ପୋଲିସର ସି. ବାର୍ଲା ପ୍ରଥମ ସ୍ଥାନ ହାସଲ କରିଛନ୍ତି।

### ଜାତୀୟ ସିନିୟର ବେସବଲ ଓଡ଼ିଶା ରନର୍ସଅପ

କଟକ ଅଫିସ,୧୭।୧

ଇନ୍ଦୋରଠାରେ ଚାଲିଥିବା ୩୩ତମ ସିନିୟର ଜାତୀୟ ବେସବଲ ଚାମ୍ପିୟନଶିପରେ ଓଡ଼ିଶା ମହିଳା ଦଳ ରନର୍ସଅପ ହୋଇଛି। ଫାଇନାଲ ମୁକାବିଲାରେ ଓଡ଼ିଶା ୬-୨ ରନରେ ଦିଲ୍ଲୀଠାରୁ ପରାସ୍ତ ହୋଇଥିଲା। ଓଡ଼ିଶା ପୁରୁଷ ଦଳ କ୍ୱାର୍ଟର ଫାଇନାଲରେ ହାରି ପ୍ରତିଯୋଗିତାରୁ ବାଦ ପଡ଼ିଥିଲା। ଉଦ୍‌ଯାପନୀ ଉତ୍ସବରେ ଏମ୍‌ପି ସୁମିତ୍ରା ମହାଜନ, ଆମେଚର ବେସବଲ ଫେଡେରେଶନ ଅଫ ଇଣ୍ଡିଆର ସଭାପତି ପଙ୍କଜ ଲୋଚନ ମହାନ୍ତି, ମଧ୍ୟପ୍ରଦେଶ ବେସବଲ ଆସୋସିଏଶନ ସମ୍ପାଦକ ଯଶରାଜ ମେହତା ଉପସ୍ଥିତ ଥିଲେ।

# ସୋଆ ବିଶ୍ୱବିଦ୍ୟାଳୟ ବିଜୟୀ

କଟକ ଅଫିସ,୧୭।୧

କଟକରେ ଚାଲିଥିବା ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟର ଗୁରୁବାର ଖେଳାଯାଇଥିବା ମ୍ୟାଚ୍‌ରେ ସୋଆ ବିଶ୍ୱବିଦ୍ୟାଳୟ ବିଜୟୀ ହୋଇଛି। ଏସ୍‌ସିବି ମେଡ଼ିକାଲ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ ସୋଆ ୪ ଉଇକେଟରେ ଝାଡ଼ଖଣ୍ଡର କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ମାତ୍ର ୯୭ରନରେ ଅଲଆଉଟ ହୋଇଥିବା ବେଳେ ଅବିନାଶ ସାହୁଙ୍କ ୩୬ରନ ବଳରେ ସୋଆ ବିଜୟ ଲକ୍ଷ୍ୟ ହାସଲ କରିଛି। ଡ୍ରିମସ ଗ୍ରାଉଣ୍ଡରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପରାସ୍ତ ହୋଇ ପ୍ରତିଯୋଗିତାରୁ ବାଦ ପଡ଼ିଛି। ତେଜପୁର ବିଶ୍ୱବିଦ୍ୟାଳୟଠାରୁ ବ୍ରହ୍ମପୁର ୮୫ରନରେ ହାରିଥିଲା। ପ୍ରଥମେ ବ୍ୟାଟିଂ କରିଥିବା ତେଜପୁର ୯ ଉଇକେଟ ହରାଇ ୧୬୮ରନ କରିଥିଲା। ଜବାବରେ ବ୍ରହ୍ମପୁର ୮୩ରନରେ ଅଲଆଉଟ ହୋଇଛି। ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡ-୧ରେ କୋଲହାନ ବିଶ୍ୱବିଦ୍ୟାଳୟ ୭ ଉଇକେଟରେ ହେମଚାନ୍ଦ ବିଶ୍ୱବିଦ୍ୟାଳୟକୁ ଓ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡ-୨ରେ ବିଆରଏବି ବିଶ୍ୱବିଦ୍ୟାଳୟ ୬୮ରନରେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟକୁ ହରାଇଥିଲା।

### ଜଗବନ୍ଧୁ ମେମୋରିଆଲ କ୍ରିକେଟ ୨୦ରୁ

ପୁରୁଣା ଭୁବନେଶ୍ୱର, ୧୭।୧(ଡି.ଏନ.ଏ.)

ନବମ ବାଙ୍କୁଆଲ ଜଗବନ୍ଧୁ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ ଆସନ୍ତା ୨୦ରୁ ଆରମ୍ଭ ହେବ। ବାଙ୍କୁଆଲ କ୍ରିକେଟ୍ ପଡ଼ିଆରେ ହେବାକୁ ଥିବା ଏହି ରାଜ୍ୟସ୍ତରୀୟ ଟୁର୍ନାମେଣ୍ଟରେ ରାଜ୍ୟର ବିଭିନ୍ନ ଜିଲାରୁ ୮ଟି ଦଳ ଭାଗ ନେବେ। ଚଳିତମାସ ୨୬ରେ ଫାଇନାଲ ଅନୁଷ୍ଠିତ ହେବ। ଚାମ୍ପିୟନ ଦଳକୁ ଟ୍ରଫି ସହ ୨୦,୦୦୦ ଟଙ୍କା ଏବଂ ରନର୍ସଅପ ଦଳକୁ ୧୫,୦୦୦ଟଙ୍କା ଏବଂ ଟ୍ରଫି ପ୍ରଦାନ କରାଯିବ ବୋଲି ଆୟୋଜକ ଭଗବତୀ ୟୁଥ କ୍ଲବ୍ ସଭାପତି ବିଜୟ କୁମାର ପଟ୍ଟନାୟକ କହିଛନ୍ତି।

# ସିରିଜ୍ ବିଜୟ ଲକ୍ଷ୍ୟରେ ଭାରତ

ମେଲବୋର୍ନ,୧୭।୧(ପି.ଟି.)

**ଅନ୍ତିମ ଦିନିକିଆ ଆଜି**
- ସମୟ: ସକାଳ ୭.୫୦
- ଭେନ୍ୟୁ: ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡ
- ପ୍ରସାରଣ: ସୋନୀ ନେଟୱର୍କ

ଟେଷ୍ଟ ସିରିଜ ଜିତି ଇତିହାସ ସୃଷ୍ଟି କରିବା ପରେ ବିରାଟ କୋହଲିଙ୍କ ନେତୃତ୍ୱରେ ଟିମ୍‌ଇଣ୍ଡିଆ ଅଷ୍ଟ୍ରେଲିଆ ମାଟିରେ ପ୍ରଥମଥର ଦ୍ୱିପାକ୍ଷିକ ଦିନିକିଆ ସିରିଜ ଜିତିବା ଲକ୍ଷ୍ୟରେ ରହିଛି। ୩ ମ୍ୟାଚ ବିଶିଷ୍ଟ ସିରିଜର ଅନ୍ତିମ ଦିନିକିଆ ଶୁକ୍ରବାର ସ୍ଥାନୀୟ ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡ (ଏମ୍‌ସିଜି)ରେ ଖେଳାଯିବ। ସିରିଜ ୧-୧ ସ୍ଥିତିରେ ଥିବାରୁ ଭାରତ ଏହି ମ୍ୟାଚ୍ ଜିତି ସିରିଜ ହାତେଇବା ଲକ୍ଷ୍ୟରେ ରହିଛି। ସିଡ୍‌ନୀରେ ଅନୁଷ୍ଠିତ ପ୍ରଥମ ଦିନିକିଆରେ ଭାରତ ୩୪ ରନରେ ପରାସ୍ତ ହୋଇଥିବାବେଳେ ଆଡିଲେଡରେ ଦ୍ୱିତୀୟ ଦିନିକିଆରେ ୬ ଉଇକେଟରେ ବିଜୟୀ ହୋଇଥିଲା। ପୂର୍ବରୁ ଅଷ୍ଟ୍ରେଲିଆ ମାଟିରେ ଭାରତ କେବେବି କୌଣସି ଦ୍ୱିପାକ୍ଷିକ ସିରିଜରେ ବିଜୟ ହାସଲ କରି ନାହିଁ। ୧୯୮୫ରେ ଅଷ୍ଟ୍ରେଲିଆରେ ୱାର୍ଲ୍ଡ ଚାମ୍ପିୟନ୍ସ ଅଫ୍ କ୍ରିକେଟ ଓ ୨୦୦୮ରେ ସିବି ସିରିଜ୍‌ରେ ବିଜୟୀ ହୋଇଥିଲା ଟିମ୍ ଇଣ୍ଡିଆ। ଶେଷଥର ପାଇଁ ୨୦୧୬ରେ ଭାରତ ଅଷ୍ଟ୍ରେଲିଆରେ ୧-୪ରେ ସିରିଜ ପରାଜୟ ବରଣ କରିଥିଲା। ଯଦି ଭାରତ ଏହି ସିରିଜ ଜିତେ ତେବେ ୨୦୧୮-୧୯ ଟୁରରେ ଭାରତ ବିନା ସିରିଜ ପରାଜୟରେ ଗସ୍ତ ଶେଷ କରିବ। ଏହାପୂର୍ବରୁ ୩ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜ୍‌କୁ ଭାରତ ୧-୧ରେ ଡ୍ର ରଖିଥିବାବେଳେ ଟେଷ୍ଟ ସିରିଜକୁ ୨-୧ରେ ହାତେଇଥିଲା।

ପଞ୍ଚମ ବୋଲରଙ୍କୁ ନେଇ ଭାରତର ସମସ୍ୟା ରହିଛି। ସିରିଜରେ ଏପର୍ଯ୍ୟନ୍ତ ଭୁବନେଶ୍ୱର କୁମାର ଓ ମହମ୍ମଦ ସାମି ଉଚ୍ଚକୋଟୀର ପ୍ରଦର୍ଶନ କରିଛନ୍ତି। ସେହିପରି ଦୁଇ ବାମହାତୀ ସ୍ପିନର କୁଲଦୀପ ଯାଦବ ଓ ରବୀନ୍ଦ୍ର ଜାଡେଜା ମଧ ମିଡଲ ଓଭରରେ ବ୍ରେକ୍ ଥ୍ରୁ ଦେବାରେ ସଫଳ ହୋଇଛନ୍ତି। ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅନୁପସ୍ଥିତିରେ ପ୍ରଥମ ଦୁଇଟି ମ୍ୟାଚ୍‌ରେ ଭାରତ ଜଣେ ଫୁଲ ଟାଇମ୍ ସ୍ପିନରଙ୍କୁ ଖେଳାଇଥିଲା। ୫ମ ବୋଲରଭାବେ ଉଭୟ ଖଲିଲ ଅହମ୍ମଦ ଓ ମହମ୍ମଦ ସିରାଜ ଗୋଟିଏ ଲେଖାଏ ମ୍ୟାଚ୍‌ରେ ସୁଯୋଗ ପାଇଥିଲେ ହେଁ ବେଶ୍ ମହଙ୍ଗା ସାବ୍ୟସ୍ତ ହୋଇଛନ୍ତି।

ପେସ୍ ଅଲରାଉଣ୍ଡର ବିଜୟ ଶଙ୍କର ଓ ଲେଗ୍ ସ୍ପିନର ୟୁଜବେନ୍ଦ୍ର ଚହଲ ପଞ୍ଚମ ବୋଲର ଦୌଡରେ ରହିଛନ୍ତି। ଏମ୍‌ସିଜିରେ ଅଭ୍ୟାସ ଅବସରରେ ଏହି ଦୁଇ ଖେଳାଳି ବେଶ୍ ଝାଳ ବୁହାଇଛନ୍ତି। ଶଙ୍କର ତୃତୀୟ ଦ୍ରୁତ ବୋଲର ଓ ଅତିରିକ୍ତ ବ୍ୟାଟ୍ସମ୍ୟାନର ଦାୟିତ୍ୱ ନିର୍ବାହ କରିପାରିବେ। ଏପର୍ଯ୍ୟନ୍ତ ଡେବ୍ୟୁ କରିପାରି ନ ଥିବା ଶଙ୍କରଙ୍କ ଉପରେ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ପୂରା ଭରସା କରିପାରୁ ନାହିଁ। ଯଦି ଭାରତ ୨ ଦ୍ରୁତ ବୋଲର ଓ ୩ ସ୍ପିନରଙ୍କୁ ଖେଳାଏ ତାହାଲେ ଚହଲ ଖେଳିବାର ସମ୍ଭାବନା ରହିଛି। ଏମ୍‌ସିଜିର ବାଉଣ୍ଡରୀ ବଡ଼ ହୋଇଥିବାରୁ ଚହଲ ଉପଯୋଗୀ ସାବ୍ୟସ୍ତ ହୋଇ ପାରିବେ।

ଅପରପକ୍ଷରେ ଅଷ୍ଟ୍ରେଲିଆ ଦଳରୁ ଦ୍ରୁତ ବୋଲର ଜାସନ ବେହେରେନଡର୍ଫ ଓ ସ୍ପିନର ନାଥନ ଲିୟନଙ୍କୁ ବାଦ୍ ଦିଆଯାଇଛି। ଏହି ଦୁଇ ଖେଳାଳିଙ୍କ ବଦଳରେ ଆଡାମ ଜାମ୍ପା ଓ ବିଲି ଷ୍ଟାନଲେକଙ୍କୁ ସାମିଲ କରାଯାଇଛି। ୨୬ ବର୍ଷୀୟ ଜାମ୍ପା ଶେଷଥର ପାଇଁ ଗତ ନଭେମ୍ବରରେ ଦିନିକିଆ ଖେଳିଥିଲେ। ଦୁଇ ଓପନର ଫେଲ୍ ମାରିବା ଅଷ୍ଟ୍ରେଲିଆ ପାଇଁ ଚିନ୍ତାଜନକ ହୋଇଛି। ଫିଞ୍ଚ୍‌ଙ୍କ ସମେତ ଆଲେକ୍ସ କ୍ୟାରୀ ସଫଳ ପ୍ରଦର୍ଶନ କରିପାରି ନାହାନ୍ତି। ଏମ୍‌ସିଜିରେ ଭାରତ ଓ ଅଷ୍ଟ୍ରେଲିଆ ପରସ୍ପରକୁ ୧୪ଟି ଦିନିକିଆରେ ଭେଟିଛନ୍ତି। ଏଥିରୁ ଘରୋଇ ଦଳ ୯ଟିରେ ବିଜୟୀ ହୋଇଛି। ତେଣୁ ରେକର୍ଡ ଅଷ୍ଟ୍ରେଲିଆ ସପକ୍ଷରେ ରହିଛି।

## ଭାରତ ଫେଭରାଇଟ୍

ଡିନ୍ ଜୋନ୍ସ

ଆଡିଲେଡ ଓଭାଲରେ ଖେଳାଯାଇଥିବା ଦ୍ୱିତୀୟ ମ୍ୟାଚ୍ ବେଶ୍ ରୋମାଞ୍ଚକ ଥିଲା। ସିରିଜର ଏହି ମ୍ୟାଚ୍ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ତଥା ଆକର୍ଷଣୀୟ ଥିଲା। ଏବେ ମେଲବୋର୍ନରେ ଶୁକ୍ରବାର ସିରିଜ୍‌ର ନିର୍ଣ୍ଣାୟକ ତଥା ଅନ୍ତିମ ମ୍ୟାଚ୍ ଖେଳାଯିବ। ଏହି ଗ୍ରାଉଣ୍ଡରେ କେଉଁ ବୋଲର କିଭଳି ବୋଲିଂ କରିବେ ତାହା ଦେଖିବାକୁ ମଜା ଲାଗିବ। ୨୦୧୫ରେ ଅଷ୍ଟ୍ରେଲିଆ ଏହି ଗ୍ରାଉଣ୍ଡରେ ବିଶ୍ୱକପ୍ ଜିତିଥିଲା। ଏ କଥା ସମସ୍ତଙ୍କର ମନେ ଥିବ। ତେଣୁ ଏହି ପିଚ୍‌ରେ କିଭଳି ବୋଲିଂ କରିବାକୁ ହେବ ଅଷ୍ଟ୍ରେଲୀୟଙ୍କୁ ବେଶ୍ ଭଲଭାବେ ଜଣାଥିବ। ବଡ଼ ଗ୍ରାଉଣ୍ଡ ହୋଇଥିବାରୁ ବୋଲରମାନେ ଏଠାରେ ଶର୍ଟ ବଲ ପକାଇବାକୁ ପଛାଇବେ ନାହିଁ। ଗ୍ରାଉଣ୍ଡର ବାଉଣ୍ଡାରୀ ୮୦ରୁ ୮୫ ମିଟର ହୋଇଥିବାରୁ ଲମ୍ବା ଶଟ୍ ଖେଳିଲେ ବିପଦ ରହିବ। ଭାରତୀୟ ବ୍ୟାଟ୍ସମ୍ୟାନମାନେ ବ୍ୟାକ୍‌ଫୁଟ୍‌ରେ ଶଟ୍ ଖେଳିବାକୁ ପ୍ରୟାସ କରିବେ। ଅପରପକ୍ଷରେ ଅଷ୍ଟ୍ରେଲିଆ ଖେଳାଳିମାନେ ଗ୍ଲେନ୍ ମ୍ୟାକ୍ସୱେଲଙ୍କ କ୍ରମରେ ଉନ୍ନତି ଆଣି ତାଙ୍କୁ ଶୀଘ୍ର ବ୍ୟାଟିଂ କରିବାକୁ ପଠାଇବେ। ଅଧିନାୟକ ଆରୋନ ଫିଞ୍ଚ୍ ନିଜ ଟେକ୍‌ନିକ୍ ଉପରେ ଅଧିକ କାର୍ଯ୍ୟ କରିବା ଉଚିତ୍। କାରଣ ଗତ ୮ଟି ଦିନିକିଆରେ ସେ ଅଧିକାଂଶ ଥର ଏଲ୍‌ବିଡବ୍ଲ୍ୟୁ କିମ୍ବା ବୋଲ୍ଡ ହୋଇଛନ୍ତି। କେବଳ ଥରେ କ୍ୟାଚ୍ ଆଉଟ ହୋଇଛନ୍ତି।

ଅନ୍ୟପଟେ ବିରାଟ କୋହଲି ପୁଣି ଥରେ ନିଜର ଦମ୍ ଦେଖାଇବାରେ ସଫଳ ହୋଇଛନ୍ତି। ସେ ହାସଲ କରିଥିବା ୩୯ଟି ଶତକରୁ ଭାରତ ୩୨ଟିରେ ବିଜୟୀ ହୋଇଛି। ଅଷ୍ଟ୍ରେଲିଆକୁ ଆସିଥିବା ଖେଳାଳିଙ୍କ ମଧ୍ୟରେ ସବୁ ଫର୍ମାଟରେ ସେ ସର୍ବାଧିକ ୧୧ଟି ଶତକ ଅର୍ଜନ କରିଛନ୍ତି। କୋହଲି ଜଣେ ମହାନ୍ ଖେଳାଳି। ସଚିନ ତେନ୍ଦୁଲକରଙ୍କୁ ବାଦ ଦେଲେ ସେ ବିଶ୍ୱର ସର୍ବକାଳୀନ ଶ୍ରେଷ୍ଠ ଦିନିକିଆ ବ୍ୟାଟ୍ସମ୍ୟାନ ଭାବେ ପରିଗଣିତ ହେବେ। ଆଡିଲେଡରେ ଦୀନେଶ କାର୍ତ୍ତିକ ମଧ ଚମତ୍କାର ପ୍ରଦର୍ଶନ କରିଥିଲେ। ମହେନ୍ଦ୍ର ସିଂ ଧୋନୀ ମଧ ଜଣେ ଚମତ୍କାର ଦିନିକିଆ ଖେଳାଳି। ତେବେ ତାଙ୍କୁ ଲୋକେ ବୁଝିବାରେ ବେଳେ ବେଳେ ଭୁଲ କରିଥାନ୍ତି। ଦିନିକିଆ ମ୍ୟାଚ୍‌କୁ ସେ ଭଲ ଭାବେ ବୁଝି ଥାନ୍ତି ଓ ପରିସ୍ଥିତି ଅନୁସାରେ ମ୍ୟାଚ୍‌ର ଗୁରୁତ୍ୱକୁ ହୃଦୟଙ୍ଗମ କରିଥାନ୍ତି। କାର୍ତ୍ତିକ ଓ ଧୋନୀ ଅତି ସୁନ୍ଦର ଭାବେ ଖେଳ ପ୍ରଦର୍ଶନ କରି ଭାରତକୁ ଦ୍ୱିତୀୟ ଦିନିକିଆରେ ଜିତାଇଥିଲେ। ଏହି ମ୍ୟାଚ୍‌ରେ ଭାରତର ପ୍ରଦର୍ଶନ ବେଶ୍ ଚମତ୍କାର ଥିଲା। ମୁଁ ତଥାପି ଭାବୁଛି ଯେ, ଭାରତ ସିରିଜ ହାତେଇବ। କାରଣ ଦୁଇ ସ୍ପିନର କୁଲଦୀପ ଯାଦବ ଓ ରବୀନ୍ଦ୍ର ଜାଡେଜା ମେଲବୋର୍ନରେ ପୁଣି କମାଲ କରିବେ ବୋଲି ଭାବୁଛି। ଅମ୍ବାତି ରାୟୁଡୁ ଅଧିକ ରନ୍ ସଂଗ୍ରହ କରିବା ଆବଶ୍ୟକ। ତାଙ୍କ ବ୍ୟାଟିଂରେ କିଛି ତ୍ରୁଟି ଥିବା ପରି ମନେହେଉଛି। ପୁଣି ଭାରତ ପାଖରେ ପଞ୍ଚମ ବୋଲରଙ୍କର ଅଭାବ ରହିଛି। ଯଦି ଅଷ୍ଟ୍ରେଲିଆକୁ ୨୮୦ ରନରେ ଭାରତ ସୀମିତ ରଖିବ ତାହାଲେ ଭାରତ ବିଜୟ ନ ହେବାର କିଛି କାରଣ ନାହିଁ। ଭାରତ ଭଲ ରନ୍ ଚେଜ୍ କରିବାର ରେକର୍ଡ ହାସଲ କରିଛି। ତେଣୁ ଟସ୍ ଜିତିଲେ ଫିଞ୍ଚ୍ ଭାରତକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିବେ ବୋଲି ଭାବୁଛି। ଅନ୍ତିମ ଦିନିକିଆ ବେଶ୍ ମଜାଦାର ତଥା ରୋମାଞ୍ଚକ ହେବ ବୋଲି ଭାବୁଛି। **(ଗେମ୍ ପ୍ଲାନ୍)**




■ ଲୌରିଅସ ପୁରସ୍କାର ପାଇଁ ନାମ ସୁପାରିସ

# ଭିନେଶ ଫୋଗତ ପ୍ରଥମ ଭାରତୀୟ

ମୋନାକୋ,୧୭।୧(ପି.ଟି.)



ଭାରତୀୟ ମହିଳା ଯୋଦ୍ଧା ଭିନେଶ ଫୋଗତଙ୍କ ନାମ ପ୍ରଥମ ଭାରତୀୟ ଭାବେ ବିଶ୍ୱ କ୍ରୀଡ଼ାର ସମ୍ମାନଜନକ ଲୌରିଅସ ପୁରସ୍କାର ପାଇଁ ସୁପାରିସ କରାଯାଇଛି। ଏହି ପୁରସ୍କାର ଫେବୃୟାରୀ ୧୮ ତାରିଖରେ ପ୍ରଦାନ କରାଯିବ। ଆହତ ସମସ୍ୟା ଯୋଗୁ ଦୀର୍ଘଦିନ ଧରି କୁସ୍ତିରୁ ଦୂରେଇ ରହିବା ପରେ ୨୪ ବର୍ଷୀୟା ଯୋଦ୍ଧା ଚମତ୍କାର ପ୍ରତ୍ୟାବର୍ତ୍ତନ କରିଥିଲେ। ସେ ଗୋଲ୍ଡକୋଷ୍ଟଠାରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ଜାକର୍ତ୍ତାରେ ଆୟୋଜିତ ଏସିଆନ୍ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏଥିଯୋଗୁ ତାଙ୍କ ନାମକୁ ଲୌରିଅସ ୱାର୍ଲ୍ଡ କମ୍ ବ୍ୟାକ ଅଫ୍ ଦି ଇୟର ପୁରସ୍କାର ଲାଗି ସୁପାରିସ କରାଯାଇଛି। ୨୦୧୬ ରିଓ ଅଲିମ୍ପିକ୍ସ ୫୦ କିଗ୍ରା ଫ୍ରି ଷ୍ଟାଇଲ ବର୍ଗର କ୍ୱାର୍ଟର ଫାଇନାଲରେ ହରିୟାଣା ଯୋଦ୍ଧାଙ୍କ ଆଣ୍ଠୁରେ ଆଘାତ ଲାଗିଥିଲା। ତାଙ୍କ ବ୍ୟତୀତ ଏହି ତାଲିକାରେ ୟୁଏସ୍ ଟୁର ଚାମ୍ପିୟନଶିପ ବିଜେତା ଟାଇଗର ଉଡ୍ସ ମଧ ରହିଛନ୍ତି। ଦୀର୍ଘ ୫ ବର୍ଷ ପରେ ସେ ପ୍ରଥମ ଥର କୌଣସି ଟୁର୍ନାମେଣ୍ଟ ଜିତିଛନ୍ତି। ଶେଷଥର ଲାଗି ଭାରତୀୟ କ୍ରିକେଟ ଦଳ ୨୦୦୪ରେ ଲୌରିଅସ ସ୍ପୋର୍ଟ୍ସ ଫର ଗୁଡ୍ ଆୱାର୍ଡ ପାଇଥିଲା। ସେତେବେଳେ ରାଜନୈତିକ ଅସ୍ଥିରତା ସତ୍ତ୍ୱେ ପାକିସ୍ତାନ ଓ ଭାରତ ମଧ୍ୟରେ ଦ୍ୱିପାକ୍ଷିକ କ୍ରିକେଟ ସିରିଜ୍ ଖେଳାଯାଇଥିଲା।

### ଅଲିମ୍ପିକ ପଦକ ବିଜେତା ଡୋପ୍ ଟେଷ୍ଟରେ ବିଫଳ

ପ୍ୟାରିସ, ୧୭।୧ (ଏଏଫ୍‌ପି)

ଅଲିମ୍ପିକ ପଦକ ବିଜୟୀ ଫ୍ରି-ଷ୍ଟାଇଲ ରେସ୍‌ଲର ଡାଭିଟ୍ ମୋଜ୍‌ନାସଭିଲି ଡୋପ୍ ଟେଷ୍ଟରେ ବିଫଳ ହୋଇଛନ୍ତି। ୨୦୧୨ ଲଣ୍ଡନ ଗେମ୍ସରୁ ସଂଗ୍ରହ କରାଯାଇଥିବା ସାମ୍ପଲର ଆଉଥରେ ବିଶ୍ଳେଷଣ କରାଯିବାବେଳେ ସେଥିରେ ଟରିନାବଲ ଷ୍ଟେରଏଡ୍‌ର ମାତ୍ରା ଦେଖିବାକୁ ମିଳିଥିଲା। ଇଣ୍ଟରନ୍ୟାଶନାଲ ଅଲିମ୍ପିକ କମିଟି (ଆଇଓସି) ତରଫରୁ ଗୁରୁବାର ଏହା ଘୋଷଣା କରାଯାଇଛି। ୨୦୧୭ରେ ଉଜ୍‌ବେକିସ୍ତାନକୁ ପଳାଇଯିବା ପୂର୍ବରୁ ଟିବିଲିସ୍ ଜନ୍ମିତ ମୋଜ୍‌ନାସଭିଲି ଜର୍ଜିଆ ତରଫରୁ ପ୍ରତିନିଧିତ୍ୱ କରି ୧୨୦ କେଜି ଶ୍ରେଣୀରେ ରୌପ୍ୟ ପଦକ ଜିତିଥିଲେ। ୨୦୧୨ ଗେମ୍ସରୁ ସଂଗ୍ରହ କରାଯାଇଥିବା ସାମ୍ପଲଗୁଡ଼ିକର ନୂତନ ବୈଜ୍ଞାନିକ ପଦ୍ଧତିରେ ପୁନଃ ପରୀକ୍ଷା କରାଯିବ ବୋଲି ଗତ ନଭେମ୍ବରରେ ଘୋଷଣା କରାଯାଇଥିଲା। ଲଣ୍ଡନ ଗେମ୍ସ ବେଳେ ୧୨ଟି ପଜିଟିଭ ମାମଲା ନଜରକୁ ଆସିଥିଲା। ମାତ୍ର ଏହି ପୁନଃ ପରୀକ୍ଷା କାର୍ଯ୍ୟକ୍ରମ ଯୋଗୁ ଇତିମଧ୍ୟରେ ୫୦ରୁ ଅଧିକ ପଜିଟିଭ ମାମଲା ପଦାକୁ ଆସିଛି।

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଶୁକ୍ରବାର, ଜାନୁୟାରୀ ୧୮/୨୦୧୯ Bhubaneswar, Friday, January 18/2019


### ଶ୍ରୀମନ୍ଦିର ଶୃଙ୍ଖଳା ଭିତରେ ଛିଦ୍ର

# ହାତଗୁଞ୍ଜା ଦେଲେ ମିଳୁଛି ସହଜ ଦର୍ଶନ

ପୁରୀ ଅଫିସ,୧୭।୧

ଶ୍ରୀମନ୍ଦିର ଶୃଙ୍ଖଳା ଉପରେ ଅଧିକ ଗୁରୁତ୍ୱ ଦେଉଛି ମନ୍ଦିର ପ୍ରଶାସନ। ନୀତିକାନ୍ତିଠାରୁ ଆରମ୍ଭ କରି ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ଏକାଧିକ ନୀତି ନିୟମ ଲାଗୁ କରାଯାଉଛି। ଏହା ସତ୍ତ୍ୱେ ଶୃଙ୍ଖଳା ଭିତରେ ବି ଛିଦ୍ର ରହୁଛି। କେତେଜଣ ସୁରକ୍ଷା କର୍ମଚାରୀଙ୍କ ପାଇଁ ବେଳେବେଳେ ମୁଦୁଲି ଦ୍ୱାର ଏବଂ ଘଣ୍ଟିଦ୍ୱାରରେ ବିଶୃଙ୍ଖଳା ହେଉଛି। ଏପରି କି ଏହି ଦ୍ୱାରରେ ଯଦି କୌଣସି ଯାତ୍ରୀ ହାତଗୁଞ୍ଜା ଦେଉଛନ୍ତି ସେମାନଙ୍କୁ ସହଜ ଦର୍ଶନ ମିଳିଯାଉଛି। ହେଲେ ଯଦି କେହି ଟଙ୍କା ନ ଦେଇ ଯିବାକୁ ଚାହୁଁଛନ୍ତି, ତାଙ୍କୁ ହଟହଟା ହେବାକୁ ପଡୁଛି। ଗୁରୁବାର ମୁଦୁଲି ଦ୍ୱାରରେ ଜଣେ ମହିଳା ଏଭଳି ପରିସ୍ଥିତିର ସମ୍ମୁଖୀନ ହୋଇଛନ୍ତି।

ବର୍ତ୍ତମାନ ଶ୍ରୀମନ୍ଦିରରେ ଭକ୍ତଙ୍କ ଅଧିକ ଗହଳି ହେଉଛି। ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଗଙ୍ଗାସାଗର ଯାତ୍ରୀ ପୁରୀ ଆସୁଛନ୍ତି। ସେମାନେ ମହାପ୍ରଭୁଙ୍କୁ ଦର୍ଶନ କରୁଥିବାରୁ ଅନ୍ୟ ସାଧାରଣ ଦିନ ଅପେକ୍ଷା ଏବେ ଶ୍ରୀମନ୍ଦିର ଗହଳି ରହୁଛି। ଏହି ଗହଳିର ସୁଯୋଗ ନେଇ କେତେଜଣ ସୁରକ୍ଷାକର୍ମୀ ଟଙ୍କା ନେଇ ଗଳାବାଟରେ ଭକ୍ତଙ୍କୁ ଛାଡୁଛନ୍ତି। ଅନେକ ଭକ୍ତ ବି ଅଛନ୍ତି, ଯେଉଁମାନେ ଗହଳିକୁ ପସନ୍ଦ ନ କରି ଏମାନଙ୍କୁ ହାତଗୁଞ୍ଜା ଦେବାକୁ ଦ୍ୱିଧାବୋଧ କରୁନାହାନ୍ତି। ଗୁରୁବାର ପୂର୍ବାହ୍ନରେ ଭିତର କାଠ ନିକଟକୁ ଯାଇ ଦର୍ଶନ କରିବାକୁ ଭକ୍ତଙ୍କୁ ଛଡ଼ାଯାଇଥିଲା। ନାଟମଣ୍ଡପରେ ଥିବା ଶ୍ରଦ୍ଧାଳୁମାନେ ଭିତରକୁ ଯାଉଥିଲେ। ସେହି ସମୟରେ ମୁଦୁଲି ଦ୍ୱାରରେ ସୁରକ୍ଷା କର୍ମୀଙ୍କୁ ହାତଗୁଞ୍ଜା ଦେଇ ଠିଆ ହୋଇଥିବା କେତେଜଣ ଭକ୍ତଙ୍କୁ ସେହିବାଟେ ଭିତରକୁ ଛଡ଼ାଯାଇଥିଲା। ମୁଦୁଲି ଦ୍ୱାର ଦେଇ ଭକ୍ତ ଯାଉଥିବା ଦେଖି ଜଣେ ମହିଳା ସେହିବାଟେ ଯିବାକୁ ଚେଷ୍ଟା କରିଥିଲେ। ହେଲେ ତାଙ୍କୁ ସେଠାରେ ଅଟକାଇ ଦିଆଯାଇଥିଲା। ଏହା ପ୍ରବେଶ ପଥ ନୁହେଁ ବୋଲି କୁହାଯାଇଥିଲା। ଫଳରେ ମହିଳା ଜଣଙ୍କ ହଟହଟା ହୋଇଥିଲେ। ଅବଶ୍ୟ ସେହି ବାଟ ଦେଇ ଯିବାକୁ ଶେଷରେ ସେ ସକ୍ଷମ ହୋଇଥିଲେ। କେବଳ ମୁଦୁଲି ଦ୍ୱାର ନୁହେଁ, ବେଳେବେଳେ ଘଣ୍ଟି ଦ୍ୱାରରେ ମଧ୍ୟ ଏପରି ଚାଲିଥିବା ଜଣାପଡିଛି। ସେଠାରେ ଲଗାଯାଇଥିବା ସିସିଟିଭି ଫୁଟେଜ୍ ଯାଞ୍ଚ କରି ଯେଉଁମାନେ ଏଭଳି ବେଆଇନ କାମ କରୁଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଦରକାର। ନଚେତ ଦିନକୁ ଦିନ ଏହି ଅସାଧୁ କର୍ମଚାରୀ ବେନିୟମ ଭାବେ ଭକ୍ତଙ୍କୁ ଛାଡ଼ି ବିଶୃଙ୍ଖଳା ସୃଷ୍ଟି କରିବେ।

### ଟଙ୍କା ନ ଦେବାରୁ ମହିଳା ହଟହଟା



# ଚିଲିକାରେ ୧୫୫ ଡଲ୍‌ଫିନ୍

ଭୁବନେଶ୍ୱର, ୧୭।୧(ବ୍ୟୁରୋ)

ଚିଲିକାରେ ଡଲଫିନ୍ ସଂଖ୍ୟା ବୃଦ୍ଧି ପାଇଛି। ଗୁରୁବାର ହୋଇଥିବା ଗଣନାରୁ ଏହା ଜଣାପଡ଼ିଛି। ଚିଲିକାରେ ବର୍ତ୍ତମାନ ୧୫୫ଟି ଡଲଫିନ୍ ଅଛନ୍ତି, ଯାହା ୨୦୧୭ ତୁଳନାରେ ୩୪ ଅଧିକ। ୨୦୧୬ରେ ୧୪୫ ଡଲଫିନ୍ ଥିବାବେଳେ ୨୦୧୭ରେ ହ୍ରାସ ପାଇ ଡଲ୍‌ଫିନ ସଖ୍ୟା ୧୨୧ରେ ପହଞ୍ଚିଥିଲା। ଅନ୍ୟପଟେ ୫ପ୍ରଜାତିର ସାମୁଦ୍ରିକ ଘାସ ରହିଥିବା ଜଣାପଡ଼ିଛି। ସେଗୁଡ଼ିକ ହେଲା ହୋଲୋଡ୍ୟୁଲ୍ ୟୁନିନରଭିସ୍, ହୋଲୋଡ୍ୟୁଲ୍ ପନିଫୋଲିଆ, ହାଲୋଫିଲା ଓଭାଲିସ୍, ହାଲୋଫିଲା ଓଭାଟା ଓ ହାଲୋଫିଲା ବିସାରି। ସେହିପରି ଦୁଇ ପ୍ରଜାତିର ସାମୁଦ୍ରିକ ଜୀବ ମଧ୍ୟ ଦେଖାଯାଇଛନ୍ତି। ଚିଲିକାରେ ବାସସ୍ଥଳୀରେ ସମସ୍ୟା ହୋଇଥିବାରୁ ୧୯୮୫ରୁ କୌଣସି ସାମୁଦ୍ରିକ ଜୀବ ଦେଖାଯାଇ ନ ଥିଲେ। ତେବେ ନିକଟରେ ହ୍ରଦର ପଶ୍ଚିମ ପଟେ ଥିବା ବଡ଼ ଚିଙ୍ଗୁଡ଼ି ଘେରିକୁ ଉଚ୍ଛେଦ କରାଯିବା ପରେ ପାଟନାସି ଓ କୁମାରପୁର ଅଞ୍ଚଳରେ ଏହି ସାମୁଦ୍ରିକ ଜୀବ ଦେଖାଯାଇଛନ୍ତି। ଯେହେତୁ ସେଠାରେ ମୋଟା ମୋଟା ସାମୁଦ୍ରିକ ଘାସ ରହିଛି ଏବଂ ମାଛ ଧରାଳିଙ୍କ ଦ୍ୱାରା ଉକ୍ତ ଅଞ୍ଚଳ ପ୍ରଭାବିତ ହେଉନାହିଁ ତେଣୁ ଏହି ଜୀବମାନେ ରହିପାରିଛନ୍ତି।

୨୯ଟି ଟିମ୍ ଦ୍ୱାରା ଚିଲିକାରେ ଏହି ବାର୍ଷିକ ସର୍ବେକ୍ଷଣ କରାଯାଇଥିଲା। ଏଥିରେ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ, ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ, ଡବ୍ଲ୍ୟୁଡବ୍ଲ୍ୟୁଏଫ୍, ସରକାରୀ ଅଧିକାରୀ, ସ୍ଥାନୀୟ ଷ୍ଟେକ୍ ହୋଲ୍ଡର, ସିଭିଲ ସୋସାଇଟିର ସଦସ୍ୟମାନେ ସାମିଲ ଥିଲେ।

### ୨୦୧୭ ତୁଳନାରେ ୩୪ ବଢ଼ିଛନ୍ତି












38

2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଭଲରୂପେ ଭାବିଚିନ୍ତି କୌଣସି କାମ କରିବା ନିମନ୍ତେ ନିଷ୍ପତ୍ତି ନିଅ। କିନ୍ତୁ ଥରେ ନିଷ୍ପତ୍ତି ନେବା ପରେ ସେହି କାର୍ଯ୍ୟ କରିବାରେ ବିଳମ୍ବ କରନାହିଁ।
- ସର୍ଦ୍ଦାର ବଲ୍ଲଭଭାଇ ପଟେଲ



## ସଂକ୍ଷେପରେ

### ରାଜ୍ୟସ୍ତରୀୟ କ୍ରିକେଟ: କେସିସି ଖୋର୍ଦ୍ଧା ବିଜୟୀ

**ବାଙ୍କୀ, ୧୭।୧ (ସ୍ୱ.ପ୍ର):** ବାଙ୍କୀ ଆଥଲେଟିକ ଆସୋସିଏଶନ୍ ଆନୁକୂଲ୍ୟରେ ଚାଲିଥିବା ରାଜ୍ୟସ୍ତରୀୟ କ୍ରିକେଟ୍ ଟୁର୍ନାମେଣ୍ଟର ଚତୁର୍ଥ କ୍ୱାଟର ଫାଇନାଲ ଖେଳ କେସିସି ଖୋର୍ଦ୍ଧା ଓ ଆଠଗଡ଼ ଷ୍ଟାର କ୍ଲବ ମଧ୍ୟରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଟସ୍ ଜିତି କେସିସି ଖୋର୍ଦ୍ଧା ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଦଳ ନିର୍ଦ୍ଧାରିତ ୨୩ଓଭରରେ ସମସ୍ତ ଉଇକେଟ ହରାଇ ୧୪୧ରନ୍ କରିଥିଲା । ଏସ୍.ଏସ୍. ଦାସ ସର୍ବାଧିକ ୬୦ରନ୍ ସଂଗ୍ରହ କରିଥିଲେ। ଆଠଗଡ଼ ଷ୍ଟାର କ୍ଲବ ପକ୍ଷରୁ ଏମ.ଡି. ସୂରଜ ସର୍ବାଧିକ ୪ଟି ଉଇକେଟ ନେଇଥିଲେ। ୧୪୧ରନକୁ ପିଛାକରି ଷ୍ଟାର କ୍ଲବ ଆଠଗଡ଼ ସମସ୍ତ ଉଇକେଟ୍ ହରାଇ ୧୦୭ରନ କରିଥିଲା। ଦଳ ପକ୍ଷରୁ ଅବିନାଶ ଦାସ ୨୩ରନ ସଂଗ୍ରହ କରିଥିଲେ। କେସିସି ଖୋର୍ଦ୍ଧା ବୋଲର ମାନସ ସର୍ବାଧିକ ୩ଟି ଉଇକେଟ୍ ନେଇଥିଲେ। ଏସ.ଏସ. ଦାସଙ୍କୁ ମ୍ୟାନ ଅଫ ଦ ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଖେଳକୁ ଶୁଭେନ୍ଦୁ ମିଶ୍ର, ରାଜକିଶୋର ମହାପାତ୍ର ପରିଚାଳନା କରିଥିଲେ। ବାଙ୍କୀ ଥାନା ଆଇଆଇସି ସମୀର କୁମାର ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

### ଜଳଖିଆ ଦୋକାନ ଜଳିଗଲା

**ନରସିଂହପୁର ୧୭।୧ (ଡି.ଏନ୍.ଏ.):** ନରସିଂହପୁର ତହସିଲ ଅନ୍ତର୍ଗତ ଫୁଲପଡା ଛକଠାରେ ଥିବା ଦିବାକର ବେହେରାଙ୍କ ଏକ ଜଳଖିଆ ଦୋକାନ ବୁଧବାର ବିଳମ୍ବିତ ରାତିରେ ଜଳିଯାଇଛି । ଏହି ଅଗ୍ନିକାଣ୍ଡରେ ଦୋକାନ ଘରେ ଥିବା ସମସ୍ତ ଆସବାବପତ୍ର ଜଳି ପୋଡି ନଷ୍ଟ ହୋଇଯାଇଛି । ପ୍ରତିଦିନ ଭଳି ଛେନାପୋଡ ତିଆରିକରିବା ଉଦ୍ଦେଶ୍ୟରେ ସେ ଚୁଲିରୁ ନିଆଁ ନ ଲିଭାଇ ଘରକୁ ଚାଲିଯାଇଥିଲେ। କୌଣସି କାରଣରୁ ଚୁଲିରୁ ନିଆଁ ଉଠି ପାଖରେ କାଠକୁ ଧରି ଚାଳ ଘରଟି ଜଳିଯାଇଥିଲା । ଖବରପାଇ ନରସିଂହପୁର ସେବାସଂସ୍ଥା କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ।

### ଅବସରପ୍ରାପ୍ତ ସାମରିକ କର୍ମଚାରୀଙ୍କ ପରଲୋକ

**ନିଶ୍ଚିନ୍ତକୋଇଲି, ୧୭।୧ (ସ୍ୱ.ପ୍ର.):** ନିଶ୍ଚିନ୍ତକୋଇଲି ବ୍ଲକ ଦାଉଦପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ନାହାଳପୁର ଗ୍ରାମର ଅବସରପ୍ରାପ୍ତ ସାମରିକ କର୍ମଚାରୀ ଅନିରୁଦ୍ଧ ଦାଶ(୮୧)ଙ୍କ ପରଲୋକ ଘଟିଛି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ଭାଇ ଅବସରପ୍ରାପ୍ତ ସାମରିକ କର୍ମଚାରୀ ମନମୋହନ ଦାଶ, ଧନେଶ୍ୱର ଦାଶ, ସନ୍ତୋଷ କୁମାର ଦାଶ, ଧରଣୀଧର ଦାଶ ପ୍ରମୁଖ ଉପସ୍ଥିତ ଥିଲେ । ତାଙ୍କର ମରଶରୀରକୁ ଏକ ବିରାଟ ଶୋଭାଯାତ୍ରାରେ ନିଆଯାଇ ସ୍ଥାନୀୟ ଶ୍ମଶାନରେ ଦାହ କରାଯାଇଥିଲା । ମୃତ୍ୟୁଖବର ପାଇ ପୂର୍ବତନ ଜିଲା ପରିଷଦ ସଭ୍ୟ ହିମାଂଶୁ ଶେଖର ମହାନ୍ତି, ପୂର୍ବତନ ସରପଞ୍ଚ ଦିବାକର ସାହୁ, ସରପଞ୍ଚ ଝରଣା ସାହୁ ପ୍ରମୁଖ ତାଙ୍କ ବାସଭବନକୁ ଯାଇ ଶୋକବ୍ୟକ୍ତ କରିଥିଲେ।

### ଓଡ଼ିଶା ବିଗ୍ରେଡ୍ ସୈନିକ ସ୍କୁଲ୍‌ର ବାର୍ଷିକ ଉତ୍ସବ

**ସାଲେପୁର, ୧୭।୧ (ଡି.ଏନ୍.ଏ):** ସାଲେପୁର ବ୍ଲକ୍ ଅନ୍ତର୍ଗତ ପିକୋଳ ପଞ୍ଚାୟତ ମନୋହରପୁରଠାରେ ଓଡ଼ିଶା ବିଗ୍ରେଡ୍ ସୈନିକ ସ୍କୁଲ୍‌ର ଅଷ୍ଟାଦଶତମ ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷା ସୁମିତ୍ରା ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ୍ ଜିଲା ପରିଷଦ ଅଧକ୍ଷ ପ୍ରଶାନ୍ତ କୁମାର ବେହେରା ଯୋଗଦେଇ ଆଦର୍ଶ ମଣିଷ ଭାବେ ନିଜର ପରିଚୟ ସୃଷ୍ଟି କରିବାକୁ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ସାଲେପୁର ବ୍ଲକ୍ ପ୍ରାକ୍ତନ୍ ଉପାଧକ୍ଷ ଦିଲୀପ୍ ଦାଶ, ସମ୍ମାନିତ ଅତିଥି ଜିଲା ପରିଷଦ ସଭ୍ୟ ଅଶୋକ ଭୂୟାଁ ଓ ପିକୋଳ ସରପଞ୍ଚ ରଣଜିତ୍ ଦାସ ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନରେ ଥିବା ସମସ୍ୟାଗୁଡ଼ିକର ସମାଧାନ ନିମନ୍ତେ ପଦକ୍ଷେପ ନେବାକୁ ଅତିଥିମାନେ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ପୁରାତନ ଛାତ୍ର ଲୋକନାଥ ସାହୁଙ୍କ ସହ ଆଦର୍ଶ ଛାତ୍ରଭାବେ ମସିରାଜେନାବ, ଇସ୍‌ରାତ୍ ଜମାଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଗନ୍ଧର୍ବଛାତ୍ରବୃତ୍ତି ଭାବେ ଏସ୍.କେ. ସରଫରାଜଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ସହ ଅର୍ଥରାଶି ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ଦାମୋଦର ରାଉତରାୟ ଧନ୍ୟବାଦ ପ୍ରଦାନ କରିଥିବା ବେଳେ ଶିକ୍ଷୟିତ୍ରୀ ଶିକ୍ଷକମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ଚୋରି

**ନିଶ୍ଚିନ୍ତକୋଇଲି(ସ୍ୱ.ପ୍ର.)/ସାଲେପୁର (ଡି.ଏନ୍.ଏ.)୧୭।୧**





ଶୋ'ରୁମ୍ ଶଟରକୁ ଦୁର୍ବୃତ୍ତମାନେ ତାଡ଼ି ଦେଇଛନ୍ତି।

■ଦିନ ଦ୍ୱିପ୍ରହରରେ ବୃଦ୍ଧଙ୍କ ଠାରୁ ଟଙ୍କା ଲୁଟ୍
■ଶୋ' ରୁମ୍‌ର ଶଟର ତାଡି ଟଙ୍କା ଓ ସାମଗ୍ରୀ ଲୁଟ୍
■ସିସିଟିଭି କ୍ୟାମେରାରେ ଶଟରଭଙ୍ଗା ଦୃଶ୍ୟ ରେକର୍ଡ

ନିଶ୍ଚିନ୍ତକୋଇଲି ଓ ସାଲେପୁର ବ୍ଲକର ୨ଟି ସ୍ଥାନରୁ ଟଙ୍କା ଲୁଟ୍ ହୋଇଛି। ବୁଧବାର ବିଳମ୍ବିତ ରାତିରେ ନିଶ୍ଚିନ୍ତକୋଇଲି ବ୍ଲକର ଏକ ଗାରମେଣ୍ଟସ ଶୋ'ରୁମ୍‌ର ଶଟର ତାଡି ନଗଦ ଟଙ୍କା ସମେତ ନୂଆ ପୋଷାକ ଚୋରି ହୋଇଥିବା ବେଳେ ସାଲେପୁର ବ୍ଲକରେ ଗୁରୁବାର ଦ୍ୱିପ୍ରହରରେ ଜଣେ ବୃଦ୍ଧଙ୍କଠାରୁ ଟଙ୍କା ଲୁଟ୍ ହୋଇଛି। ସୂଚନାଯୋଗ୍ୟ, ନିଶ୍ଚିନ୍ତକୋଇଲି ଥାନା ଅନ୍ତର୍ଗତ ସୁକରପଡ଼ା ଗ୍ରାମର ମୁସ୍ତାକିମ୍ ଖାଁ ଗ୍ରାମରେ ଥିବା ବଜାରରେ ନିୟୁ ଷ୍ଟାଇଲ ନାମରେ ଏକ ଗାରମେଣ୍ଟସ ଶୋ'ରୁମ ଖୋଲି ବ୍ୟବସାୟ କରନ୍ତି । ବୁଧବାର ରାତ୍ରିରେ ସେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ । ସକାଳେ ସେ ଦୋକାନ ଖୋଲିବା ପାଇଁ ଆସିଥିବା ବେଳେ ଦୋକାନର ଶଟର ଭଙ୍ଗା ହୋଇଥିବା ଦେଖି ନିଶ୍ଚିନ୍ତକୋଇଲି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପତ୍ରରେ ନଗଦ ୪୦ ହଜାର ଟଙ୍କା ସମେତ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ଚୋରି ହୋଇଥିବା ଦର୍ଶାଇଥିଲେ। ଅଭିଯୋଗକୁ ଭିତ୍ତିକରି ଥାନାରେ ମାମଲା (ନଂ ୧୦/ ୧୯) ରୁଜୁ ହୋଇଛି। ଥାନା ଆଇଆଇସି ଶୁଭ୍ରାଂଶୁ ଶେଖର ପରିଡ଼ା ପୋଲିସ ଫୋର୍ସ, ଅନୁସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ୍ ସହ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଅପରପକ୍ଷେ କେତେଜଣ ଦୁର୍ବୃତ୍ତ ଶଟର ତାଡୁଥିବା ବେଳେ ଦୋକାନରେ ଲାଗିଥିବା ସିସିଟିଭି ଫୁଟେଜ୍‌ରେ ଏହି ଦୃଶ୍ୟ କଏଦ ହୋଇଛି।

ସେହିପରି ଗୁରୁବାର ଦିନ ଦ୍ୱିପ୍ରହରରେ ସାଲେପୁର ଥାନା ଅଧୀନ ମାଛୁଆତି ଗାଁ ରାସ୍ତାରେ ଗ୍ରାମର ବୈଦ୍ୟନାଥ ଷଡ଼ଙ୍ଗୀ ସାଲେପୁର ୟୁକୋ ବ୍ୟାଙ୍କ୍‌ରୁ ଟଙ୍କା ଉଠାଇ ଘରକୁ ଚାଲି ଚାଲି ବୈଦ୍ୟନାଥ ଷଡ଼ଙ୍ଗୀ ସାଲେପୁର ୟୁକୋ ବ୍ୟାଙ୍କ୍‌ରୁ ଟଙ୍କା ଉଠାଇ ଚାଲି ଚାଲି ଘରକୁ ଫେରୁଥିଲେ। ଏହି ସମୟରେ ୨ ଜଣ ଲୁଟେରା ବାଇକ୍‌ରେ ଆସି ତାଙ୍କୁ ପଛ ପଟୁ ଧକ୍କା ଦେବା ସହ ଟଙ୍କା ଥିବା ବ୍ୟାଗକୁ ଛଡାଇ ଫେରାର ହୋଇଯାଇଥିଲେ। ଲୁଟେରାଙ୍କ ଧକ୍କାରେ ସେ ତଳେ ପଡି ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସାଲେପୁର ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ କରାଇଛନ୍ତି। ଏନେଇ ସାଲେପୁର ଥାନାରେ ଲିଖିତ ଅଭିଯୋଗ ହୋଇଥିବା ବେଳେ ବ୍ୟାଗରେ ୧୫ ହଜାର ଟଙ୍କା ଥିଲା ବୋଲି ସେ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି।





ସମାରୋହରେ ମନ୍ତ୍ରୀ ପ୍ରତାପ ଜେନା ଓ ଅନ୍ୟମାନେ।

## ସଂଖ୍ୟାଲଘୁଙ୍କ ବିକାଶ ପାଇଁ ସରକାର ବଦ୍ଧ ପରିକର

**ନିଶ୍ଚିନ୍ତକୋଇଲି, ୧୭।୧ (ସ୍ୱ.ପ୍ର.)**

ସଂଖ୍ୟାଲଘୁଙ୍କ ବିକାଶ ପାଇଁ ରାଜ୍ୟ ସରକାର ବହୁ ଯୋଜନା ହାତକୁ ନେଇଛନ୍ତି। ସେମାନଙ୍କୁ ସାମାଜିକ ଧାରାର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ସରକାର ବଦ୍ଧ ପରିକର ବୋଲି ସ୍ୱାସ୍ଥ୍ୟ ଆଇନ ଓ ଲୋକସମ୍ପର୍କ ମନ୍ତ୍ରୀ ପ୍ରତାପ ଜେନା ବିଜେଡି ସଂଘ୍ୟାଲଘୁ ସେଲ ସମାବେଶରେ ଯୋଗଦେଇ କହିଛନ୍ତି । ନିଶ୍ଚିନ୍ତକୋଇଲି ବ୍ଲକ ନଟକାଇ ପଞ୍ଚାୟତ ଅନ୍ତର୍ଗତ ବାଣୀନଗରସ୍ଥିତ କ୍ଷୀରୋଦ ମଣ୍ଡପରେ ମାହାଙ୍ଗା ନିର୍ବାଚନ ମଣ୍ଡଳୀସ୍ତରୀୟ ବିଜେଡି ସଂଖ୍ୟାଲଘୁ ସେଲ୍‌ର ସମାବେଶ ଅନୁଷ୍ଠିତ ହୋଇଯାଇଛି। ସମାବେଶରେ ସଂଖ୍ୟାଲଘୁ ସେଲ୍‌ର ନେତା ହନିଫ ଖାଁ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥିଭାବେ ମନ୍ତ୍ରୀ ଜେନା ଯୋଗଦେଇ ଭାଜପାକୁ ସମାଲୋଚନା କରିବା ସହ ସଂଖ୍ୟାଲଘୁଙ୍କ ବିକାଶ ପାଇଁ ରାଜ୍ୟ ସରକାର ଉଦ୍ୟମ ଜାରି ରଖିଛନ୍ତି ବୋଲି କହିଥିଲେ। ଏପରିକି ମାହାଙ୍ଗା ବ୍ଲକରେ ଜଣେ ସଂଖ୍ୟାଲଘୁ ମହିଳାଙ୍କୁ ରାଜ୍ୟ ସରକାର ଉପାଧକ୍ଷା ପଦ ଦେଇଛନ୍ତି । କଂଗ୍ରେସ ସରକାର ମଧ ସଂଖ୍ୟା ଲଘୁଙ୍କ ପାଇଁ ସେଭଳି ଆଖିଦୃଶିଆ ପଦକ୍ଷେପ ନେଇନାହାନ୍ତି ବୋଲି ସେ କହିଥିଲେ। ସଭାରେ ନିଶ୍ଚିନ୍ତକୋଇଲି ବ୍ଲକ ଅଧକ୍ଷା ସବିତା ଓଝା, ପ୍ରାକ୍ତନ ବ୍ଲକ ଅଧକ୍ଷ ଗିରିଶ ମହାପାତ୍ର, ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତି, ବ୍ଲକ ବିଜେଡି ପର୍ଯ୍ୟବେକ୍ଷକ ବିବେକାନନ୍ଦ ସାମନ୍ତରାୟ, ପ୍ରାକ୍ତନ ଯୁବ ବିଜେଡି ସଭାପତି ଅଶୋକ ଓଝା, ସଂଖ୍ୟାଲଘୁ ସେଲ୍ ସଭାପତି ମିର୍ଜା ଅବୁଲ ବେଗ୍, ଜିଲା ପରିଷଦ ସଭ୍ୟା ସବିତା ସାମଲ ଓ ଯୁବ ନେତା ଜାକିର ଖାଁ ପ୍ରମୁଖ ଯୋଗ ଦେଇଥିଲେ। ସଭା ଶେଷରେ ନିର୍ବାଚନ ମଣ୍ଡଳୀସ୍ତରୀୟ ସଂଖ୍ୟାଲଘୁ ସେଲ୍‌ର କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଥିଲା। ସଂଖ୍ୟାଲଘୁ ସେଲ୍‌ର ସଭାପତି ଭାବେ ଦାଉଦପୁରର ମିର୍ଜା ଅବୁଲ ବେଗ୍, ସାଧାରଣ ସମ୍ପାଦକ ଜିଗ୍ନିପୁର ପଞ୍ଚାୟତର ଜାକିର ଖାଁଙ୍କୁ ମନୋନୀତ କରାଯାଇଥିଲା। ସେହିପରି ଉପସଭାପତି ଭାବେ ସୟଦ ଅବଦୁଲ ବାରି, କଲାମ ଖାଁସେ ଅପତାର ଉଦ୍ଦିନ, ସମ୍ପାଦକ ଭାବେ ସମସେର ଖାଁ, ସେକ ଅବୁ ତାଲିବ, ମିର୍ଜା ଅଲାଉଦ୍ଦିନ ବେଗ, ସେକ୍ ସାବି ଓ କୋଷାଧକ୍ଷ ଭାବେ ଅବଦୁଲ ରଜାକ ଖାଁଙ୍କୁ ମନୋନୀତ କରାଯାଇଥିଲା। ଆଗାମୀ ନିର୍ବାଚନକୁ ଆଖି ଆଗରେ ରଖି ଦଳ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଏହି ନିର୍ବାଚନ ମଣ୍ଡଳୀରେ ୨୭ ମୁସଲମାନ ପଡା ମଧ୍ୟରେ ୩୦ ହଜାରରୁ ଊର୍ଦ୍ଧ୍ୱ ମୁସଲମାନ ଭୋଟର ରହିଛନ୍ତି।



ବକ୍ତୃତା ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର।

## ସାଧାରଣତନ୍ତ୍ର ଦିବସ ପାଇଁ ବକ୍ତୃତା ପ୍ରତିଯୋଗିତା

**ବାଙ୍କୀ, ୧୭।୧ (ସ୍ୱ.ପ୍ର.)**

ବାଙ୍କୀ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ପରିସରରେ ଗୁରୁବାର ଉପଖଣ୍ଡସ୍ତରୀୟ ବକ୍ତୃତା ପ୍ରତିଯୋଗିତା ବାଙ୍କୀ ପ୍ରଶାସନ ତରଫରୁ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଉପଖଣ୍ଡ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଯୋଗଦେଇଥିଲେ। ପ୍ରତିଯୋଗିତାରେ ସିନିୟର ବିଭାଗରେ ସାମ୍ପ୍ରତିକ ଗଣତନ୍ତ୍ରରେ ସମାଜର ଭୂମିକା ଉପରେ ବକ୍ତବ୍ୟ ପ୍ରଦାନ କରି ଲୋରାଲିସା ମହାପାତ୍ର ପ୍ରଥମ, ସୌମ୍ୟରଞ୍ଜନ ଗଡ଼ନାୟକ ୨ୟ ଓ ସତ୍ୟବ୍ରତ ସାହୁ ୩ୟ ସ୍ଥାନ ଅଧିକାର କରିଥିଲେ। ଜୁନିୟର ବିଭାଗରେ ଓଡ଼ିଶାର ସ୍ୱାଧୀନତା ଆନ୍ଦୋଳନରେ ଗୋପବନ୍ଧୁ ଦାସଙ୍କ ଭୂମିକା ଉପରେ ବକ୍ତବ୍ୟ ପ୍ରଦାନ କରି ପ୍ରଭୁଦତ୍ତ ପତି ପ୍ରଥମ, ଜ୍ଞାନରଞ୍ଜନ ବିଶ୍ୱାଳ ୨ୟ ଓ ବର୍ଷା ପୁଷ୍ଟି ୩ୟ ସ୍ଥାନ ଅଧିକାର କରିଥିଲେ। ସେହିପରି ସବ୍ ଜୁନିୟର ବିଭାଗରେ ଲାଲ୍ ବାହାଦୁର ଶାସ୍ତ୍ରୀଙ୍କ ଉପରେ ବକ୍ତବ୍ୟ ପ୍ରଦାନ କରି ପ୍ରତୀକ କୁମାର ତ୍ରିପାଠୀ ପ୍ରଥମ, ଭାଗ୍ୟଶ୍ରୀ ଦୀକ୍ଷିତ ୨ୟ ଓ ଜିଜ୍ଞାସା ବିଶ୍ୱାଳ ୩ୟ ସ୍ଥାନ ଅଧିକାର କରିଥିଲେ। ବିଚାରକ ଭାବେ କବି କୌଶିକ ନାୟକ, ସମରେନ୍ଦ୍ର ମହାପାତ୍ର, ମନୋଜ କୁମାର ମହାପାତ୍ର, ଭଗବାନ ସାମଲ ଓ ଆଶିଷ କୁମାର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶାରଦା ପ୍ରସାଦ ମହାନ୍ତି ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କାଳିଚରଣ ତ୍ରିପାଠୀ ଓ ଦୁର୍ଯ୍ୟୋଧନ ପରିଡ଼ା ପ୍ରମୁଖ ଏଥିରେ ସହାୟତା କରିଥିଲେ। ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ସାଧାରଣତନ୍ତ୍ର ଦିବସ ଉତ୍ସବରେ ପୁରସ୍କାର ପ୍ରଦାନ କରାଯିବ।

## ୧୧ ଦିନରେ ପହଞ୍ଚିଲା ଗଣଧାରଣା, ତେଜୁଛି ଜନ ଅସନ୍ତୋଷ

**ନରସିଂହପୁର, ୧୭।୧ (ସ୍ୱ.ପ୍ର./ଡି.ଏନ୍.ଏ.)**

ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବା ଓ ବିଭିନ୍ନ ସମସ୍ୟାର ସମାଧାନ ଦାବି କରି ନରସିଂହପୁରସ୍ଥିତ ଯୋଡ଼ମୁଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆଗରେ କଳିଙ୍ଗ ଲାୟନ୍ସ କ୍ଲବ ତରଫରୁ ଦିଆଯାଇଥିବା ଗଣଧାରଣା ଇତିମଧ୍ୟରେ ୧୧ ଦିନରେ ପହଞ୍ଚିଛି। ମାତ୍ର ଏପର୍ଯ୍ୟନ୍ତ ସମାଧାନର ବାଟ ବହାରି ନଥିବା ବେଳେ କୌଣସି ଉଚ୍ଚସ୍ତରୀୟ ଅଧିକାରୀ ଘଟଣାସ୍ଥଳକୁ ଆସୁନାହାନ୍ତି। ଫଳରେ ଯୋଡମୁଁ ପ୍ରଗଣାର ୬ ପଞ୍ଚାୟତବାସୀଙ୍କ ମଧ୍ୟରେ ଜନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଉନ୍ନତ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ଏହି ଅଞ୍ଚଳବାସୀ ଆନ୍ଦୋଳନକାରୀଙ୍କୁ ପୂର୍ଣ୍ଣ ସମର୍ଥନ ଦେଉଥିବା ବେଳେ ନରସିଂହପୁର ଯୁବ ସଙ୍ଗଠନ ତରଫରୁ ଗୁରୁବାର ସମର୍ଥନ ମିଳିଛି। ସଙ୍ଗଠନ ସଭାପତି ସେକ୍ ସାବିବ୍, ସମ୍ପାଦକ ଦିବ୍ୟ ଲୋଚନ ମହାନ୍ତିଙ୍କ ନେତୃତ୍ୱରେ ବହୁ ସଭ୍ୟ ଧାରଣାରେ ସାମିଲ ହୋଇଥିଲେ। ବହୁ ମହିଳା ସଂଘ ପ୍ରତ୍ୟେକ ଦିନ ସ୍ୱତଃପ୍ରବୃତ୍ତ ଭାବେ ଆସି ଧାରଣାରେ ଯୋଗଦେଉଛନ୍ତି। ଏହାର ସମାଧାନ ପାଇଁ ପ୍ରଶାସନ ପକ୍ଷରୁ ଉଦ୍ୟମ ହେଉ ନ ଥିବା ଅଭିଯୋଗ ହୋଇଛି। ଏନେଇ ଯୋଡମୁଁ ପ୍ରଗଣାର ୬ ପଞ୍ଚାୟତରେ ହେଉଥିବା ସରକାରୀ ପିଠା କାର୍ଯ୍ୟକ୍ରମକୁ ଲାୟନ୍ସ କ୍ଲବ ସଭ୍ୟମାନେ ବିରୋଧ କରିବା ସହ କୌଣସି ଅଧିକାରୀ ଓ ଜନପ୍ରତିନିଧିଙ୍କୁ ପଞ୍ଚାୟତରେ ପୂରାଇଦେବେ ନାହିଁ ବୋଲି କ୍ଲବ ସମ୍ପାଦକ ପବିତ୍ର ମିଶ୍ର ଓ ସଭାପତି ପ୍ରକାଶ ବେହେରା କହିଛନ୍ତି।

## 'ଆମ ପୋଲିସ'କାର୍ଯ୍ୟକ୍ରମ: ପୋଲିସ ଜନସାଧାରଣଙ୍କ ବନ୍ଧୁ

**ବାଙ୍କୀ, ୧୭।୧ (ସ୍ୱ.ପ୍ର.)**

ବାଙ୍କୀ ପ୍ରେସ୍ କ୍ଲବ ବିଦ୍ୟାରତ୍ନ ଭବନରେ 'ଆମ ପୋଲିସ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଙ୍କୀ କଲେଜ ଅଧକ୍ଷ ଡ.ବାବାଜୀ ଚରଣ ଶତପଥୀ ଏଥିରେ ମୁଖ୍ୟଅତିଥିଭାବେ ଯୋଗଦେଇ ପୋଲିସ୍ ଜନସାଧାରଙ୍କର ବନ୍ଧୁ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଉପଖଣ୍ଡ ପୋଲିସ ଅଧିକାରୀ ଦେବଦତ୍ତ ବରାଳ ମୁଖ୍ୟବକ୍ତା, ବାଙ୍କୀ ଥାନା ଆଇଆଇସି ସମୀର କୁମାର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ବାଙ୍କୀ ଉପଖଣ୍ଡର ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପର୍କରେ ଆଲୋକପାତ କରିଥିଲେ। କବି ଶରତ ଚନ୍ଦ୍ର ମହାପାତ୍ର, ପ୍ରାବନ୍ଧିକ ଜ୍ଞାନେନ୍ଦ୍ର ମୋହନ ମିଶ୍ର, ସରକାରୀ ଓକିଲ ସନ୍ତୋଷ ରଣା, ପ୍ରଦୀପ ପୁଷ୍ଟି, ଆଇନଜୀବୀ ବକ୍ସି ସୁଧାଂଶୁ ମୋହନ ପଟ୍ଟନାୟକ ଓ ଯୁକ୍ତ ୨ କଲେଜ ଅଧକ୍ଷ ମନୋଜ ମହାପାତ୍ର ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରଥିଲେ।

## ଅଗ୍ନିକାଣ୍ଡରେ ୨ ବଖରା ଜଳିଗଲା

**ନିଶ୍ଚିନ୍ତକୋଇଲି,୧୭।୧ (ସ୍ୱ.ପ୍ର.)**



ପୋଡ଼ିଯାଇଥିବା ଘର।

ନିଶ୍ଚିନ୍ତକୋଇଲି ବ୍ଲକ ରାମକୃଷ୍ଣପୁର ଗ୍ରାମରେ ଗୁରୁବାର ଅଗ୍ନିକାଣ୍ଡ ଘଟି ୨ ବଖରା ଜଳିଯାଇଯାଇଛି। ଅଗ୍ନିକାଣ୍ଡରେ ଗ୍ରାମର ପରମାନନ୍ଦ ନାୟକଙ୍କ ପରିବାର କ୍ଷତିଗ୍ରସ୍ତ ହୋଇଛନ୍ତି। ନିଆଁରେ ଘରର ସମସ୍ତ ଆସବାବପତ୍ର ସମେତ ଧାନ ଚାଉଳ ସବୁ ଜଳିପୋଡି ପାଉଁଶ ହୋଇଯାଇଛି। ଖବରପାଇ ନିଶ୍ଚିନ୍ତକୋଇଲି ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀ ସ୍ଥାନୀୟ ଗ୍ରାମବାସୀଙ୍କ ସହାୟତାରେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ମାତ୍ର ସେତେବେଳକୁ ସବୁ କିଛି ଜଳିପୋଡି ପାଉଁଶ ଯାଇଥିଲା। ଘର ଉପରେ ଯାଇଥିବା ବିଦ୍ୟୁତ୍ ଖୁଣ୍ଟ ତାର ଦୀର୍ଘଦିନ ହେବ ବିପଦ ସଙ୍କୁଳ ଅବସ୍ଥାରେ ଝୁଲି ରହିଥିଲା। ଏହି ତାରରୁ ନିଆଁ ବାହାରି ଅଗ୍ନିକାଣ୍ଡ ଘଟିଥିବା ପରିବାର ଲୋକେ କହିଛନ୍ତି। ଏହି ଘଟଣା ପରେ ତହସିଲ ତରଫରୁ ବିପନ୍ନ ପରିବାରକୁ କେବଳ ଏକ ପଲିଥିନ ଯୋଗାଇଦିଆଯାଇଥିବା ବେଳେ ଶୀତ କାକରରେ ସେମାନେ ଖୋଲା ଆକାଶ ତଳେ ପଡି ରହିଛନ୍ତି। ବିପନ୍ନ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବା ପାଇଁ ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ସ୍ୱାଇଁ ଦାବି କରିଛନ୍ତି । ଅପରପକ୍ଷେ ବିଦ୍ୟୁତ୍ ବିଭାଗର ଏହିଭଳି ଦାୟିତ୍ୱହୀନ କାର୍ଯ୍ୟକୁ ସାଧାରଣରେ ନିନ୍ଦା କରାଯାଇଛି।

### ମା' ଜାଗୁଳାଇ କପ୍ ଫୁଟ୍‌ବଲ୍ ଟୁର୍ନାମେଣ୍ଟ

## ଫାଇନାଲ୍‌ରେ ପାଞ୍ଚଗାଁ ଆଠଗଡ଼

**ସାଲେପୁର, ୧୭।୧ (ଡି.ଏନ୍.ଏ)**

ସାଲେପୁର ହାଇସ୍କୁଲ୍ ପଡ଼ିଆରେ ଚାଲିଥିବା ଜିଲାସ୍ତରୀୟ ମା' ଜାଗୁଳାଇ କପ୍ ଫୁଟବଲ୍ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ୍ ମ୍ୟାଚ୍ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ୍‌ରେ କେନ୍ଦ୍ରାପଡ଼ା ଲେବର ସ୍ପୋର୍ଟିଂ ଦଳକୁ ହରାଇ ପାଞ୍ଚଗାଁ ଆଠଗଡ ଦଳ ଫାଇନାଲରେ ପ୍ରବେଶ କରିଛି। ଉଭୟ ଦଳ ମଧ୍ୟରେ ମ୍ୟାଚଟି ସଂଘର୍ଷପୂର୍ଣ୍ଣ ହୋଇଥିଲା। ଶେଷରେ ଆଠଗଡ଼ ଦଳ ୨–୦ ଗୋଲ ମ୍ୟାଚ ଜିତିଥିଲା। ପରେ ମା' ଜାଗୁଳାଇ କ୍ଲବ୍‌ର ସଭାପତି ନିଶିଥ୍ କୁମାର ବଡ଼ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏକ ସଭା ଆୟୋଜନ ହୋଇଥିଲା। ସଭାରେ ମୁଖ୍ୟଅତିଥିଭାବେ ଜିଲା ପରିଷଦ ସଭ୍ୟ ଅଶୋକ ଭୂୟାଁ ଓ ସମ୍ମାନିତ ଅତିଥି ଚନ୍ଦ୍ରାଦେଇପୁର ସମିତି ସଭ୍ୟ ସନ୍ତୋଷ କୁମାର ମହାପାତ୍ର ଯୋଗଦେଇ କ୍ରୀଡ଼ା ଦ୍ୱାରା ପିଲାମାନଙ୍କ ଶାରୀରିକ ଅଗ୍ରଗତି ଘଟିଥାଏ ବୋଲି କହିଥିଲେ। ପ୍ରତିଯୋଗିତାକୁ କ୍ଲବ୍‌ର ଭାସ୍କର ସେଠୀ, ଜୟନ୍ତ ଦାସ, ଅଶୋକ ସେଠୀ, ଗୁଲ୍‌ଜାର୍ ଅଲ୍ଲୀ, ସଞ୍ଜୟ ନାୟକ ଓ ଅଶୋକ ଦାସଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ। ରେଫରି ଭାବେ ପ୍ରଭାକର ବେହେରା, ଜୀବନଜ୍ୟୋତି ନାୟକ, ଜ୍ୟୋତିରଞ୍ଜନ ସାହୁ ଓ ରସାନନ୍ଦ ସାମଲ ପ୍ରମୁଖ ଯୋଗଦେଇଥିଲେ।



ଅତିଥିଙ୍କ ଗହଣରେ ଖେଳାଳିମାନେ।

### ■ ପ୍ରଧାନ ଶିକ୍ଷକଙ୍କ ଛୁଟି, ମଧ୍ୟାହ୍ନଭୋଜନକୁ ନେଇ ବିବାଦ

## ତଦନ୍ତ ନ ହେଲେ ଧାରଣା ଦେବେ ଗ୍ରାମବାସୀ

**ରଘୁନାଥପୁର,୧୭।୧(ଡି.ଏନ୍.ଏ.)**

ରଘୁନାଥପୁର ବ୍ଲକ ଦେଉଳସାହିସ୍ଥିତ ସିଦ୍ଧେଶ୍ୱରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ହଡ଼ପ କରାଯାଇଥିବା ଓ ପ୍ରଧାନ ଶିକ୍ଷକ ମନଇଚ୍ଛା ଛୁଟି ନେଇଥିବା ଅଭିଯୋଗ କରି ଅଭିଭାବକମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଏଥିସହ ପ୍ରଧାନ ଶିକ୍ଷକ ବିଭାଗୀୟ ନିର୍ଦ୍ଦେଶ ଖିଲାପ କରି ସର୍ବଭାରତୀୟ ବିଜ୍ଞାନମେଳାରେ ଯୋଗଦେବାକୁ କଲିକତା ଯାଇଥିବା ସେମାନେ ଅଭିଯୋଗ କରିଛନ୍ତି। ଗୁରୁବାର ପରିଚାଳନା କମିଟି ସଭ୍ୟାସଭ୍ୟ ଓ ଅଭିଭାବକମାନେ ବିଦ୍ୟାଳୟରେ ପହଞ୍ଚି ଏହାର ବିରୋଧ କରିବା ସହ ତଦନ୍ତ ପାଇଁ ସିଆର୍‌ସିସିଙ୍କ ଜରିଆରେ ବିଇଓଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଏହି ବିଦ୍ୟାଳୟର ଜଣେ ଛାତ୍ରୀ ରାଜ୍ୟସ୍ତରୀୟ ବିଜ୍ଞାନ ପ୍ରକଳ୍ପରେ କୃତିତ୍ୱ ହାସଲ କଲିକତାରେ ହୋଇଥିବା ସର୍ବଭାରତୀୟ ବିଜ୍ଞାନ ମେଳାରେ ଯୋଗଦେବାକୁ ଯୋଗ୍ୟ ବିବେଚିତ ହୋଇଥିଲେ। ବାଲିକୁଦା ଅଞ୍ଚଳର ଶିକ୍ଷକ କୈଳାସ ଚନ୍ଦ୍ର ପରିଡା ଛାତ୍ରୀଙ୍କୁ ନେଇ କଲିକତା ଯିବାକୁ ଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଥିଲା। ମାତ୍ର



ସିଆରସିସିଙ୍କୁ ଅଭିଯୋଗ ପତ୍ର ଦେବାକୁ ଆସିଥିବା ଗ୍ରାମବାସୀ।

ପ୍ରଧାନଶିକ୍ଷକ ଅଦ୍ୱୈତ୍ୟ ପ୍ରସାଦ ବସ୍ତିଆ ସହକାରୀ ଶିକ୍ଷୟିତ୍ରୀ ସରୋଜିନୀ ସାହୁଙ୍କୁ ବିଦ୍ୟାଳୟ ମଧ୍ୟାହ୍ନଭୋଜନ ଦାୟିତ୍ୱ ଦଇେ ନିଜେ ଛାତ୍ରୀଙ୍କୁ ନେଇ କଲିକତା ଯାଇଥିଲେ। ଏଥିପାଇଁ ସେ ଗତ ୭ରୁ ୧୨ତାରିଖ ପର୍ଯ୍ୟନ୍ତ ବିଦ୍ୟାଳୟରେ ଅନୁପସ୍ଥିତ ଥିଲେ। ପରେ ଗତ ୧୫ରୁ ୧୭ତାରିଖ ପର୍ଯ୍ୟନ୍ତ ଅସୁସ୍ଥତା ଦର୍ଶାଇ ପୁଣି ସିଏଲ ନେଇଥିଲେ। ୧୬ ତାରିଖ ଶାମ୍ବଦଶମୀରେ ବିଦ୍ୟାଳୟ ଖୋଲାଯାଇଥିବାବେଳେ ମାତ୍ର ୨ଜଣ ପିଲା ଆସିଥିଲେ। ସେଦିନ ମଧ୍ୟାହ୍ନଭୋଜନ ରୋଷେଇ ବନ୍ଦଥିବା ସତ୍ତ୍ୱେ ୬୫ ଛାତ୍ରୀଛାତ୍ର ମଧ୍ୟାହ୍ନଭୋଜନ ଖାଇଥିବା ଦର୍ଶାଇ ପ୍ରଧାନ ଶିକ୍ଷକଙ୍କ ଫୋନରୁ ବିଭାଗୀୟ ଅଧିକାରୀଙ୍କୁ ଏସ୍‌ଏମ୍‌ଏସ୍ ଦିଆଯାଇଥିଲା। ଏହା ଜଣାପଡିବା ପରେ ପରିଚାଳନା କମିଟି ସଭାପତି ସୁବାସ ବାରିକଙ୍କ ସମେତ ପିତାମ୍ବର ପାତ୍ର, ରବୀନ୍ଦ୍ର ଓଝା, ସରୋଜ ସାହୁ, ଲକ୍ଷ୍ମୀଧର ମହାନ୍ତି, ରତ୍ନାକର ଦାସ, ପ୍ରଶାନ୍ତ ସେଠୀ ପ୍ରମୁଖ ସିଆର୍‌ସିସି ରତ୍ନାକର ବେହେରାଙ୍କୁ ଭେଟି ବିଇଓଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଇଥିଲେ।

ଏ ସମ୍ପର୍କରେ ଜିଲା ବିଜ୍ଞାନ ପରିଦର୍ଶକ ସୁବାସ ରାଉତ କହିଛନ୍ତି, ଶିକ୍ଷକ କୈଳାସ ଚନ୍ଦ୍ର ପରିଡାଙ୍କ ବ୍ୟତୀତ ଅନ୍ୟ କାହାକୁ କଲିକତା ଯିବାକୁ ନିର୍ଦ୍ଦେଶ ଦିଆଯାଇ ନ ଥିଲା। ତେବେ ପ୍ରଧାନଶିକ୍ଷକ କିପରି କଲିକତା ଗଲେ ଓ ଏ ସମ୍ପର୍କରେ ବିଇଓ ଅବଗତ ଥିଲେ କି ନାହିଁ ତାହାର ତଦନ୍ତ କରାଯିବ। ପ୍ରଧାନ ଶିକ୍ଷକ ବସ୍ତିଆ କହିଛନ୍ତି ଯେ, ବିଜ୍ଞାନ ପ୍ରକଳ୍ପକୁ ଛୋଟ ପିଲାକୁ ନେବା ସୁବିଧାଜନକ ନ ହେବାରୁ ବାଧହୋଇ ସେ ନିଜେ ଯାଇଥିଲେ। ମଧ୍ୟାହ୍ନଭୋଜନ ସମ୍ପର୍କରେ ସହକାରୀ ଶିକ୍ଷୟିତ୍ରୀଙ୍କ ଫୋନ କଲ ଠିକ ଭାବେ ଶୁଣି ନ ପାରି ସେ ଭୁଲରେ ଏସ୍‌ଏମ୍‌ଏସ୍ ଦେଇଥିବା ପ୍ରକାଶ କରିଛନ୍ତି। ବିଇଓ ରାଜ୍ୟଶ୍ରୀ ସାହୁ କହିଛନ୍ତି ଯେ ଶୁକ୍ରବାର ଏହାର ତଦନ୍ତ କରାଯିବ।



ଧନ, ଜନ ଓ ଯୌବନର ଗର୍ବ କରନାହିଁ, କାରଣ କ୍ଷଣମାତ୍ରକେ କାଳ ଏହାକୁ ହରଣ କରି ନେଇଥାଏ।

- ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ



## ସଂକ୍ଷେପରେ

### ପିପିଲି ପୀଡିତାଙ୍କ ପାଇଁ ଲାଲ୍ ଚୁଡ଼ି ସଂଗ୍ରହ ଅଭିଯାନ

**କଟକ ଅଫିସ,୧୭।୧:** ପିପିଲି ପୀଡ଼ିତାଙ୍କୁ ନ୍ୟାୟ ଦେବା ପାଇଁ କଟକରେ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ଆରମ୍ଭ ହୋଇଛି ଲାଲ ଚୁଡ଼ି ସଂଗ୍ରହ ଅଭିଯାନ। ମହିଳା ମୋର୍ଚ୍ଚା ନେତ୍ରୀ ରଞ୍ଜିତା ନାୟକଙ୍କ ନେତୃତ୍ୱରେ ଗୁରୁବାର ଯୋବ୍ରାର ବିଭିନ୍ନ ସାହି ପରିକ୍ରମା କରି ମହିଳାମାନଙ୍କ ଠାରୁ ଲାଲ ଚୁଡ଼ି ସଂଗ୍ରହ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ କଟକରେ ଜୋରଦାର କରାଯିବା ସହ ପ୍ରତିବାଦର ସ୍ୱରକୁ ତୀବ୍ର କରାଯିବ। ମହିଳାମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ବିରୋଧ କରାଯିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି ରଞ୍ଜିତା କହିଛନ୍ତି।

### ସ୍ୱୟଂ ସହାୟକ ଗୋଷ୍ଠୀକୁ ଆର୍ଥିକ ସହାୟତା ବଣ୍ଟନ

**କଟକ ସଦର, ୧୭।୧ (ଡି.ଏନ୍.ଏ.):** କଟକ ସଦର ବ୍ଲକ ଅଧୀନ ପରମହଂସ ପଞ୍ଚାୟତ କାର୍ଯ୍ୟାଳୟରେ ଗୁରୁବାର ସ୍ୱୟଂ ସହାୟକ ଗୋଷ୍ଠୀଗୁଡିକୁ ଆର୍ଥିକ ସହାୟତା ବଣ୍ଟନ କରାଯାଇଥିଲା। ଏହି ଉପଲକ୍ଷେ ଆୟୋଜିତ ସମାରୋହରେ କ୍ରୀଡାମନ୍ତ୍ରୀ ଚନ୍ଦ୍ରସାରଥି ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ୭୬ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ୧୧ ଲକ୍ଷ ୪୦ ହଜାର ଟଙ୍କାର ପ୍ରୋତ୍ସାହନ ଚେକ୍ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ମିନତି ବେହେରା, ସମିତିସଭ୍ୟ ପ୍ରଭାକର ବେହେରା, ପ୍ରମୋଦ ମହାପାତ୍ର ଓ ଜିଲା ପରିଷଦ ସଭ୍ୟା ଝିନୁ ବେହେରା ଯୋଗଦେଇଥିଲେ।

### ଆଦର୍ଶ ବିଦ୍ୟାଳୟର ଶିଳାନ୍ୟାସ

**କଟକ ସଦର, ୧୭।୧ (ଡି.ଏନ୍.ଏ.):** କଟକ ସଦର ବ୍ଲକ ଅଧୀନ ଶ୍ରୀରାମଠାରେ ଆଦର୍ଶ ବିଦ୍ୟାଳୟର ଶିଳାନ୍ୟାସ ଗୁରୁବାର କ୍ରୀଡାମନ୍ତ୍ରୀ ଚନ୍ଦ୍ରସାରଥି ବେହେରାଙ୍କ ଦ୍ୱାରା ହୋଇଛି। ଟାଟା ଷ୍ଟିଲ୍ ସହାୟତାରେ ୫ କୋଟି ଟଙ୍କା ବ୍ୟୟରେ ଏହି ବିଦ୍ୟାଳୟ ୧ ବର୍ଷ ମଧରେ ଶେଷ ହେବ ବୋଲି ଟାଟା ଷ୍ଟିଲ୍ ମୁଖ୍ୟ ଆବାସିକ କାର୍ଯ୍ୟନିର୍ବାହୀ ଦେବାଶିଷ କହିଥିଲେ। କଟକ ସଦର ବ୍ଲକ ଶିକ୍ଷାଧିକାରୀ ଡ. ସନ୍ତୋଷ କୁମାର ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଜିଲା ପରିଷଦ ସଭ୍ୟ ବୀରବର ଲେଙ୍କା, ବ୍ଲକ ଉପାଧକ୍ଷ ବିଭୂତି ଭୂଷଣ ପରିଡା, ସରପଞ୍ଚ ଗାୟତ୍ରୀ ଦାଶ, କବିତା ଭୋଇ, ପ୍ରମୋଦ ମହାପାତ୍ର ଓ କିଶୋର ହରି ଯୋଗଦେଇଥିଲେ। ଟାଟା ଷ୍ଟିଲ୍ ବରିଷ୍ଠ ଅଧିକାରୀ ସଞ୍ଜୀବ ଝା ଧନ୍ୟବାଦ ଦେଇଥିଲେ।

### ଶ୍ରୀଜଗନ୍ନାଥଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ

**ଟାଙ୍ଗୀ (କଟକ),୧୭।୧(ଡି.ଏନ୍.ଏ.):** ଗରୁଡଗାଁ ପଞ୍ଚାୟତ ଅଧୀନ ହଳଦୀବସନ୍ତ ଗ୍ରାମସ୍ଥିତ ନବନିର୍ମିତ ମନ୍ଦିରରେ ଶ୍ରୀଜଗନ୍ନାଥଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଗୁରୁବାର ଆରମ୍ଭ ହୋଇଛି। ଏହି ଉତ୍ସବ ଆସନ୍ତା ତିନିଦିନ ବ୍ୟାପୀ ଚାଲିବ। ଏହି ଉପଲକ୍ଷେ ଗୁରୁବାର ପ୍ରତ୍ୟୁଷରୁ କଳସ ଶୋଭାଯାତ୍ରା, ଅଧିବାସ ଭଳି ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କର୍ନେଲ ଧନେଶ୍ୱର ସାମଲ ଓ ଗ୍ରାମବାସୀଙ୍କ ସହଯୋଗରେ ଆୟୋଜିତ କଳସ ଶୋଭାଯାତ୍ରାରେ ସ୍ଥାନୀୟ ସରପଞ୍ଚ ସୁବୋଧ ସାମଲ ଅତିଥିଭାବେ ଯୋଗଦେଇଥିଲେ।

■ ବିଜେଡି ଜିଲା ସଭାପତି ପରିବର୍ତ୍ତନ ପ୍ରସଙ୍ଗ

# ନୂଆ ସମୀକରଣକୁ ନେଇ ଜୋର୍‌ଧରିଲା ଚର୍ଚ୍ଚା

**କଟକ ଅଫିସ, ୧୭।୧**

■ ଦେବାଶିଷଙ୍କ ପାରାଦୀପ ଆଶା ମଉଳିଲା

■ ଦାମଙ୍କୁ ଚ୍ୟାଲେଞ୍ଜ କରିବେ ବୋଲି ଚର୍ଚ୍ଚା ଚାଲିଥିଲା

ବିଜେଡିର ସାଂଗଠନିକ ସ୍ତରରେ ହୋଇଥିବା ଅଦଳବଦଳରେ କଟକ ଜିଲା ରହିଛି। ବାରବାଟୀ-କଟକ ବିଧାୟକ ଦେବାଶିଷ ସାମନ୍ତରାୟଙ୍କୁ ବିଜେଡି ଜିଲା ସଭାପତି ଭାବେ ଚୟନ କରାଯାଇଥିବାବେଳେ ପୂର୍ବରୁ ସଭାପତି ଥିବା ମନ୍ତ୍ରୀ ପ୍ରତାପ ଜେନାଙ୍କୁ ଏଥିରୁ ଅବ୍ୟାହତି ଦିଆଯାଇ ନୂଆ ଦାୟିତ୍ୱ ଦିଆଯାଇଛି। ତେବେ ବିଧାୟକ ସାମନ୍ତରାୟ ଜିଲା ସଭାପତି ହେବା ପରେ ଏହାକୁ ନେଇ କଟକ ରାଜନୀତି ଉଷ୍ମ ହୋଇଛି। ସାମନ୍ତରାୟ ପୂର୍ବରୁ ପାରାଦୀପ ମୁହାଁ ଧରିଥିବା ବେଳେ ନୂଆ ଦାୟିତ୍ୱ ନୂଆ ରାଜନୀତି ସମୀକରଣ ସୃଷ୍ଟି କରିଛି।

ପାରାଦୀପ ବିଧାୟକ ଦାମୋଦର ରାଉତ ବିଜେଡିରୁ ବହିଷ୍କୃତ ହେବା ପରେ ପାରାଦୀପ ଆସନକୁ ନେଇ ବିଧାୟକ ସାମନ୍ତରାୟ ସର୍ବାଧିକ ଚର୍ଚ୍ଚାରେ ରହି ଆସିଥିଲେ। କାରଣ ୨୦୦୯ରୁ ବିଧାୟକ ସାମନ୍ତରାୟ ପାରାଦୀପ ପାଇଁ ଆଶାୟୀ ଥିଲେ। ଶେଷ ମୁହୂର୍ତ୍ତରେ ତାଙ୍କୁ କଟକ-ବାରବାଟୀ ଆସନରୁ ଲଢିବାକୁ ବିଜେଡି ଟିକେଟ ଦେଇଥିଲା। ତେବେ ଦାମ ବିଜେଡିରୁ ବିଦା ହେବା ପରେ ସାମନ୍ତରାୟଙ୍କ ପାଇଁ ପାରାଦୀପ ଆସନ ଏକପ୍ରକାର ନିଶ୍ଚିତ ଥିବା ଆଲୋଚନା ହେଉଥିଲା। ଏସବୁ ଭିତରେ ହଠାତ୍ ତାଙ୍କୁ କଟକ ଜିଲା ସଭାପତି କରାଯିବା ପରେ ଉକ୍ତ ଚର୍ଚ୍ଚା ଥମିବାରେ ଲାଗିଛି। କେବଳ ସେତିକି ନୁହେଁ ସାମନ୍ତରାୟଙ୍କ ନାମ ମଧ୍ୟ ରାଜ୍ୟସଭା ତାଲିକାରେ ଥିବା ଚର୍ଚ୍ଚା ହେଉଛି। ଆବଶ୍ୟକସ୍ଥଳେ ସାମନ୍ତରାୟଙ୍କୁ ରାଜ୍ୟସଭାକୁ ବିଜେଡି ମନୋନୀତ କରିପାରେ ବୋଲି ରାଜନୀତିରେ ରୁଚି ରଖୁଥିବା ଲୋକେ ମତ ଦେଇଛନ୍ତି। ଏ ସମ୍ପର୍କରେ ବିଧାୟକ ସାମନ୍ତରାୟ କୁହନ୍ତି, ମୁଖ୍ୟମନ୍ତ୍ରୀ ମୋତେ ଯେତେବେଳେ ଯେଉଁ ଦାୟିତ୍ୱ ଦେଇଛନ୍ତି ତାହାକୁ ମୁଁ ସୁଚାରୁରୂପେ ସମ୍ପନ୍ନ କରିଛି। ଏବେ ଯେଉଁ ଦାୟିତ୍ୱ ମିଳିଛି ତାହାକୁ ମଧ୍ୟ ଠିକ୍ ଭାବେ ନିର୍ବାହ କରିବି। ମୁଁ କେଉଁଠୁ ଲଢିବି ସେ ନିଷ୍ପତ୍ତି ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀଙ୍କ ହାତରେ ନ୍ୟସ୍ତ।

ସୂଚନାଥାଉକି, ୨୦୦୯ରେ ନିର୍ବାଚନମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ ପରେ ତିର୍ତ୍ତୋଲର ତତ୍କାଳୀନ ବିଧାୟକ ଦେବାଶିଷ ସାମନ୍ତରାୟ ନବଗଠିତ କଟକ-ବାରବାଟୀ ଆସନରୁ ବିଜେଡି ପ୍ରାର୍ଥୀ ହୋଇଥିଲେ। ୨୦୦୯ ଓ ୨୦୧୪ ଲଗାତର ଦୁଇଥର ସେ ଏହି ଆସନରୁ ବିଜୟୀ ହୋଇ ଆସୁଛନ୍ତି।



କଟକ ଶ୍ରୀରାମଚନ୍ଦ୍ର ଭବନରେ ଗୁରୁବାର ପ୍ରଫେସର ଡ. ରବୀନ୍ଦ୍ର ନାଥ ସାହୁଙ୍କ ରଚିତ ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

### ଇଟାଭାଟିରେ କାମ କରୁଥିବା ଶ୍ରମିକଙ୍କ ମୃତ୍ୟୁ

**ଫୁଲନଖରା, ୧୭।୧ (ଡି.ଏନ୍.ଏ.):**

କଟକ ସଦର ଥାନା ଅଧୀନ ପୁରୁଣା କାଚରାମାଳ ଗ୍ରାମ କୁଆଖାଇ ନଦୀପଠା ନିକଟ ଏକ ଇଟାଭାଟିରେ କାମ କରୁଥିବା ମଣ୍ଟୁ ସିଂ ନାମକ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ତାଙ୍କ ଠିକଣା ମିଳିପାରିନାହିଁ। ସେ କାମ କରୁଥିବାବେଳେ ହଠାତ୍ ଛାତିରେ ଯନ୍ତ୍ରଣା ହୋଇଥିଲା। ଚିକିତ୍ସା ଲାଗି ତାଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ଥାନାର ଜଣେ ଅଧିକାରୀ କହିଛନ୍ତି। ଏ ନେଇ ଥାନାରେ ଅପମୃତ୍ୟୁ ମାମଲା (ନଂ.୨/୧୯) ରୁଜୁ ହୋଇଛି।

## ସହରାଞ୍ଚଳ ବସ୍ତିରେ ଜମି ଅଧିକାର ସମ୍ବନ୍ଧୀୟ ଆଲୋଚନାଚକ୍ର

**କଟକ ଅଫିସ, ୧୭।୧**

ସହରାଞ୍ଚଳର ବିଭିନ୍ନ ବସ୍ତିରେ ବାସ କରୁଥିବା ଭୂମିହୀନ ପରିବାରଙ୍କୁ ନିଜ ଜମି ଉପରେ ଅଧିକାରର ସୁରକ୍ଷା ପାଇଁ ଆଇନ ସେବା ସଂସ୍ଥା କ୍ଲାପ୍ ପକ୍ଷରୁ ଗୁରୁବାର ମର୍କତନଗର ସିଡିଏ ସେକ୍ଟର-୬ ଅନ୍ତର୍ଗତ ହଇରାଣପୁର ବସ୍ତିଠାରେ ଏକ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। କ୍ଲାପ ସଭାପତି ଡ. ବିକାଶ ଦାସ ଏହି ଅଭିଯାନର ଶୁଭାରମ୍ଭ କରି କହିଛନ୍ତି, ସହରାଞ୍ଚଳ ବସ୍ତିବାସିନ୍ଦାଙ୍କୁ ମାଗଣାରେ ଜମିପଟା ପ୍ରଦାନ କରିବା ପାଇଁ ରାଜ୍ୟ ସରକାର ଦେଇଥିବା ନିଷ୍ପତ୍ତି କିପରି ତୃଣମୂଳ ସ୍ତରରେ କାର୍ଯ୍ୟକାରୀ ହୋଇପାରିବ ସେଥିପାଇଁ କ୍ଲାପ୍‌ର ଏହି ଅଭିଯାନରେ ମାଗଣା ଆଇନ ସହାୟତା ଯୋଗାଇ ଦିଆଯିବ। ଉଲ୍ଲେଖଯୋଗ୍ୟ, ରାଜ୍ୟ ସରକାରଙ୍କ ତରଫରୁ ଜମି ଅଧିକାର ପ୍ରଦାନ ପାଇଁ ବସୁନ୍ଧରା ଓ ଆବାସ ଯୋଜନା କାର୍ଯ୍ୟକାରୀ ହେଉଛି। ସେହିପରି ରାଜ୍ୟ ବିଧାନସଭା ଦ୍ୱାରା ୨୦୧୭ରେ ଓଡ଼ିଶା ବସ୍ତିବାସିନ୍ଦା ଜମି ଅଧିକାର ଆଇନ ଗୃହୀତ ହୋଇଛି। ମାତ୍ର ଏହିସବୁ ଯୋଜନା ଥିବା ସତ୍ତ୍ୱେ ସହରାଞ୍ଚଳରେ ବାସ କରୁଥିବା ବସ୍ତିବାସିନ୍ଦା ଭୂମି ଅଧିକାରରୁ ବଞ୍ଚିତ ହେଉଛନ୍ତି। ଏହି ଅଭିଯାନର ପ୍ରଥମ ପର୍ଯ୍ୟାୟରେ ସିଡିଏ ସେକ୍ଟର-୬ସ୍ଥିତ ହଇରାଣପୁରର ୮୫ଟି ପରିବାରକୁ ଆଇନ ସହାୟତା ଯୋଗାଇ ଦିଆଯାଇ ସେମାନଙ୍କର ବାସଗୃହ ଜମି ଅଧିକାର ସୁରକ୍ଷା କରାଯିବ ବୋଲି କ୍ଲାପ୍ ପକ୍ଷରୁ ଏକ ପ୍ରେସ୍ ଇସ୍ତାହାରରେ କୁହାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ହାଇକୋର୍ଟର ଆଇନଜୀବୀ ବିଜୟ ମିଶ୍ର, ଚନ୍ଦ୍ରଦେବ ପୁରୋହିତ, ପ୍ରିୟଙ୍କା ଓଝା, ଅଭିନନ୍ଦନ ରାୟ ଓ ସ୍ୱୟଂସିଦ୍ଧା ମହାନ୍ତି ପ୍ରମୁଖ ଯୋଗଦେଇ ପ୍ରତ୍ୟେକ ହିତାଧିକାରୀଙ୍କର ଦାବିପତ୍ର ପ୍ରସ୍ତୁତ କରିଥିଲେ।

■ ତାଳଦଣ୍ଡା କେନାଲ ବନ୍ଧରେ ସ୍ଲୁଇସ୍ ଗେଟ୍ ନିର୍ମାଣ ପ୍ରସଙ୍ଗ

# ୨ ବିଭାଗ ପାଖରେ ନାହିଁ ସୂଚନା

**କଟକ ସଦର, ୧୭।୧ (ଡି.ଏନ୍.ଏ.)**

କଟକ ସହରର ଡ୍ରେନ୍‌ରୁ ପ୍ରଦୂଷିତ ଓ ବର୍ଷାଜଳ ନିଷ୍କାସନ ପାଇଁ ତାଳଦଣ୍ଡା ମୁଖ୍ୟ କେନାଲରେ ୧୧ଟି ସ୍ଲୁଇସ୍ ଗେଟ୍ ନିର୍ମାଣ କରାଯାଇଛି ବୋଲି ମହାନଦୀ ସାଉଥ ଜଳସେଚନ ବିଭାଗ ପକ୍ଷରୁ କୁହାଯାଇଛି। ଜଳପ୍ରବାହ ସମୟକୁ ବାଦ୍ ଦେଲେ ଅନ୍ୟ ସମୟରେ ପ୍ରଦୂଷିତ ଜଳ କେନାଲ ମଧ୍ୟକୁ ଅବାଧରେ ଛଡା ଯାଉଛି। ଫଳରେ ଉକ୍ତ କେନାଲର ଶାଖା ମାଛଗାଁ କେନାଲ ପାଣି ସାଧାରଣ ଲୋକ ଓ ପ୍ରାଣୀମାନଙ୍କ ବ୍ୟବହାର ଉପଯୋଗୀ ହୋଇପାରୁନାହିଁ। ଏତେସଂଖ୍ୟକ ସ୍ଲୁଇସ୍ ଗେଟ୍ କିଏ ନିର୍ମାଣ କରିଛି ତାହାର ସୂଚନା ମହାନଦୀ ସାଉଥ ଜଳସେଚନ ବିଭାଗ ପାଖରେ ନ ଥିବା କଥା ସମ୍ପୃକ୍ତ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷେ କଟକ ସହରର ଜଳ ନିଷ୍କାସନ ବ୍ୟବସ୍ଥାକୁ ସୁଦୃଢ କରୁଥିବା ଜାଇକା କର୍ତ୍ତୃପକ୍ଷ ମଧ୍ୟ ସ୍ଲୁଇସ୍ ଗେଟ୍ ନିର୍ମାଣ ସମ୍ପର୍କରେ ଜାଣିନାହାନ୍ତି ବୋଲି ସୂଚନା ଦେଇଛନ୍ତି। ଉଭୟ ବିଭାଗର ସୂଚନାଗୁଡିକ ପରସ୍ପର ବିରୋଧାତ୍ମକ ହୋଇଥିବାରୁ କେନାଲ ପାଣି ଉପରେ ନିର୍ଭର କରୁଥିବା କଟକ ସଦର ଓ ଜଗତ୍‌ସିଂହପୁର ଜିଲାବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। କାରଣ ହାଇକୋର୍ଟଙ୍କ ଏକ ଖଣ୍ଡପୀଠ କୌଣସି ପରିସ୍ଥିତିରେ ପ୍ରଦୂଷିତ ଜଳ ମହାନଦୀ, କାଠଯୋଡି ଓ ତାଳଦଣ୍ଡା କେନାଲକୁ ଛଡାଯାଇପାରିବ ନାହିଁ ବୋଲି ୨୪।୪।୧୪ରେ କଟକଣା ଜାରି କରିଥିଲେ। ଏହି ଆଦେଶ ବିରୋଧରେ ସରକାର ଉପର କୋର୍ଟରେ ମଧ୍ୟ ଅପିଲ କରିବା ପାଇଁ ଯାଇନାହାନ୍ତି। ଏଭଳି ପରିସ୍ଥିତିରେ ପ୍ରଦୂଷିତ ଜଳ କାହାର ନିର୍ଦ୍ଦେଶରେ ଛଡାଯାଉଛି ବୋଲି ଜାଣି ନ ଥିବା କଥା ମହାନଦୀ ସାଉଥ ଜଳସେଚନ ବିଭାଗ କର୍ତ୍ତୃପକ୍ଷ ପତ୍ରସଂଖ୍ୟା ୮୬୭୧/୧୩।୧୨।୧୮ରେ ଜଣାଇ ଏହାର ସବିଶେଷ ସୂଚନା ଦେବା ପାଇଁ ସେହି ପତ୍ରରେ ଜାଇକା ଡିଭିଜନ କଟକ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ। ମାତ୍ର ଦୂଷିତ ଜଳ ନିଷ୍କାସନ ପାଇଁ ସ୍ଲୁଇସ୍ ଗେଟ୍ କିଏ ନିର୍ମାଣ କରିଛି ତାହାର ସୂଚନା ଜାଇକା ନିର୍ବାହୀଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପାଖରେ ନାହିଁ ବୋଲି ପତ୍ରସଂଖ୍ୟା ୨୭୮୧/୩୧।୧୨।୧୮ରେ ମହାନଦୀ ସାଉଥ ଜଳସେଚନ ବିଭାଗର ନିର୍ବାହୀଯନ୍ତ୍ରୀଙ୍କୁ ପୁନର୍ବାର ପତ୍ର ଲେଖିଥିବା ଜଣାପଡିଛି। ରାଣୀହାଟ, ମେଡିକାଲ ରୋଡ, ମାତୃଭବନ, ଛତ୍ରବଜାର, ଓଏମ୍‌ପି ଛକ, ଅନ୍ଧରପୁର, ନୂଆବଜାର, ବିଦ୍ୟାଧରପୁର, ମାଲଗୋଦାମ ନିକଟରେ ସ୍ଲୁଇସ୍ ଗେଟ୍‌ରୁ ଦୂଷିତ ଜଳ ନିର୍ଗତ ହେବା ସାଧାରଣ କଥା ହୋଇଛି। ଅନ୍ୟପକ୍ଷରେ କେନାଲ ଜଳକୁ ପାରାଦୀପ ବନ୍ଦର ଓ ଶିଳ୍ପାଞ୍ଚଳ ବ୍ୟବହାର କରୁଥିବାରୁ ଜଳ ସମ୍ପଦ ବିଭାଗ ମଧ୍ୟ ଜଳକର ଆଦାୟ କରୁଛି। ଏଭଳି ପରିସ୍ଥିତିରେ ତାଳଦଣ୍ଡା କେନାଲ କାହା ନିୟନ୍ତ୍ରଣରେ ରହିଛି ତାହାର ସ୍ପଷ୍ଟିକରଣ ଜଳସମ୍ପଦ ବିଭାଗ ଦେବା ପାଇଁ ସାଧାରଣରେ ଦାବି ହେଉଛି।

## ମୈତ୍ରୀ ସଂସଦର ମାସିକ ସମୀକ୍ଷା ବୈଠକ

**କଟକ ଅଫିସ, ୧୭।୧**

ସାମାଜିକ ସଙ୍ଗଠନ ମୈତ୍ରୀ ସଂସଦ ପକ୍ଷରୁ ମାସିକ ସମୀକ୍ଷା ବୈଠକ ଓ ଆଲୋଚନାଚକ୍ର ସୂତାହାଟସ୍ଥିତ ସଂସଦର କାର୍ଯ୍ୟାଳୟଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ତଥା ଆଇନଜୀବୀ ଅଜୟ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଗତ ବୈଠକରେ ନିଆଯାଇଥିବା ନିଷ୍ପତ୍ତିର ସମୀକ୍ଷା କରାଯିବା ସହ କଟକ ସହରର ପ୍ରମୁଖ ସମସ୍ୟା ସମ୍ବନ୍ଧରେ ଆଲୋଚନା କରାଯାଇ ବିଭିନ୍ନ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ରାଜ୍ୟର ବିଭିନ୍ନ ଜିଲାରେ କଏଦୀମାନଙ୍କ ପାଇଁ କାରାଗାର ନିର୍ମାଣ କରାଯାଇଥିଲେ ମଧ୍ୟ ସେମାନଙ୍କ ରହିବା, ଖାଇବା ଓ ଉପଯୁକ୍ତ ସ୍ୱାସ୍ଥ୍ୟସେବା ଯୋଗାଇଦେବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ସଂସଦ ପକ୍ଷରୁ କାରାଗାରଗୁଡ଼ିକର ଭିତ୍ତିଭୂମିର ବିକାଶ ଓ କଏଦୀମାନଙ୍କୁ ସର୍ବନିମ୍ନ ମୌଳିକ ସେବା ଯୋଗାଇଦେବାକୁ ବାରମ୍ବାର ଦାବି ହୋଇ ଆସୁଥିଲେ ମଧ୍ୟ ରାଜ୍ୟ ସରକାର ଏଥିପ୍ରତି କର୍ଣ୍ଣପାତ କରୁ ନ ଥିବା ଆଲୋଚନା ହୋଇଥିଲା। ରାଜ୍ୟ ସରକାର ଏହି ସମସ୍ୟାର ସମାଧାନ କରିବାରେ ଅହେତୁକ ବିଳମ୍ବ କରିବା ହେତୁ ସଂସଦ ପକ୍ଷରୁ ଏକ ଜନସ୍ୱାର୍ଥ ମାମଲା ୨୦୧୩ ମସିହାରେ ହାଇକୋର୍ଟରେ ଦାଖଲ କରିଥିଲା। ଯାହା ଏବେ ବିଚାରାଧୀନ ଅଛି। କଟକର ପୁରାତନ ଉର୍ଦ୍ଦୁ ଲାଇବ୍ରେରୀ ଦୀର୍ଘଦିନ ହେବ ରକ୍ଷଣାବେକ୍ଷଣ ଅଭାବରୁ ଜରାଜୀର୍ଣ୍ଣ ଅବସ୍ଥାରେ ବନ୍ଦ ହୋଇ ପଡ଼ିଥିବା ନେଇ ଆଲୋଚନା ହୋଇଥିଲା। ଏହି ବୈଠକରେ ସଂସଦର ଉପସଭାପତି ଫିରୋଜ ଅହମ୍ମଦ ଖାନ, ସଞ୍ଜୟ ମହାନ୍ତି, ତେଜସ କୁମାର ସାହୁ ଓ ସୁରଜିତ ନାଥ ଉପସ୍ଥିତ ଥିଲେ।

## ସାମାଜିକ ସୁରକ୍ଷା ଭତ୍ତା ୩୦୦ରୁ ୨୫୦୦ ଟଙ୍କାକୁ ବୃଦ୍ଧି ଦାବି

**କଟକ ଅଫିସ, ୧୭।୧**

ବାର୍ଦ୍ଧକ୍ୟ, ବିଧବା, ଦିବ୍ୟାଙ୍ଗ ଏବଂ ଅସହାୟ, ଅବିବାହିତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସାମାଜିକ ସୁରକ୍ଷା ଭତ୍ତା ୩୦୦ ଟଙ୍କାରୁ ୨୫୦୦ ଟଙ୍କାକୁ ବୃଦ୍ଧି କରିବା ପାଇଁ ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ଦାବି କରାଯାଉଛି। ଗୁରୁବାର ପାର୍ଟିର କଟକ ନଗର ସଭାପତି ଶେଖ୍ ମୁନ୍ତାକିମ୍ ବକ୍ସଙ୍କ ନେତୃତ୍ୱରେ ବହୁ କର୍ମୀ ପଦଯାତ୍ରାରେ ବାହାରି କଟକ ଆର୍‌ଡିସି ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ଆର୍‌ଡିସିଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ ଓ ସଚିବଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଯଦି ଆମ୍ ଆଦ୍‌ମୀ ପାର୍ଟି ୩ ବର୍ଷ ଶାସନ କାଳରେ ଦିଲ୍ଲୀବାସୀଙ୍କୁ ସାମାଜିକ ସୁରକ୍ଷା ଭତ୍ତା ବାବଦରେ ୨୫୦୦ ଟଙ୍କା ମାସକୁ ଦେଇ ପାରୁଛି, ତେବେ ୧୯ ବର୍ଷର ରାଜ୍ୟ ସରକାର କାହିଁକି ଓଡ଼ିଶାବାସୀଙ୍କୁ ସାମାଜିକ ସୁରକ୍ଷା ଭତ୍ତା ନାମରେ ମାତ୍ର ୩୦୦ ଟଙ୍କା ଦେଇ ଠକୁଛନ୍ତି। ଏହି ଦାବିପତ୍ର ଉପସ୍ଥାପନ ବେଳେ ନଗର ସମ୍ପାଦକ, ବିଜୟ ମହାରଣା, ରାଜ୍ୟ ମହିଳା ସଭାନେତ୍ରୀ ରେଶମା ଖାନମ୍, ରାଜ୍ୟ ସଂଖ୍ୟାଲଘୁ ସାଧାରଣ ସମ୍ପାଦକ ଅବଦୁର ରହେମାନ୍, କ୍ଷୀରେନ୍ଦ୍ର ବେହେରା, ନିୟାଜ୍ ଖାନ୍, ପ୍ରଦ୍ୟୁମ୍ନ ଚକ୍ରବର୍ତ୍ତୀ, ମହମ୍ମଦ ସନାଉଲ୍ଲା, ସମୀର ନାୟକ, ପରେଶ କୁମାର ସାହୁଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।




ଆମ୍ ଆଦ୍‌ମୀ ପାର୍ଟିର ସଦସ୍ୟମାନେ ଆର୍‌ଡିସିଙ୍କୁ ସ୍ମାରକପତ୍ର ଦେବାକୁ ଯାଉଛନ୍ତି।

## ନାବାଳିକାଙ୍କୁ ପ୍ରେମ ନିବେଦନ: ଯୁବକ ଗିରଫ

**ନିଆଳି, ୧୭।୧(ଡି.ଏନ୍.ଏ.)**

ନିଆଳି ଥାନା ଅଞ୍ଚଳର ଜଣେ ନାବାଳିକା ଛାତ୍ରୀଙ୍କୁ ଏକତରଫା ପ୍ରେମ କରିବା ଓ ତାଙ୍କ ବାପାଙ୍କୁ ମାଡ ମାରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ବଢେଇପାଟଣା ଗ୍ରାମର ରାହୁଲ ମାଣିକ। ଅଭିଯୋଗ ଅନୁଯାୟୀ, ନାବାଳିକା ଜଣଙ୍କ ଦଶମ ଶ୍ରେଣୀରେ ପଢନ୍ତି। ରାହୁଲ ତାଙ୍କୁ ଏକତରଫା ଭଲ ପାଇ ପ୍ରେମ ନିବେଦନ କରିଥିଲେ। ହେଲେ ଏଥିରେ ସେ ଅରାଜି ହେବାରୁ ରାହୁଲ ତାଙ୍କୁ କମେଣ୍ଟ ମାରିବା ସହ ହଇରାଣ କରି ଆସୁଥିଲେ। ପରବର୍ତ୍ତୀ ସମୟରେ ଏ ସମ୍ପର୍କରେ ଗ୍ରାମରେ ପଞ୍ଚାୟତ ବସି ସମାଧାନ କରାଯାଇଥିଲା। ମାତ୍ର କିଛିଦିନ ପରେ ରାହୁଲ ପୁଣି ଉକ୍ତ ନାବାଳିକାଙ୍କୁ କମେଣ୍ଟ ମାରି ହଇରାଣ କରିଆସୁଥିଲେ। ଏ ନେଇ ନାବାଳିକାଙ୍କ ବାପା ଗୁରୁବାର ସକାଳେ ନିଆଳି ଥାନାକୁ ଅଭିଯୋଗ କରିବାକୁ ଆସୁଥିବାବେଳେ ରାହୁଲ ବାଟରେ ତାଙ୍କୁ ଅଟକାଇ ଆକ୍ରମଣ କରିଥିଲେ। ଏ ସମ୍ପର୍କରେ ନାବାଳିକାଙ୍କ ମା' ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୮/୧୯) ରୁଜୁ କରିଥିଲା। ପରେ ପୋଲିସ ରାହୁଲଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସେଠାରେ ତାଙ୍କର ଜାମିନ ନାମଞ୍ଜୁର ହେବାରୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

## ବିଦ୍ୟୁତ୍ କୁମାରୀ ଲାଲାଙ୍କ ଜୟନ୍ତୀ, ପୁସ୍ତକ ଉନ୍ମୋଚନ

**କଟକ ଅଫିସ, ୧୭।୧**

**ଶିକ୍ଷକ ଶରତ କୁମାର ବରାଳଙ୍କୁ ବିଦ୍ୟୁତ୍ କୁମାରୀ ଆଧାତ୍ମିକ ସମ୍ମାନ**

ଜାତୀୟ ମହିଳା ଓ ଶିଶୁ ବିକାଶ ସଙ୍ଗଠନ ଶୁଭଲଗ୍ନା ଆନୁକୂଲ୍ୟରେ ବର୍ଷୀୟାନ କବି ତଥା ସାମାଜିକ କର୍ମୀ ବିଦ୍ୟୁତ୍ କୁମାରୀ ଲାଲାଙ୍କ ଜୟନ୍ତୀ ଓ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମ ବାଖରାବାଦସ୍ଥିତ ଗାନ୍ଧୀଭବନଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଗାଳ୍ପିକ ସଂଗ୍ରାମ କେଶରୀ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୈଳାସ ଚନ୍ଦ୍ର ବରାଳ, କବି ଶତ୍ରୁଘ୍ନ ପଟ୍ଟନାୟକ, ଶିଶୁ ସାହିତ୍ୟିକ ବିଜୟ କୁମାର ନାଥ, କବି ବିଶ୍ୱନାଥ କର ପ୍ରମୁଖ ଅତିଥି ଭାବେ ଯୋଗଦେଇ ଗୁରୁ ବନ୍ଦନା ପୁସ୍ତକକୁ ଲୋକାର୍ପିତ କରି ନିଜସ୍ୱ ବକ୍ତବ୍ୟ ରଖିଥିଲେ। ଶିକ୍ଷକ ଶରତ କୁମାର ବରାଳଙ୍କୁ ବିଦ୍ୟୁତ୍ କୁମାରୀ ଆଧାତ୍ମିକ ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିରେ ଶ୍ରୀକାନ୍ତ ସେନ, ଗୌତମ ଚନ୍ଦ୍ର କର ଓ ତାପସ ଦ୍ୱିବେଦୀ ପ୍ରମୁଖ ଉପସ୍ଥିତ ଥିଲେ।




ଗୁରୁବାର କଟକ ବାଖରାବାଦ୍‌ସ୍ଥିତ ଗାନ୍ଧୀ ଭବନରେ ସନ୍ନ୍ୟାସିନୀ ବିଦ୍ୟୁତ କୁମାରୀ ଲାଲାଙ୍କ ରଚିତ ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

## ବରପଦା ଇଞ୍ଜିନିୟରିଂ କଲେଜ ବିରୋଧରେ ଚକ୍ରାନ୍ତ

**କଟକ ଅଫିସ, ୧୭।୧**

ଭଦ୍ରକ ଜିଲା ବରପଦା ଇଞ୍ଜିନିୟରିଂ କଲେଜ ବିରୋଧରେ ସରକାରୀ ଚକ୍ରାନ୍ତ ହୋଇଛି। ଏପରି ଅଭିଯୋଗ ଆଣି ଭଦ୍ରକ ନାଗରିକ ମଞ୍ଚ ତରଫରୁ କଟକରେ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଘଟଣା ପାଇଁ ମଞ୍ଚ ପକ୍ଷରୁ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଓ ତାଙ୍କ ପୁଅଙ୍କୁ ଦାୟୀ କରି ଅଭିନବ ଢ଼ଙ୍ଗରେ ପ୍ରତିବାଦ କରାଯାଇଛି। ଗ୍ରାମାଞ୍ଚଳ ଏସ୍‌ପି ଅଫିସ ସମ୍ମୁଖରୁ ମନ୍ତ୍ରୀ ପ୍ରଫୁଲ୍ଲ ସାମଲଙ୍କ ଶବ ଶୋଭାଯାତ୍ରା କରାଯାଇ ଆଇଜିଆର୍ ଅଫିସ୍ ସମ୍ମୁଖରେ ଶବଦାହ କରାଯାଇଥିଲା। ଏଥିସହ ଇନ୍ସପେକ୍ଟର ଜେନେରାଲ୍ ଅଫ୍ ରେଜିଷ୍ଟ୍ରେଶନ (ଆଇଜିଆର୍)ଙ୍କୁ ଦାବିପତ୍ର ଦିଆଯାଇ କଲେଜ ସୋସାଇଟିର ପଞ୍ଜୀକରଣକୁ ରଦ୍ଦ କରିବାକୁ ଦାବି କରାଯାଇଛି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଭଦ୍ରକର ବରପଦାଠାରେ ୧୯୮୨ରେ ପ୍ରାୟ ୧୦୦ ଏକର ସରକାରୀ ଜମି ଉପରେ ବେସରକାରୀ ଭାବେ ଅଣରେଜିଷ୍ଟ୍ରିଭୁକ୍ତ ଏକ ପବ୍ଲିକ ଟ୍ରଷ୍ଟ ଦ୍ୱାରା ଇଞ୍ଜିନିୟରିଂ ସ୍କୁଲ 'ବରପଦା ସ୍କୁଲ ଅଫ୍ ଇଞ୍ଜିନିୟରିଂ ଏଣ୍ଡ ଟେକ୍ନୋଲୋଜି' ଖୋଲାଯାଇଥିଲା। ୧୯୯୩ରେ ଉକ୍ତ ଇଞ୍ଜିନିୟରିଂ କଲେଜ ନାମରେ ଏକ ସୋସାଇଟି ଗଠନ କରାଯାଇ ତାହାର ବାଇ ଲ ଗଠନ କରାଯାଇଥିଲା। ସେତେବେଳେ ବିଧାୟକ ଥିବା ମନ୍ତ୍ରୀ ସାମଲ ଏକ୍ସଅଫିସିଓ ପ୍ରେସିଡେଣ୍ଟ, ଭଦ୍ରକ ଏମ୍‌ପି ଏକ୍ସଅଫିସିଓ ମେମ୍ବର, ଭଦ୍ରକ ଉପଜିଲାପାଳ ଏକ୍ସଅଫିସିଓ ମେମ୍ବର, ଇଞ୍ଜିନିୟରିଂ ସ୍କୁଲର ପ୍ରିନ୍ସିପାଲ, ଏକ୍ସଅଫିସିଓ ସେକ୍ରେଟାରୀ ଏବଂ ଆଉ କେତେଜଣ ବୁଦ୍ଧିଜୀବିଙ୍କୁ ସୋସାଇଟିର ସଦସ୍ୟ ରଖାଯାଇ କଲେଜ ପରିଚାଳନା କରାଯାଇଥିଲା। କିନ୍ତୁ ୨୦୦୭ରେ ଉକ୍ତ ସୋସାଇଟିର ମୂଳ ନିୟମାବଳୀକୁ ବେନିୟମ ଭାବେ ଜାଲିଆତି କରାଯାଇଥିଲା ବୋଲି ମଞ୍ଚ କହିଛି। ଦାବିପତ୍ର ପ୍ରଦାନ ବେଳେ ନିରାକାର ଜେନା, ସଭାପତି ଭଦ୍ରକ ନାଗରିକ ମଞ୍ଚ, ଅଗଣି ଜେନା, ବିକାଶ ଜେନା, ସାଇ ଗୋପୀନାଥ ପଣ୍ଡା, ଭିଭ୍ରାଟ ଜେନା, କୁ ସାହୁ, ନବ କିଶୋର ସିଂହ, ସୁରେଶ ମହାପାତ୍ର, ବିକାଶ ବେହେରା, ପୂର୍ଣ୍ଣିମା ବେହେରା, ଶେଖ ମୁନ୍ତାକିମ ବକ୍ସ, ରେଶମା ଖାନମ୍, ନିୟାଜ୍ ଖାନ୍, ପ୍ରଦୀପ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

**କଟକରେ ବିକ୍ଷୋଭ, ଶୋଭାଯାତ୍ରା**




ଭଦ୍ରକ ନାଗରିକ ମଞ୍ଚ ପକ୍ଷରୁ ଗୁରୁବାର କଟକ ଗ୍ରାମାଞ୍ଚଳ ଏସ୍‌ପି ଅଫିସ ନିକଟରୁ ବାହାରିଥିବା ଶୋଭାଯାତ୍ରା।



ଧନ, ଜନ ଓ ଯୌବନର ଗର୍ବ କରନାହିଁ, କାରଣ କ୍ଷଣମାତ୍ରକେ କାଳ ଏହାକୁ ହରଣ କରି ନେଇଥାଏ।
**– ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ**

# ପୁରୀ ରେଲୱେ ଷ୍ଟେଶନରେ ଯାତ୍ରୀ ହଟହଟା

**ପୁରୀଅଫିସ, ୧୭।୧**

■ବନ୍ଦ ପଡିଛି ପର୍ଯ୍ୟଟକ ସହାୟତା କେନ୍ଦ୍ର
■ହଟୁନି ନାମଫଳକ, ଯାତ୍ରୀ ଅସନ୍ତୋଷ

ପର୍ଯ୍ୟଟନ କ୍ଷେତ୍ର ପୁରୀକୁ ପ୍ରତିଦିନ ରାଜ୍ୟ ତଥା ରାଜ୍ୟ ବାହାରୁ ହଜାର ହଜାର ପର୍ଯ୍ୟଟକ ଟ୍ରେନ୍ ଯୋଗେ ଆସିଥାନ୍ତି। ଯାତ୍ରୀମାନଙ୍କ ସୁବିଧା ପାଇଁ ରେଲୱେ ପକ୍ଷରୁ ବିଭିନ୍ନ ସୁବିଧା କରାଯାଇଥିଲେ ବି ପରବର୍ତ୍ତୀ ସମୟରେ ଉଚିତ୍ ଦେଖାରଖା ଅଭାବରୁ ସେସବୁ ଅକାମି ହୋଇ ପଡ଼ିଛି। ଫଳରେ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଷ୍ଟେଶନ ପରିସରରେ ଥିବା ପର୍ଯ୍ୟଟକ ସହାୟତା କେନ୍ଦ୍ରଟି ଦୀର୍ଘ ଦିନ ଧରି ବନ୍ଦ ପଡ଼ିଛି। ଦେଶବିଦେଶରୁ ଆସୁଥିବା ପର୍ଯ୍ୟଟକମାନେ ଷ୍ଟେଶନ ପରିସରରେ କୌଣସି ସୂଚନା ଠିକ୍ ଭାବେ ପାଇପାରୁ ନ ଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ରେଲୱେ କର୍ତ୍ତୃପକ୍ଷଙ୍କ ଏଭଳି ଖାମଖିଆଲ ମନୋଭାବ ଯୋଗୁ ପୁରୀର ପର୍ଯ୍ୟଟନ ଶିଳ୍ପ ପ୍ରଭାବିତ ହେବା ନେଇ ବୁଦ୍ଧିଜୀବୀମାନେ ଆଶଙ୍କା ପ୍ରକାଶ କରିଛନ୍ତି।

ପ୍ରକାଶ ଯେ, ପୂର୍ବରୁ ପୁରୀ ଷ୍ଟେଶନ ପରିସରରେ ଆରପିଏଫ୍ ଅଧୀନରେ ଏକ ପର୍ଯ୍ୟଟକ ସହାୟତା କେନ୍ଦ୍ର ଉଦ୍‌ଘାଟିତ ହୋଇଥିଲା। ଏଠାରେ ଆରପିଏଫ୍ ପକ୍ଷରୁ ୨୪ଘଣ୍ଟିଆ ସହାୟତା ପ୍ରଦାନ କରାଯାଉଥିଲା। ଗତ ୨୦୧୮ ରଥଯାତ୍ରା ପୂର୍ବରୁ ଏହାକୁ ରେଲୱେ ଷ୍ଟେଶନରେ ଶିଶୁଙ୍କ ସୁରକ୍ଷା ଲାଗି ଅନୁମତି ପାଇଥିବା ଏକ ସଂସ୍ଥାକୁ ପ୍ରଦାନ କରାଯାଇଛି। ଏହି ସହାୟତା କେନ୍ଦ୍ରରେ ଉକ୍ତ ସଂସ୍ଥାର କର୍ମକର୍ତ୍ତାମାନେ କାର୍ଯ୍ୟ କରୁଛନ୍ତି। ମାତ୍ର ଦୀର୍ଘ ଦିନ ଧରି ଏହି ସହାୟତା କେନ୍ଦ୍ର ବନ୍ଦ ରହିଥିଲେ ମଧ୍ୟ ନାମଫଳକ ହଟାଯାଉ ନାହିଁ। ବର୍ତ୍ତମାନ ଗଙ୍ଗାସାଗର ମେଳା ଚାଲିଥିବାରୁ ଲକ୍ଷାଧିକ ତୀର୍ଥଯାତ୍ରୀ ପ୍ରତ୍ୟେକ ଦିନ ପୁରୀ ଆସୁଛନ୍ତି। ଷ୍ଟେଶନରେ ସହାୟତା କେନ୍ଦ୍ର ନାମଫଳକ ଦେଖି ତୀର୍ଥଯାତ୍ରୀମାନେ ସେଠାକୁ ଯାଉଥିଲେ ବି କେନ୍ଦ୍ର ବନ୍ଦ ଥିବାରୁ ନିରାଶ ହୋଇ ଫେରୁଛନ୍ତି। ଏ ସମ୍ପର୍କରେ ଆରପିଏଫ୍ ଥାନାଧିକାରୀ ଗଗନ ଦାଶ କୁହନ୍ତି, ପୂର୍ବରୁ ପର୍ଯ୍ୟଟନ ସହାୟତା କେନ୍ଦ୍ର ଆରପିଏଫ୍ ଅଧୀନରେ ରହିଥିଲା। ସେଠାରେ ଆରପିଏଫ୍ ପକ୍ଷରୁ ୨୪ଘଣ୍ଟିଆ ସହାୟତା ପ୍ରଦାନ ବ୍ୟବସ୍ଥା କରାଯାଇଥିଲା। ଗତ ରଥଯାତ୍ରା ପୂର୍ବରୁ ଆରପିଏଫ୍ ହାତରୁ ବାହାର କରାଯାଇ ଏକ ଶିଶୁ ଉଦ୍ଧାର ସଂସ୍ଥାକୁ ହସ୍ତାନ୍ତରିତ କରାଯାଇଛି। ଫଳରେ ଷ୍ଟେଶନ ପରିସରରେ ସହାୟତା କେନ୍ଦ୍ର ନାହିଁ। ଏ ନେଇ ଷ୍ଟେଶନ ନିର୍ଦ୍ଦେଶକ ବି.କେ ପରିଚ୍ଛାଙ୍କୁ ପଚାରିବାରେ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ଥିଲେ। ଏ ନେଇ ରେଲୱେ ବୋର୍ଡ ଯାତ୍ରୀ ସହାୟତା କମିଟିର ସଦସ୍ୟ ବିଷ୍ଣୁ ଦାଶଙ୍କୁ ପଚାରିବାରେ ଏଭଳି ଅଭିଯୋଗ ପାଇଛି। ଏ ସମ୍ପର୍କରେ ରେଲୱେ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବି। ଯାତ୍ରୀଙ୍କୁ ସମସ୍ତ ପ୍ରକାର ସୁବିଧା ପ୍ରଦାନ ଲାଗି ରେଲୱେ ପ୍ରତିଶ୍ରୁତିବଦ୍ଧ ବୋଲି ଦାଶ କହିଥିଲେ।



ପୁରୀ ରେଲ୍‌ୱେ ଷ୍ଟେଶନରେ ବନ୍ଦ ହୋଇପଡିଥିବା ପର୍ଯ୍ୟଟକ ସହାୟତା କେନ୍ଦ୍ର।

## ସଂକ୍ଷେପରେ

### ଡାକ୍ତରଙ୍କ ସ୍ତ୍ରୀ ହତ୍ୟାକାଣ୍ଡକୁ ମାସେ ପୂରିଲା
## ସୁରାକ ପାଉନି ପୋଲିସ

**ପୁରୀ ଅଫିସ,୧୭।୧:** ସମୁଦ୍ରକୂଳ ଥାନା ଅଧୀନ ଚକ୍ରତୀର୍ଥ ରୋଡ ବିଏନ୍‌ଆର ହୋଟେଲ ପଛପଟ ରେଲୱେ କ୍ୱାର୍ଟର୍ସରେ ଡାକ୍ତର ସଞ୍ଜୀବ ସାହୁଙ୍କ ସ୍ତ୍ରୀ ସୁଜାତାଙ୍କୁ ଗତ ଡିସେମ୍ବର ୧୭ରେ ବୀଭତ୍ସ ଭାବେ ହତ୍ୟା କରାଯାଇଥିଲା। ହତ୍ୟାକାଣ୍ଡକୁ ଗୁରୁବାର ଏକ ମାସ ପୂରିଛି। ବର୍ତ୍ତମାନ ସୁଦ୍ଧା ପୁରୀ ପୋଲିସ କୌଣସି ସୁରାକ ପାଇନାହିଁ। ତଦନ୍ତ ଆଳ ଦେଖାଇ ପୋଲିସ ଅନ୍ଧାରରେ ବାଡି ବୁଲାଉଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଘଟଣା ଦିନ ସାଇଣ୍ଟିଫିକ ଟିମ, ସନ୍ଧାନୀ କୁକୁର ଘଟଣାସ୍ଥଳ ଯାଞ୍ଚ କରିଥିଲେ। ଡା. ସଞ୍ଜୀବଙ୍କ ଅଭିଯୋଗ ଅନୁଯାୟୀ ପୋଲିସ ପର୍ଯ୍ୟାୟ କ୍ରମେ ରେଲୱେ ମେଡିକାଲରେ କାର୍ଯ୍ୟରତ ଜଣେ ନର୍ସ ଏବଂ ତାଙ୍କ ସ୍ୱାମୀଙ୍କୁ ପଚରାଉଚୁରା କରିଥିଲା। ଏଥିସହ ସଞ୍ଜୀବ, ତାଙ୍କ ପରିବାର ଓ ସମ୍ପର୍କୀୟଙ୍କ ବୟାନ ରେକର୍ଡ କରିଥିଲା। ନିକଟରେ ଏସ୍‌ପି ସାର୍ଥକ ଷଡ଼ଙ୍ଗୀ ପଲିଗ୍ରାଫ ଟେଷ୍ଟ କରାଯିବ ବୋଲି କହିଥିଲେ। ବର୍ତ୍ତମାନ ସୁଦ୍ଧା ଏନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଘଟଣା ପରଠାରୁ କ୍ୱାର୍ଟର୍ସକୁ ପୋଲିସ ଜଗି ରହିଛନ୍ତି।

## ଦୋକାନ ତାଲା ଭାଙ୍ଗି ଚୋରି

**କଣାସ, ୧୭।୧(ଡି.ଏନ୍.ଏ.):** କଣାସ ଥାନା ଅନ୍ତର୍ଗତ ତ୍ରିଲୋଚନପୁର ପଞ୍ଚାୟତ ନୀଳକଣ୍ଠପୁର ଗ୍ରାମର ଆର୍ତ୍ତତ୍ରାଣ ତ୍ରିପାଠୀଙ୍କ କଣାସ ମଖ୍ୟ କେନାଲ ପାର୍ଶ୍ୱରେ ଥିବା ଏକ ତେଜରାଶି ଦୋକାନରୁ କେହି ଦୁର୍ବୃତ୍ତ ବିଳମ୍ବିତ ରାତିରେ ତାଲା ଭାଙ୍ଗି ୧୨ହଜାର ଟଙ୍କା ଓ ୩ହଜାର କଏନ ମୁଦ୍ରା ସହିତ ୧୫ଲିଟର ସୋରିଷ ତେଲ ୨୫ଟି ସାବୁନ ଓ ଅନାନ୍ୟ ସାମଗ୍ରୀ ଲୁଟିନେଇଛି। ଏ ନେଇ ଆର୍ତ୍ତତ୍ରାଣ କଣାସ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି କଣାସ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛନ୍ତି। ବରମ୍ବାର ଦୋକାନମାନଙ୍କରୁ ଚୋରି ହେଉଥିବାରୁ ଅନ୍ୟ ଦୋକାନୀମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।

### ନାରାୟଣୀ କପ୍ କ୍ରିକେଟ୍
## ଓସ୍କାର ସ୍ପୋର୍ଟିଂ ବିଜୟୀ

**କଣାସ, ୧୭।୧(ସ୍ୱ.ପ୍ର.):** କଣାସ ବ୍ଲକ ଅନ୍ତର୍ଗତ ଗଡସାନପୁଟ ଗ୍ରାମପଞ୍ଚାୟତର କଣ୍ଟାବଣିଆ ଖେଳପଡିଆରେ ଚାଲିଥିବା ୩୨ତମ ନାରାୟଣୀ କ୍ରିକେଟ ଟୁର୍ନାମେଣ୍ଟର ୪ର୍ଥ ଦିବସ ଖେଳରେ ଓସ୍କାର ସ୍ପୋର୍ଟିଂ ବିଜୟୀ ହୋଇଛି। ୪ର୍ଥ ଦିବସ ଖେଳ ଭୁବନେଶ୍ୱରର ଦୁଇ କ୍ଲବ ଗ୍ରୀନ୍ ଏକାଡେମୀ ଏବଂ ଓସ୍କାର ସ୍ପୋର୍ଟିଂ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଓସ୍କାର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୩୦ ଓଭର ଖେଳି ୮ ଉଇକେଟ ହରାଇ ୧୯୬ରନ କରିଥିଲା। ଜବାବ୍‌ରେ ଗ୍ରୀନ୍ ୩୦ ଓଭରରେ ୭ଉଇକେଟ୍ ହରାଇ ୧୯୨ରନ୍ କରି ପରାଜିତ ହୋଇଥିଲା। ଓସ୍କାର ସ୍ପୋର୍ଟିଂର ସାର୍ଥକ ପ୍ରଧାନ ବ୍ୟକ୍ତିଗତ ଭାବେ ୫୯ରନ୍ କରିଥିବାବେଳେ ବିପକ୍ଷ ଦଳର ୨ଟି ମୂଲ୍ୟବାନ ଉଇକେଟ୍ ନେଇଥିବାରୁ ତାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ଘୋଷଣା କରାଯାଇଥିଲା। ଶରତ ଚନ୍ଦ୍ର ସାହୁ, ଅଜୟ ସ୍ୱାଇଁ ଖେଳ ପରିଚାଳନା କରିଥିଲେ।

## ଦୁର୍ଘଟଣାରେ ଜଣେ ଗୁରୁତର



**ସାକ୍ଷୀଗୋପାଳ,୧୭।୧(ସ୍ୱ.ପ୍ର.):** ସତ୍ୟବାଦୀ ଥାନା ଅନ୍ତର୍ଗତ କାଞ୍ଜିଆ ସେତୁ ନିକଟରେ ଗୁରୁବାର ଏକ କାର୍ ଧକ୍କାରେ ଜଣେ ଅଟୋଚାଳକ ଗୁରୁତର ହୋଇଛନ୍ତି। ସେ ହେଲେ ସ୍ଥାନୀୟ ଜୟପୁର ଗ୍ରାମର ପ୍ରଦୀପ କୁମାର କର। ପ୍ରକାଶ ଯେ, ଭୁବନେଶ୍ୱରରୁ ପୁରୀ ଆସୁଥିବା ଓଡି ୦୨ଏନ ୦୦୪୩ ନଂ କାର୍‌ଟିର ହଠାତ୍ ଡାହାଣପଟ ପଛଚକ ଫାଟି ଯାଇଥିଲା। ଫଳରେ ଭାରସାମ୍ୟ ହରାଇ ଅପରପକ୍ଷେ ଆସୁଥିବା ଓଡି ୦୨ଏଇ ୬୮୬୩ନଂ ଅଟୋକୁ ଧକ୍କା ଦେଇଥିଲା। ଧକ୍କାରେ ପ୍ରଦୀପ ଗୁରୁତର ହେବାରୁ ଚିକିତ୍ସା ପାଇଁ ପ୍ରଥମେ ସାକ୍ଷୀଗୋପାଳ ସ୍ୱାସ୍ଥ୍ୟକେନ୍ଦ୍ର ପରେ ଭୁବନେଶ୍ୱର ସ୍ଥାନାନ୍ତରିତ କରାଯାଇଛି।



ରଥକୁ ପୁରୀ ଜିଲାପାଳ ଜ୍ୟୋତିପ୍ରକାଶ ଦାସ ପତାକା ଦେଖାଇ ଉଦ୍‌ଘାଟନ କରୁଛନ୍ତି।

## ଗଡ଼ିଲା ନିଶାମୁକ୍ତି ସଚେତନତା ରଥ

**ପୁରୀ ଅଫିସ,୧୭।୧**

ନିଶା ସମାଜ ପାଇଁ ସାଜିଛି ନୀରବ ଘାତକ। ନିଶା କବଳରେ ଏବେ ପଥଭ୍ରଷ୍ଟ ଯୁବଗୋଷ୍ଠୀ। ନିଶା ଯୋଗୁ ବିଭିନ୍ନ ସ୍ଥାନରେ ଅପ୍ରୀତିକର ଘଟଣା ଘଟୁଛି। ତେଣୁ ସମାଜକୁ ନିଶାମୁକ୍ତ କରିବା ଲାଗି ଜନସଚେତନତା ଦରକାର। ଏଥିପାଇଁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ତରଫରୁ ଜିଲା ପ୍ରଶାସନ ଦ୍ୱାରା ନିଶାମୁକ୍ତି ସଚେତନତା ରଥର ଶୁଭାରମ୍ଭ ହୋଇଛି। ଗୁରୁବାର ପୂର୍ବାହ୍ନରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲାପାଳ ଜ୍ୟୋତିପ୍ରକାଶ ଦାସ ପତାକା ଦେଖାଇ ଏହି ସଚେତନତା ରଥର ଶୁଭାରମ୍ଭ କରିଛନ୍ତି। ଏକ ସପ୍ତାହ ଧରି ଏହି ରଥ ପୁରୀ ଜିଲାର ସବୁ ବ୍ଲକ ଏବଂ ବିଜ୍ଞାପିତ ଅଞ୍ଚଳ ପରିଷଦ ବୁଲି ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବ। ନିଶାର କୁପ୍ରଭାବ କିପରି ଲୋକଙ୍କ ସାମାଜିକ ଏବଂ ଆର୍ଥିକ ମାନଦଣ୍ଡକୁ ନଷ୍ଟ କରୁଛି ଏବଂ ଏଥିରୁ ମୁକ୍ତି ପାଇବା ପାଇଁ ସଚେତନ କରାଯିବ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ତ୍ରିନାଥ ପାଢୀଙ୍କ ଦ୍ୱାରା ସଂଯୋଜନା କରାଯାଇଥିବା ଏହି କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀ ସଙ୍ଗଠନ ଏସ୍‌ଏନ୍‌ଡିଏୱାଇର ସମ୍ପାଦକ ବସନ୍ତ କୁମାର ମିଶ୍ର ସହଯୋଗ କରିଥିଲେ। ଶୁଭାରମ୍ଭ ସମୟରେ ଜିଲାର ବହୁ ସ୍ୱେଚ୍ଛାସେବୀ ସଙ୍ଗଠନ ପ୍ରତିନିଧି ଉପସ୍ଥିତ ଥିଲେ।


ବଡି ବିଲ୍ଡିଂ ଆସୋସିଏଶନ ପକ୍ଷରୁ ସମ୍ବର୍ଦ୍ଧିତ କୃତୀ ପ୍ରତିଯୋଗୀ।

## ଓଡ଼ିଶା ଶ୍ରୀ ସୁପ୍ରତିଭଙ୍କୁ ସମ୍ବର୍ଦ୍ଧନା

**ପୁରୀ ଅଫିସ,୧୭।୧**

ବଲାଙ୍ଗୀରଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ପୁରୀର ସୁପ୍ରତିଭ ଖୁଣ୍ଟିଆ (୮୫ କେଜି ବର୍ଗରେ) ଓଡ଼ିଶା ଶ୍ରୀ ଟାଇଟଲ ହାସଲ କରିଛନ୍ତି। ଗୁରୁବାର ବେଳାଭୂମି ମାର୍ଗସ୍ଥିତ ବ୍ୟାୟାମ ଭବନରେ ପୁରୀ ଜିଲା ବଡି ବିଲ୍ଡିଂ ଆସୋସିଏଶନ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ପୁରୀ ଜିଲା ସଭାପତି ସତ୍ୟନାରାୟଣ ମହାନ୍ତି, ଉପସଭାପତି ମହାବୀର ପ୍ରତିହାରୀ, ସମ୍ପାଦକ ନାରାୟଣ ଚନ୍ଦ୍ର ବେହେରା, ଯୁଗ୍ମ ସମ୍ପାଦକ ଭାରତୀକୃଷ୍ଣ ବ୍ରହ୍ମା, ବିଶ୍ୱ ଚାମ୍ପିୟନ ଅନିଲ ଗୋଚ୍ଛିକାର ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ସୁପ୍ରତିଭ କହିଥିଲେ, ପ୍ରତିଯୋଗିତାରେ ଓଡ଼ିଶାରୁ ୧୫୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଅନିଲ ଗୋଚ୍ଛିକାରଙ୍କ ମାର୍ଗଦର୍ଶନ ଏବଂ କୋଚ୍ ସଞ୍ଜୟ ସାହୁଙ୍କ ତତ୍ତ୍ୱାବଧାନରେ ଦୈନିକ ୮ରୁ ୧୦ଘଣ୍ଟା ପରିଶ୍ରମ କରୁଥିଲେ। ଆଗକୁ ଜାତୀୟସ୍ତରରେ ଯୋଗ୍ୟତା ହାସଲ କରିବା ଲାଗି ଆଶା ରହିଥିବା ସୁପ୍ରତିଭ କହିଛନ୍ତି।

## ସୁବର୍ଣ୍ଣ ଜୟନ୍ତୀ ପାଇଁ ବୈଠକ

**ସାକ୍ଷୀଗୋପାଳ,୧୭।୧(ସ୍ୱ.ପ୍ର.)**

ସାକ୍ଷୀଗୋପାଳସ୍ଥିତ ଜାଗେଶ୍ୱରୀ ବିଦ୍ୟାଳୟର ୧୯ରେ ହେବାକୁ ଥିବା ସୁବର୍ଣ୍ଣ ଜୟନ୍ତୀ ପାଇଁ ଗୁରୁବାର ବିଦ୍ୟାଳୟ ପରିସରରେ ଏକ ବୈଠକ ହୋଇଯାଇଛି। ଏହି ବୈଠକରେ କମିଟି ସଭାପତି ବ୍ରଜକିଶୋର ଜେନାଙ୍କ ସଭାପତିତ୍ୱରେ ଏହି ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟପାଳ ଗଣେଶୀ ଲାଲ ଯୋଗ ଦେବେ ବୋଲି କହିଛନ୍ତି। ଅନ୍ୟ ଅତିଥି ରୂପେ ବିଧାୟକ ଉମାକାନ୍ତ ସାମନ୍ତରାୟ, ପରେଶ କୁମାର ପଟ୍ଟନାୟକ ଏବଂ ମନୋରଞ୍ଜନ ପାଣିଗ୍ରାହୀ ଯୋଗ ଦେବେ ବୋଲି ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୈଳାସଚନ୍ଦ୍ର ମହାପାତ୍ର ପ୍ରକାଶ କରିଛନ୍ତି।

## ନୂତନ ଗୃହ ଉଦ୍‌ଘାଟନ

**ବଳଙ୍ଗା,୧୭।୧(ଡି.ଏନ୍.ଏ.)**

ବଳଙ୍ଗା ମହାବିଦ୍ୟାଳୟ ପରିସରରେ ବିଧାୟକ ତଥା ପରିଚାଳନା ପରିଷଦର ସଭାପତି ସମୀର ରଞ୍ଜନ ଦାଶଙ୍କ ଦ୍ୱାରା ନୂତନ ନିର୍ମିତ କ୍ୟାଣ୍ଟିନ୍ ଏବଂ ଖେଳ ସାମାଜିକ ସେବା ଗୃହ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ପ୍ରଫୁଲ୍ଲ ମହାପାତ୍ର, କୃଷ୍ଣଚନ୍ଦ୍ର ହୋତା, ଅଶୋକ ମିଶ୍ର, ତପନ ପଟ୍ଟନାୟକ, ସୁଧାଂଶୁ ଶତପଥୀ, ପରିଚାଳନା ପରିଷଦର ସମସ୍ତ ସଭ୍ୟାସଭ୍ୟ, ଅଧ୍ୟାପିକା ଅଧ୍ୟାପକ ଏବଂ କର୍ମଚାରୀ ଉପସ୍ଥିତ ଥିଲେ।

## କହ୍ନେୟା, ରାହୁଲଙ୍କ ପୋଷ୍ଟର ପୋଡ଼ିଲା ଏବିଭିପି

**ପୁରୀ ଅଫିସ,୧୭।୧**

୨୦୧୬ ଫେବୃୟାରୀ ୯ରେ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ ପରିସରରେ ଦେଶ ବିରୋଧୀ ସ୍ଲୋଗାନ ଦେଇଥିବା ଅଭିଯୋଗରେ ଦିଲ୍ଲୀ ପୋଲିସ ଛାତ୍ରନେତା କହ୍ନେୟା କୁମାର, ଉମର ଖଲ୍ଲିଦ୍, ଅନିର୍ବାଣ ଭଟ୍ଟାଚାର୍ଯ୍ୟଙ୍କ ସମେତ ୯ଜଣଙ୍କ ନାମରେ ୧୨ଶହ ପୃଷ୍ଠା ସମ୍ବଳିତ ଚାର୍ଜଶିଟ ଦାଖଲ କରିଛି। ଏହି ଛାତ୍ରନେତା ଓ ସେମାନଙ୍କୁ ସମର୍ଥନ ଜଣାଇଥିବା କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପୁରୀ ନଗର ଶାଖା ଦାବି କରିଛି। ଗୁରୁବାର ଏବିଭିପି କର୍ମକର୍ତ୍ତାମାନେ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ ଆଗରେ ଏନେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ରାହୁଲ ଏବଂ କହ୍ନେୟାଙ୍କ ବିରୋଧରେ ସ୍ଲୋଗାନ ଦେବାସହ ସେମାନଙ୍କ ପୋଷ୍ଟର ପୋଡ଼ିଥିଲେ। ବିକ୍ଷୋଭରେ ଦୀପକ ସୁବୁଦ୍ଧି, ସୌଭାଗ୍ୟ ଦାଶ, ଅମୂଲ୍ୟ ସାମନ୍ତ ମିଶ୍ର, ଅଭିଜିତ ଦାଶ, ତାରା ପ୍ରସାଦ ଦାଶ ଏବଂ ଓମ୍‌ପ୍ରସାଦ ମହାପାତ୍ରଙ୍କ ସମେତ ଶତାଧିକ କର୍ମକର୍ତ୍ତା ସାମିଲ ହୋଇଥିଲେ।



ଏବିଭିପି ପକ୍ଷରୁ ରାହୁଲ ଗାନ୍ଧୀ ଓ କହ୍ନେୟା କୁମାରଙ୍କ ପୋଷ୍ଟର ପୋଡ଼ାଯାଉଛି।

## ୨୧ରେ ମହୋଦଧି ଆଳତିର ଦ୍ୱାଦଶତମ ବାର୍ଷିକ ଉତ୍ସବ



ଗୋବର୍ଦ୍ଧନ ମଠ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀ।

**ପୁରୀ ଅଫିସ,୧୭।୧**

ପୌଷ ପୂର୍ଣ୍ଣିମା ଅବସରରେ ଆସନ୍ତା ୨୧ ତାରିଖରେ ମହୋଦଧି ଆଳତିର ଦ୍ୱାଦଶତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ଅପରାହ୍ନ ୪ଟାରେ ସ୍ୱର୍ଗଦ୍ୱାର ସମ୍ମୁଖ ସମୁଦ୍ର ତଟରେ ସଭା କାର୍ଯ୍ୟ କରାଯିବ। ଉକ୍ତ ସଭା ସନ୍ଧ୍ୟା ସାଢେ ୭ଟା ପର୍ଯ୍ୟନ୍ତ ଚାଲିବ। ସନ୍ଧ୍ୟା ୬ଟା ୩୦ରେ ମହା ଆଳତି କରାଯିବ ବୋଲି ଗୁରୁବାର ଗୋବର୍ଦ୍ଧନ ମଠ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏଥିରେ ଗୋବର୍ଦ୍ଧନ ପୀଠର ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ, ଗଜପତି ମହାରାଜା ଦିବ୍ୟସିଂହ ଦେବ, ବରିଷ୍ଠ ସାଧୁସନ୍ଥ, ମଠ ମହନ୍ତ, ଶ୍ରୀମନ୍ଦିର ସେବକ, ମୁକ୍ତିମଣ୍ଡପ ବ୍ରାହ୍ମଣ, ରାଜନେତା ଏବଂ ବୁଦ୍ଧିଜୀବୀ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ତୀର୍ଥରାଜ ମହୋଦଧି ଆଳତି ପରିଚାଳନା ସମିତି ପକ୍ଷରୁ ଆୟୋଜିତ ଏହି ଖବରଦାତା ସମ୍ମିଳନୀରେ ଗୋବର୍ଦ୍ଧନ ମଠର ମୁଖପାତ୍ର ମନୋଜ କୁମାର ରଥ କହିଲେ, ରାଜ୍ୟ ସରକାର ଯଦି ଏଥିପ୍ରତି ଆଗ୍ରହ ପ୍ରକାଶ କରନ୍ତେ ତେବେ ଏହି କାର୍ଯ୍ୟକ୍ରମ ଅଧିକ ସରସ ସୁନ୍ଦର ଏବଂ ସୁଦୂରପ୍ରସାରୀ ହୋଇପାରନ୍ତା। ରାଜ୍ୟ ତଥା ରାଜ୍ୟ ବାହାରର ପର୍ଯ୍ୟଟକମାନେ ପୁରୀ ସମୁଦ୍ର କୂଳରେ ନିତ୍ୟ ସନ୍ଧ୍ୟା ଆଳତି ବିଷୟରେ ଅବଗତ ହୋଇପାରନ୍ତେ। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ତୀର୍ଥରାଜ ମହୋଦଧି ଆଳତି ପରିଚାଳନା ସମିତି ସମ୍ପାଦକ ସୁନୀଲ କୁମାର ପୂଜାପଣ୍ଡା, ଆଦିତ୍ୟ ବାହିନୀର ରାଜ୍ୟ ସଭାପତି ଜିତେନ୍ଦ୍ର ମହାପାତ୍ର ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଗୋବର୍ଦ୍ଧନ ପୀଠର ୧୪୫ତମ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ୧୧ ବର୍ଷ ପୂର୍ବେ ମହୋଦଧିରେ ସନ୍ଧ୍ୟା ଆଳତିର ଶୁଭାରମ୍ଭ କରିଥିଲେ।

■ ଦଳିତ ଯୁବକଙ୍କୁ ଆକ୍ରମଣ ଘଟଣା

# ପ୍ରତିବାଦରେ ଦଳିତ ଆଦିବାସୀ ମହାସଂଘର ଥାନା ଘେରାଉ

**ସାକ୍ଷୀଗୋପାଳ, ୧୭।୧(ଡି.ଏନ୍.ଏ./ସ୍ୱ.ପ୍ର.)**

ସତ୍ୟବାଦୀ ଥାନା ମହାବଳପଡା ଗ୍ରାମର ଗଦାଧର ଭୋଇଙ୍କୁ ଗତ ୭ମାସ ତଳେ ସେହି ଗ୍ରାମର କେତେକ ମୁଷ୍ଟିମେୟ ଲୋକ ଅପହରଣ କରି ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ନ୍ୟାୟ ଦାବିକରି ଜାତୀୟ ଦଳିତ ଆଦିବାସୀ ମହାସଂଘର ଶତାଧିକ କର୍ମକର୍ତ୍ତା ଗୁରୁବାର ସାକ୍ଷୀଗୋପାଳ ମନ୍ଦିର ନିକଟରୁ ଶୋଭାଯାତ୍ରାରେ ବାହାରି ସତ୍ୟବାଦୀ ଥାନା ଘେରାଉ କରିଥିଲେ। ଗଦାଧରଙ୍କୁ ଘରୁ ଦୁର୍ବୃତ୍ତମାନେ ଏକ ଧଳା ରଙ୍ଗର ସ୍କର୍ପିଓରେ ଅପହରଣ କରିଥିଲେ। ଢାବା ନିକଟରେ ଆକ୍ରମଣ କରି ରାଜପଥ କଡ଼ରେ ଫିଙ୍ଗିଦେଇଥିବା ପୋଲିସ ନିକଟରେ ଅଭିଯୋଗ ହୋଇଥିଲା। ଏ ସକ୍ରାନ୍ତରେ ସତ୍ୟବାଦୀ ଥାନାରେ ମାମଲା(୧୮୫/୧୮) ରୁଜୁ ହୋଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ ନ କରିବାରୁ ଏହି ଆନ୍ଦୋଳନ କରାଯାଇଛି। ମୁଖ୍ୟ ଅଭିଯୁକ୍ତ ଓ ଅନ୍ୟ ଅଭିଯୁକ୍ତ ମାନଙ୍କୁ ୪୮ଘଣ୍ଟା ମଧ୍ୟରେ ଗିରଫ, ନିର୍ଯାତନା ଆଇନ ବଳରେ ୭ଦିନ ମଧ୍ୟରେ ଗଦାଧରଙ୍କୁ କ୍ଷତିପୂରଣ ପ୍ରଦାନ ଓ କର୍ତ୍ତବ୍ୟରେ ଅବହେଳା କରିଥିବା ପୋଲିସ ଅଧିକାରୀଙ୍କ ବିରୋଧର ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ଏକ ସ୍ମାରକପତ୍ର ପୁରୀ ଏସ୍‌ପିଙ୍କ ଉଦ୍ଦେଶ୍ୟରେ ଦେଇଥିଲେ। ମହାସଂଘର ଜିଲା ସଭାପତି ଜୟଦେବ ବେହେରା, ରାଜ୍ୟ ସଭାପତି ଲିଟୁ ଦାସ, ସଭାନେତ୍ରୀ କବିତା ଭୋଇ, ରାଜ୍ୟ ମହିଳା ସମ୍ପାଦିକା ଟିକିନା ପରିଡ଼ା, ରାଜ୍ୟ ମହାସଚିବ ବିଜୟ ଭୋଇ, ସୁଷମା ବେହେରା ପ୍ରମୁଖ ଅନୁଷ୍ଠିତ ପ୍ରତିବାଦ ସଭାରେ ଅଧିକାରୀ ଓ ସରକାରଙ୍କ ବିରୋଧରେ ବିକ୍ଷୋଦ୍‌ଗାର କରିବା ସହ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ସତ୍ୟବାଦୀ ଅତିରିକ୍ତ ତହସିଲଦାର ପ୍ରସନ୍ନ କୁମାର ସାମନ୍ତରାୟ, ପିପିଲି ଏସ୍‌ଡିପିଓ ଦିଲୀପ କୁମାର ତ୍ରିପାଠୀ ଓ ସତ୍ୟବାଦୀ ଥାନା ଆଇଆଇସି ଜ୍ୟୋତିପ୍ରକାଶ ସ୍ୱାଇଁ ଉପସ୍ଥିତ ରହି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ ଓ ଦାବିପତ୍ର ଗ୍ରହଣ କରିଥିଲେ।



ଜାତୀୟ ଦଳିତ ଆଦିବାସୀ ମହାସଂଘ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।



ଭଲରୂପେ ଭାବିଚିନ୍ତି କୌଣସି କାମ କରିବା ନିମନ୍ତେ ନିଷ୍ପତ୍ତି ନିଅ। କିନ୍ତୁ ଥରେ ନିଷ୍ପତ୍ତି ନେବା ପରେ ସେହି କାର୍ଯ୍ୟ କରିବାରେ ବିଳମ୍ବ କରନାହିଁ।
- ସର୍ଦ୍ଦାର ବଲ୍ଲଭଭାଇ ପଟେଲ



## ସଂକ୍ଷେପରେ

### ୨ ବିଦେଶୀ ମୃତ ପକ୍ଷୀ ଜବତ, ଜଣେ ଗିରଫ

ଟାଙ୍ଗୀ(ଖୋର୍ଦ୍ଧା), ୧୭।୧(ଡି.ଏନ.ଏ.): ଟାଙ୍ଗୀ ବନ୍ୟପ୍ରାଣୀ ବିଭାଗ କର୍ମଚାରୀ ଗୁରୁବାର ଭୋର ସମୟରେ ଚିଲିକା ଉପକୂଳ ଅଭିମାନପୁର ରିଂ ବନ୍ଧ ଅଞ୍ଚଳରୁ ୨ ବିଦେଶୀ ମୃତ ପକ୍ଷୀ ଜବତ କରିଛନ୍ତି। ଏ ଘଟଣାରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ହେଉଛନ୍ତି ଉଜଳା ଗୋପୀନାଥପୁର ଗ୍ରାମର ନବ ଭୋଳ(୪୦)। ପାଟ୍ରୋଲିଂ ସମୟରେ ବନ୍ୟପ୍ରାଣୀ କର୍ମଚାରୀ ରିଂ ବନ୍ଧରୁ ମୃତ ପକ୍ଷୀ ଜବତ କରିବା ସହ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛନ୍ତି। ଚଢ଼ାଉରେ ବନରକ୍ଷୀ ଶିବ ପ୍ରସାଦ ପଲାଇ ଓ ଲକ୍ଷବଚ୍ଛ ବେହେରା ସାମିଲ ଥିବା ବନ୍ୟପ୍ରାଣୀ ବିଭାଗ ସୂତ୍ରରୁ ଜଣାପଡିଛି।

### କମେଣ୍ଟ ମାରିବା ଘଟଣା, ୨ଗିରଫ

ବାରଙ୍ଗ,୧୭।୧(ଡି.ଏନ.ଏ): ବଟାନିକାଲ ଗାର୍ଡେନକୁ ଭୋଜି କରିବାକୁ ଆସିଥିବା କେତେକ ଯୁବକ ସେଠାରେ ମହିଳା ପର୍ଯ୍ୟଟକଙ୍କୁ କମେଣ୍ଟ ମାରିବା ଘଟଣାରେ ଗୁରୁବାର ପୋଲିସ ୨ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ,ସିଡିଏଫେଜ୨ର ଶୁଭ୍ରବିକାଶ ମିଶ୍ର, ପୁରୀଘାଟର ସୁବାଶିଷ ସାହୁ। ପ୍ରକାଶ ଯେ, ବଟାନିକାଲ ଗାର୍ଡେନରେ ବୁଧବାର ବଣଭୋଜିସ୍ଥଳରେ ପିକ୍ନି ନେଇ କଟକର କେତେକ ଯୁବକ ଭୋଜି କରୁଥିଲେ। ଅଳ୍ପଦୂରରେ ଅନ୍ୟ ଏକ ପିକ୍ନିରେ ଭୁବନେଶ୍ୱରର ଏକ ପରିବାର ଭୋଜି କରୁଥିଲେ। ସେଠାରେ ଥିବା ମହିଳାମାନଙ୍କୁ ଉକ୍ତ ଯୁବକମାନେ କମେଣ୍ଟ ମାରିଥିଲେ। କମେଣ୍ଟମରାରେ ଅତିଷ୍ଠ ହୋଇ ମହିଳାମାନେ ବଟାନିକାଲ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଡେପୁଟି ରେଞ୍ଜର କମଳ କୁମାର ପଟ୍ଟନାୟକ ଯୁବକମାନଙ୍କୁ ବୁଝାଇବା ପରେ ସେମାନଙ୍କ ମଧ୍ୟରୁ ଶୁଭ୍ରବିକାଶ ଓ ସୁବାଶିଷ ଉତ୍ତ୍ୟକ୍ତ ହୋଇ ଅଶ୍ଳୀଳ ବ୍ୟବହାର ପ୍ରଦର୍ଶନ କରିଥିଲେ। ପରେ ଖବରପାଇ ନନ୍ଦନକାନନ ଥାନା ଅଧିକାରୀ ରବୀନ୍ଦ୍ରନାଥ ମେହେର ପହଞ୍ଚି ଉକ୍ତ ଯୁବକଦ୍ୱୟଙ୍କୁ ଥାନାକୁ ନେଇଥିଲେ। ଡେପୁଟିରେଞ୍ଜର ପଟ୍ଟନାୟକଙ୍କ ଲିଖିତ ଅଭିଯୋଗକୁ ଭିତ୍ତିକରି ପୋଲିସ ୬/୧୯ନଂରେ ଏକ ମାମଲା ରୁଜୁ କରିଛି।

### ନନ୍ଦନକାନନରେ ହରିଣ ଶାବକ ଜନ୍ମ

ବାରଙ୍ଗ,୧୭।୧(ଡି.ଏନ୍.ଏ.): ନନ୍ଦନକନନ ପ୍ରାଣୀ ଉଦ୍ୟାନର ଗୁରୁବାର ଏକ କୁଜି ହରିଣ ଶାବକ ଜନ୍ମ କରିଛି। ୩୭ 'ଗ' ଖୁଆଡ ମଧ୍ୟରେ ରହୁଥିବା ଏକ ମାଈ କୁଜି ହରିଣ ଶବକଟିକୁ ଜନ୍ମ ଦେବା ଫଳରେ ନନ୍ଦନକନନରେ ଏହି ପ୍ରଜାତି ସଂଖ୍ୟା ୭କୁ ବୃଦ୍ଧି ହୋଇଛି। ଶାବକର ଲିଙ୍ଗ ଚିହ୍ନଟ ହୋଇ ପାରି ନାହିଁ। ନନ୍ଦନକାନନରେ ୨ ପୁରୁଷ,୧ ମାଈ ଓ ଲିଙ୍ଗ ଚିହ୍ନଟ ହୋଇ ନ ଥିବା ୪ଟି ହରିଣ ଅଛନ୍ତି।

### ପିପିଲି ପୀଡ଼ିତାଙ୍କ ପାଇଁ ଲାଲ୍ ଚୁଡ଼ି ସଂଗ୍ରହ ଅଭିଯାନ

କଟକ ଅଫିସ,୧୭।୧: ପିପିଲି ପୀଡ଼ିତାଙ୍କୁ ନ୍ୟାୟ ଦେବା ପାଇଁ କଟକରେ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ଆରମ୍ଭ ହୋଇଛି ଲାଲ ଚୁଡ଼ି ସଂଗ୍ରହ ଅଭିଯାନ। ମହିଳା ମୋର୍ଚ୍ଚା ନେତ୍ରୀ ରଞ୍ଜିତା ନାୟକଙ୍କ ନେତୃତ୍ୱରେ ଗୁରୁବାର ଯୋବ୍ରାର ବିଭିନ୍ନ ସାହି ପରିକ୍ରମା କରି ମହିଳାମାନଙ୍କ ଠାରୁ ଲାଲ ଚୁଡ଼ି ସଂଗ୍ରହ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ କଟକରେ ଜୋରଦାର କରାଯିବା ସହ ପ୍ରତିବାଦର ସ୍ୱରକୁ ତୀବ୍ର କରାଯିବ। ମହିଳାମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ବିରୋଧ କରାଯିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି ରଞ୍ଜିତା କହିଛନ୍ତି।

■ ଉଜ୍ଜ୍ୱଳା ସ୍ୱାଭିମାନ ଉତ୍ସବ ଉଦ୍‌ଘାଟିତ

# ଦିନରେ ଲଣ୍ଠନ ଦେଖାଉଛନ୍ତି ରାଜ୍ୟ ସରକାର

କୃଷ୍ଣପ୍ରସାଦ,୧୭।୧(ଡି.ଏନ.ଏ.):

ବର୍ତ୍ତମାନ ସୁଦ୍ଧା ଦେଶରେ ୭୦ ପ୍ରତିଶତ ଲୋକ ଉଜ୍ଜ୍ୱଳା ଯୋଜନାର ଲାଭ ପାଇଛନ୍ତି । ଦେଶର ୬ କୋଟି ଗରିବ ଓ ଓଡିଶାର ୩୫ ଲକ୍ଷ ପରିବାରକୁ ଏଲପିଜି ସଂଯୋଗ ଦିଆଯାଇଛି। ଆଗାମୀ କିଛି ମାସ ମଧ୍ୟରେ ଜଣେ ହେଲେ ଗରିବ ଲୋକ ଏଥିରୁ ବଞ୍ଚିତ ହେବେନାହିଁ । ୧୯୫୬ରୁ ୨୦୧୪ ମସିହା ମଧ୍ୟରେ ମାତ୍ର ୧୩ କୋଟି ଘରେ ଏଲପିଜି ପହଞ୍ଚିଥିଲା । ମାତ୍ର ସାଢେ ୪ ବର୍ଷରେ ମୋଦି ସରକାର ଏହାକୁ ଦୁଇଗୁଣିତ କରିବାରେ ସଫଳ ହୋଇଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ରାଜ୍ୟ ସରକାର ବ୍ରହ୍ମଗିରିର ବିକାଶ ପାଇଁ କାମ ନ କରି କେବଳ ମିଛ ପ୍ରତିଶ୍ରୁତି ଦେଇ ଦିନରେ ଲଣ୍ଠନ ଦେଖାଉଛନ୍ତି ବୋଲି ଧର୍ମେନ୍ଦ୍ର ଅଭିଯୋଗ କରିଛନ୍ତି। ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ଚାରିଛକସ୍ଥିତ ଉଦୟନାଥ ଖେଳପଡିଆଠାରେ ଗୁରୁବାର କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦ୍ୱାରା ଉଜ୍ଜ୍ୱଳା ସ୍ୱାଭିମାନ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି । ବ୍ରହ୍ମଗିରି ଭାଜପା ନେତା ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ନେତୃତ୍ୱରେ ୧୫ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ଓ ଉଜ୍ଜ୍ୱଳା ଯୋଜନା ହିତାଧିକାରୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏହି ଅବସରରେ ୧୫୦୦ ହିତାଧିକାରୀଙ୍କୁ ଗ୍ୟାସ୍ ବଣ୍ଟନ କରାଯାଇଥିଲା। ଟିଛିଣି ତ୍ରିଲୋଚନେଶ୍ୱରଦେବଙ୍କ ମନ୍ଦିରଠାରୁ ଶୋଭାଯାତ୍ରାରେ ସଭାସ୍ଥଳ ପର୍ଯ୍ୟନ୍ତ ମନ୍ତ୍ରୀଙ୍କୁ ପାଛୋଟି ଅଣାଯାଇଥିଲା।

**୧୫୦୦ ହିତାଧିକାରୀଙ୍କୁ ଗ୍ୟାସ୍ ବଣ୍ଟନ**



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଜଣେ ହିତାଧିକାରୀଙ୍କୁ ଗ୍ୟାସ୍ ବଣ୍ଟନ କରୁଛନ୍ତି ।

ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି ଯେ, ସମୁଦ୍ର କୂଳରେ ୪୧୫ କିମି ବ୍ୟାପୀ ଗଞ୍ଜାମ ଜିଲାର ଗୋପାଳପୁରରୁ ପଶ୍ଚିମବଙ୍ଗର ସୀମା ଦୀଘା ପର୍ଯ୍ୟନ୍ତ କୋଷ୍ଟାଲ ହାଇୱେ ନରେନ୍ଦ୍ର ମୋଦି ସରକାର କ୍ରିୟାନ୍ୱୟନ କରିବାକୁ ଯାଉଛନ୍ତି । ସାଗରମାଳା ପ୍ରୋଜେକ୍ଟ, ଭାରତମାଳା ପ୍ରୋଜେକ୍ଟରେ ଏହି ୪୧୫ କିମି ଉପକୂଳ ଅଞ୍ଚଳରେ ମେରାଇନ ଡ୍ରାଇଭ ପରି ରାସ୍ତା କରିବା ପାଇଁ ଭାରତ ସରକାର ନିଷ୍ପତ୍ତି କଲେ । ୨୦୧୬ ରୁ ୨୦୧୮ ପର୍ଯ୍ୟନ୍ତ ତିନିବର୍ଷ ଧରି ଏହି ରାସ୍ତାର ନକ୍ସା ରାଜ୍ୟ ସରକାର, ମୁଖ୍ୟଶାସନ ସଚିବ, ଉପମୁଖ୍ୟଶାସନ ସଚିବ, ପୁରୀ, ଗଞ୍ଜାମ, କେନ୍ଦ୍ରାପଡା, ଭଦ୍ରକ, ବାଲେଶ୍ୱର, ଜିଲପାଳମାନଙ୍କୁ ଦିଆଗଲା । ରାଜ୍ୟ ସରକାର ଓ ଜନପ୍ରତିନିଧିଙ୍କ ସହମତିରେ ରାସ୍ତାର ଆଲାଇନମେଣ୍ଟ ପୂରା କରାଗଲା। ଏହାପରେ ରାଜ୍ୟ ସରକାର ଜମି ଅଧିଗ୍ରହଣ କରି କେନ୍ଦ୍ର ସରକାରଙ୍କୁ ଦେବାର ଥିଲା। ଜାଗା ମିଳିବା ପରେ କେନ୍ଦ୍ର ସରକାର ୧୦ ହଜାର କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରି ୪୧୫ କିମିକୁ ଜାତୀୟ ରାଜପଥ ବନାଇଥିଲେ ଏ ଅଞ୍ଚଳର ଭବିଷ୍ୟତ ପରିବର୍ତ୍ତନ ହୋଇଥାନ୍ତା । କିନ୍ତୁ ରାଜ୍ୟ ସରକାରଙ୍କ ଟାଳଟୁଳ ନୀତି ଯୋଗୁଁ ଏହା ହୋଇପାରି ନାହିଁ ବୋଲି ସେ କହିଛନ୍ତି। ଉକ୍ତ ରାସ୍ତା ହେଲେ ଗଞ୍ଜାମ ଲୋକ ସାତପଡା ଦେଇ ମହାପ୍ରଭୁଙ୍କୁ ଦର୍ଶନ କରପାରିବେ । ଏହାର ଅନୁମତି ପାଇଁ ଗୋଟିଏ ଦରଖାସ୍ତ ୮ ନଭେମ୍ବର ୨୦୧୮ରୁ ଓଡିଶା କୋଷ୍ଟାଲ ଜୋନ ମ୍ୟାନେଜମେଣ୍ଟ ପାଖରେ ପଡିରହିଛି। ବ୍ରିଜ ପାଇଁ ୫୦୦ କୋଟିରୁ ଅଧିକ ଖର୍ଚ୍ଚ ହେବ ବୋଲି ଧର୍ମେନ୍ଦ୍ର କହିଛନ୍ତି। ରାଜ୍ୟ ଭାଜପା ସଂଯୋଜିକା ଉପାସନା ମହାପାତ୍ର, ବ୍ଲକ ଭାଜପା ସଭାପତି ଦୀନବନ୍ଧୁ ଜେନା, ଯୁବମୋର୍ଚ୍ଚା ପ୍ରଭାରୀ ଉତ୍ତମ କୁମାର ତରେଇ, ମିଡିଆସେଲ୍ ମୁଖ୍ୟ ସଂଗ୍ରାମ କେଶରୀ ଜେନା, ଏଲ୍‌ପିଜି ଗ୍ୟାସ୍ ବିତରକ ଦୁଷ୍ମନ୍ତ କୁମାର ନାୟକ, ବ୍ଲକ ଭାଜପା ସାଧାରଣ ସମ୍ପାଦକ ଅନୀଲ କୁମାର ସିଠ୍ ପ୍ରମୁଖ ସଭାରେ ଉପସ୍ଥିତ ଥିଲେ। ଭାଜପା ନେତା ବିଶ୍ୱରଞ୍ଜନ ପ୍ରଧାନ, ଅକ୍ଷୟ କୁମାର ମାନସିଂହ, ସୁଶାନ୍ତ କୁମାର ବୈରିଗଞ୍ଜନ, ସରପଞ୍ଚ ରମେଶ ଚନ୍ଦ୍ର ସିଂହସାମନ୍ତ, ମମତାମୟୀ ପ୍ରଧାନ, ବୁଲାମଣି ତରେଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରୁଥିଲେ। ଶାନ୍ତିଶୃଙ୍ଖଳା ନିମନ୍ତେ କୃଷ୍ଣପ୍ରସାଦ ଥାନା ଆଇଆଇସି ଦିଲୀପ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା ।

■ ତାଳଦଣ୍ଡା କେନାଲ ବନ୍ଧରେ ସ୍ଲୁଇସ୍ ଗେଟ୍ ନିର୍ମାଣ ପ୍ରସଙ୍ଗ

# ୨ ବିଭାଗ ପାଖରେ ନାହିଁ ସୂଚନା

କଟକ ସଦର, ୧୭।୧ (ଡି.ଏନ୍.ଏ.):

କଟକ ସହରର ଡ୍ରେନ୍‌ରୁ ପ୍ରଦୂଷିତ ଓ ବର୍ଷାଜଳ ନିଷ୍କାସନ ପାଇଁ ତାଳଦଣ୍ଡା ମୁଖ୍ୟ କେନାଲରେ ୧୧ଟି ସ୍ଲୁଇସ୍ ଗେଟ୍ ନିର୍ମାଣ କରାଯାଇଛି ବୋଲି ମହାନଦୀ ସାଉଥ ଜଳସେଚନ ବିଭାଗ ପକ୍ଷରୁ କୁହାଯାଇଛି। ଜଳପ୍ରବାହ ସମୟକୁ ବାଦ୍ ଦେଲେ ଅନ୍ୟ ସମୟରେ ପ୍ରଦୂଷିତ ଜଳ କେନାଲ ମଧ୍ୟକୁ ଅବାଧରେ ଛଡା ଯାଉଛି। ଫଳରେ ଉକ୍ତ କେନାଲର ଶାଖା ମାଛଗାଁ କେନାଲ ପାଣି ସାଧାରଣ ଲୋକ ଓ ପ୍ରାଣୀମାନଙ୍କ ବ୍ୟବହାର ଉପଯୋଗୀ ହୋଇପାରୁନାହିଁ। ଏତେସଂଖ୍ୟକ ସ୍ଲୁଇସ୍ ଗେଟ୍ କିଏ ନିର୍ମାଣ କରିଛି ତାହାର ସୂଚନା ମହାନଦୀ ସାଉଥ ଜଳସେଚନ ବିଭାଗ ପାଖରେ ନ ଥିବା କଥା ସମ୍ପୃକ୍ତ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷେ କଟକ ସହରର ଜଳ ନିଷ୍କାସନ ବ୍ୟବସ୍ଥାକୁ ସୁଦୃଢ କରୁଥିବା ଜାଇକା କର୍ତ୍ତୃପକ୍ଷ ମଧ୍ୟ ସ୍ଲୁଇସ୍ ଗେଟ୍ ନିର୍ମାଣ ସମ୍ପର୍କରେ ଜାଣିନାହାନ୍ତି ବୋଲି ସୂଚନା ଦେଇଛନ୍ତି। ଉଭୟ ବିଭାଗର ସୂଚନାଗୁଡିକ ପରସ୍ପର ବିରୋଧାତ୍ମକ ହୋଇଥିବାରୁ କେନାଲ ପାଣି ଉପରେ ନିର୍ଭର କରୁଥିବା କଟକ ସଦର ଓ ଜଗତ୍‌ସିଂହପୁର ଜିଲାବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। କାରଣ ହାଇକୋର୍ଟଙ୍କ ଏକ ଖଣ୍ଡପୀଠ କୌଣସି ପରିସ୍ଥିତିରେ ପ୍ରଦୂଷିତ ଜଳ ମହାନଦୀ, କାଠଯୋଡି ଓ ତାଳଦଣ୍ଡା କେନାଲକୁ ଛଡାଯାଇପାରିବ ନାହିଁ ବୋଲି ୨୫।୪।୧୪ରେ କଟକଣା ଜାରି କରିଥିଲେ। ଏହି ଆଦେଶ ବିରୋଧରେ ସରକାର ଉପର କୋର୍ଟରେ ମଧ୍ୟ ଅପିଲ କରିବା ପାଇଁ ଯାଇନାହାନ୍ତି। ଏଭଳି ପରିସ୍ଥିତିରେ ପ୍ରଦୂଷିତ ଜଳ କାହାର ନିର୍ଦ୍ଦେଶରେ ଛଡାଯାଉଛି ବୋଲି ଜାଣି ନ ଥିବା କଥା ମହାନଦୀ ସାଉଥ ଜଳସେଚନ ବିଭାଗ କର୍ତ୍ତୃପକ୍ଷ ପତ୍ରସଂଖ୍ୟା ୮୬୭୧/୧୩।୧୨।୧୮ରେ ଜଣାଇ ଏହାର ସବିଶେଷ ସୂଚନା ଦେବା ପାଇଁ ସେହି ପତ୍ରରେ ଜାଇକା ଡିଭିଜନ କଟକ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ। ମାତ୍ର ଦୂଷିତ ଜଳ ନିଷ୍କାସନ ପାଇଁ ସ୍ଲୁଇସ୍ ଗେଟ୍ କିଏ ନିର୍ମାଣ କରିଛି ତାହାର ସୂଚନା ଜାଇକା ନିର୍ବାହୀଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପାଖରେ ନାହିଁ ବୋଲି ପତ୍ରସଂଖ୍ୟା ୨୭୮୧/୩୧।୧୨।୧୮ରେ ମହାନଦୀ ସାଉଥ ଜଳସେଚନ ବିଭାଗର ନିର୍ବାହୀଯନ୍ତ୍ରୀଙ୍କୁ ପୁନର୍ବାର ପତ୍ର ଲେଖିଥିବା ଜଣାପଡିଛି। ରାଣୀହାଟ, ମେଡିକାଲ ରୋଡ, ମାତୃଭବନ, ଛତ୍ରବଜାର, ଓଏମ୍‌ପି ଛକ, ଅଦ୍ଦରପୁର, ନୂଆବଜାର, ବିଦ୍ୟାଧରପୁର, ମାଲଗୋଦାମ ନିକଟରେ ସ୍ଲୁଇସ୍ ଗେଟ୍‌ରୁ ଦୂଷିତ ଜଳ ନିର୍ଗତ ହେବା ସାଧାରଣ କଥା ହୋଇଛି।

■ ବିଜେଡି ଜିଲା ସଭାପତି ପରିବର୍ତ୍ତନ ପ୍ରସଙ୍ଗ

# ନୂଆ ସମୀକରଣକୁ ନେଇ ଚର୍ଚ୍ଚା

କଟକ ଅଫିସ, ୧୭।୧

ବିଜେଡିର ସାଂଗଠନିକ ସ୍ତରରେ ହୋଇଥିବା ଅଦଳବଦଳରେ କଟକ ଜିଲା ରହିଛି। ବାରବାଟୀ-କଟକ ବିଧାୟକ ଦେବାଶିଷ ସାମନ୍ତରାୟଙ୍କୁ ବିଜେଡି ଜିଲା ସଭାପତି ଭାବେ ଚୟନ କରାଯାଇଥିବାବେଳେ ପୂର୍ବରୁ ସଭାପତି ଥିବା ମନ୍ତ୍ରୀ ପ୍ରତାପ ଜେନାଙ୍କୁ ଏଥିରୁ ଅବ୍ୟାହତି ଦିଆଯାଇ ନୂଆ ଦାୟିତ୍ୱ ଦିଆଯାଇଛି। ତେବେ ବିଧାୟକ ସାମନ୍ତରାୟ ଜିଲା ସଭାପତି ହେବା ପରେ ଏହାକୁ ନେଇ କଟକ ରାଜନୀତି ଉଷ୍ମ ହୋଇଛି। ସାମନ୍ତରାୟ ପୂର୍ବରୁ ପାରାଦୀପ ମୁହାଁ ଧରିଥିବା ବେଳେ ନୂଆ ଦାୟିତ୍ୱ ନୂଆ ରାଜନୀତି ସମୀକରଣ ସୃଷ୍ଟି କରିଛି।

ପାରାଦୀପ ବିଧାୟକ ଦାମୋଦର ରାଉତ ବିଜେଡିରୁ ବହିଷ୍କୃତ ହେବା ପରେ ପାରାଦୀପ ଆସନକୁ ନେଇ ବିଧାୟକ ସାମନ୍ତରାୟ ସର୍ବାଧିକ ଚର୍ଚ୍ଚାରେ ରହି ଆସିଥିଲେ। କାରଣ ୨୦୦୯ରୁ ବିଧାୟକ ସାମନ୍ତରାୟ ପାରାଦୀପ ପାଇଁ ଆଶାୟୀ ଥିଲେ। ଶେଷ ମୁହୂର୍ତ୍ତରେ ତାଙ୍କୁ କଟକ-ବାରବାଟୀ ଆସନରୁ ଲଢିବାକୁ ବିଜେଡି ଟିକେଟ ଦେଇଥିଲା। ତେବେ ଦାମ ବିଜେଡିରୁ ବିଦା ହେବା ପରେ ସାମନ୍ତରାୟଙ୍କ ପାଇଁ ପାରାଦୀପ ଆସନ ଏକପ୍ରକାର ନିଶ୍ଚିତ ଥିବା ଆଲୋଚନା ହେଉଥିଲା। ଏସବୁ ଭିତରେ ହଠାତ୍ ତାଙ୍କୁ କଟକ ଜିଲା ସଭାପତି କରାଯିବା ପରେ ଉକ୍ତ ଚର୍ଚ୍ଚା ଥମିବାରେ ଲାଗିଛି। କେବଳ ସେତିକି ନୁହେଁ ସାମନ୍ତରାୟଙ୍କ ନାମ ମଧ୍ୟ ରାଜ୍ୟସଭା ତାଲିକାରେ ଥିବା ଚର୍ଚ୍ଚା ହେଉଛି। ଆବଶ୍ୟକସ୍ଥଳେ ସାମନ୍ତରାୟଙ୍କୁ ରାଜ୍ୟସଭାକୁ ବିଜେଡି ମନୋନୀତ କରିପାରେ ବୋଲି ରାଜନୀତିରେ ରୁଚି ରଖୁଥିବା ଲୋକେ ମତ ଦେଉଛନ୍ତି। ଏ ସମ୍ପର୍କରେ ବିଧାୟକ ସାମନ୍ତରାୟ କୁହନ୍ତି, ମୁଖ୍ୟମନ୍ତ୍ରୀ ମୋତେ ଯେତେବେଳେ ଯେଉଁ ଦାୟିତ୍ୱ ଦେଇଛନ୍ତି ତାହାକୁ ମୁଁ ସୁଚାରୁରୂପେ ସମ୍ପନ୍ନ କରିଛି। ଏବେ ଯେଉଁ ଦାୟିତ୍ୱ ମିଳିଛି ତାହାକୁ ମଧ୍ୟ ଠିକ୍ ଭାବେ ନିର୍ବାହ କରିବି। ମୁଁ କେଉଁଠୁ ଲଢିବି ସେ ନିଷ୍ପତ୍ତି ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀଙ୍କ ହାତରେ ନ୍ୟସ୍ତ।

ସୂଚନାଥାଉକି, ୨୦୦୯ରେ ନିର୍ବାଚନମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ ପରେ ତିର୍ତ୍ତୋଲର ତତ୍କାଳୀନ ବିଧାୟକ ଦେବାଶିଷ ସାମନ୍ତରାୟ ନବଗଠିତ କଟକ-ବାରବାଟୀ ଆସନରୁ ବିଜେଡି ପ୍ରାର୍ଥୀ ହୋଇଥିଲେ। ୨୦୦୯ ଓ ୨୦୧୪ ଲଗାତର ଦୁଇଥର ସେ ଏହି ଆସନରୁ ବିଜୟୀ ହୋଇ ଆସୁଛନ୍ତି।

### ଟଙ୍କା ସହ ଲୁଟିଲେ ଠାକୁରଙ୍କ ଆସବାବପତ୍ର

ପୁରୁଣା ଭୁବନେଶ୍ୱର/ପିପିଲି, ୧୭।୧ (ଡି.ଏନ୍.ଏ.)

କମିଶନରେଟ୍ ପୋଲିସ୍‌କୁ ଚକ୍‌ମା ଦେବା ପରେ ଲୁଟେରାମାନେ ଏବେ ରାଜଧାନୀ ଉପକଣ୍ଠ ଗାଁଗୁଡିକରେ ଲୁଟ୍‌ପାଟ ଚଳାଇଛନ୍ତି। ବୁଧବାର ବିଳମ୍ବିତ ରାତିରେ ଉତ୍ତରା ଫାଣ୍ଡି ଅଧୀନ ଗୁଡ଼ିଆ ପୋଖରୀ ଶଙ୍ଖ ନିକଟରେ ଥିବା ରାମାକାନ୍ତ ଜେନାଙ୍କ ମେଡିସିନ୍ ଦୋକାନ ଗ୍ରିଲ୍ ଭାଙ୍ଗି ଦୁଇଟି ଗ୍ୟାସ ସିଲିଣ୍ଡର, ମାଇକ୍ରୋସ୍କୋପ ମେସିନ୍ ଓ ୱାଟର ଫିଲ୍‌ଟର ଚୋରି କରି ନେଇଥିଲେ। ପାଖରେ ଥିବା ନରେଶ ସାହୁଙ୍କ ଗ୍ରୋସରୀ ଦୋକାନର ଗୋଦାମରୁ ଚୋକଡ, ଡାଲି, ଚିନି ବସ୍ତାମାନ ଲୁଟି ଥିଲେ। ଏହାପରେ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ରାସ୍ତାରେ ଯାଇ ବିଲ୍ଲୀପଡ଼ା ଗାଁ ନିକଟରେ ଥିବା ପ୍ରାଣନାଥ ପରିଡ଼ାଙ୍କ ଦୋକାନ ଗ୍ରୀଲ୍ ଭାଙ୍ଗି ଦୋକାନରେ ଥିବା ଟଙ୍କା ସହ ଅନେକ ଜିନିଷପତ୍ର ଲୁଟିଥିଲେ। ଏହି ରାସ୍ତାରେ ବିନାୟକପୁର ଗାଁରେ ଥିବା ଶ୍ରୀ ଗୋପାଳ ଜୀଉଙ୍କ ମନ୍ଦିରରେ ପଶି ଠାକୁରଙ୍କ ପିତଳ ଘଣ୍ଟ, ଘଣ୍ଟା, ବଇଁଶି ଆଦି ଆୟୁଧ ଲୁଟପାଟ କରିଥିଲେ। ଏହି ଗ୍ରାମର ବିଭିନ୍ନ ବ୍ୟକ୍ତିଙ୍କ ତାଲା ଭାଙ୍ଗି ଚୋରି ଉଦ୍ୟମ କରି ଫେରାର ହୋଇଯାଇଥିଲେ। ଗୁରୁବାର ସକାଳୁ ଏହି ଘଟଣା ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଆତଙ୍କ ଦେଖାଦେଇଛି। ସୂଚନା ଥାଉକି ଗତ ୭ମାସ ପୂର୍ବେ ଅନୁରୂପ ଭାବେ ଚୋରି କରିବା ପରେ ଲୁଟେରାମାନେ ବାରିଜଅଁର ଗ୍ରାମରୁ ଏକ ଅଟୋ ସହ ଚୋରି ଜିନିଷ ନେଇ ଫେରାର୍ ହୋଇଯାଇଥିଲେ। ଏହି ଘଟଣାରେ ପୋଲିସ କାହାକୁ ଗିରଫ କରି ନ ଥିବାବେଳେ ଘଟଣାର ପୁନରାବୃତ୍ତି ପୋଲିସର ପାରିବାପଣିଆକୁ ପଦାରେ ପକାଇଛି। ଉତ୍ତରା ଫାଣ୍ଡି ପୋଲସି ପୃଥକ ଭାବେ ଅଭିଯୋଗ ପାଇ ଘଟଣାର ଅନୁସନ୍ଧାନ ଚଳାଇଛି।

■ ସ୍କୁଲ ପରିସରରେ ପିଠା କାର୍ଯ୍ୟକ୍ରମ

# ଛାତ୍ରୀଛାତ୍ରଙ୍କ ପଢ଼ାରେ ବାଧା, ଅଭିଭାବକ ଅସନ୍ତୁଷ୍ଟ

କୋଣାର୍କ, ୧୭।୧(ଡି.ଏନ୍.ଏ.)

କୋଣାର୍କ ଥାନା ଅଧୀନ କୁରୁଜଙ୍ଗ ଗ୍ରାମପଞ୍ଚାୟତରେ ଗୁରୁବାର ପୂର୍ବାହ୍ନରେ ଦ୍ୱିତୀୟ ପର୍ଯ୍ୟାୟ ପିଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ନେଇ ବିବାଦ ଦେଖାଯାଇଛି । ସରପଞ୍ଚ ସରକାରୀ ନିୟମକୁ ଖୋଲା ଉଲ୍ଲଂଘନ କରି ଏହି କାର୍ଯ୍ୟକ୍ରମ ବିଦ୍ୟାଳୟ ପରିସରରେ ଆୟୋଜନ କରିଥିଲେ। ଫଳରେ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ବାଧା ଉପୁଜିଥିବାରୁ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି କାର୍ଯ୍ୟକ୍ରମରେ ଲାଗିଥିବା ଡାକବାଜି ଯନ୍ତ୍ରର ଜୋର ଶବ୍ଦରେ ବିଦ୍ୟାଳୟରେ ପାଠପଢ଼ା ହୋଇପାରି ନ ଥିଲା। ସରପଞ୍ଚ ତାଙ୍କର କେତେଜଣ ସମର୍ଥକଙ୍କୁ ଧରି ଏହି ସ୍କୁଲ ଖେଳ ପଡିଆରେ ନିୟମକୁ ଉଲ୍ଲଂଘନ କରି କାର୍ଯ୍ୟକ୍ରମ କରିବାକୁ ସାଧାରଣରେ ନାପସନ୍ଦ କରାଯାଇଛି। ଏହାର ତଦନ୍ତ ପାଇଁ ଅଭିଭାବକମାନେ ଦାବି କରିଛନ୍ତି। ଏହି କାର୍ଯ୍ୟକ୍ରମରେ କାକଟପୁର ବିଡିଓ ସୁଧୀର କୁମାର ନାୟକ, ସରପଞ୍ଚ ନିଗମାନନ୍ଦ ପରିଡା, କାକଟପୁର ବ୍ଲକ ଅଧକ୍ଷା ମନୋରମା ସ୍ୱାଇଁ, ପଞ୍ଚାୟତର ପିଓ ପ୍ରଫୁଲ୍ଲ କୁମାର ବେହେରା, ବ୍ଲକ କନିଷ୍ଠ ଯନ୍ତ୍ରୀ ଶରତ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଏ ସମ୍ବନ୍ଧରେ ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଶୁକେସିନ ମହାପାତ୍ରଙ୍କୁ ପଚାରିବାରେ ସେ କୁହନ୍ତି, ଆମ ପାଖରେ କୌଣସି ଲିଖିତ ନିର୍ଦ୍ଦେଶନାମା ନାହିଁ। ସରକାରୀ କାର୍ଯ୍ୟକ୍ରମ ହୋଇଥିବାରୁ ଆମେ ବନ୍ଦ କରିପାରିଲୁ ନାହିଁ। ଏ ସମ୍ପର୍କରେ ସରପଞ୍ଚ ନିଗମାନନ୍ଦ ପରିଡା କୁହନ୍ତି, ସ୍କୁଲ ଜାଗା ଛାଡି ଆମେ ଟେଣ୍ଟ ବାନ୍ଧି କାର୍ଯ୍ୟକ୍ରମ କରିଛୁ । ଏଥିରେ ଛାତ୍ରୀଛାତ୍ରଙ୍କର ପାଠ ପଢାରେ କୌଣସି ଅସୁବିଧା ହୋଇନାହିଁ।

# ଚଉଦ ମୌଜା ମହାବିଦ୍ୟାଳୟର କ୍ରୀଡ଼ା ଉତ୍ସବ

କଣାସ, ୧୭।୧(ଡି.ଏନ୍.ଏ.)

ପୁରୀ ଜିଲା କଣାସ ବ୍ଲକ ଅଧୀନ ଚଉଦ ମୌଜା ବିଦ୍ୟୁତ୍ କନିଷ୍ଠ ମହାବିଦ୍ୟାଳୟର ୨୭ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଅଧକ୍ଷ ବିଷ୍ଣୁପ୍ରସାଦ ସାମନ୍ତରାୟଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ଦିବସରେ ଛାତ୍ରୀଛାତ୍ରମାନେ ଶଟ୍ ପୁଟ୍ ଥ୍ରୋ, ଡିସକସ୍ ଥ୍ରୋ, ଜାଭେଲିନ୍ ଥ୍ରୋ, ହାଇଜମ୍ପ, ଲଙ୍ଗଜମ୍ପ, ଟ୍ରାକ୍ ଇଭେଣ୍ଟ, ମ୍ୟୁଜିକ୍ ଚେୟାର୍ ଇତ୍ୟାଦି କ୍ରୀଡ଼ାରେ ଭାଗ ନେଇଥିଲେ। କ୍ରୀଡ଼ାଶିକ୍ଷକ ରଜନୀକାନ୍ତ ବଡ଼ଜେନା ଛାତ୍ରୀଛାତ୍ରଙ୍କୁ କ୍ରୀଡ଼ା ସମ୍ପର୍କରେ ସମ୍ୟକ ସୂଚନା ପ୍ରଦାନ କରିବା ସହ କ୍ରୀଡ଼ା ଆରମ୍ଭ କରିଥିଲେ । ସହଯୋଗୀ ଭାବେ ଗଡ଼ସାନପୁଟ ଉଚ୍ଚବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ବୀରବର ଭଞ୍ଜ, ଭୀମେଶ୍ୱର ଦେବ ଉଚ୍ଚବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଦିଲୀପ କୁମାର ପଟ୍ଟନାୟକ, ଗଡିଶ୍ୱର ଜୁନିୟର ମହାବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ କୃଷ୍ଣ ଚନ୍ଦ୍ର ରାଉତ ସହଯୋଗ କରିଥିଲେ। ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ କାର୍ତ୍ତିକ ଚନ୍ଦ୍ର ସାହୁ, ଅଧ୍ୟାପକ ବିଜୟ କୁମାର ପଣ୍ଡା ପ୍ରତିଯୋଗିତାକୁ ପରିଚାଳନା କରିଥିବାବେଳେ ବରିଷ୍ଠ ଅଧ୍ୟାପକ ରବୀନ୍ଦ୍ର କୁମାର ସୁନ୍ଦରାୟ ଓ ଅନ୍ୟମାନେ ସହଯୋଗ କରିଥିଲେ। ଏହା ୨ଦିନ ଧରି ଚାଲୁ ରହିବ।



ବାର୍ଷିକ କ୍ରୀଡ଼ାରେ ଉପସ୍ଥିତ ମହାବିଦ୍ୟାଳୟର ଅଧ୍ୟାପିକା ଓ ଅଧ୍ୟାପକମାନେ ।

# ଫେବୃୟାରୀ ୩ରୁ ପଲ୍ସ ପୋଲିଓ ଟିକାକରଣ

ପୁରୀ ଅଫିସ,୧୭।୧:

■ ୧,୭୬,୧୮୩ ପିଲାଙ୍କୁ ଦିଆଯିବ ପ୍ରତିଷେଧକ
■ ନିୟୋଜିତ ହେବେ ୩,୨୬୨ କର୍ମଚାରୀ

ଆସନ୍ତା ମାସ ୩ରୁ ଆରମ୍ଭ ହେବ ପ୍ରଥମ ପର୍ଯ୍ୟାୟ ପଲ୍ସ ପୋଲିଓ ଟିକାକରଣ କାର୍ଯ୍ୟକ୍ରମ। ଏହା ତିନିଦିନ ଧରି ଅର୍ଥାତ୍ ଫେବୃୟାରୀ ୫ ପର୍ଯ୍ୟନ୍ତ ଚାଲିବ। ଏ ନେଇ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଜ୍ୟୋତିପ୍ରକାଶ ଦାସ ଅଧ୍ୟକ୍ଷତା କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଭାସ୍କର ଚନ୍ଦ୍ର ସାମନ୍ତରାୟ ପୁରୀ ଜିଲାରେ ପଲ୍‌ସ ପୋଲିଓ ଟିକାକରଣ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ୫ ବର୍ଷ ବୟସ ପର୍ଯ୍ୟନ୍ତ ଶିଶୁମାନଙ୍କୁ ପଲ୍‌ସ ପୋଲିଓ ପ୍ରତିଷେଧକ ଦିଆଯିବ। ଜିଲାରେ ୧ଲକ୍ଷ ୭୬ ହଜାର ୧୮୩ ପିଲାଙ୍କୁ ଏହି ପ୍ରତିଷେଧକ ଦେବା ଲାଗି ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ଜିଲାରେ ୭୪୬ଟି ପୋଲିଓ ବୁଥ୍ କାର୍ଯ୍ୟ କରିବ। ଫେବୃୟାରୀ ୩ରେ ବୁଥ୍‌ଗୁଡ଼ିକରେ ସକାଳ ୮ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଶିଶୁଙ୍କୁ ପୋଲିଓ ପ୍ରତିଷେଧକ ଦିଆଯିବ। ଯେଉଁ ଶିଶୁମାନେ ଏହି ପ୍ରତିଷେଧକ ନେଇପାରି ନ ଥିବେ ସେମାନଙ୍କୁ ଫେବୃୟାରୀ ୪ ଓ ୫ ତାରିଖରେ ଘରକୁଘର ବୁଲି ଦିଆଯିବ। ବସ୍‌ଷ୍ଟାଣ୍ଡ, ରେଳଷ୍ଟେଶନ, ବସ୍ତି ଅଞ୍ଚଳରେ ପିଲାଙ୍କୁ ପୋଲିଓ ବୁନ୍ଦା ଦେବା ପାଇଁ ବ୍ୟବସ୍ଥା କରାଯିବ। ଜିଲାରେ ୨୮ଟି ଟ୍ରାନ୍‌ଜିଟ ପଏଣ୍ଟରେ ୪୬ଟି ଦଳ ରହିବେ। ଏହି କାର୍ଯ୍ୟକ୍ରମରେ ୩,୨୬୨ କର୍ମଚାରୀ ନିୟୋଜିତ ହେବେ। ଏଥିପାଇଁ ଜନସଚେତନତା କାର୍ଯ୍ୟକ୍ରମ ମଧ୍ୟ କରାଯିବ। ଏହାକୁ ଜିଲାରେ ସଫଳ କରିବା ଲାଗି ବୈଠକରେ ଆଲୋଚନା କରାଯାଇଥିଲା। ବୈଠକରେ ଉପଜିଲାପାଳ ଭବତାରଣ ସାହୁଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ଗୋପରେ ପାଣି ପଞ୍ଚାୟତ ପକ୍ଷ ପାଳନ

ଗୋପ, ୧୭।୧(ଡି.ଏନ୍.ଏ.)

ପାଣି ପଞ୍ଚାୟତ ମାଧ୍ୟମରେ ରାଜ୍ୟ ସରକାର ଚାଷୀମାନଙ୍କୁ ବିଭିନ୍ନ ବାର୍ତ୍ତା ଦେବା ପାଇଁ ପାଣି ପଞ୍ଚାୟତ ପକ୍ଷ ପାଳନ କରୁଛନ୍ତି। ଗୁରୁବାର ଗୋପ ଜଳସମ୍ପଦ ବିଭାଗ ପରିସରରେ ଗୋପ ସହକାରୀ ନିର୍ବାହୀ ଯନ୍ତ୍ରୀ ସଂଗ୍ରାମ କେଶରୀ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜଳସମ୍ପଦ ବିଭାଗ ଅଧୀନରେ ଥିବା ୨୪ଗୋଟି ପାଣି ପଞ୍ଚାୟତର କର୍ମକର୍ତ୍ତା ଯୋଗ ଦେଇ ପାଣି ପଞ୍ଚାୟତର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ଚାଷୀମାନେ କିପରି ସହଜରେ କେନାଲ ବା ଉଠା ଜଳସେଚନ ମାଧ୍ୟମରେ ଚାଷଜମିକୁ ପାଣି ନେଇପାରିବେ ସେ ସମ୍ପର୍କରେ ସହକାରୀ ନିର୍ବାହୀ ଯନ୍ତ୍ରୀ ମହାନ୍ତି ସୂଚନା ଦେଇଥିବାବେଳେ ପାନୀୟ ଜଳର କିପରି ଦୁରୁପଯୋଗ ନ ହେବ ସେଥିପ୍ରତି ଯତ୍ନବାନ ହେବାକୁ ଉପସ୍ଥିତ ପାଣି ପଞ୍ଚାୟତ କର୍ମକର୍ତ୍ତାମାନଙ୍କୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଯନ୍ତ୍ରୀ ବୈଷ୍ଣବ ଚରଣ ମଲ୍ଲିକ୍, ସହକାରୀ ଯନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ମଲ୍ଲିକ, କୃଷ୍ଣଚନ୍ଦ୍ର ମୁଣ୍ଡୁରି ପ୍ରମୁଖ ଉପସ୍ଥିତ ଥିଲେ।


ଗୋପ ଜଳସମ୍ପଦ ବିଭାଗ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଚାଷୀମାନେ ।

■ କଏନ୍ ଚୋରା ଚାଲାଣ

# ଗୋପ-ନୟାହାଟରୁ କଲିକତା ଲମ୍ୱିଛି ଚେର

ଗୋପ, ୧୭।୧(ଡି.ଏନ୍.ଏ.)

ଗୋପ ଥାନା ଅଧୀନ ଗୋପ ଓ ନୟାହାଟ ଅଞ୍ଚଳରୁ ଗତ କେତେଦିନ ଧରି ବ୍ୟାପକ ପରିମାଣର କଏନ୍ ଚୋରା ଚାଲାଣ କରାଯାଉଥିବା ଭଳି ଘଟଣା ସାମ୍ନାକୁ ଆସୁଥିବାବେଳେ ଏ ନେଇ ପୋଲିସ୍ ଚୁପ୍ ବସିଥିବା ସାଧାରଣରେ ଅଭିଯୋଗ ହୋଇଛି। ଏହି କଏନ୍‌ଗୁଡ଼ିକୁ ତରଳା ଯାଇ କଲିକତା ଚାଲାଣ କରାଯାଉଥିବା ଜଣାପଡ଼ିଛି।

ପ୍ରକାଶ ଯେ, ଗୋପ ଓ ନୟାହାଟ ଅଞ୍ଚଳ ଦୁଇଟି ବ୍ୟବସାୟିକ ପେଣ୍ଠସ୍ଥଳୀ ହୋଇଥିବାବେଳେ ଏଠାରେ ଦୈନନ୍ଦିନ ଲକ୍ଷାଧିକ ଟଙ୍କାର କଏନ୍ କାରବାର ହୋଇଥାଏ। କଏନ୍ ନେବାକୁ କେତେକ ସ୍ଥାନୀୟ ବ୍ୟବସାୟୀ ଅମଙ୍ଗ ହେଉଥିବାବେଳେ ଏହାର ସୁଯୋଗ ନେଇ କେତେକ ଲାଭଖୋର୍ ବ୍ୟବସାୟୀ ଗୋପ ଓ ନୟାହାଟ ଅଞ୍ଚଳରୁ ଦୈନିକ ହଜାର ହଜାର ଟଙ୍କାର କଏନ୍ କମ୍ ମୂଲ୍ୟ ଦେଇ ସଂଗ୍ରହ କରୁଥିବା ଅଭିଯୋଗ ହେଉଛି। ଏକ ଟଙ୍କିଆ ଓ ଦୁଇ ଟଙ୍କିଆ ଷ୍ଟିଲ୍ କଏନ୍‌ଗୁଡ଼ିକ ସଂଗ୍ରହ କରି ଏକ ମେଶିନ୍ ମାଧ୍ୟମରେ ଷ୍ଟିଲ୍ ପ୍ଲେଟ୍ ପ୍ରସ୍ତୁତ କରି କଲିକତାକୁ ଚାଲାଣ କରାଯାଉଥିବା ଚର୍ଚ୍ଚା ଜୋର ଧରୁଥିବାବେଳେ କଏନ୍‌ଗୁଡ଼ିକ ମଧ୍ୟ ବସ୍ତା ବସ୍ତା କରି ଚାଲାଣ ହେଉଥିବା ଜଣାପଡ଼ିଛି। ବ୍ୟବସାୟୀମାନେ ବିଭିନ୍ନ ଦୋକାନରୁ ହଜାର ଟଙ୍କାର କଏନ୍‌କୁ ୭୦୦ ରୁ ୮୦୦ ଟଙ୍କା ମୂଲ୍ୟ ଦେଇ ସଂଗ୍ରହ କରୁଥିବା ଦେଖିବାକୁ ମିଳିଛି। ଏପରି କି ନୟାହାଟ ଫାଣ୍ଡି ନିକଟରେ କଏନ୍ ସଂଗ୍ରହ କରୁଥିବାବେଳେ ପୋଲିସ୍ ଜାଣିଶୁଣି ଚୁପ୍ ହୋଇ ବସିଥିବା ସାଧାରଣରେ ଆଲୋଚନା ହେଉଛି। ଦୁଇରୁ ତିନି ଥର ସଂପୃକ୍ତ ବ୍ୟବସାୟୀମାନଙ୍କୁ କଏନ୍ ସହ ପୋଲିସ୍ ଅଟକାଇଥିବାବେଳେ ମୋଟା ଅଙ୍କର ଅର୍ଥ ନେଇ ଛାଡ଼ି ଦେଉଥିବା ଭଳି ଗୁରୁତର ଅଭିଯୋଗ ହେଉଛି। କଏନ୍‌ଗୁଡ଼ିକ କଲିକତା ଚାଲାଣ ହେଉଥିବାବେଳେ ବଜାରରୁ କଏନ୍ ସଂଖ୍ୟା ଦିନକୁ ଦିନ କମିବାରେ ଲାଗିଛି। ଏ ସମ୍ପର୍କରେ ଗୋପ ଥାନାଧିକାରୀ ରଞ୍ଜନ କୁମାର ପ୍ରଧାନଙ୍କୁ ପଚାରିବାରେ ମୋ ନିକଟରେ ସେପରି ଅଭିଯୋଗ ନାହିଁ। ତଥାପି ଏ ସମ୍ପର୍କରେ ଦୃଷ୍ଟି ଦେବା ସହ କାର୍ଯ୍ୟାନୁଷ୍ଠାନ ନେବି ବୋଲି କହିଥିଲେ।